R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୫୬
ତିଥି : ପଞ୍ଚମୀ
୦୧ ଅକ୍ଟୋବର ୨୦୨୬, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 356
01 October 2026, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ବାଇକ୍ ଚାଳକଙ୍କୁ ସିଟ୍‌ବେଲ୍ଟ ଜରିମାନା

ସିଏଜି ରିପୋର୍ଟ

ଭୁବନେଶ୍ୱର, ୩୦।୯ (ସବ୍ୟୁ) : ପରିବହନ ପ୍ରାଧିକରଣ ଓ ଆର୍‌ଟିଏ ବିଭାଗରେ ହୋଇଥିବା ତ୍ରୁଟି ଏବେ ସାମ୍ନାକୁ ଆସିଛି। ନିୟନ୍ତ୍ରଣ ଅଭାବ ଓ ଡିଜିଟାଲ ସ୍ୱଚ୍ଛତା ନାମରେ ପ୍ରଚାର ଚାଲିଥିବାବେଳେ ପରିବହନ ବିଭାଗ ସଫ୍ଟୱେୟାରରେ ଅନ୍ଧ ଭାବେ ଚାଲାଣ କାଟିବା ସହ ବ୍ୟାପକ ମାନୁଆଲ୍ ହେରଫେର ଯୋଗୁ ୧୭୭୭ କୋଟିର ରାଜସ୍ୱ ହାନି ହୋଇଥିବା ସିଏଜି ରିପୋର୍ଟରେ ପ୍ରକାଶ ପାଇଛି।

ସିଏଜି ତାଙ୍କ ଅଡିଟ୍ ରିପୋର୍ଟରେ ଉଲ୍ଲେଖ କରିଛନ୍ତି ଯେ ରାଜ୍ୟର ୧୧୩୬.୬୨ କୋଟି ଟଙ୍କାର ୩୯.୫୫ ଲକ୍ଷ ଇ-ଚାଲାଣ ଫଇସଲା ହୋଇପାରିନଥିବାବେଳେ ଏକାଧିକ ଅପରାଧ ସତ୍ତ୍ୱେ ନିୟମ ଉଲ୍ଲଂଘନକାରୀ ଗାଡ଼ିଗୁଡ଼ିକୁ ଅନୁକମ୍ପା ଦେଖାଇ ୬୪୦.୮୭ କୋଟି ଟଙ୍କାର ରାଜସ୍ୱ ହାନି ଘଟିଛି। ୫୩୦ କୋଟି ଟଙ୍କାର ବକେୟା ଟିକସ ଆଦାୟ ପାଇଁ ଓଟିଏସ୍ ଯୋଜନା ଆରମ୍ଭ ହୋଇଥିବାବେଳେ ଏଥିରୁ ମାତ୍ର ୧.୮୩% ଅର୍ଥାତ୍ ୯.୭୧ କୋଟି (୯ ପୃଷ୍ଠାରେ)

### କକ୍‌ପିଟ୍‌ରେ ଭାରତୀୟ ପାଇଲଟ୍‌ଙ୍କୁ ଛୁରାମାଡ

## ଆହତ ସତ୍ତ୍ୱେ ଯାତ୍ରୀଙ୍କୁ ବଞ୍ଚାଇଲେ



ନୂଆଦିଲ୍ଲୀ, ୩୦।୯ : ଦୁବାଇରୁ ତେଲ୍ ଆଭିଭ୍ ଯାଉଥିବା ଫ୍ଲାଏଦୁବାଇର ଏଫ୍‌ଜେଡ୍ ୧୦୭୩ ବିମାନରେ ବୁଧବାର ଏକ ଗୁରୁତର ଘଟଣା ଘଟିଛି। ଉଡ଼ାଣ ସମୟରେ କକ୍‌ପିଟ୍‌ରେ ଦୁଇ ପାଇଲଟ୍‌ଙ୍କ ମଧ୍ୟରେ ଘଟିଥିବା ହିଂସାତ୍ମକ ଘଟଣା ପରେ ବିମାନଟିକୁ ସାଉଦି ଆରବର ତାବୁକ୍ ବିମାନବନ୍ଦରରେ ଜରୁରୀ ଅବତରଣ କରାଯାଇଥିଲା। ଫ୍ଲାଏଦୁବାଇ ମଧ୍ୟ କକ୍‌ପିଟ୍‌ରେ ଘଟଣା (୯ ପୃଷ୍ଠାରେ)

## ତୀରନ୍ଦାଜୀରେ ହ୍ୟାଟ୍ରିକ୍ ସ୍ୱର୍ଣ୍ଣ



ନାଗୋୟା, ୩୦।୯ : ଏସିଆନ୍ ଗେମ୍ସରେ ଭାରତର ସ୍ୱର୍ଣ୍ଣିମ ଅଭିଯାନ ଜାରି ରହିଛି। ବୁଧବାର ତୀରନ୍ଦାଜୀରେ ଭାରତକୁ ହ୍ୟାଟ୍ରିକ ସ୍ୱର୍ଣ୍ଣ ମିଳିଛି। ପୂର୍ବରୁ ମହିଳା କମ୍ପାଉଣ୍ଡର ତୀରନ୍ଦାଜୀ ଦଳଗତ ଇଭେଣ୍ଟ ଓ ମିକ୍ସଡ ଇଭେଣ୍ଟରେ ଭାରତକୁ ସ୍ୱର୍ଣ୍ଣ ମିଳିଥିଲା। ଏବେ ପୁରୁଷ କମ୍ପାଉଣ୍ଡ ଇଭେଣ୍ଟରେ ମଧ୍ୟ ସ୍ୱର୍ଣ୍ଣ ପଦକ ଜିତିଛି ଭାରତ। ପୁରୁଷ କମ୍ପାଉଣ୍ଡରେ ବେଶ ନାଟକୀୟ ଢ଼ଙ୍ଗରେ ଚୀନକୁ (୯ ପୃଷ୍ଠାରେ)

### ଇସିଆଇଙ୍କ ବିରୋଧରେ ଇଣ୍ଡିଆ ବ୍ଲକ୍‌ର ଅଭିଯାନ

## ୨ରୁ ୮ ଯାଏଁ ଦେଶବ୍ୟାପୀ ପ୍ରତିବାଦ




ନୂଆଦିଲ୍ଲୀ, ୩୦।୯ : ନିର୍ବାଚନ କମିଶନଙ୍କ ବିରୋଧରେ ପ୍ରତିବାଦ ଜୋରଦାର କରିବାକୁ ଯୋଜନା କରିଛି ବିରୋଧୀ 'ଇଣ୍ଡିଆ' ମେଣ୍ଟ। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ବୁଧବାର କହିଛନ୍ତି ଯେ, ଅକ୍ଟୋବର ୬ରେ ବିଜେପି ବ୍ୟତିତ ଅନ୍ୟ ବିରୋଧୀ ଦଳର ସମସ୍ତ ସାଂସଦ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟକୁ ଶୋଭାଯାତ୍ରା କରିବେ। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୋଧରେ ଏହି ପ୍ରତିବାଦ କରାଯିବ। ଆଜି ନୂଆଦିଲ୍ଲୀରେ ଇଣ୍ଡିଆ ବ୍ଲକ୍‌ର ବୈଠକ କରାଯାଇଥିଲା। ବୈଠକରେ ୨୦ ବିରୋଧୀ ଦଳ ଯୋଗ ଦେଇଥିଲେ। ନିର୍ବାଚନ କମିଶନଙ୍କ ଦ୍ୱାରା କରାଯାଇଥିବା ଏସ୍‌ଆଇଆର୍‌କୁ ତୀବ୍ର ବିରୋଧ କରାଯାଇଥିଲା। ଏହା ବିରୋଧରେ ଲଢ଼େଇକୁ ଜୋରଦାର କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏହି ଲଢ଼େଇ ସାଧାରଣ ନୁହେଁ। ଏକାଠି ହୋଇ ଲଢ଼େଇ କରିବାକୁ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଆହ୍ୱାନ ଦେଇଥିଲେ। ଗଣତନ୍ତ୍ରକୁ (୯ ପୃଷ୍ଠାରେ)

## ବନ୍ୟା ପ୍ରଭାବିତ ଅଞ୍ଚଳକୁ ୨୪୧ କୋଟି

ଭୁବନେଶ୍ୱର, ୩୦।୯ (ସବ୍ୟୁ): ଗଜପତି, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ବାଲେଶ୍ୱର, ଭଦ୍ରକ, ଯାଜପୁର ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହିତ ବିସ୍ତୃତ ଆଲୋଚନା କରି ଲଗାଣ ବର୍ଷା ତଥା ବନ୍ୟାରେ ପ୍ରଭାବିତ ଜନସାଧାରଣଙ୍କ କ୍ଷତିପୂରଣ ପ୍ରଦାନ ତ୍ୱରାନ୍ୱିତ କରିବାକୁ ରାଜସ୍ୱ ମନ୍ତ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି।

ରାଜୀବ ଭବନସ୍ଥିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ଶ୍ରୀ ପୂଜାରୀଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଦୀର୍ଘ ସମୟ ଧରି ଲଗାଣ ବର୍ଷା ଏବଂ ବନ୍ୟା ଯୋଗୁଁ ରାଜ୍ୟର ପ୍ରାୟ ୨୮ଟି ଜିଲ୍ଲା ଊଣାଅଧିକେ ପ୍ରଭାବିତ ହୋଇଥିବା ବେଳେ ନିକଟରେ ଗଭୀର (୯ ପୃଷ୍ଠାରେ)

## ଏସ୍‌ସିବିରେ ମାନସିକ ରୋଗୀଙ୍କୁ ପିଟିପିଟି ମାରିଦେଲେ!

କଟକ, ୩୦।୯ (ସବ୍ୟୁ): ରୋଗୀଙ୍କୁ ଚିକିତ୍ସା ଓ ସୁରକ୍ଷା ଦେବା ବଦଳରେ ମାଡ଼ ! ରାଜ୍ୟର ସର୍ବବୃହତ୍ ରେଫରାଲ୍ ହସ୍ପିଟାଲ ଏସ୍‌ସିବିର ମାନସିକ ରୋଗ ଚିକିତ୍ସା ପ୍ରତିଷ୍ଠାନରେ ଜଣେ ରୋଗୀଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ଏଭଳି ସଙ୍ଗୀନ ଅଭିଯୋଗ ଏବେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମାନସିକ ରୋଗର ଚିକିତ୍ସା ପାଇଁ ଦୁଇ ଦିନ ତଳେ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଯାଜପୁର କୁଆଖିଆ ଅଞ୍ଚଳର ଶ୍ରୀକାନ୍ତ ଦାସଙ୍କୁ ଗତରାତିରେ କେତେକ ସୁରକ୍ଷା କର୍ମୀ ଓ ୱାର୍ଡ ଆଟେଣ୍ଡାଣ୍ଟ ପ୍ଲାଷ୍ଟିକ୍ ପାଇପ୍‌ରେ ନିର୍ମମ ଭାବେ ପିଟିଥିବା ଏବଂ ଏହାର କିଛି ସମୟ ପରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି।

ପରିବାରର ଅଭିଯୋଗ ଅନୁଯାୟୀ, ଶ୍ରୀକାନ୍ତ ରାତିରେ ଜୋର୍‌ରେ ପାଟି କରୁଥିଲେ। ଏହାକୁ ନେଇ ତାଙ୍କୁ ନିୟୋଜିତ ସୁରକ୍ଷା କର୍ମୀ ଓ ୱାର୍ଡ ଆଟେଣ୍ଡାଣ୍ଟମାନେ ପ୍ଲାଷ୍ଟିକ୍ ପାଇପ୍‌ରେ ମାଡ଼ ମାରିଥିଲେ। ମାଡ଼ ଯୋଗୁଁ ଶ୍ରୀକାନ୍ତଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଦାବି କରିଛନ୍ତି। ଏପରିକି ମୃତଦେହରେ ଏକାଧିକ କ୍ଷତ ଓ ମାଡ଼ର ଚିହ୍ନ ରହିଥିବା ମଧ୍ୟ ସେମାନେ ଅଭିଯୋଗ କରିଛନ୍ତି। ଘଟଣାକୁ ନେଇ ମୃତକଙ୍କ ଭାଇ ବିନୋଦବିହାରୀ ଦାସ ମଙ୍ଗଳାବାଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଘଟଣା ସମୟରେ ମାନସିକ ରୋଗ ବିଭାଗରେ ଡ୍ୟୁଟିରେ କେଉଁ ସୁରକ୍ଷା କର୍ମୀ ଓ ୱାର୍ଡ ଆଟେଣ୍ଡାଣ୍ଟ ଥିଲେ, ସେନେଇ ତଥ୍ୟ ସଂଗ୍ରହ କରାଯାଉଛି। ଏଥିସହ ସମ୍ପୃକ୍ତ ବିଭାଗର ସିସିଟିଭି ଫୁଟେଜ୍ ମଧ୍ୟ ଯାଞ୍ଚ କରାଯାଉଛି ବୋଲି ପୁଲିସ କହିଛି। ଅନ୍ୟପକ୍ଷରେ ଆଜି (୯ ପୃଷ୍ଠାରେ)

- ମୃତକଙ୍କ ଶରୀରରେ ଏକାଧିକ କ୍ଷତଚିହ୍ନ
- ମଙ୍ଗଳାବାଗ ଥାନାରେ ମାମଲା
- ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା

KALINGA INSTITUTE OF INDUSTRIAL TECHNOLOGY
KIIT Deemed to be University
(Established U/S 3 of UGC Act 1956), Bhubaneswar, Odisha, India
Organisation in Special Consultative Status with the United Nations Economic & Social Council (UN-ECOSOC)
30 PURPOSE TO PEARL 1997 - 2027

World University Rankings 2027
4th Best
Among All Universities in India

1st in Eastern India
501+ Cohort Globally




Every year, Times Higher Education (THE) publishes its World University Rankings. This year, THE has released the World University Rankings 2027. KIIT has emerged as one of the **best** and **most promising universities** in **India and across the globe**. KIIT ranks **4th** among both goverment and private universities in India and is placed in the **501–550 global cohort**. It has also maintained its **1st position** in **Eastern India** despite increased institutional participation worldwide.

- **Best Campus** Outstanding infrastructure & world-class facilities
- **Best Placement** Excellent Opportunities & Career Outcomes
- **Best Environment & Ambience** Supportive learning environment with a vibrant campus atmosphere
- **Student Friendly Campus** Student-centric approach with comprehensive support services
- **Parent-Friendly Institution** Transparent communication & parent engagement
- **Modern Student Library** 24×7 Study Space for Focused Learning

KIIT is an institute of 29 years (1997–2026) and a Deemed to be University of only 22 years (2004–2026)

KIIT-DU, Patia, Bhubaneswar, Odisha, India 751024 | kiit@kiit.ac.in | www.kiit.ac.in
KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.

## ସୋସିଆଲ କୋଟ୍ସ



ବିବିୟନ ନିଜ ଇଚ୍ଛାରେ ଇସଲାମ ଆପଣାଇଥିଲେ । ହେଲେ ଲୋକମାନେ ମୋ ଉପରେ ଆଙ୍ଗୁଠି ଉଠାଇଥିଲେ, ଯାହା ମୋତେ କଷ୍ଟ ଦେଇଥିଲା ।

ନୁରେନ୍ ଅଲୀ, ବିବିୟନଙ୍କ ପତ୍ନୀ



ବର୍ତ୍ତମାନର ପିଢି ନିଜ କାମକୁ ନେଇ ଖୁବ ସିରିଏସ୍ । ଆଗରୁ ପରିସ୍ଥିତି ଭିନ୍ନ ଥିଲା । ଷ୍ଟାରଙ୍କ ଭିତରେ ଖୁବ ଗର୍ବ ଦେଖିବାକୁ ମିଳୁଥିଲା ।

ରାମ କପୁର, ଅଭିନେତା



ଅନେକ ସମୟରେ ସମସ୍ତେ ପଚାରନ୍ତି କି ବିଗ୍‌ବସ ୧୮ ସ୍କ୍ରିପ୍‌ଟେଡ୍ ଥିଲା କି । ଯାହା ବିଗ୍‌ବସ ଉପରେ ବଡ ପ୍ରଶ୍ନ ଉଠାଇଥାଏ ।

ମନବୀର ଗୁରଜାର, ବିଗ୍‌ବସ୍ ଉଇନର

## ସାଇକେଲରେ ୨୫ଟି ଦେଶ ଯାତ୍ରା



କର୍କଟ ରୋଗରେ ପ୍ରାଣ ହରାଇଥିବା ନିଜ ସ୍ତ୍ରୀ ଜ୍ୟାକିଙ୍କ ସ୍ମୃତିରେ ଜଣେ ୬୯ ବର୍ଷୀୟ କାନାଡ଼ା ନାଗରିକ ମାର୍କ ହର୍ବସ ୩୦,୦୦୦ କିଲୋମିଟରରୁ ଅଧିକ ସାଇକେଲ ଚଲାଇ ୪୬ ଲକ୍ଷ ଟଙ୍କାର ପାଣ୍ଠି ସଂଗ୍ରହ କରିବା ସହ ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି । ୨୦୨୧ରେ ସାତ ବର୍ଷର ଚିକିତ୍ସା ପରେ ୫୫ ବର୍ଷ ବୟସରେ ଜ୍ୟାକିଙ୍କ ମୃତ୍ୟୁ ଘଟିଥିବା ବେଳେ, 'ପ୍ରିନ୍ସେସ୍ ମାର୍ଗାରେଟ୍ କ୍ୟାନ୍ସର ଫାଉଣ୍ଡେସନ୍' ପାଇଁ ଅର୍ଥ ସଂଗ୍ରହ କରିବା ଲକ୍ଷ୍ୟରେ ମାର୍କ ଥାଇଲ୍ୟାଣ୍ଡର ବ୍ୟାଙ୍କକରୁ ନିଜ ଯାତ୍ରା ଆରମ୍ଭ କରିଥିଲେ । ମାତ୍ର ୩୨୪ ଦିନ ମଧ୍ୟରେ ସେ ଏସିଆ, ଅଷ୍ଟ୍ରେଲିଆ, ୟୁରୋପ ଏବଂ ଆମେରିକାର ୨୫ଟି ଦେଶ ଦେଇ ବ୍ୟାଙ୍କକକୁ ଫେରିଥିଲେ । ଯାତ୍ରା ସମୟରେ ସେମାନେ ଏକାଠି ବୁଲିବାକୁ ଚାହୁଁଥିବା ବିଭିନ୍ନ ସ୍ଥାନରେ ସ୍ତ୍ରୀଙ୍କ ଅସ୍ଥି ବିସର୍ଜନ କରିଥିଲେ । ଏହି ଅସାଧାରଣ ଯାତ୍ରା ସହ ସେ ୬୬ ବର୍ଷୀୟ କ୍ରିଷ୍ଟୋଫର ବେନେଟଙ୍କ ପୁରୁଣା ରେକର୍ଡ ଭାଙ୍ଗି ସମଗ୍ର ବିଶ୍ୱ ପରିକ୍ରମା କରିଥିବା ସବୁଠାରୁ ବୟସ୍କ ସାଇକେଲ ଚାଳକ ହେବାର ଗୌରବ ହାସଲ କରିଛନ୍ତି । ନିଜ ସ୍ତ୍ରୀଙ୍କ ଭଳି ଜୀବନକୁ ସମ୍ପୂର୍ଣ୍ଣ ଆନନ୍ଦର ସହ ଜିଇଁବାକୁ ଚାହାନ୍ତି ବୋଲି ମାର୍କ ପ୍ରକାଶ କରିଛନ୍ତି ।

## ବିଶ୍ୱ ଶାକାହାରୀ ଦିବସ

ପ୍ରତିବର୍ଷ ଅକ୍ଟୋବର ୧ ତାରିଖରେ ସମଗ୍ର ବିଶ୍ୱରେ 'ବିଶ୍ୱ ଶାକାହାରୀ ଦିବସ' ପାଳିତ ହେଉଥିବା ବେଳେ, ଶାକାହାରୀ ଜୀବନଶୈଳୀର ପ୍ରସାର ଏବଂ ଏହାର ସ୍ୱାସ୍ଥ୍ୟଗତ ଓ ପରିବେଶଗତ ଉପକାରିତା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ । ୧୯୭୭ ମସିହାରେ 'ନର୍ଥ ଆମେରିକାନ୍ ଭେଜିଟେରିଆନ୍ ସୋସାଇଟି' ଦ୍ୱାରା ପ୍ରଥମ କରି ଏହି ଦିବସର ଶୁଭାରମ୍ଭ କରାଯାଇଥିଲା । ଯାହାକୁ ପରବର୍ତ୍ତୀ ସମୟରେ ୧୯୭୮ରେ 'ଇଣ୍ଟରନ୍ୟାସନାଲ୍ ଭେଜିଟେରିଆନ୍ ୟୁନିଅନ୍' ଆନୁଷ୍ଠାନିକ ଭାବେ ସ୍ୱୀକୃତି ପ୍ରଦାନ କରିଥିଲା । ଶାକାହାରୀ ଆହାର ଗ୍ରୀନ୍‌ହାଉସ୍ ଗ୍ୟାସ୍ ନିର୍ଗମନ କମାଇବା ସହ ଜଳବାୟୁ ପରିବର୍ତ୍ତନ ରୋକିବା ଏବଂ ପ୍ରାଣୀହିଂସା କମାଇବାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ବିଶ୍ୱବ୍ୟାପୀ ଏହି ଦିବସ ପାଳନ ମାଧ୍ୟମରେ କେବଳ ଶାକାହାରୀ ଖାଦ୍ୟର ଗୁରୁତ୍ୱକୁ ସ୍ୱୀକାର କରାଯାଏ ନାହିଁ, ବରଂ ଏହା ପ୍ରାଣୀ ସୁରକ୍ଷା ଏବଂ ନିରନ୍ତର ପରିବେଶ ସନ୍ତୁଳନ ପାଇଁ ଏକ ଦୟାଳୁ ଓ ସୁସ୍ଥ ବିକଳ୍ପ ଆପଣାଇବାକୁ ଆହ୍ୱାନ ଦେଇଥାଏ ।



## ଭାସମାନ ଘର

ଆମେରିକାର ଲୁଇସିଆନା ଅଞ୍ଚଳରେ ଏକ ଦୁଇମହଲା ଘର ପାଣି ଉପରେ ଭାସି ଭାସି ଗତି କରୁଥିବାର ଏକ ଅଭୂତପୂର୍ବ ଦୃଶ୍ୟ ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି । କଟ୍ ଅଫ୍ ଅଞ୍ଚଳରେ ବ୍ଲୁ ହୋୱାର୍ଡ ନାମକ ଜଣେ ବ୍ୟକ୍ତି ଏହି ଚିତ୍ତାକର୍ଷକ ଭିଡିଓଟିକୁ କ୍ୟାମେରାରେ କଏଦ କରିଥିଲେ, ଯେଉଁଥିରେ ଜଣେ ବ୍ୟକ୍ତି ଘରର ବାରଣ୍ଡାରେ ବସି ଏକ ରିମୋଟ କଣ୍ଟ୍ରୋଲର ସାହାଯ୍ୟରେ ସମ୍ପୂର୍ଣ୍ଣ ଘରଟିକୁ ପାଣିରେ ନିୟନ୍ତ୍ରଣ କରୁଥିବା ଦେଖାଯାଇଛି । ଘରଟି ଏପରି ଭାବେ ଗତି କରୁଥିଲା ସେ ସତେ ଯେମିତି ଏହା ଏକ ନୌକାରେ ପରିଣତ ହୋଇଛି, ଏବଂ ଏହାର ଆଖପାଖରେ ଅନ୍ୟ କୌଣସି ଡଙ୍ଗା ବା ଗାଡ଼ି ନଥିଲା । ତେବେ ଏହି ଘରଟିକୁ କାହିଁକି ଏବଂ କିପରି ଭାବେ ପାଣିରେ ଚଲାଯାଉଥିଲା, ସେ ନେଇ ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ଯଦିଓ ଲୁଇସିଆନାରେ ଜଳପ୍ଲାବନରୁ ରକ୍ଷା ପାଇବା ପାଇଁ ଭାସମାନ ଘର ନିର୍ମାଣର ପରମ୍ପରା ପୁରୁଣା। ଯେପରିକି ୨୦୦୯ରେ ନିଉ ଓରଲିନ୍ସଠାରେ ବନ୍ୟା ଜଳସ୍ତର ସହ ଉପରକୁ ଉଠିପାରୁଥିବା ରାଫ୍ଟ - ଆଧାରିତ ଘର ତିଆରି କରାଯାଇଥିଲା । ତଥାପି ରିମୋଟ୍ ସାହାଯ୍ୟରେ ପାଣି ଉପରେ ଏପରି ଘର ଚାଲିବାର ଦୃଶ୍ୟ ସମ୍ପୂର୍ଣ୍ଣ ଅନନ୍ୟ ଏବଂ ବିସ୍ମୟକର ।



## ଇତିହାସ

୧୮୫୪- ଭାରତରେ ଡାକ ଟିକଟର ପ୍ରଚଳନ ଆରମ୍ଭ ହେଲା ।
୧୮୯୪- ପୂର୍ବତନ ଭାରତୀୟ ମୁଖ୍ୟ ନ୍ୟାୟାଧୀଶ ସୁଧୀରଞ୍ଜନ ଦାସଙ୍କ ଜନ୍ମ ।
୧୯୧୯- ବ୍ରିଟିଶ ସରକାରଙ୍କ ଦ୍ୱାରା ହଣ୍ଟର ସମିତି ସ୍ଥାପିତ ।
୧୯୪୯- ଚୀନ୍‌ରେ କମ୍ୟୁନିଷ୍ଟ ପାର୍ଟିର ଶାସନ ଆରମ୍ଭ ।
୧୯୫୩- ଆନ୍ଧ୍ରପ୍ରଦେଶ ସ୍ୱତନ୍ତ୍ର ରାଜ୍ୟ ହେଲା ।
୧୯୬୭- ଭାରତୀୟ ପର୍ଯ୍ୟଟନ ବିକାଶ ନିଗମ ସ୍ଥାପିତ ।
୧୯୭୮- ବିବାହ ବୟସସୀମାକୁ ମହିଳାଙ୍କ ପାଇଁ ୧୪ରୁ ୧୮ ବର୍ଷ ଏବଂ ପୁରୁଷଙ୍କ ପାଇଁ ୧୮ରୁ ୨୧ ବର୍ଷକୁ ବଢାଗଲା ।
୨୦୦୧- ଓଡିଶାର ରାଜନୀତିଜ୍ଞ ତଥା ରାଜ୍ୟସଭା ସଦସ୍ୟ, ସାମାଜିକ କାର୍ଯ୍ୟକର୍ତ୍ତା ଓ ପତ୍ରକାର ସୁରେନ୍ଦ୍ରନାଥ ଦ୍ୱିବେଦୀଙ୍କ ପରଲୋକ ।
୨୦୦୨- ଏସୀୟ ଖେଳରେ ସ୍ନୁକରରେ ଭାରତକୁ ପ୍ରଥମ ସ୍ୱର୍ଣ୍ଣ ।

## ହସକଥା



ରୋଗୀ: ଡାକ୍ତର ବାବୁ, ମୋର ଗୋଟେ ଅଜବ ରୋଗ ହୋଇଛି, ମୁଁ ଯାହା ବି ଭାବୁଛି, ସେଇଟା ଭୁଲିଯାଉଛି !
ଡାକ୍ତର: ଏହି ରୋଗ କେବେଠାରୁ ହେଲାଣି ?
ରୋଗୀ: କେଉଁ ରୋଗ କଥା କହୁଛନ୍ତି ଡାକ୍ତର ବାବୁ ?

## ଗଧକୁ ମିଳିଲା ନର୍ସିଂ ପ୍ରମାଣପତ୍ର

ମଧ୍ୟପ୍ରଦେଶରେ ଅନଲାଇନ୍ ପଞ୍ଜୀକରଣ ବ୍ୟବସ୍ଥାର ବଡ଼ଧରଣର ବିଶୃଙ୍ଖଳା ଯୋଗୁଁ ଗୋଟିଏ ଗଧ ନାମରେ ନର୍ସିଂ ପ୍ରମାଣପତ୍ର ଜାରି ହେବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି । ବ୍ୟବସ୍ଥାର ସତ୍ୟତା ପରଖିବା ପାଇଁ ଏନ୍‌ଏସ୍‌ୟୁଆଇ ରାଜ୍ୟ ଉପସଭାପତି ରବି ପାରମାର ଗଧର ଫୋଟୋ, 'ଡଙ୍କି' ନାମ ଏବଂ ପିତା-ମାତାଙ୍କ ନାମରେ 'ଡଙ୍କି ଫାଦର' ଓ 'ଡଙ୍କି ମଦର' ଲେଖି ଏକ ନକଲି ଆବେଦନ କରିଥିଲେ । ଏହାସହ ଦଶମ ଓ ଦ୍ୱାଦଶ ଶ୍ରେଣୀର ନକଲି ମାର୍କସିଟ୍, କାଳ୍ପନିକ ଠିକଣା ଏବଂ ପ୍ରଶିକ୍ଷଣ ପତ୍ର ବଦଳରେ ଦୁଇଟି ଖାଲି କାଗଜ ଅପଲୋଡ୍ କରାଯାଇଥିଲା । ତଥାପି, ମାତ୍ର ୨,୦୫୦ ଟଙ୍କା ଫି' ପୈଠ କରିବାର ମାତ୍ର ୫ ମିନିଟ୍ ମଧ୍ୟରେ କୌଣସି ଯାଞ୍ଚ ନକରି ପଞ୍ଜୀକରଣ ନମ୍ବର ଓ ଡିଜିଟାଲ୍ ଦସ୍ତଖତ ଥିବା ନର୍ସିଂ ପ୍ରମାଣପତ୍ର ଜାରି କରିଦିଆଯାଇଥିଲା । ଏହି ଘଟଣାର ଭିଡିଓ ଜାରି କରି ପାରମାର ଅଭିଯୋଗ କରିଛନ୍ତି ଯେ, କାଗଜପତ୍ରର ଉଚିତ୍ ଯାଞ୍ଚ ଅଭାବରୁ ଏହିପରି ନକଲି ପଞ୍ଜୀକରଣର ବ୍ୟାପକ ଅପବ୍ୟବହାର ହୋଇପାରେ, ଏବଂ ସେ ଏହାର ତୁରନ୍ତ ତଦନ୍ତ ଦାବି କରିଛନ୍ତି ।



CERTIFICATE OF REGISTRATION

## ଓଡ଼ିଆ ରୁଚି

### ଖଇ ମଣ୍ଡା

**ସାମଗ୍ରୀ** - ଖଇ, ବିରି, ନଡିଆ, ଗୋଲମରିଚ, ଲୁଣ ।

**ପ୍ରଣାଳୀ** - ବିରିକୁ ଫାଳ କରି ବତୁରାଇ ଦିଅନ୍ତୁ ଏବଂ ଚିକ୍କଣ କରି ବାଟି ଦିଅନ୍ତୁ । ଖଇକୁ ବତୁରାଇ ଭଲଭାବେ ଚକଟି ଦିଅନ୍ତୁ । ବଟା ବିରି ଓ ଖଇ ଚକଟାକୁ ମିଶାଇ ଫେଣ୍ଟନ୍ତୁ । ଫେଣ୍ଟିବା ସମୟରେ ଦରକାର ଅନୁଯାୟୀ ଲୁଣ ପକାନ୍ତୁ । ନଡିଆ କୋରାରେ ଗୁଡ ଓ ଗୋଲମରିଚ ଗୁଣ୍ଡ ଦେଇ କଡେଇରେ ଭାଜନ୍ତୁ । ବିରି ଓ ଖଇର ଜନ୍ତା ଆଣରେ ଖୋଳକରି ସେଥିରେ ପୁର ଦିଅନ୍ତୁ । ଇଟିଲି ଛାଞ୍ଚରେ ମଣ୍ଡାକୁ ସିଝାନ୍ତୁ । ଏହାପରେ ପ୍ରସ୍ତୁତ ହୋଇଯିବ ଖଇ ମଣ୍ଡା ।

## ପରିଣୀତିଙ୍କର ଭଲ ବନ୍ଧୁ ଥିଲେ ସୁଶାନ୍ତ

ପରିଣୀତି ଚୋପ୍ରା ତାଙ୍କର ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ସହ ଜଡିତ ୨୦୧୩ ମସିହାର ଚଳଚ୍ଚିତ୍ର 'ଶୁଦ୍ଧ ଦେଶୀ ରୋମାନ୍ସ' ସୁଟିଂ ସମୟର ଏକ ସ୍ମୃତିକୁ ନିକଟରେ ମନେ ପକାଇଛନ୍ତି । ଯେଉଁଥିରେ ସେ ସୁଶାନ୍ତଙ୍କୁ ଜଣେ ପ୍ରକୃତ ବନ୍ଧୁ ତଥା ତାଙ୍କର ସବୁଠୁ ବଡ଼ ପ୍ରୋତ୍ସାହକ ବୋଲି ବର୍ଣ୍ଣନା କରିଛନ୍ତି । ଏକ ସାକ୍ଷାତକାରରେ ପରିଣୀତି ପ୍ରକାଶ କରିଛନ୍ତି ଯେ, ସୁଟିଂ ସେଟ୍‌ରେ ଛୁଟିଦିନେ ହୋଟେଲର ସ୍ୱିମିଂ ପୁଲ୍ ପାଖରେ ବସିଥିବା ବେଳେ ତାଙ୍କର ପ୍ରଥମ ଚଳଚ୍ଚିତ୍ର 'ଇଶକ୍‌ଜାଦେ' ପାଇଁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ମିଳିଥିବା ସମ୍ପର୍କରେ ଖବର ଆସିଥିଲା। ଏହି ଖବର ପାଇବା ପରେ ସୁଶାନ୍ତ ଅତ୍ୟନ୍ତ ଆନନ୍ଦିତ ହୋଇ ପୁଲ୍ ଡେକ୍‌ର ଚେୟାର୍ ଉପରେ ଚଢ଼ିଯାଇ "ମୁଁ ଜଣେ ଜାତୀୟ ପୁରସ୍କାରପ୍ରାପ୍ତ ଅଭିନେତ୍ରୀଙ୍କ ସହ କାମ କରୁଛି" ବୋଲି ଉଚ୍ଚସ୍ୱରରେ ପାଟିକରି ଖୁସି ମନାଇଥିଲେ। ଯାହା ପରିଣୀତିଙ୍କୁ ଖୁବ ଭଲ ଲାଗିବା ସହିତ ସୁଶାନ୍ତଙ୍କ ପାଇଁ ସମ୍ମାନ ବଢାଇ ଦେଇଥିଲା । ଚଳଚ୍ଚିତ୍ର ଜଗତକୁ ଆସିବା ପୂର୍ବରୁ ପରିଣୀତି ଜଣେ ବ୍ୟାଙ୍କର୍ ଏବଂ ସୁଶାନ୍ତ ଇଞ୍ଜିନିୟରିଂ ଛାତ୍ର ହୋଇଥିବାରୁ, ସେମାନେ ସୁଟିଂ ସମୟରେ ସିନେମା ବ୍ୟତୀତ ଅର୍ଥନୀତି, ବିଜ୍ଞାନ ଓ ତାରାମାନଙ୍କ ବିଷୟରେ ମଧ୍ୟ ବହୁତ ଆଲୋଚନା କରୁଥିଲେ । ସେହିଭଳି ଭବିଷ୍ୟତରେ ହୋମି ଆଡାଜାନିଆଙ୍କ ନିର୍ଦ୍ଦେଶନାରେ ଏକାଠି ଅନ୍ୟ ଏକ ଚଳଚ୍ଚିତ୍ର କରିବାର ଯୋଜନା ରହିଥିଲା । ହେଲେ ତାହା କୌଣସି କାରଣରୁ ସମ୍ଭବ ହୋଇପାରି ନଥିଲା ।





**ମେଷ:** ଅଯଥା ଭୟ, କର୍ମକ୍ଷେତ୍ରେ ଅଶାନ୍ତି, ବ୍ୟବସାୟରେ ସ୍ୱଳ୍ପ ଲାଭ, ଉଚ୍ଚଆଶା ସଫଳ, ବନ୍ଧୁଲାଭ, ଦେବଦର୍ଶନ, ଶତ୍ରୁସମସ୍ୟା, ଅର୍ଥସମସ୍ୟା, ପାରିବାରିକ ବିବାଦ, ଦାମ୍ପତ୍ୟସୁଖ, ଦୂରଯାତ୍ରା ସଫଳ। ଦ୍ୱିଜା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୭, ଆରାଧନା-ଶଙ୍କର ଭଗବାନ ।

**ବୃଷ:** ଶରୀର କଷ୍ଟ, ନୂତନ କାର୍ଯ୍ୟ ବିଳମ୍ବ, ଯାତ୍ରାରେ ସତର୍କ, ହେବାକାର୍ଯ୍ୟ ବିଳମ୍ବ, ଶତ୍ରୁସମସ୍ୟା, ବନ୍ଧୁ ସହଯୋଗ, ବ୍ୟବସାୟରେ ସ୍ୱଳ୍ପ ଲାଭ, ସମ୍ପତ୍ତି ବିବାଦ, ଦୂରଯାତ୍ରା, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା । ମୃଗଶିରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୪, ଆରାଧନା- ପ୍ରଭୁ ହନୁମାନ ।

**ମିଥୁନ:** କର୍ମକ୍ଷେତ୍ରେ ଲାଭ, ସମସ୍ୟା ସମାଧାନ, ବ୍ୟବସାୟରେ ଲାଭ, ଶରୀର ସୁସ୍ଥ, ଶତ୍ରୁ ପରାଜିତ, ଦାମ୍ପତ୍ୟ ସୁଖ, ଖୁସିଖବର, ନୂତନ ବନ୍ଧୁଲାଭ, ଦୂରଯାତ୍ରା ସଫଳ, କାର୍ଯ୍ୟରେ ବିଳମ୍ବ । ପୁନର୍ବସୁ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୯, ଆରାଧନା-ମା' ଭଗବତୀ ।

**କର୍କଟ:** ବ୍ୟବସାୟରେ ଲାଭ, ଉଚ୍ଚ ବ୍ୟକ୍ତିଙ୍କ ସହାୟତା, ଶରୀର ସୁସ୍ଥ, ଦାମ୍ପତ୍ୟଖୁସି, ଶତ୍ରୁସମସ୍ୟା, ନୂତନ କର୍ମନିଯୁକ୍ତି, ଦୂରଯାତ୍ରା ସଫଳ, ଅନୁଷ୍ଠାନରୁ ଲାଭ, ଅଯଥା ବିବାଦ, ମାନସିକ ଶାନ୍ତି, ବନ୍ଧୁଲାଭ, ସମ୍ପତ୍ତିଖୁସି । ଅଶ୍ଳେଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସିଲଭର, ସଂଖ୍ୟା-୮, ଆରାଧନା-ମା' ବିମଳା ।

**ସିଂହ:** କର୍ଣ୍ଣପୀଡ଼ା, ବ୍ୟବସାୟରେ ସ୍ୱଳ୍ପ ଲାଭ, ସ୍ୱାଦିଷ୍ଟ ଭୋଜନ, ପାରିବାରିକ ବିବାଦ, ଶତ୍ରୁସମସ୍ୟା, ଦ୍ରବ୍ୟନଷ୍ଟ, ହେବାକାର୍ଯ୍ୟ ବିଳମ୍ବ, ଦାମ୍ପତ୍ୟଖୁସି, ପୁତ୍ରପାଇଁ ଚିନ୍ତା, ବିଦ୍ୟାରେ ସଫଳତା । ପୂର୍ବାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସିଲଭର, ସଂଖ୍ୟା-୭, ଆରାଧନା-ପ୍ରଭୁ ରାଧାବଲ୍ଲଭ ।

**କନ୍ୟା:** ଶରୀର କଷ୍ଟ, ନୂତନ କର୍ମଲାଭ, ଦୂରଯାତ୍ରରେ କଷ୍ଟ, ବ୍ୟବସାୟରେ ସନ୍ତୁଷ୍ଟ, ପୁରାତନ ବନ୍ଧୁଦର୍ଶନ, ଗୃହେ ଉତ୍ସବ, ଶତ୍ରୁ ଦ୍ୱାରା ପୀଡ଼ିତ, ଦ୍ରବ୍ୟଲାଭ, ସମ୍ପତ୍ତିଲାଭ, ବିଦ୍ୟାରେ ଅସଫଳ । ଚିତ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୬, ଆରାଧନା- ମା' ଭୁବନେଶ୍ୱରୀ ।

**ତୁଳା:** କାର୍ଯ୍ୟ ସଫଳ, ମାନସିକ ଶାନ୍ତି, ବନ୍ଧୁଲାଭ, ଉଚ୍ଚଆଶା ସଫଳ, ଅନୁଷ୍ଠାନରୁ ଲାଭ, ଶତ୍ରୁ ପରାଜିତ, ଶୁଭ ଆଲୋଚନା, ଅର୍ଥଚିନ୍ତା, ବ୍ୟବସାୟରେ ସନ୍ତୁଷ୍ଟ, ଦାମ୍ପତ୍ୟଖୁସି, ସନ୍ତାନଲାଭ । ବିଶାଖା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୮, ଆରାଧନା-ମା' ଦକ୍ଷିଣକାଳୀ ।

**ବିଛା:** ବ୍ୟବସାୟରେ ସ୍ୱଳ୍ପ ଲାଭ, କର୍ମକ୍ଷେତ୍ରେ ଶାନ୍ତି, ଦୂରଯାତ୍ରାରେ ଲାଭ, ବନ୍ଧୁଦର୍ଶନ, ଅର୍ଥଲାଭ, ସମ୍ପତ୍ତି ଗଣ୍ଡଗୋଳ (ମାନସିକ ଅବସାଦ), ପୁରାତନ ବିବାଦର ସମାଧାନ । ଜ୍ୟେଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୮, ଆରାଧନା- କୁବେର ଭଗବାନ ।

**ଧନୁ:** ଦ୍ରବ୍ୟଲାଭ, କର୍ମକ୍ଷେତ୍ରେ ପଦବୀଲାଭ, ଶତ୍ରୁ ପରାଜିତ, ବିବାଦମୁକ୍ତ, ଅନୁଷ୍ଠାନରୁ ଲାଭ, ଦାମ୍ପତ୍ୟଖୁସି, ନୂତନ ବ୍ୟବସାୟ, ତୀର୍ଥଯାତ୍ରା ସଫଳ, ଲୋକସମ୍ପର୍କ ବୃଦ୍ଧି, ସନ୍ତାନଖୁସି, ବିଦ୍ୟାରେ ସଫଳତା । ପୂର୍ବାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧବଳ, ସଂଖ୍ୟା-୧୦, ଆରାଧନା- ମା' ଭଗବତୀ ।

**ମକର:** କାର୍ଯ୍ୟରେ ଅଶାନ୍ତି, ଅଯଥାଖର୍ଚ୍ଚ, ହେବାକାର୍ଯ୍ୟ ବିଳମ୍ବ, ଅର୍ଥସମସ୍ୟା, ମାନସିକ ଅବସାଦ, ଦୂରଯାତ୍ରା ସଫଳ, ଗାଡ଼ିଚାଳନାରେ ସାବଧାନ, ଶତ୍ରୁସମସ୍ୟା, ଦେବଭକ୍ତି, ବିଦ୍ୟାରେ କଷ୍ଟ । ଧନିଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା-୮, ଆରାଧନା-ମା' ଲୋକମାତା ।

**କୁମ୍ଭ:** ଯାତ୍ରାରେ ଖୁସି, ଅର୍ଥଲାଭ, ସମ୍ପତ୍ତିଲାଭ, ଲୋକସମ୍ପର୍କ ବୃଦ୍ଧି, ଉତ୍ସବ ପ୍ରତି ଆଗ୍ରହ, ନୂତନ ସମାଚାର, ବ୍ୟବସାୟରେ ଲାଭ, ଶତ୍ରୁସମସ୍ୟା, ଦାମ୍ପତ୍ୟସୁଖ, ମାନସିକ ଶାନ୍ତି । ପୂର୍ବଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗେଣି, ସଂଖ୍ୟା-୯, ଆରାଧନା-ଭଗବାନ ବିଷ୍ଣୁ ।

**ମୀନ:** ପାରିବାରିକ ଶାନ୍ତି, କର୍ମେ ନିଯୁକ୍ତି, ଶୁଭଖବର, ବନ୍ଧୁଲାଭ, ସମସ୍ୟା ସମାଧାନ, ଦେବଦର୍ଶନ, ବାହାରକୁ ଯାଇପାରନ୍ତି, ନୂତନ ବ୍ୟବସାୟ, ବାକିଧନ ପ୍ରାପ୍ତି, ଶତ୍ରୁ ପରାଜିତ, ଦାମ୍ପତ୍ୟସୁଖ, ସନ୍ତାନଖୁସି । ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ମା' ବାଟମଙ୍ଗଳା ।

ଆଶ୍ୱିନ କୃଷ୍ଣ ପକ୍ଷ ପଞ୍ଚମୀ
୧.୧୦.୨୦୨୬, ଗୁରୁବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

## ପଞ୍ଚାୟତ ଓ ପୌର ନିର୍ବାଚନ-୨୦୨୭

# ଘରକୁ ଘର ସର୍ଭେ ଲାଗି ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର(ସବ୍ୟୁ): ରାଜ୍ୟରେ ହେବାକୁ ଥିବା ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ-୨୦୨୭କୁ ସ୍ୱଚ୍ଛ, ନିର୍ଭୁଲ, ଅଦ୍ୟତନ, ଅବାଧ ଓ ନାଗରିକ କେନ୍ଦ୍ରିକ ଭାବେ ପରିଚାଳନା କରିବା ଲକ୍ଷ୍ୟରେ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ସାଧାରଣ ପଞ୍ଚାୟତ ଓ ପୌର ନିର୍ବାଚନକୁ ସ୍ୱଚ୍ଛ, ନିର୍ଭୁଲ, ଅଦ୍ୟତନ ଏବଂ ନାଗରିକ କେନ୍ଦ୍ରିକ ଭାବେ ସମ୍ପନ୍ନ କରିବା ପାଇଁ ସମସ୍ତ ଅଧିକାରୀଙ୍କୁ ଆହ୍ୱାନ କରିଥିଲେ । ନିର୍ବାଚନ ପ୍ରକ୍ରିୟାର ପ୍ରତ୍ୟେକ ସ୍ତରରେ ସଠିକତା, ପାରଦର୍ଶିତା ଓ ଦାୟିତ୍ୱବୋଧକୁ ପ୍ରାଥମିକତା ଦେବା ସହିତ ନାଗରିକମାନଙ୍କୁ ସହଜ ଓ ସୁବିଧାଜନକ ଭାବେ ନିର୍ବାଚନୀ ସେବା ଯୋଗାଇଦେବା ଉପରେ ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢ଼ୀ ଗୁରୁତ୍ୱାରୋପ କରିଥିଲେ ।

ଏହି ରାଜ୍ୟସ୍ତରୀୟ ପ୍ରଶିକ୍ଷଣରେ ରାଜ୍ୟର ସମସ୍ତ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ, ଉପ ଜିଲ୍ଲାପାଳ, ଜିଲ୍ଲା ପଞ୍ଚାୟତ ଅଧିକାରୀ, ଆସିଷ୍ଟାଣ୍ଟ/ଡେପୁଟି କମିଶନର, କାର୍ଯ୍ୟନିର୍ବାହୀ ଅଧିକାରୀ, ବ୍ଲକ ଉନ୍ନୟନ ଅଧିକାରୀ ଏବଂ ସୁପରଭାଇଜରମାନେ ଯୋଗ ଦେଇଥିଲେ । ଆଗାମୀ ନିର୍ବାଚନ ପୂର୍ବରୁ ନିର୍ବାଚନୀ ପ୍ରସ୍ତୁତି, ଭୋଟର



ସ୍ୱଚ୍ଛ, ନିର୍ଭୁଲ, ଅଦ୍ୟତନ, ନାଗରିକ କେନ୍ଦ୍ରିକ ନିର୍ବାଚନ ଉପରେ ଆୟୋଗଙ୍କ ଗୁରୁତ୍ୱ

ତାଲିକା ପ୍ରସ୍ତୁତି ଓ ସଂଶୋଧନ, କ୍ଷେତ୍ରସ୍ତରୀୟ ସର୍ଭେ, ନିର୍ବାଚନ ପରିଚାଳନା ଏବଂ ବିଭିନ୍ନ ପ୍ରଶାସନିକ ପ୍ରକ୍ରିୟା ସମ୍ପର୍କରେ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଓ ଦିଗଦର୍ଶନ ପ୍ରଦାନ କରାଯାଇଥିଲା ।

ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଘରକୁ ଘର ସର୍ଭେ ମାଧ୍ୟମରେ ଭୋଟର ତାଲିକାକୁ ଅଧିକ ସଠିକ ଓ ଅଦ୍ୟତନ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । କୌଣସି ଯୋଗ୍ୟ ନାଗରିକ ଯେପରି ଭୋଟର ତାଲିକାରେ ସାମିଲ ହେବାରୁ ବାଦ ନପଡ଼ନ୍ତି, ସେଥିପାଇଁ କ୍ଷେତ୍ରସ୍ତରରେ ସକ୍ରିୟ ଭାବେ କାର୍ଯ୍ୟ କରିବାକୁ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ଆୟୁକ୍ତ ପରାମର୍ଶ ଦେଇଥିଲେ । ଏଥିସହିତ ଭୋଟର ତାଲିକାରେ ଥିବା ନାମ, ଠିକଣା କିମ୍ବା ଅନ୍ୟାନ୍ୟ ବିବରଣୀର ତ୍ରୁଟି ସଂଶୋଧନ, ଯୋଗ୍ୟ ଭୋଟରଙ୍କୁ ସାମିଲ କରିବା, ଅଯୋଗ୍ୟ କିମ୍ବା ଅନୁପସ୍ଥିତ ଭୋଟରଙ୍କ ସମ୍ପର୍କରେ ନିୟମାନୁଯାୟୀ ଆବଶ୍ୟକ ପଦକ୍ଷେପ ନେବା ଏବଂ ଭୋଟର ତାଲିକାର ଗୁଣାତ୍ମକ ମାନ ନିଶ୍ଚିତ କରିବା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା ।

ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଜିଲ୍ଲା ଓ ବ୍ଲକସ୍ତରରେ ସମ୍ପୃକ୍ତ ସମସ୍ତ ବିଭାଗ ଓ ଅଧିକାରୀଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରଖିବା ଉପରେ ମଧ୍ୟ ଆଲୋଚନା ହୋଇଥିଲା । ନିର୍ବାଚନ ସମ୍ବନ୍ଧୀୟ କାର୍ଯ୍ୟଗୁଡ଼ିକୁ ସମୟବଦ୍ଧ ଭାବେ ସମ୍ପନ୍ନ କରିବା ସହିତ କ୍ଷେତ୍ରସ୍ତରରେ ଆସୁଥିବା ସମସ୍ୟାଗୁଡ଼ିକର ତ୍ୱରିତ ସମାଧାନ ପାଇଁ ଅଧିକାରୀମାନେ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଥିଲା । ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଭୋଟର ତାଲିକାର ସଠିକତା, କ୍ଷେତ୍ରସ୍ତରୀୟ ସର୍ଭେ, ଯୋଗ୍ୟ ଭୋଟରଙ୍କ ଅନ୍ତର୍ଭୁକ୍ତିକରଣ, ତ୍ରୁଟି ସଂଶୋଧନ ଏବଂ ନିର୍ବାଚନ ସମ୍ବନ୍ଧୀୟ ବିଭିନ୍ନ ପ୍ରଶାସନିକ ବିଷୟ ଉପରେ ବିସ୍ତୃତ ଆଲୋଚନା ସହିତ ଅଧିକାରୀମାନଙ୍କର ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ଦିଗଦର୍ଶନ ପ୍ରଦାନ କରାଯାଇଥିଲା ।

# ନିକୋ ପାର୍କ ପୁନଃବିକାଶ କାର୍ଯ୍ୟ ଆଗକୁ ବଢ଼ିବ

## ସମୀକ୍ଷା କଲେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ

ଭୁବନେଶ୍ୱର(ସବ୍ୟୁ): ନିକୋ ପାର୍କ ତଥା ବିଡିଏ ସିଟି ସେଣ୍ଟରର ପୁନଃବିକାଶ କାମ ଯେପରି ନିର୍ଦ୍ଧାରିତ ସମୟ ମଧ୍ୟରେ ଆଗକୁ ବଢ଼ିବ, ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ନିକୋ ପାର୍କର ରୂପାନ୍ତରଣ ସହର ପାଇଁ ଗୁରୁତ୍ୱପୂର୍ଣ୍ଣ । ତେଣୁ କାମରେ ବିଳମ୍ବ ହେବା ଉଚିତ ନୁହେଁ । ଅଧିକାରୀମାନେ ପ୍ରଗତି ସମ୍ପର୍କରେ ନିୟମିତ ସୂଚନା ଦେବାକୁ । ପୁରୁଣା ସୁବିଧାକୁ ଆଧୁନିକ ସହରୀ ମନୋରଞ୍ଜନ କେନ୍ଦ୍ରରେ ପରିଣତ କରିବା ଲକ୍ଷ୍ୟରେ ଏକ ପୁନଃବିକାଶ ଯୋଜନା ହାତକୁ ନିଆଯାଇଛି । ଏହି କେନ୍ଦ୍ର ସବୁ ବୟସ ବର୍ଗର ଲୋକଙ୍କ ପାଇଁ ଉପଯୋଗୀ ହେବ ବୋଲି ଯୋଜନାରେ କୁହାଯାଇଛି ।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ତଥା ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଅଧ୍ୟକ୍ଷ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର ଆଜି ନିକୋ ପାର୍କ ଭାବେ ପରିଚିତ ବିଡିଏ ସିଟି ସେଣ୍ଟରର ପ୍ରସ୍ତାବିତ ରୂପାନ୍ତରଣ କାମର ପ୍ରଗତି ସମୀକ୍ଷା କରିଛନ୍ତି । ବୈଠକରେ ଡା. ମହାପାତ୍ର ଅଧିକାରୀମାନଙ୍କୁ



ଚାଲିଥିବା ପ୍ରକ୍ରିୟାକୁ ଶୀଘ୍ର ସମାପ୍ତ କରିବାକୁ କହିଛନ୍ତି । ପ୍ରସ୍ତାବିତ ଉନ୍ନତ ସିଟି ସେଣ୍ଟରରେ ବିନୋଦନ, ମନୋରଞ୍ଜନ, ବ୍ୟବସାୟିକ କାର୍ଯ୍ୟକଳାପ ଓ ବାହ୍ୟ ମନୋରଞ୍ଜନ ସୁବିଧା ଏକାଠି ରହିବ । ପୁନର୍ନିର୍ମିତ ପାର୍କରେ ସ୍ୱତନ୍ତ୍ର ଫୁଡ୍ କୋର୍ଟ, ମାର୍କେଟ୍ କମ୍ପ୍ଲେକ୍ସ, ଏକାଧିକ ମନୋରଞ୍ଜନ ଜୋନ୍ ଏବଂ ନୌକାବିହାର ସୁବିଧା ରହିବ । ଯୋଜନା ଅନୁଯାୟୀ ଏହା ଏକ ସାର୍ବଜନୀନ ସ୍ଥାନ ଭାବେ ଗଢ଼ି ଉଠିବ । ସହରବାସୀ ଓ ପର୍ଯ୍ୟଟକମାନେ ବିଭିନ୍ନ ପ୍ରକାରର ବିନୋଦନ ଓ ଅବସର ବିନୋଦନର ସୁଯୋଗ ପାଇବେ । ବିଡିଏ ସିଟି ସେଣ୍ଟରକୁ ଏକ ଜୀବନ୍ତ ସହରୀ ଅବସର ଗନ୍ତବ୍ୟସ୍ଥଳରେ ପରିଣତ କରିବା ଲକ୍ଷ୍ୟରେ ପୁନଃବିକାଶ କାର୍ଯ୍ୟ ଆଗକୁ ବଢ଼ୁଛି । ଏହି ପ୍ରକଳ୍ପରେ ମୂଳ ଭିତ୍ତିଭୂମି, ବ୍ୟବସାୟିକ ଓ ମନୋରଞ୍ଜନ ଜୋନ୍ ସହିତ ଆଧୁନିକ ମନୋରଞ୍ଜନ ଓ କାର୍ଯ୍ୟକଳାପଭିତ୍ତିକ ସୁବିଧା ଉପରେ ଗୁରୁତ୍ୱ ଦିଆଯିବ ।

ସିଟି ସେଣ୍ଟର ପୁନଃବିକାଶ ସହିତ ପାର୍ଶ୍ୱବର୍ତ୍ତୀ ବର୍ଷାଜଳ ନାଳ ଓ ଲେକ୍ ଜୋନ୍ ଅଞ୍ଚଳର ଆଧୁନିକୀକରଣ ଉପରେ ମଧ୍ୟ ବିଡିଏ କାର୍ଯ୍ୟ କରୁଛି । ପ୍ରସ୍ତାବିତ କାର୍ଯ୍ୟରେ ଲ୍ୟାଣ୍ଡସ୍କେପିଂ, ଚଲାପଥ ରାସ୍ତା ନିର୍ମାଣ ଓ ଲେକ୍ ଜୋନ୍ ଅଞ୍ଚଳର ପୁନରୁଦ୍ଧାର ଅନ୍ତର୍ଭୁକ୍ତ । ଏହି କାର୍ଯ୍ୟଗୁଡ଼ିକୁ ରାଜ୍ୟ ସରକାରଙ୍କ ଅନୁମୋଦନ ମିଳିଛି । ସମୀକ୍ଷା ବୈଠକରେ ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଠିକା ଆୟୁର୍ବେଦିକ ଡାକ୍ତରଙ୍କୁ ନିୟମିତ ନିଯୁକ୍ତି ଦିଅ :ହାଇକୋର୍ଟ

କଟକ,(ସବ୍ୟୁ): ମେରିଟ୍ ଲିଷ୍ଟର ଶୀର୍ଷରେ (ପ୍ରଥମ ସ୍ଥାନ) ଥିବା ସତ୍ତ୍ୱେ ଜଣେ ଆୟୁର୍ବେଦିକ ମେଡିକାଲ ଅଫିସରଙ୍କୁ ନିୟମିତ ବଦଳରେ ଠିକା ନିଯୁକ୍ତି ଦିଆଯିବା ଆଇନଗତ ଭାବେ ଠିକ୍ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି । ଏହି ପରିପ୍ରେକ୍ଷୀରେ ହାଇକୋର୍ଟ ଆବେଦନକାରୀଙ୍କୁ ୨୦୦୪ ମସିହା ଫେବ୍ରୁଆରୀ ୨୮ ତାରିଖରୁ ନିୟମିତ ନିଯୁକ୍ତି ମାନ୍ୟତା ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଔ ଡା. ଚିତ୍ତରଞ୍ଜନ ବେହେରାଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀ ଏହି ଆଦେଶ ଦେଇଛନ୍ତି । ଏହି ଆଦେଶ ଦ୍ୱାରା ଆହୁରି ୮ ଜଣ ଆୟୁର୍ବେଦିକ ଡାକ୍ତରଙ୍କ ପାଇଁ ମଧ୍ୟ ନିୟମିତ ହେବାର ସମ୍ଭାବନା ସୃଷ୍ଟି ହୋଇଛି ।

ମାମଲାରୁ ଜଣାଯାଇଛି ଯେ, ୨୦୦୩ ମସିହାରେ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିସନ(ଓଏସ୍ଏସ୍ସି) ଦ୍ୱାରା ରାଜ୍ୟର ସରକାରୀ ଆୟୁର୍ବେଦିକ ଡାକ୍ତରଖାନାଗୁଡ଼ିକ ପାଇଁ ଆୟୁର୍ବେଦିକ ମେଡିକାଲ ଅଫିସର(ଏଏମଓ) ପଦ ନିମନ୍ତେ ବିଜ୍ଞାପନ ପ୍ରକାଶ ପାଇଥିଲା । ଏଥିରେ ଡା. ଚିତ୍ତରଞ୍ଜନ ବେହେରା ମେରିଟ୍ ଲିଷ୍ଟର ୧ ନମ୍ବର ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଥିଲେ । କିନ୍ତୁ ସେହି ସମୟରେ ଟ୍ରିବ୍ୟୁନାଲରେ ଚାଲିଥିବା ଏକ ମାମଲା ଯୋଗୁଁ ତାଙ୍କୁ ୨୦୦୪ ଫେବ୍ରୁଆରୀ ୨୮ ରେ ନିୟମିତ ବଦଳରେ ଠିକା-ଭିତ୍ତିରେ ନିଯୁକ୍ତି ଦିଆଯାଇଥିଲା । ପରବର୍ତ୍ତୀ ସମୟରେ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶକ୍ରମେ ୨୦୦୬ ଡିସେମ୍ବର ୨୧ରେ ତାଙ୍କୁ ନିୟମିତ କରାଯାଇଥିଲା । ତେବେ ଆବେଦନକାରୀ ୨୮ ଫେବ୍ରୁଆରୀ ୨୦୦୪ରୁ ତାଙ୍କ ନିୟମିତ ନିଯୁକ୍ତି ଗଣନା କରିବାକୁ ଦାବି କରିଥିଲେ । ରାଜ୍ୟ ସରକାରଙ୍କ ଆଦେଶକୁ ଚ୍ୟାଲେଞ୍ଜ କରି ସେ ହାଇକୋର୍ଟକୁ ଆସିଥିଲେ । ହାଇକୋର୍ଟ ମାମଲାର ଶୁଣାଣି କରି ଆବେଦନକାରୀଙ୍କୁ ନିୟମିତ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି ।

# ଭକ୍ତଙ୍କ ପାଇଁ ଖୋଲିଲା ଶ୍ରୀଗୁଣ୍ଡିଚା ମନ୍ଦିର

ପୁରୀ, (ସବ୍ୟୁ) : ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଦର୍ଶନ ନିମନ୍ତେ ବୁଧବାର ଦିନ ଖୋଲିଛି ଶ୍ରୀ ଗୁଣ୍ଡିଚା ମନ୍ଦିର। । ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ଅନୁଯାୟୀ ସକାଳ ୭ଟା ୩୦ମିନିଟ୍‌ରେ ଶ୍ରୀଗୁଣ୍ଡିଚା ମନ୍ଦିର ଖୋଲି ଥିଲା । ଏଥିପାଇଁ ଶୁଭ ମୁହୂର୍ତ୍ତ ସ୍ଥିର କରାଯାଇଥିଲା। ଭକ୍ତମାନଙ୍କ ସୁବିଧା ଓ ଶୃଙ୍ଖଳିତ ଦର୍ଶନ ପାଇଁ ଶ୍ରୀମନ୍ଦିର



ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ଆବଶ୍ୟକ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଥିଲା । ଏହି ଅବସରରେ ଶ୍ରୀମନ୍ଦିର ଛତିଶା ନିଯୋଗ ନାୟକ, ଶ୍ରୀମନ୍ଦିର ପରିଚାଳନା କମିଟିର ସେବକ ସଦସ୍ୟ, ବିଭିନ୍ନ ସେବାୟତ ନିଯୋଗର ସଭାପତି, ସମ୍ପାଦକ ଓ ବରିଷ୍ଠ ସେବକମାନଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ବିଳମ୍ବରେ ମାମଲା ପାଇଁ ରାଜ୍ୟ ସରକାରଙ୍କ ଆବେଦନ

## ୨୫ ହଜାର ଟଙ୍କା ଗଣିବେ ଦଣ୍ଡ

କଟକ,(ସବ୍ୟୁ ): ୧୦୯ ଦିନ ବିଳମ୍ବରେ ରାଜ୍ୟ ସରକାର ହାଇକୋର୍ଟକୁ ରିଟ୍ ଅପିଲ୍‌ରେ ଆସିଥିଲାବେଳେ ଅଦାଲତ ଏହି ଅପିଲ୍‌କୁ ବିଚାର ପାଇଁ ଗ୍ରହଣ କରିଛନ୍ତି । ତେବେ ହାଇକୋର୍ଟ ଏଥିପାଇଁ ରାଜ୍ୟ ସରାକରଙ୍କ ଉପରେ ୨୫ ହଜାର ଟଙ୍କାର ଜରିମାନା ଲାଗୁ କରିଛନ୍ତି। ଏହି ଜରିମାନା ଅର୍ଥକୁ ରାଜ୍ୟ ସରକାର ଦୁଇ ସପ୍ତାହ ମଧ୍ୟରେ ରାଜ୍ୟ ଆଇନସେବା ପ୍ରାଧିକରଣରେ ଜମା କରିବେ । ଏହି ଅର୍ଥକୁ ବାଳ ଅପରାଧୀଙ୍କ ଉନ୍ନତି ପାଇଁ ଖର୍ଚ୍ଚ କରାଯିବ । ଯଦି ରାଜ୍ୟ ସରକାର ଧାର୍ଯ୍ୟ ସମୟ ମଧ୍ୟରେ ଏହି ଅର୍ଥକୁ ଜମା ନକରନ୍ତି ତାହେଲେ ବିଳମ୍ବରେ ରୁଜୁ ମାମଲାକୁ ବିଚାର ପାଇଁ ଗ୍ରହଣ କରାଯିବନି ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି। ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି। ମାମଲାର ଶୁଣାଣି ଆସନ୍ତା ନଭେମ୍ବର ୨କୁ ଧାର୍ଯ୍ୟ ହୋଇଛି। ବେଣୁଧର ସ୍ୱାଇଁଙ୍କ ବିରୋଧରେ ରାଜ୍ୟ ସରକାର ଅପିଲ୍‌ରେ ହାଇକୋର୍ଟକୁ ଆସିଥିଲେ। କିନ୍ତୁ ଗୋଟିଏ ଆଦେଶ ବିରୋଧରେ ଯେତିକି ଦିନରେ ଅପିଲ୍‌ରେ ଆସିବା କଥା ରାଜ୍ୟ ସରକାର ଏଥିରେ ବହୁ ବିଳମ୍ବ କରି ଦେଇଥିଲେ। ୧୦୯ ଦିନ ବିଳମ୍ବରେ ଆସିଥିବାରୁ ଏହି ବିଳମ୍ବିତ ଅପିଲ୍‌କୁ ଗ୍ରହଣ ପାଇଁ ହାଇକୋର୍ଟଙ୍କୁ ପ୍ରାର୍ଥନା କରିଥିଲେ । ହାଇକୋର୍ଟ ଏହି ମାମଲାର ଶୁଣାଣି ପରିପ୍ରେକ୍ଷୀରେ କହିଛନ୍ତି ଯେ, ଏଭଳି ବିଳମ୍ବ ପଛରେ ବିଭାଗୀୟ ଅଧିକାରୀଙ୍କ ସମ୍ପୃକ୍ତି ଥିବା କଥାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ ଔ ତଥାପି ବିଳମ୍ବ ପାଇଁ ଯେଉଁ କାରଣ ଦିଆଯାଇଛି ତାହାକୁ ଅଦାଲତ ଗ୍ରହଣ କରି ରାଜ୍ୟ ସରକାରଙ୍କ ଉପରେ ୨୫ ହଜାର ଟଙ୍କାର ଜରିମାନା ଲାଗୁ କରିଛନ୍ତି ।

# କପାଳେଶ୍ୱର ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ ସିଡିଏମ୍ଓଙ୍କ ପ୍ରତିନିଧି

ଚୌଦ୍ୱାର, (ସବ୍ୟୁ) : ଚୌଦ୍ୱାର ପୌରପାଳିକାରେ ଅବସ୍ଥିତ କପାଳେଶ୍ୱର ସହରାଂଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟାପକ ଅବ୍ୟବସ୍ଥା ଥିବାରୁ ଏବେ ପ୍ରାଥମିକ ସ୍ୱାସ୍ଥ୍ୟସେବା ପ୍ରଦାନ ବିପର୍ଯ୍ୟସ୍ତ ହୋଇପଡ଼ିଛି । ଏହି କେନ୍ଦ୍ରରେ ଜଣେ ମାତ୍ର ପୂର୍ଣ୍ଣକାଳୀନ ଏମ୍‌ବିବିଏସ୍ ଚିକିତ୍ସାଧିକାରୀ ନିଯୁକ୍ତ ଥିବା ବେଳେ ସେ ସପ୍ତାହକୁ ୬ଦିନ କାର୍ଯ୍ୟ କରନ୍ତି ଓ ମଙ୍ଗଳବାର ଛୁଟି ନିଅନ୍ତି । ଏଣୁ ମଙ୍ଗଳବାର ଦିନ ରୋଗୀ ଦେଖିବା ପାଇଁ କୌଣସି ଡାକ୍ତର ଉପସ୍ଥିତ ନଥାନ୍ତି । ଏହାବ୍ୟତୀତ ଜଣେ ଶିଶୁରୋଗ ବିଶେଷଜ୍ଞ ସପ୍ତାହକୁ ମାତ୍ର ଦୁଇ ଦିନ ଆସୁଛନ୍ତି ଏହାଛଡ଼ା ଆଉ କୌଣସି ଡାକ୍ତର ଏଠାରେ ନିଯୁକ୍ତ ହୋଇନାହାନ୍ତି । ପାରାମେଡ଼ିକାଲ ବ୍ୟବସ୍ଥାରେ ଜଣେ ଫାର୍ମାସିଷ୍ଟ, ଜଣେ ନର୍ସ, ଜଣେ ଲାବ୍ରୋଟେରୀ ଟେକ୍ନିସିଆନ୍ ଓ ଜଣେ ସୁପରଭାଇଜର ଅଛନ୍ତି ଯାହାକି ରୋଗୀ ସଂଖ୍ୟା ତୁଳନାରେ ନଗଣ୍ୟ । ଏ ସମସ୍ତ ଅଭିଯୋଗକୁ ନେଇ ସିଡିଏମ୍ଓଙ୍କ ଅଫିସ୍‌ରେ ଅଭିଯୋଗ ହେବା ପରେ ଆଜି ସିଡିଏମ୍ଓଙ୍କ ଅଫିସ୍‌ରୁ ଏକ ପ୍ରତିନିଧି ମଣ୍ଡଳୀ ଓ ଆଉଟସୋର୍ସିଂରେ ଦେଇଥିବା ସଂସ୍ଥାର ଅଧିକାରୀ ଏହି ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଆସିଥିଲେ । ଏହି ସମୟରେ ଅଭିଯୋଗକାରୀ ତଥା ସୂଚନା ଅଧିକାରୀ କର୍ମୀ ଶ୍ରୀକାନ୍ତ ପାକଳ, ପ୍ରଭାନନ୍ଦ ସାହୁ, ଭୀମସେନ ବିଶ୍ୱାଳ, ଭାସ୍କର ମହାପାତ୍ର, ପ୍ରତାପ ଜେନା, ସେକ୍ ଇଦ୍ରିସ୍ ପ୍ରମୁଖ ଉପସ୍ଥିତ ରହି ସ୍ୱାସ୍ଥ୍ୟକେନ୍ଦ୍ରର ଅବ୍ୟବସ୍ଥା ବିଷୟରେ ବର୍ଣ୍ଣନା କରିଥିଲେ । ଯଥାଶୀଘ୍ର ଏଠାରେ ସ୍ତ୍ରୀରୋଗ, ଭେଷଜ, ଚର୍ମରୋଗ ଓ ଅସ୍ଥିରୋଗ ବିଶେଷଜ୍ଞ ନିଯୁକ୍ତି ଦେବା ସହିତ ପାରାମେଡ଼ିକାଲ କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି କରିବା ପାଇଁ ଦାବି କରାଯାଇଥିଲା । ପ୍ରତିନିଧିମଣ୍ଡଳୀରେ ଆସିଥିବା ସହରାଂଚଳ ସ୍ୱାସ୍ଥ୍ୟ ଆସିଷ୍ଟାଣ୍ଟ ପ୍ରେଗ୍ରାମ ମ୍ୟାନେଜର ମନୋରଂଜନ ଦାସ ଓ ପିପିପି ମନ୍ମୟ ମିଶ୍ର ଏ ସମ୍ବନ୍ଧରେ ବିଭାଗୀୟ ଅଧିକାରୀଙ୍କୁ ଜଣାଇ ଏହାର ତୁରନ୍ତ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି ।

## ‘ଓଡ଼ିଶା ସେବା ପ୍ରଥମ ନବସୃଜନ ଆରମ୍ଭ

# ଏମ୍ସ ଭୁବନେଶ୍ୱର, ୱାର୍ଲ୍ଡ ସ୍କିଲ୍ ସେଣ୍ଟର ଓ ଆସୋଚାମ ସହ ଏମ୍ଓୟୁ

ଭୁବନେଶ୍ୱର, (ସବ୍ୟୁ) : ବାସ୍ତବ ଜୀବନର ପ୍ରତ୍ୟେକ ସମସ୍ୟା ଭିତରେ ଲୁଚି ରହିଥାଏ ଏକ ନୂଆ ସମ୍ଭାବନା । ତେଣୁ, ଏହାକୁ ଚିହ୍ନଟ କରିବା ସହ ନୂତନ ଚିନ୍ତାଧାରା ଓ ନବସୃଜନ ଶକ୍ତିକୁ ଏକାଠି କରି ବାସ୍ତବ ସମସ୍ୟାର ପ୍ରଭାବଶାଳୀ ସମାଧାନ ଖୋଜିବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଛି ସ୍ୱତନ୍ତ୍ର ଅଭିଯାନ - ‘ଓଡ଼ିଶା ସେବା ପ୍ରଥମ ନବସୃଜନ ଆହ୍ୱାନଦ। ଭୁବନେଶ୍ୱରସ୍ଥିତ ‘ଓ-ହବ୍’ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହାର ଶୁଭାରମ୍ଭ ହୋଇଛି । ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ଏବଂ ଷ୍ଟାର୍ଟଅପ୍ ଓଡ଼ିଶାର ମିଳିତ ଉଦ୍ୟମରେ ରାଜ୍ୟବ୍ୟାପୀ ବିଭିନ୍ନ ପର୍ଯ୍ୟାୟରେ ଏହି ପ୍ରତିଯୋଗିତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଏହି କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେଇ କହିଥିଲେ, “ଆମ ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କ ଭିତରେ ଅନନ୍ୟ ପ୍ରତିଭା ରହିଛି । ଏହାକୁ ଉପସ୍ଥାପନ କରିବା ପାଇଁ ‘ଓଡ଼ିଶା ସେବା ପ୍ରଥମ ନବସୃଜନ



ଆହ୍ୱାନଦ ଏକ ବଳିଷ୍ଠ ମଞ୍ଚ । ଆଶାୟୀ ନବସୃଜନକାରୀମାନେ ଏଥିରେ ଅଂଶ ଗ୍ରହଣ କରିବା ସହ ନିଜର ଅଭିନବ ଆଇଡିଆକୁ ନୂତନ ଆକାର ଦେଇ ସମାଜରେ ବିଶେଷ ପରିବର୍ତ୍ତନ ଆଣିପାରିବେ । ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିବା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ, “ନବସୃଜନ କେବଳ ବଡ଼ ବଡ଼ ଲାବୋରେଟୋରରୁ ବାହାରେ ନାହିଁ, ଏହା ଗାଁ ଗହଳିରୁ ମଧ୍ୟ ସୃଷ୍ଟି ହୋଇପାରେ । ଚାଷୀ ଭାଇଭଉଣୀ, ସ୍ଥାନୀୟ କାରିଗର, ଛାତ୍ରଛାତ୍ରୀ ଏବଂ ଏସଏଚଜି ମହିଳାଙ୍କ ସୃଜନଶୀଳ ଚିନ୍ତାଧାରାରୁ ଏକ ନୂଆ ବିଚାର ରୂପ ପାଇପାରେ । କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟସଭା ସାଂସଦ ଡକ୍ଟର ଅମର ପଟ୍ଟନାୟକ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ । ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର କମିଶନର ତଥା ଶାସନ ସଚିବ ତଥା ଷ୍ଟାର୍ଟଅପ୍ ଓଡ଼ିଶାର ଅଧ୍ୟକ୍ଷା ଶ୍ରୀମତୀ ରଶ୍ମିତା ପଣ୍ଡା ‘ଓଡ଼ିଶା ସେବା ପ୍ରଥମ ନବସୃଜନ ଆହ୍ୱାନଦର ଆଭିମୁଖ୍ୟ ବିଷୟରେ କହିଥିବା ବେଳେ ଷ୍ଟାର୍ଟଅପ୍ ଓଡ଼ିଶାର ମୁଖ୍ୟ ନିର୍ବାହୀ ଅଧିକାରୀ ସ୍ମୃତି ରଞ୍ଜନ ପ୍ରଧାନ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ଓଏସଏଫଆଇସି ୱେବ୍ ପୋର୍ଟାଲ୍ ଉନ୍ମୋଚନ କରାଯାଇଥିଲା । ତେଣୁ, ଯେଉଁ ଆଗ୍ରହୀ ପ୍ରାର୍ଥୀଙ୍କ ଭିତରେ ଅଭିନବ ତଥା ସୃଜନଶୀଳ ଆଇଡିଆ ଅଛି ସେମାନେ ଷ୍ଟାର୍ଟଅପ୍ ଓଡ଼ିଶା ୱେବସାଇଟରେ ପଞ୍ଜୀକରଣ କରି ଏଥିରେ ଅଂଶଗ୍ରହଣ କରିପାରିବେ ।

# ପ୍ରଦେଶ କଂଗ୍ରେସ ସଂଖ୍ୟାଲଘୁ କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର,(ସବ୍ୟୁ): କଂଗ୍ରେସ ଭବନଠାରେ ପ୍ରଦେଶ କଂଗ୍ରେସ ସଂଖ୍ୟାଲଘୁ ବିଭାଗର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସଂଖ୍ୟାଲଘୁ ବିଭାଗର ନୂତନ ଅଧ୍ୟକ୍ଷ ଆକିବ ଉଜମାନ ଖାନଙ୍କ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ବୈଠକରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ, ଏଆଇସିସି ସମ୍ପାଦକ ତଥା ଓଡ଼ିଶା ସହପ୍ରଭାରୀ ଜେଟି କୁସୁମ କୁମାର, ମୟୁରା




ଜୟକୁମାର, ପୂର୍ବତନ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଜୟଦେବ ଜେନା, ସଂଖ୍ୟାଲଘୁ ବିଭାଗର ରାଜ୍ୟ ପ୍ରଭାରୀ ଅବଦୁଲ ଆଲାମ ଖାନ, କଂଗ୍ରେସ ବିଧାନସଭା ବିଧାୟକ ଦଳ ନେତା ରାମଚନ୍ଦ୍ର କଦାମ, କଂଗ୍ରେସ ବିଧାନସଭା ବିଧାୟକ ଦଳ ଉପନେତା ଅଶୋକ ଦାସ, ଓଡିଶା ପ୍ରଦେଶ କଂଗ୍ରେସ କମିଟିର ଉପସଭାପତି (ସଂଗଠନ) ସନ୍ତୋଷ ସିଂ ସାଲୁଜା, ବିଧାୟକ ତାରାପ୍ରସାଦ ବାହିନୀ ପତି, ବିଧାୟକ ସିଏସ୍ ରାଜନ ଏକା, ଦେବାଶିଷ ପଟ୍ଟନାୟକ, ମହମ୍ମଦ ଜିଆଉଲ ହକ, ଅନୁସୂଚିତ ଜାତି ବିଭାଗର ରାଜ୍ୟ ଅଧ୍ୟକ୍ଷ ମାନସ ମଲିକ, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଯାକବ ପ୍ରଧାନଙ୍କ ସମେତ ଅନେକ ସଂଖ୍ୟାଲଘୁ କର୍ମକର୍ତ୍ତା ଉପସ୍ଥିତ ଥିଲେ । କାର୍ଯ୍ୟକାରିଣୀ ବୈଠକରେ ପ୍ରଦେଶ କଂଗ୍ରେସ ସଂଖ୍ୟାଲଘୁ ବିଭାଗର ନୂତନ ଅଧ୍ୟକ୍ଷ ଆକିବ ଉଜ୍ଜାମାନ ଖାନ ସଭାପତିତ୍ୱ କରଥିଲେ ।

## ଟାଇମ୍ସ ହାୟର ଏଜୁକେସନ ବିଶ୍ୱ ବିଶ୍ୱବିଦ୍ୟାଳୟ ରାଙ୍କିଙ୍ଗ ୨୦୨୭

# କିଟ୍ ଭାରତର ୪ର୍ଥ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ, ପୂର୍ବ ଭାରତର ସର୍ବଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, (ସବ୍ୟୁ) : ଟାଇମ୍ସ ହାୟର ଏଜୁକେସନ ବିଶ୍ୱ ବିଶ୍ୱବିଦ୍ୟାଳୟ ରାଙ୍କିଙ୍ଗ -୨୦୨୭ରେ କିଟ୍ ବିଶ୍ୱବିଦ୍ୟାଳୟ ପୁଣିଥରେ ତାଦର ଉତ୍କର୍ଷତା ପ୍ରତିପାଦନ କରି ଭାରତର ସମସ୍ତ ଘରୋଇ ଓ ସରକାରୀ ବିଶ୍ୱବିଦ୍ୟାଳୟ ମଧ୍ୟରେ ୪ର୍ଥ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ହେବାର ଗୌରବ ଅର୍ଜନ କରିଥିବା ବେଳେ ପୂର୍ବ ଭାରତର ସର୍ବଶ୍ରେଷ୍ଠ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଛି। ଟାଇମ୍ସ ହାୟର ଏଜୁକେସନ- ୨୦୨୭ ରାଙ୍କିଙ୍ଗରେ କିଟ୍ ବିଶ୍ୱବିଦ୍ୟାଳୟ ସମଗ୍ର ବିଶ୍ୱରେ ଉଲ୍ଲେଖନୀୟ ଭାବେ ୫୦୧ ରାଙ୍କରେ ଅଛି। ଏହି ରାଙ୍କିଙ୍ଗରେ କିଟ୍‌ର ନିରନ୍ତର ଅଭିବୃଦ୍ଧି ସହିତ ଶିକ୍ଷାଦାନର ମାନ, ଗବେଷଣା, ଇଣ୍ଡଷ୍ଟ୍ରି ଏନଗେଜମେଣ୍ଟ ଏବଂ ଅନ୍ତର୍ଜାତୀୟ ଦୃଷ୍ଟିକୋଣ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପ୍ରତିଫଳିତ ହୋଇଛି। ଏହି




ସଫଳତା କିଟ୍ ନେତୃତ୍ୱର ଦୂରଦୃଷ୍ଟି, ଅଧ୍ୟାପକ-ଅଧ୍ୟାପିକାଙ୍କ ନିଷ୍ଠା, ଗବେଷଣା କ୍ଷେତ୍ରରେ ସଫଳତା ଏବଂ ବିଶ୍ୱସ୍ତରରେ ଛାତ୍ରଛାତ୍ରୀଙ୍କ ଆକର୍ଷଣ ପ୍ରତିପାଦନ କରୁଛି । ଏହି ସଫଳତାରେ ଖୁସି ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, ରାଜ୍ୟର ଏକ ବିଶ୍ୱବିଦ୍ୟାଳୟ ବିଶ୍ୱର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ମଧ୍ୟରେ ସ୍ଥାନ ପାଉ ବୋଲି ପ୍ରତ୍ୟେକ ରାଜ୍ୟ ଆଶା ପୋଷଣ କରିଥାନ୍ତି। ଅନ୍ୟ ବିଶ୍ୱବିଦ୍ୟାଳୟ ତୁଳନାରେ କିଟ୍ ଅଳ୍ପ ବର୍ଷର ଏକ ବିଶ୍ୱବିଦ୍ୟାଳୟ ହୋଇଥିଲେ ମଧ୍ୟ ବିଶ୍ୱର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ମଧ୍ୟରେ ସ୍ଥାନ ପାଇବା ଆନନ୍ଦର ବିଷୟ । କିଟ୍‌ର ଏହି ସଫଳତା ବିଶେଷ କରି ଓଡ଼ିଶା ତଥା ଭାରତ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ଶ୍ରୀ ସାମନ୍ତ କହିଛନ୍ତି। ସୂଚନାଯୋଗ୍ୟ, ଏହି ରାଙ୍କିଙ୍ଗରେ ଭାରତର ୧୪୩ଟି ବିଶ୍ୱବିଦ୍ୟାଳୟ ରହିଥିବା ବେଳେ ୧୧୮ ଦେଶର ମୋଟ ୨୨୯୭ଟି ବିଶ୍ୱବିଦ୍ୟାଳୟ ଏହି ରାଙ୍କିଙ୍ଗରେ ଅଂଶ ଗ୍ରହଣ କରିଥିଲେ। ଟାଇମ୍ସ ହାୟର ଏଜୁକେସନ୍ ଶିକ୍ଷା ଓ ଗବେଷଣାର ମାନ, ଜ୍ଞାନର ଆଦାନ ପ୍ରଦାନ ଏବଂ ଅନ୍ତର୍ଜାତୀୟ ଦୃଷ୍ଟିକୋଣ ଆଦି ମାପଦଣ୍ଡ ଆଧାରରେ ଏହି ରାଙ୍କିଙ୍ଗ ପ୍ରଦାନ କରିଥାଏ।

# ହାଇକୋର୍ଟରେ ନୟାଗଡ଼ ବିଧାନସଭା ନିର୍ବାଚନୀ ମାମଲା

## ହେଲା ଇସ୍ୟୁ ଫ୍ରେମ୍,୧୫ଟି ପ୍ରସଙ୍ଗରେ ହେବ ଶୁଣାଣି

କଟକ,(ସବ୍ୟୁ): ନୟାଗଡ଼ ବିଧାନସଭା ଆସନରୁ ବିଜେଡି ବିଧାୟକ ଅରୁଣ କୁମାର ସାହୁଙ୍କ ନିର୍ବାଚନକୁ ଚାଲେଞ୍ଜ କରି ରୁଜୁ ନିର୍ବାଚନୀ ମାମଲାରେ ହାଇକୋର୍ଟ ୧୫ଟି ପ୍ରସଙ୍ଗ ବା ‘ଇସ୍ୟୁ ଧାର୍ଯ୍ୟ କରିଛନ୍ତି। ଅର୍ଥାତ ଏହି ୧୫ଟି ପ୍ରସଙ୍ଗ ଉପରେ ପରବର୍ତ୍ତୀ ସମୟରେ ଶୁଣାଣି ହେବ। ଆବେଦନକାରିଣୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂହଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ରାଧାକୃଷ୍ଣ ପଟ୍ଟନାୟକ ପ୍ରସଙ୍ଗଗୁଡ଼ିକ ଧାର୍ଯ୍ୟ କରିବା ସହ ଆସନ୍ତା ଅକ୍ଟୋବର ୧୩ରେ ମାମଲା ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି । ସେହିଦିନ ଆବେଦନକାରିଣୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂହଙ୍କ ସାକ୍ଷ୍ୟଗ୍ରହଣ କରାଯିବ। ୨୦୨୪ ସାଧାରଣ ନିର୍ବାଚନରେ ନୟାଗଡ଼ ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିଥିବା ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ ଅରୁଣ ସାହୁଙ୍କ ନିର୍ବାଚନକୁ ଚାଲେଞ୍ଜ କରି ଏହି ନିର୍ବାଚନ ମାମଲା ଦାୟର କରିଛନ୍ତି । ନାମାଙ୍କନପତ୍ର ସହ ଦାଖଲ କରିଥିବା ଫର୍ମ -୨୬ ସତ୍ୟପାଠରେ ସମ୍ପତ୍ତି, ବ୍ୟାଙ୍କ ଖାତା ଏବଂ ଅନ୍ୟାନ୍ୟ ତଥ୍ୟ ସମ୍ପର୍କରେ ଭୁଲ, ଅସମ୍ପୂର୍ଣ୍ଣ -କିମ୍ବା ବିଭ୍ରାନ୍ତିକର ତଥ୍ୟ ଦିଆଯାଇଥିବା ନେଇ ଆବେଦନରେ ପ୍ରଶ୍ନ ଉଠାଯାଇଛି। ଏହାବ୍ୟତୀତ ୟୁକୋ ବ୍ୟାଙ୍କର ଏକ ଖାତା, ନିର୍ବାଚନୀ ଖର୍ଚ୍ଚ ପାଇଁ ପୃଥକ ଖାତା ଏବଂ ବିଜେଡିକୁ ୩୦ ଲକ୍ଷ ଟଙ୍କା ଦିଆଯାଇଥିବା ସମ୍ପର୍କିତ ଘୋଷଣାର ସଠିକତା ନେଇ ମଧ୍ୟ ପ୍ରସଙ୍ଗ ଧାର୍ଯ୍ୟ ହାଇଛି । ଅରୁଣ ସାହୁ, ତାଙ୍କ ପତ୍ନୀ, ଏନ୍‌ୟୁଏଫ୍ ଏବଂ ଯୁଗ୍ମ ମାଲିକାନାରେ ଥିବା ଅସ୍ଥାବର ସମ୍ପତ୍ତି ସହ ହିରୋହୋଣ୍ଡା ମୋଟରସାଇକେଲ, ଇନୋଭା ଓ ସ୍ୱିଫ୍ଟ ଡିଜାୟାର୍ ଗାଡ଼ି ସମ୍ପର୍କିତ ତଥ୍ୟର ସଠିକତା ମଧ୍ୟ ବିଚାର ପରିସରଭୁକ୍ତ ହୋଇଛି। ଫର୍ମ-୨୬ରେ ମିଥ୍ୟା କିମ୍ବା ବିଭ୍ରାନ୍ତିକର ଘୋଷଣା କରାଯାଇଥିବା ପ୍ରମାଣିତ ହେଲେ ଅରୁଣ ସାହୁଙ୍କ ନୟାଗଡ଼ ଆସନରୁ ନିର୍ବାଚନ ରଦ୍ଦ ହେବ କି ନାହିଁ, ତାହା ମଧ୍ୟ ହାଇକୋର୍ଟ ବିଚାର କରିବେ ବୋଲି ଏହି ପ୍ରସଙ୍ଗରେ ସ୍ଥାନ ପାଇଛି।

# ଆଉଟଲୁକ୍ ବିଜିନେସର ‘ନେସନ୍ ବିଲ୍ଡର୍ସରେ ସ୍ଥାନ ପାଇଲେ ସୂର୍ଯ୍ୟକାନ୍ତ

ଭୁବନେଶ୍ୱର: ଏଜମାର୍କର ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ପଟ୍ଟନାୟକଙ୍କୁ ଆଉଟଲୁକ୍ ବିଜନେସର ‘ନେସନ୍ ବିଲ୍ଡର୍ସ ୨୦୨୬ରେ ସ୍ଥାନ ଦିଆଯାଇଛି। ଉଦ୍ୟୋଗୀତା, ନବସୃଜନ, ନେତୃତ୍ୱ ଏବଂ ଅର୍ଥନୈତିକ ବିକାଶରେ ଅର୍ଥପୂର୍ଣ୍ଣ ଅବଦାନ ରଖୁଥିବା ବ୍ୟକ୍ତିତ୍ୱମାନଙ୍କୁ



ନେଇ ପ୍ରସ୍ତୁତ ଏହି ବିଶେଷ ସଂକଳନରେ ତାଙ୍କ ଉଦ୍ୟୋଗୀ ଯାତ୍ରା ଓ ଦୃଷ୍ଟିକୋଣକୁ ସ୍ଥାନ ମିଳିଛି। ୨୦୧୧ରେ ଭୁବନେଶ୍ୱରରୁ ଏକ ଇଣ୍ଟେରିୟର ଡିଜାଇନିଂ ବ୍ୟବସାୟ ମାଧ୍ୟମରେ ତାଙ୍କ ଉଦ୍ୟୋଗୀ ଯାତ୍ରା ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଏହି ଅଭିଜ୍ଞତା ତାଙ୍କୁ ରିଅଲ୍ ଇଷ୍ଟେଟ୍ କ୍ଷେତ୍ରକୁ ନେଇଥିଲା। ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି ।

## ଓଡ଼ିଶା ଟୁରିଷ୍ଟ ଗାଇଡ୍ ଆସୋସିଏସନ୍

# ଭୁବନେଶ୍ୱର ପକ୍ଷରୁ ବିଶ୍ୱପର୍ଯ୍ୟଟକ ଦିବସ ପାଳିତ

ଭୁବନେଶ୍ୱର, (ସବ୍ୟ) : ଓଡ଼ିଶା ଟୁରିଷ୍ଟ ଗାଇଡ୍ ଆସୋସିଏସନ୍, ଭୁବନେଶ୍ୱର ତରଫରୁ ଗତ ୨୭ ସେପ୍ଟେମ୍ବର ସନ୍ଧ୍ୟାରେ ଜୟଦେବ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠାନର ସଭାପତି ସନତ ମିଶ୍ରଙ୍କ ସଭାପତିତ୍ୱରେ ବିଶ୍ୱ ପର୍ଯ୍ୟଟନ ଦିବସ ବଡ଼ ଆଡ଼ମ୍ବରରେ ପାଳିତ ହୋଇଥିଲା। ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା, ମୁଖ୍ୟ ଅତିଥି, ପ୍ରାକୃତିକ ବିପର୍ଯ୍ୟୟ



ପରିଚାଳନା ଏବଂ ରାଜସ୍ୱ ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ବକ୍ତା, ପ୍ରିୟଦର୍ଶୀ ମିଶ୍ର, ପୂର୍ବତନ ବିଧାୟକ, ବକ୍ତା, ବାରାଣ୍ଟ ମିଶ୍ର, ଉପଦେଷ୍ଟା, ଓଡ଼ିଶା ଟୁରିଷ୍ଟ ଗାଇଡ୍ ଆସୋସିଏସନ୍ ଏବଂ ସନତ ମିଶ୍ର, ସଭାପତି, ଓଡ଼ିଶା ଟୁରିଷ୍ଟ ଗାଇଡ୍ ଆସୋସିଏସନ୍ ଯୋଗଦାନ କରି ସମ୍ମିଳନୀ ଉଦ୍ଘାଟନ କରିଥିଲେ। ଏହି ଅଧିବେଶନରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉତ୍କଳ ସଂସ୍କୃତି ବିଶ୍ୱ ବିଦ୍ୟାଳୟ ମଦନପୁର, ଖୋର୍ଦ୍ଧାର ଭାରପ୍ରାପ୍ତ କୁଳପତି ପ୍ରଫେସର (ଡକ୍ଟର) ସତ୍ୟ ନାରାୟଣ ଆଚାର୍ଯ୍ୟଙ୍କୁ "ପର୍ଯ୍ୟଟନ ଗୌରବ ପୁରସ୍କାର" ପ୍ରଦାନ କରିଥିଲେ। ଶେଷରେ ଲକ୍ଷ୍ମଣ ମନ୍ତ୍ରୀ ସମ୍ମାନିତ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଏମ୍‌ସି ପକ୍ଷରୁ ସଫେଇ ମିତ୍ର ସୁରକ୍ଷା, ସମ୍ମାନ ଶିବିର



ଭୁବନେଶ୍ୱର(ସବ୍ୟ): ସ୍ୱଚ୍ଛତା ହିଁ ସେବା ଅଧୀନରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସଫେଇ ମିତ୍ର ସୁରକ୍ଷା ଏବଂ ସମ୍ମାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସହିଦ ନଗର କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ଏହି ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ମୁଖ୍ୟ ଅତିଥି ଭାବେ ମେୟର ସୁଲୋଚନା ଦାସଙ୍କ ସହ ସ୍ୱାସ୍ଥ୍ୟ ଓ ପରିମଳ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ବିରଂଚି ନାରାୟଣ ମହାସୂପକାର, ସ୍ଥାନୀୟ କର୍ପୋରେଟର ତଥା ଫାଇନାନ୍ସ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ରାଜକିଶୋର ଦାସ, ଡେପୁଟି କମିଶନର ରଶ୍ମୀରେଖା ପ୍ରଧାନ, ପରିମଳ ଉପାୟୁକ୍ତ ଏନ୍. ଗଣେଶ ବାବୁ, ହାଇଟେକ୍ ମେଡିକାଲ କଲେଜର ଉପସଭାପତି ମନୋଜ କୁମାର ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ସ୍ୱାସ୍ଥ୍ୟ ପରୀକ୍ଷା ଓ ସମ୍ବର୍ଦ୍ଧନା ଶିବିରରେ ପ୍ରାୟ ୨ ଶହରୁ ଅଧିକ ସ୍ୱଚ୍ଛକର୍ମୀ, ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର, ଡ୍ରାଇଭର, ହେଲପର, ଏସ୍ ଆଇ ପ୍ରମୁଖ ଉପସ୍ଥିତ ଥିଲେ। ପରିମଳ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ସ୍ୱଚ୍ଛ କର୍ମୀଙ୍କୁ ମେୟର ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମ ତିନୋଟି ଜୋନରେ ଅନୁଷ୍ଠିତ ହୋଇଥିଲା। ଏହି ସବୁସ୍ଥାନରେ ପ୍ରାୟ ୫୦୦ ସ୍ୱଚ୍ଛକର୍ମୀ, ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର, ଡ୍ରାଇଭର, ହେଲପର ଆଦି ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ହାଇଟେକ ମେଡିକାଲ କଲେଜ ପକ୍ଷରୁ ରକ୍ତ ନମୂନା ପରୀକ୍ଷା ସହ ବିଭିନ୍ନ ବିଭାଗ ଯଥା ନାସା, କର୍ଣ୍ଣ, ଗଳା, ଚକ୍ଷୁ, ଦନ୍ତ, ଚର୍ମ, ଅର୍ଥପେଡିକ୍, ଗାଇନିଂ ଆଦି ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତରମାନେ ଉପସ୍ଥିତ ରହି ସ୍ୱାସ୍ଥ୍ୟକର୍ମୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ପରାମର୍ଶ ଦେଇଥିଲେ।

## ନବନିର୍ମାଣ କୃଷକ ସଙ୍ଗଠନର ଓଡ଼ିଶା ବନ୍ଦ ଆଂଶିକ ସଫଳ

ଭୁବନେଶ୍ୱର, (ସବ୍ୟ) : ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ସମେତ ୬ଦଫା ଦାବିରେ ନବନିର୍ମାଣ କୃଷକ ସଙ୍ଗଠନର ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ସହରରେ ଏହି ବନ୍ଦ ଡାକରା ଆଂଶିକ ସଫଳ ହୋଇଛି। ଏହି ବିଭ୍ରାଟକୁ ନେଇ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ନୂତନ ସଂଶୋଧନ ବହି ପ୍ରତ୍ୟାହାର ଦାବିରେ ନବନିର୍ମାଣ ଯୁବ, ଛାତ୍ର ସଙ୍ଗଠନ ତରଫରୁ ୪୮ଦିନର ସତ୍ୟାଗ୍ରହ ଓ ଅନଶନକୁ ସମର୍ଥନ କରି ୨୯ରେ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିବା ବେଳେ ଭୁବନେଶ୍ୱର, କଳାହାଣ୍ଡିର ଭବାନୀପାଟଣା ଠାରୁ ଆରମ୍ଭ କରି ମୟୂରଭଞ୍ଜର ବାରିପଦା, ଯାଜପୁରର ଚଣ୍ଡିଖୋଲ, ଖୋର୍ଦ୍ଧାର ଜଟଣୀ ଓ ବାଘମାରୀ, ପୁରୀର ଗୋପ, ନିମାପଡା ଓ ବାଲେଶ୍ୱରର ସୋର, ଜଗତସିଂହପୁର, ନୟାଗଡ, ଗଜପତି, କଟକ, ଭଦ୍ରକ, କେନ୍ଦ୍ରାପଡା, କେନ୍ଦୁଝର, ସୋନପୁର, ବଲାଙ୍ଗୀର, ମାଲକାନଗିରି ପ୍ରଭୃତି ଅଞ୍ଚଳରେ ବନ୍ଦ ଡାକରାର ଆଂଶିକ ପ୍ରଭାବ ପଡ଼ିଥିଲା। ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯଦି ଇସ୍ତଫା ନଦିଅନ୍ତି ତେବେ ଆଗାମୀ ଦିନରେ ସଙ୍ଗଠନ ପକ୍ଷରୁ ପ୍ରତିବାଦକୁ ତୀବ୍ର କରାଯିବ। ରାଜଧାନୀରେ ନବନିର୍ମାଣ କୃଷକ, ଯୁବ, ଛାତ୍ର ସଙ୍ଗଠନର ରାଜ୍ୟ ସଂଯୋଜକ ଅକ୍ଷୟ ମନଓ୍ୱର ଅକ୍ଷାଙ୍କ ନେତୃତ୍ୱରେ ଭୋର୍ ୬ଟାରେ ଏକ ବିଶାଳ ମୋଟରସାଇକେଲ ଏବଂ କାର୍ ଶୋଭାଯାତ୍ରାରେ ସହର ପରିକ୍ରମା କରି ବରମୁଣ୍ଡାଠାରେ ପହଞ୍ଚିଥିଲେ। ସଙ୍ଗଠନର ସମସ୍ତ କର୍ମକର୍ତ୍ତାମାନେ ଚକୋଲେଟ ଦେଇ ଶାନ୍ତିପୂର୍ଣ୍ଣ ଭାବେ ଓଡ଼ିଶା ବନ୍ଦକୁ ସମର୍ଥନ କରିବା ପାଇଁ ନିବେଦନ କରିଥିଲେ। ବନ୍ଦ ଡାକରା ଆହ୍ୱାନରେ କେତେକ ଦୋକାନ, ବଜାର ବନ୍ଦ ଥିବାବେଳେ ଆଉ କେତେକ ଦୋକାନ ଖୋଲାଥିଲା। ଖୋଲାଥିବା ଦୋକାନୀମାନଙ୍କୁ ସଙ୍ଗଠନର



କର୍ମୀମାନେ ନିବେଦନ କରି ଦୋକାନ ବନ୍ଦ କରିବା ପାଇଁ ଅନୁରୋଧ କରିଥିଲେ। ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନଠାରେ ନବନିର୍ମାଣ କୃଷକ ସଙ୍ଗଠନର ଯୁବ-ଛାତ୍ର ସଙ୍ଗଠନମାନେ ସମର୍ଥକମାନଙ୍କୁ ନେଇ ମାଷ୍ଟରକ୍ୟାଣ୍ଟିନ ଛକରେ ରାସ୍ତା ଅବରୋଧ କରିବାକୁ ଉଦ୍ୟମ କରିବା ବେଳେ ପୋଲିସ ତାଙ୍କୁ ଉଠାଇ ନେଇ ପରେ ଛାଡିଦେଇଥିଲା ଡିସିପି ସର୍ବଣା ବିବେକ ଏମ୍ ଗଣମାଧ୍ୟମକୁ କହିଛନ୍ତି। ପିଲାମାନଙ୍କ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକରେ ମାମଲାରେ ଗଣଶିକ୍ଷା ମନ୍ତ୍ରୀ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେଇନଥିଲେ ନଚେତ୍ ଆଗାମୀ ଦିନରେ ଉକ୍ତେ ଜୋରଦାର ହେବ ବୋଲି ଅକ୍ଷୟ କୁମାର ଚେତାବନୀ ଦେଇଛନ୍ତି।

## ଅକ୍ଟୋବର ୮ ଓଡ଼ିଶା ବନ୍ଦକୁ ସମର୍ଥନ ପାଇଁ

# ରାଜ୍ୟବାସୀଙ୍କୁ ଇଣ୍ଡିମେଣ୍ଟର ନିବେଦନ

ଭୁବନେଶ୍ୱର,(ସବ୍ୟ): କଂଗ୍ରେସ ଭବନଠାରେ ଇଣ୍ଡିଆ ମେଣ୍ଟର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ସରିବା ପରେ ମେଣ୍ଟ ତରଫରୁ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଏକ ପ୍ରେସ ବିବୃତ୍ତି ପ୍ରଦାନ କରିଥିଲେ। ସଭାପତି ଶ୍ରୀ ଦାସ କହିଥିଲେ, ବୁଧବାର କଂଗ୍ରେସ ଭବନଠାରେ ଇଣ୍ଡିଆ ମେଣ୍ଟର ସମସ୍ତ ଦଳର ମୁଖ୍ୟଙ୍କ ସହ ଆଲୋଚନା କରାଯାଇଥିଲା ଏବଂ ନିଷ୍ପତ୍ତି ନିଆଗଲା ଆସନ୍ତା ୮ ତାରିଖ ଅକ୍ଟୋବରରେ ଓଡିଶା ବନ୍ଦ ରହିବ। ପାଠ୍ୟପୁସ୍ତକ ତ୍ରୁଟି ପାଇଁ ବିଗତ ମାସରେ ଅନେକ ରାଜନୈତିକ ଦଳ ସାମାଜିକ ସଂଗଠନ ଆଦି ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ପାଇଁ ଆନ୍ଦୋଳନ ଚଳାଇ ଆସିଥିଲେ କିନ୍ତୁ ସରକାର ଜନସାଧାରଣଙ୍କ ଭାବନା ବିଚାର କଲେ ନାହିଁ। ଦ୍ୱିତୀୟ ପ୍ରସଙ୍ଗ ଭୂମି (ଜମି) ଉପରେ ସରକାରଙ୍କ ଅଧିକାର ରହିଲା ନାହିଁ, ଲୋକଙ୍କ ଅଧିକାର କଣ ରହିବ। ବିଜେପି ସରକାର ଆସିଲା ପରେ ଖଣିରୁ ମିଳିଥୁବା ୧୨/୧୭ ହଜାର କୋଟି ଟଙ୍କାର ରାଜସ୍ୱ ହରାଇବାକୁ ପଡିଲା ଏହା ସହ ବକେୟା ୧ଲକ୍ଷ କୋଟି ଟଙ୍କା ମଧ୍ୟ ମିଳିଲା ନାହିଁ। ବର୍ତ୍ତମାନ ରାଜ୍ୟର ରାଜ୍ୟ କେନ୍ଦ୍ର ନିର୍ଦ୍ଧାରଣ କରିବ। ଏହି ଅନ୍ୟାୟ ପାଇଁ ଓଡିଶା କେବେ ପ୍ରଗତି ପଥରେ ଯାଇ ପାରିବନାହିଁ। ଇଣ୍ଡିଆ ମେଣ୍ଟ ନିଷ୍ପତ୍ତି ନେଇଛି ବିଭିନ୍ନ ପ୍ରସଙ୍ଗକୁ ନେଇ ଅକ୍ଟୋବର ୮ ତାରିଖ ଦିନ ଓଡିଶା ବନ୍ଦ ରହିବ ଏବଂ ଏହି ବନ୍ଦ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ବନ୍ଦ ହେବ। ଏହି ଆନ୍ଦୋଳନ ପ୍ରଥମରୁ, ବ୍ଲକ ସ୍ତରରୁ ସବୁଠାରେ ହେବ। ଆନ୍ଦୋଳନ ଦିନ ହଜାର ହଜାର ଲୋକ ଜେଲ ଯିବା ପାଇଁ ପ୍ରସ୍ତୁତ ହୋଇ ରାଜରାସ୍ତାକୁ ଆସିବେ। କଂଗ୍ରେସ ଭବନଠାରେ ଆୟୋଜିତ ଇଣ୍ଡିଆ ମେଣ୍ଟର ବୈଠକରେ ସିପିଆଇ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର, ସିପିଆଇ(ଏମ) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସିପିଆଇ(ଏମଏଲ) ଲିବରେସନ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଫରୱାର୍ଡ ବ୍ଲକ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, ଏନସିପି ଶରଦ ପାୱାର ରାଜ୍ୟ ସଭାପତି ବିକ୍ରମ ସ୍ୱାଇଁ, ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ଶିବ ହାତୀ ଯାଦବ ଏବଂ ଆରଜେଡି ରାଜ୍ୟ ସାଧାରଣ ସମ୍ପାଦକ ହେମନ୍ତ କୁମାର ଯୋଗ ଦେଇଥିଲେ।

## ଗାନ୍ଧୀ ଜୟନ୍ତୀରୁ ବିଜେଡ଼ିର ମାସେ ବ୍ୟାପୀ ପଦଯାତ୍ରା

ଭୁବନେଶ୍ୱର, (ସବ୍ୟ): ଗାନ୍ଧୀ ଜୟନ୍ତୀରୁ ପ୍ରତିବର୍ଷ ପରି ବିଜେଡି ଏଥର ମାସେ ବ୍ୟାପୀ ଶୋଭାଯାତ୍ରା କରିବ। ଅକ୍ଟୋବର ୨ରୁ ନଭେମ୍ବର ୨ ପର୍ଯ୍ୟନ୍ତ ଏହି ଶୋଭାଯାତ୍ରା ଚାଲିବ। ଶୋଭାଯାତ୍ରା ନେଇ ବିଜେଡିର ଉପସଭାପତି ଦେବୀ ପ୍ରସାଦ ମିଶ୍ର ଦଳର ରାଜ୍ୟ କର୍ମକର୍ତ୍ତା, ସାଂସଦ ପ୍ରାର୍ଥୀ, ବିଧାୟକ ପ୍ରାର୍ଥୀଙ୍କ ସମେତ ସବୁ ଛାମୁଆ ସଂଗଠନର ଓ ଜିଲ୍ଲା ସଂଗଠନର କର୍ମକର୍ତ୍ତାମାନଙ୍କୁ ଚିଠି ଲେଖିଛନ୍ତି।

ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଜନସମ୍ପର୍କ ପଦଯାତ୍ରା ସମୟରେ ପୂର୍ବ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ହୋଇଥିବା ଲୋକାଭିମୁଖୀ କାର୍ଯ୍ୟକ୍ରମ ଗୁଡିକର ଅବତାରଣ କରିବା ସହ ବର୍ତ୍ତମାନ ସରକାରର ବିଭିନ୍ନ କ୍ଷେତ୍ରରେ ବିଫଳତାକୁ ପ୍ରସଙ୍ଗ କରିବେ। ବିଶେଷ କରି ସଂଶୋଧିତ ଏମଏମଡିଆର ଆଇନରେ ରାଜ୍ୟର ଖଣିଜ ସମ୍ପଦ ଓ ଜମି ଉପରେ ଥିବା ଅଧିକାରକୁ କେନ୍ଦ୍ର ଅକ୍ତିଆରକୁ ନେଇଛି। ରାଜ୍ୟର ଆର୍ଥିକ ମେରୁଦଣ୍ଡ ଦୋହଲି ଯାଇଛି। କେନ୍ଦ୍ର ସରକାରର ଓଡ଼ିଶାକୁ ଅବହେଳା ଓ ବିଭିନ୍ନ ଜନବିରୋଧି ନୀତି ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବେ। ପାର୍ବଣ ବ୍ୟତୀତ ଅନ୍ୟ ସବୁ ଦିନରେ ସମସ୍ତ ନିର୍ବାଚନ ମଣ୍ଡଳୀର ଗ୍ରାମାଞ୍ଚଳ ଓ ପୌରାଞ୍ଚଳମାନଙ୍କରେ ଏହି ଜନସମ୍ପର୍କ ପଦଯାତ୍ରା କରାଯିବ। ଉକ୍ତ ଅବଧି ମଧ୍ୟରେ ଉତ୍କଳ ମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ୯ ତାରିଖରେ ଓ ଲୋକନାୟକ ଜୟ ପ୍ରକାଶଙ୍କ ଜୟନ୍ତ ୧୧ ତାରିଖରେ ମଧ୍ୟ ପାଳନ ହେବ। ଅଭିଯାନକୁ ସଫଳ କରିବା ପାଇଁ ମାସେ ବ୍ୟାପୀ କାର୍ଯ୍ୟକ୍ରମର ରୂପରେଖ କାର୍ଯ୍ୟକାରିଣୀରେ ନିର୍ଦ୍ଧାରିତ କରିବେ।

## ଶିଖରଚଣ୍ଡୀ ମନ୍ଦିରର ହେବ ପୂର୍ଣ୍ଣାଙ୍ଗ ବିକାଶ, ନବରାତ୍ରୀ ପୂର୍ବରୁ ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟ) : ଭୁବନେଶ୍ୱରସ୍ଥିତ ପ୍ରସିଦ୍ଧ ଶିଖରଚଣ୍ଡୀ ମନ୍ଦିରର ପୂର୍ଣ୍ଣାଙ୍ଗ ବିକାଶ ଓ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଆଗାମୀ ନବରାତ୍ରୀ ଏବଂ ଶୀତଦିନିଆ ପର୍ଯ୍ୟଟନ ଋତୁ ପୂର୍ବରୁ ଏହି ବୃହତ ପ୍ରକଳ୍ପ କାର୍ଯ୍ୟକୁ ଦ୍ରୁତଗତିରେ ସମ୍ପୂର୍ଣ୍ଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି, ଯାହା ଦ୍ୱାରା ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନେ ଉତ୍ତମ ସୁବିଧା ସୁଯୋଗ ପାଇପାରିବେ। ଏହି ସମୀକ୍ଷା ବୈଠକରେ ପର୍ଯ୍ୟଟନ ବିଭାଗର ପ୍ରମୁଖ ଶାସନ ସଚିବ ତଥା କମିଶନର ବଲୱନ୍ତ ସିଂହଙ୍କ ସମେତ ବିଭାଗୀୟ ଉଚ୍ଚାଧିକାରୀ, ଓ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ।ସମୀକ୍ଷା କାଳରେ ମନ୍ଦିର ପରିସରର ସୌନ୍ଦର୍ଯ୍ୟୀକରଣ, ଯାତାୟାତ ପାଇଁ ପ୍ରଶସ୍ତ ରାସ୍ତା ନିର୍ମାଣ, ଶ୍ରଦ୍ଧାଳୁଙ୍କ ପାଇଁ ପାନୀୟ ଜଳ, ପାର୍କିଂ ଓ ବିଶ୍ରାମାଗାର ଭଳି ସମସ୍ତ ମୌଳିକ ସୁବିଧାର ପୂର୍ଣ୍ଣାଙ୍ଗ ପ୍ରକଳ୍ପ ଉପରେ ଚର୍ଚ୍ଚା କରାଯାଇଥିଲା। ନବରାତ୍ରୀ



ପୂର୍ବରୁ ଏହି ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଶେଷ କରି ଭକ୍ତଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିବାକୁ ଲକ୍ଷ୍ୟ ରଖାଯାଇଛି। ପର୍ଯ୍ୟଟନ ବିଭାଗର ପ୍ରମୁଖ ଶାସନ ସଚିବ ତଥା କମିଶନର ବଲୱନ୍ତ ସିଂହ ବିଭିନ୍ନ ବିଭାଗୀୟ କାର୍ଯ୍ୟର ଅଗ୍ରଗତି ଓ ସମନ୍ୱୟ ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀଙ୍କୁ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଶିଖରଚଣ୍ଡୀ ମନ୍ଦିରକୁ ଏକ ଆଧ୍ୟାତ୍ମିକ ତଥା ପ୍ରମୁଖ ପର୍ଯ୍ୟଟନ ସ୍ଥଳ ଭାବେ ଗଢ଼ି ତୋଳିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରକାଶ କରିବା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ବନ୍ଧକ ଶ୍ରମ ଓ ମାନବ ଚାଲାଣ ନିରାକରଣ ପାଇଁ ପ୍ରଶିକ୍ଷଣ

କଟକ, (ସ୍ୱପ୍ର) : ବନ୍ଧକ ଶ୍ରମ ଓ ମାନବ ଚାଲାଣ ଭଳି ଗୁରୁତର ସାମାଜିକ ସମସ୍ୟାର ନିରାକରଣ ପାଇଁ ବିଭିନ୍ନ ବିଭାଗ, ସରକାରୀ ସଂସ୍ଥା, ସ୍ୱେଚ୍ଛାସେବୀ ସଂଗଠନ ମଧ୍ୟରେ ସମନ୍ୱୟ ଓ ସହଯୋଗକୁ ସୁଦୃଢ଼ କରି ଓଡ଼ିଶାକୁ ବନ୍ଧକଶ୍ରମ ମୁକ୍ତ କରିବା ଉଦ୍ଦେଶ୍ୟରେ ସମନ୍ୱୟ ଓ ସହଯୋଗ ଉପରେ ଏକଦିନିଆ ପ୍ରଶିକ୍ଷଣ ଜିଲ୍ଲା ପ୍ରଶାସନ, ଉତ୍କଳ ସେବକ ସମାଜ ଏବଂ ଆଇଜେଏମର ମିଳିତ ଉଦ୍ୟମରେ ଜିଲ୍ଲା ପରିଷଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ ଯୋଗଦାନ କରି ଓଡ଼ିଶାକୁ ବନ୍ଧକ ଶ୍ରମିକ ମୁକ୍ତ କରିବା ନିମନ୍ତେ ସମସ୍ତଙ୍କର ମିଳିତ ସହଯୋଗର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଉତ୍କଳ ସେବକ ସମାଜର ସମ୍ପାଦକ ତଥା ସୁରକ୍ଷା କୋଆଲେସନର ରାଜ୍ୟ ସଂଯୋଜକ ଆଇନଜୀବି ଅମିୟ ଭୂଷଣ ବିଶ୍ୱାଳ ବିଷୟ ବିଶାରଦ ଭାବେ ଯୋଗଦେଇ ସମନ୍ୱୟ ଓ ସହଯୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଶିଶୁ ମଙ୍ଗଳ ସମିତି କଟକର ପୂର୍ବତନ ଅଧକ୍ଷ ଆଇନଜୀବୀ ପ୍ରମୋଦ କିଶୋର ଆଚାର୍ଯ୍ୟ ବନ୍ଧକ ଶ୍ରମ ଓ ମାନବ ଚାଲାଣର ପ୍ରତିରୋଧ, ଚିହ୍ନଟ, ଉଦ୍ଧାର, ପୁନର୍ବାସ ଓ ପୀଡ଼ିତଙ୍କ ଅଧିକାର ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ବନ୍ଦନା ଖଟୁଆ ଓ ଅବଦୁଲ ଅମିର ଖାନଙ୍କ ସମେତ ଜିଲ୍ଲାର ଅତିରିକ୍ତ ଉପଜିଲ୍ଲାପାଳ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ଶିଶୁ ମଙ୍ଗଳ ସମିତିର ସଦସ୍ୟ, ସଦସ୍ୟା, ତହସିଲଦାର, ଅତିରିକ୍ତ ତହସିଲଦାର, ବ୍ଲକ ଉନ୍ନୟନ ଅଧିକାରୀ, ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ, ଚାଇଲ୍ଡ ହେଲ-ଲାଇନ ଓ ଅନ୍ୟାନ୍ୟ ଜିଲ୍ଲା ଏବଂ ବ୍ଲକ ସ୍ତରୀୟ ଅଧିକାରୀମାନେ ଯୋଗଦେଇ ବନ୍ଧକ ଶ୍ରମ ଓ ମାନବ ଚାଲାଣ ମାମଲାରେ ବିଭିନ୍ନ ଅନୁଷ୍ଠାନର ଭୂମିକା, ପରସ୍ପର ତଥ୍ୟ ଆଦାନପ୍ରଦାନ, ଦ୍ୱରିତ ଉଦ୍ଧାର, ଆଇନଗତ ସହାୟତା ଓ ପୁନର୍ବାସ ପାଇଁ ଏକୀକୃତ ପଦକ୍ଷେପ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଇଂ ଅନ୍ୱୟ ଅଭିନବ ଧନ୍ୟବାଦ ଅର୍ପଣ କରିଥିଲେ।

## ରେଳ ସୁରକ୍ଷା କମିଶନରଙ୍କ ଦ୍ୱାରା

# ପୁରୁଣାକଟକ-ଚାରିଛକ ମଧ୍ୟରେ ନୂତନ ରେଳ ଲାଇନ୍ କାର୍ଯ୍ୟ ନିରୀକ୍ଷଣ

ଭୁବନେଶ୍ୱର, (ସବ୍ୟ) : ଦକ୍ଷିଣ ପୂର୍ବ ସର୍କଲର ରେଳ ସୁରକ୍ଷା କମିଶନର (ଈRଗ) ସୁମିତ ସିଂଘଲ ବୁଧବାର ବୌଦ୍ଧ ଜିଲ୍ଲାର ଖୋର୍ଦ୍ଧା ରୋଡର ବଲାଙ୍ଗୀର ରେଳପଥ ପ୍ରକଳ୍ପ ଅନ୍ତର୍ଗତ ନବନିର୍ମିତ ପୁରୁଣାକଟକ ଚାରିଛକ ସେକ୍ସନ ନିରୀକ୍ଷଣ କରିଛନ୍ତି। ଏହି ନିରୀକ୍ଷଣରେ ୧୩.୩୫ କିଲୋମିଟର ନୂତନ ରେଳପଥ ସାମିଲ ଥିଲା ଏବଂ ଏହି ସେକ୍ସନରେ ନିର୍ମିତ ବିଭିନ୍ନ ନିରାପତ୍ତା ବ୍ୟବସ୍ଥା ଓ ଭିତ୍ତିଭୂମି ସୁବିଧା ଗୁଡିକ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯାଇଥିଲା। ପୁରୁଣାକଟକ ଚାରିଛକ ସେକ୍ସନକୁ କାର୍ଯ୍ୟକ୍ଷମ କରିବା ଦିଗରେ ଏହି ଯାଞ୍ଚ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ଦ୍ୱାରା ଓଡ଼ିଶାର ଆଭ୍ୟନ୍ତରୀଣ ଅଞ୍ଚଳକୁ ରେଳ ସଂଯୋଗ ଆହୁରି ବିସ୍ତାରିତ ହେବ। ଯାଞ୍ଚ ସମୟରେ ରେଳ ସୁରକ୍ଷା କମିଶନର ରେଳପଥ, ସିଗନାଲିଂ ଓ ଟେଲିକମ୍ୟୁନିକେସନ୍ ବ୍ୟବସ୍ଥା, ସେତୁ, ଭାୟାଡକ୍ଟ, ସୁଡ଼ଙ୍ଗ ଏବଂ ଅନ୍ୟାନ୍ୟ ନିରାପତ୍ତା ସମ୍ବନ୍ଧୀୟ ବ୍ୟବସ୍ଥା ଯାଞ୍ଚ କରିଥିଲେ। ନବନିର୍ମିତ ରେଳପଥର ପ୍ରସ୍ତୁତି ଓ ନିରାପତ୍ତା ଆକଳନ ପାଇଁ ସେ ଚାରିଛକରୁ ପୁରୁଣାକଟକ ଷ୍ଟେସନ୍ ମଧ୍ୟରେ ସ୍ପିଡ୍ ଟ୍ରାଏଲ୍ ରନ୍ ମଧ୍ୟ କରିଥିଲେ। ଏହି ସେକ୍ସନର ଏକ



ପ୍ରମୁଖ ଇଞ୍ଜିନିୟରିଂ ବୈଶିଷ୍ଟ୍ୟ ହେଉଛି ୧,୯୭୫ ମିଟର ଲମ୍ବର ଟି-୭ ସୁଡ଼ଙ୍ଗ, ଯାହା ଦୁର୍ଗମ ଭୂଭାଗ ଦେଇ ନିର୍ମାଣ କରାଯାଇଛି। ଏହି ସେକ୍ସନରେ ପ୍ରାୟ ୧.୯ କିଲୋମିଟର ମୋଟ ଲମ୍ବର ଦୁଇଟି ପ୍ରମୁଖ ଭାୟାଡକ୍ଟ ମଧ୍ୟ ରହିଛି। ଏହା ବ୍ୟତୀତ, ଏହି ସେକ୍ସନରେ ଗୋଟିଏ ପ୍ରମୁଖ ସେତୁ ରହିଛି, ଯାହା ଏକ ରୋଡ୍ ଓଭର ବ୍ରିଜ୍। ନବନିର୍ମିତ ଏହି ସେକ୍ସନରେ ଆଧୁନିକ ରେଳ ଭିତ୍ତିଭୂମି ଓ ନିରାପତ୍ତା ସମ୍ବନ୍ଧୀୟ ବ୍ୟବସ୍ଥା ରହିଛି। ଏଥିରେ ସିଗନାଲିଂ ଓ ଟେଲିକମ୍ୟୁନିକେସନ୍ ବ୍ୟବସ୍ଥା, ସୁଦୃଢ଼ ରେଳପଥ ଭିତ୍ତିଭୂମି ଏବଂ ନିରାପଦ ଓ ସୁଚାରୁ ଟ୍ରେନ୍ ଚଳାଚଳ ପାଇଁ ଆବଶ୍ୟକ ଅନ୍ୟାନ୍ୟ ନିରାପତ୍ତା ବ୍ୟବସ୍ଥା ସାମିଲ ରହିଛି। ନିର୍ମାଣ ସଂଗଠନର ଅଧିକାରୀଙ୍କ ସମେତ,ପୂର୍ବତଟ ରେଳପଥର ବରିଷ୍ଠ ଅଧିକାରୀମାନେ, ରେଳ ସୁରକ୍ଷା କମିଶନର ଟିମ୍‌କୁ ଯାଞ୍ଚ ସମୟରେ ସହଯୋଗ କରିଥିଲେ। ଟିମ୍ ଏହି ସେକ୍ସନର ବିଭିନ୍ନ ସ୍ଥାନରେ ଭିତ୍ତିଭୂମି ଓ ନିରାପତ୍ତା ବ୍ୟବସ୍ଥାର ଯାଞ୍ଚ କରିଥିଲେ। ଏହି ଟିମ୍ ସେକ୍ସନର ବିଭିନ୍ନ ସ୍ଥାନରେ ରେଳ ଭିତ୍ତିଭୂମି ଓ ନିରାପତ୍ତା ବ୍ୟବସ୍ଥାର ଯାଞ୍ଚ କରିଥିଲେ। ପ୍ରାୟ ୩୦୧ କିଲୋମିଟର ଦୀର୍ଘ ଖୋର୍ଦ୍ଧା ରୋଡର ବଲାଙ୍ଗିର ରେଳପଥ ପ୍ରକଳ୍ପ ଓଡ଼ିଶାର ଆଭ୍ୟନ୍ତରୀଣ ଓ ରେଳ ସଂଯୋଗରୁ ବଞ୍ଚିତ ଅଞ୍ଚଳଗୁଡ଼ିକୁ ଉନ୍ନତ ରେଳ ସଂଯୋଗ ପ୍ରଦାନ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ। ଖୋର୍ଦ୍ଧା ରୋଡ୍ ଓ ବଲାଙ୍ଗିର ଉଭୟ ପାର୍ଶ୍ୱରୁ ପର୍ଯ୍ୟାୟକ୍ରମେ ରେଳ ଭିତ୍ତିଭୂମି ନିର୍ମାଣ ଓ କମିଶନିଂ କରାଯାଉଛି। ପୁରୁଣାକଟକ ଚାରିଛକ ସେକ୍ସନର ନିର୍ମାଣ ପ୍ରକଳ୍ପର ଅଗ୍ରଗତିରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ସେକ୍ସନରେ ପ୍ରାୟ ୨ କିଲୋମିଟର ଦୀର୍ଘ ସୁଡ଼ଙ୍ଗ ଓ ପ୍ରମୁଖ ଭାୟାଡକ୍ଟ ଭଳି ବଡ଼ ଇଞ୍ଜିନିୟରିଂ ଗଠନ ରହିଛି।

## ଦିନରେ ଭିକାରି, ରାତିରେ ଚୋରି

# ବଞ୍ଜାରାମୁକ୍ତ ହେବ ରାଜଧାନୀ

ଭୁବନେଶ୍ୱର, (ସବ୍ୟ) : ରାଜଧାନୀକୁ ବଞ୍ଜାରାମୁକ୍ତ କରିବା ପାଇଁ ଡିସିପି ସର୍ବଣା ବିବେକ ଏମ୍ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରି ଥାନା ଆଇଆଇସି ଓ ଏସିପିମାନଙ୍କ ସହିତ କଥା ହୋଇଛନ୍ତି। ସେମାନଙ୍କୁ ଠାବ କରିବା ପାଇଁ ସହରର ଗଳିକନ୍ଦିରେ ସାଦା ପୋଷାକରେ ପୋଲିସ ପଇଁତରା ବ୍ୟବସ୍ଥା ହେବ ବୋଲି ସୂଚନା ମିଳିଛି।

ଏସ୍‌ପି ଥିବାବେଳେ ସର୍ବଣା ବିବେକ ଏମ୍ ଗଞ୍ଜାମକୁ ବଞ୍ଜାରାମୁକ୍ତ କରିବା ପାଇଁ ଚେଷ୍ଟା କରି ସଫଳ ହୋଇଥିଲେ। ସେହିପରି ଭୁବନେଶ୍ୱରକୁ ବଞ୍ଜାରାମୁକ୍ତ କରିବା ପାଇଁ ସେ ଯେଉଁ ସ୍ୱତନ୍ତ୍ର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି ଦୁର୍ଗାପୂଜା ପୂର୍ବରୁ ତାହା କଡାକଡି ଭାବେ କାର୍ଯ୍ୟକାରୀ ହେବ। ୮ମାସରେ ରାଜଧାନୀରୁ ୧୧୫ ଚେନ୍ ଲୁଟ୍ ହୋଇଥିବା ବେଳେ ରାଜ୍ୟରୁ ୩୩୬ ଚେନ ଲୁଟ୍ ହୋଇଛି। ଏହି ଲୁଟ୍‌ପାଟରେ ବଞ୍ଜାରାମାନେ ସମ୍ପୃକ୍ତ ଥିବା ପୋଲିସ ଜାଣିବା ପରେ ସେମାନଙ୍କ ବିରୋଧରେ କଡା ପଦକ୍ଷେପ ନେବା ପାଇଁ ନିଷ୍ପତ୍ତି ହୋଇଛି।

ବଞ୍ଜାରାମାନେ ଦିନରେ ଭିକ୍ଷାବୃତ୍ତି କରି ରାତିରେ ଚୋରି କରିଥାନ୍ତି। ଭିକ୍ଷାବୃତ୍ତି ବାହାନାରେ ସେମାନେ ଚୋରି କରିବା ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରି ସଫଳ ହୋଇଥାନ୍ତି। ଆଉ କେତେକ ବୁଲା ବିକାଳି ସାଜି ଲୁଟ୍‌ପାଟ କରନ୍ତି। ଗତ କିଛିଦିନ ମଧ୍ୟରେ ନୟାପଲ୍ଲୀ, ଶ୍ରୀଲିଙ୍ଗରାଜ, କ୍ୟାପିଟାଲ, ଚନ୍ଦ୍ରଶେଖରପୁର ଥାନା ସମେତ ବିଭିନ୍ନ ଥାନା ବହୁ ବଞ୍ଜାରାଙ୍କୁ ଗିରଫ କରି କୋର୍ଟଚାଲାଣ କରିବା ନଜିର ରହିଛି। ଛକମାନଙ୍କରେ ପିଲାକୁ କାଖରେ ଧରି ଭିକ୍ଷାବୃତ୍ତି କରୁଥିବା ବଞ୍ଜାରାଙ୍କୁ ତୁରନ୍ତ ହଟାଯିବ। ସେମାନେ ଆମ ବସ୍ ଓ ପର୍ବପର୍ବାଣୀ ସମୟରେ ଗହଳି ସୃଷ୍ଟି କରି ସୁନାଗହଣା ପ୍ରଭୃତି ଲୁଟ୍‌ପାଟ କରନ୍ତି। ଆମ ବସ୍‌ରେ ଲୁଟ୍‌ପାଟ କରୁଥିବା ପ୍ରାୟ ୨୫ରୁ ଉର୍ଦ୍ଧ୍ୱ ବଞ୍ଜାରା ରାଜଧାନୀରୁ ଗିରଫ ହୋଇ ଜେଲ୍ ଯାଇଛନ୍ତି। ପୋଲିସ କଡା ପଦକ୍ଷେପ ନେଲେ ବଞ୍ଜାରା ହଟିବେ ବୋଲି ବହୁଦିନରୁ ଦାବି ହେଉଥିଲା। ସେହି ଦାବିକୁ ଦୃଷ୍ଟିରେ ରଖି ନୂଆ ଡିସିପି ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି ବଞ୍ଜାରାଙ୍କୁ ହଟାଇବା ପାଇଁ।

## ନାଲ୍‌କୋ ଆନୁକୂଲ୍ୟରେ ନଗର ରାଜଭାଷା କାର୍ଯ୍ୟାନୟନ ସମିତି ବୈଠକ

ଭୁବନେଶ୍ୱର, (ସବ୍ୟ) : ଭୁବନେଶ୍ୱର ସ୍ଥିତ ଟାଉନ୍ ଅଫିସିଆଲ୍ ଲାଙ୍ଗୁଏଜ୍ ଇମ୍ପ୍ଲିମେଣ୍ଟେସନ୍ କମିଟି (ଟୋଲିକ - ଉପକ୍ରମ)ର ୨୪ତମ ଷାଣ୍ମାସିକ ବୈଠକ ବୁଧବାର ନାଲକୋ ଏଲ ଆଣ୍ଡ ଡି ସେଣ୍ଟର ଅଫ ଏକ୍ସେଲେନ୍ସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନାଲକୋ ସିଏମଡି ତଥା ଟୋଲିକ - ଉପକ୍ରମ, ଭୁବନେଶ୍ୱରର ଅଧ୍ୟକ୍ଷ ବ୍ରିଜେନ୍ଦ୍ର ପ୍ରତାପ ସିଂହ ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ନାଲକୋର ନିର୍ଦ୍ଦେଶକ (ମାନବ ସମ୍ବଳ) ତଥା ଟୋଲିକ - ଉପକ୍ରମ, ଭୁବନେଶ୍ୱରର ଉପାଧ୍ୟକ୍ଷ ଡକ୍ଟର ତାପସ କୁମାର ପଟ୍ଟନାୟକ ଏବଂ ନାଲକୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ଆଶୁତୋଷ ରଥ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ। ଉପସ୍ଥିତ ସଦସ୍ୟମାନଙ୍କୁ ସମ୍ବୋଧିତ କରି ଶ୍ରୀ ସିଂହ କହିଥିଲେ ଯେ, ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅଧୀନସ୍ଥ ରାଜଭାଷା ବିଭାଗ ଦ୍ୱାରା ହିନ୍ଦୀ ଦିବସ-୨୦୨୬ ଅବସରରେ ଆୟୋଜିତ ଷଷ୍ଠ ସର୍ବଭାରତୀୟ ରାଜଭାଷା ସମ୍ମିଳନୀରେ ଟୋଲିକ - ଉପକ୍ରମ, ଭୁବନେଶ୍ୱରକୁ ଉତ୍କୃଷ୍ଟ ବର୍ଗରେ ସ୍ୱୀକୃତି ପ୍ରଦାନ କରାଯାଇଛି। ଏଥି ନିମନ୍ତେ ସେ ଅଂଶଗ୍ରହଣକାରୀ ମାନଙ୍କୁ ଅଭିନନ୍ଦନ ଜଣାଇବା ସହ ନିଜ କାର୍ଯ୍ୟରେ ହିନ୍ଦୀର ସର୍ବାଧିକ ବ୍ୟବହାର ପାଇଁ ପରାମର୍ଶ ଦେଇଥିଲ। ଏହି ଅବସରରେ ଟୋଲିକ - ଉପକ୍ରମ ଆନୁକୂଲ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଲୋଚନା ସମୟରେ ରାଜଭାଷାର ପ୍ରଭାବଶାଳୀ କାର୍ଯ୍ୟକାରିତା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା ଏବଂ ସଦସ୍ୟ କାର୍ଯ୍ୟାଳୟଗୁଡ଼ିକ ପକ୍ଷରୁ ମୂଲ୍ୟବାନ ପରାମର୍ଶ



ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ, ଏହି ଅବସରରେ ଟୋଲିକ - ଉପକ୍ରମ ପତ୍ରିକାର ମଧ୍ୟ ଉନ୍ମୋଚନ କରାଯାଇଥିଲା। ଭୁବନେଶ୍ୱର ସ୍ଥିତ ବିଭିନ୍ନ ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗର ପ୍ରତିନିଧି ଏବଂ କାର୍ଯ୍ୟାଳୟ ମୁଖ୍ୟମାନେ ଏହି ବୈଠକରେ ଯୋଗ ଦେଇଥିଲେ।

## ଗ୍ରାମସଭାକୁ ଅଧିକ ଅର୍ଥପୂର୍ଣ୍ଣ କରିବାକୁ ସରପଞ୍ଚମାନଙ୍କୁ ମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର, (ସବ୍ୟ) : ଆସନ୍ତା ୨ ଅକ୍ଟୋବର ଗାନ୍ଧୀ ଜୟନ୍ତୀ ଅବସରରେ ରାଜ୍ୟର ସମସ୍ତ ଗ୍ରାମ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା ଆୟୋଜନ କରାଯିବ। ଏହି ଗ୍ରାମସଭାକୁ ଅଧିକ ଅର୍ଥପୂର୍ଣ୍ଣ, ଲୋକାଭିମୁଖୀ ଓ ଅଂଶଗ୍ରହଣମୂଳକ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ରାଜ୍ୟର ସମସ୍ତ ସରପଞ୍ଚଙ୍କୁ ଚିଠି ଲେଖିଛନ୍ତି। ମହାତ୍ମା ଗାନ୍ଧୀଙ୍କ 'ଗ୍ରାମ ସ୍ୱରାଜ'ର ଭାବନାକୁ ଆଧାର କରି ଗ୍ରାମବାସୀଙ୍କ ସକ୍ରିୟ ଅଂଶଗ୍ରହଣରେ ସ୍ଥାନୀୟ ସମସ୍ୟା, ଆବଶ୍ୟକତା, ସମ୍ଭାବନା ଓ ବିକାଶର ପ୍ରାଥମିକତା ଚିହ୍ନଟ କରିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏହାସହ 'ପିପୁଲ୍ସ ପ୍ଲାନ୍ କ୍ୟାମ୍ପେନ୍ ୨୦୨୬-୨୭'ର ମାଧ୍ୟମରେ ଲୋକଙ୍କ ମତାମତ ଓ ଅଂଶଗ୍ରହଣକୁ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା ପ୍ରସ୍ତୁତିର ଆଧାର କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଚଳିତ ବର୍ଷର ସ୍ୱତନ୍ତ୍ର ଗ୍ରାମସଭାର ଅନ୍ୟତମ ପ୍ରମୁଖ ବିଷୟ ଭାବେ 'ରିଫର୍ମ ଉତ୍ସବ' ରହିବ। ଗ୍ରାମସଭାରେ ବିଭିନ୍ନ ସରକାରୀ ଯୋଜନା, ସଂସ୍କାରମୂଳକ ପଦକ୍ଷେପ ଓ ଗ୍ରାମୀଣ ବିକାଶ ସହ ଜଡ଼ିତ ବିଷୟ ଉପରେ ଆଲୋଚନା ସହ ଗ୍ରାମବାସୀଙ୍କ ଅଧିକ ସକ୍ରିୟ ଭୂମିକା ସୁନିଶ୍ଚିତ କରିବାକୁ ମାନ୍ୟବର ମନ୍ତ୍ରୀ ସରପଞ୍ଚମାନଙ୍କୁ ପରାମର୍ଶ ଦେଇଛନ୍ତି।

## ଖୋର୍ଦ୍ଧାରୋଡ ମଣ୍ଡଳ ପକ୍ଷରୁ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

ଜଟଣୀ, (ସବ୍ୟ) : ପୂର୍ବତଟ ରେଳପଥର ଖୋର୍ଦ୍ଧାରୋଡ୍ ମଣ୍ଡଳ ପକ୍ଷରୁ ସେପ୍ଟେମ୍ବର ୨୦୨୬ ମାସରେ ଅବସରଗ୍ରହଣ କରିଥିବା ୧୮ ଜଣ ରେଳ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଭାରତୀୟ ରେଳ ପ୍ରତି ସେମାନଙ୍କର ଦୀର୍ଘବର୍ଷର ନିଷ୍ଠାପୂର୍ଣ୍ଣ ଓ ମୂଲ୍ୟବାନ ସେବା ପାଇଁ ଏହି ଅବସରରେ ସେମାନଙ୍କୁ ସମ୍ମାନ ଜଣାଯାଇଥିଲା। ସେମାନେ ହେଲେ ଆକାଉଣ୍ଟସ୍ ବିଭାଗର ମଥା ଭେଙ୍କଟ ରମଣ ରାଓନ୍ତ, ଇଞ୍ଜିନିୟରିଂ ବିଭାଗର କିଶୋର ଚନ୍ଦ୍ର ମହାପାତ୍ର, ବିରଞ୍ଚି ନାରାୟଣ ଦାସ, ଦଣ୍ଡପାଣି ଏବଂ ବି. ସକଲି ପାତ୍ର ବାଣିଜ୍ୟ ବିଭାଗର ଇତିଶ୍ରୀ ଦାସ, ଜେ. କ୍ରିଷ୍ଣା ରାଓ, ତ୍ରିଲୋଚନ ଦାସନ୍ତ ବିଦ୍ୟୁତ ବିଭାଗର କେ. କାମେଶ୍ୱର ରାଓ, ହରମୋହନ ବେହେରାନ୍ତ ମେକାନିକାଲ୍ ବିଭାଗର ପ୍ରମିଳା ଜେନା ଏବଂ ବେଣୁଧର ବେହେରାନ୍ତ ଅପରେଟିଂ ବିଭାଗର ଦେବରାଜ ବେହେରା, କେ. ଏସ୍. ଭାସ୍କର, ଦୀନବନ୍ଧୁ ବେହେରା, ସର୍ବେଶ୍ୱର ଜେନା ଏବଂ ମହମ୍ମଦ କାଲୁନ୍ତ ଏବଂ ସିଗନାଲ ଓ ଟେଲିକମ୍ୟୁନିକେସନ୍ ବିଭାଗର ଫାଲ୍ଗୁନୀ ମୁଖୋପାଧ୍ୟାୟ। ଏହି ଅବସରରେ ଖୋର୍ଦ୍ଧାରୋଡ୍ ମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନ୍‌ଫ୍ରା) ରାଜଧାରୀ ଯାଦବ ଅବସରଗ୍ରହଣ କରୁଥିବା କର୍ମଚାରୀମାନଙ୍କର ଦୀର୍ଘବର୍ଷର ସେବାକାଳୀନ



ମୂଲ୍ୟବାନ ଅବଦାନକୁ ପ୍ରଶଂସା କରିବା ସହିତ ସେମାନଙ୍କର ସୁସ୍ଥ, ଶାନ୍ତିପୂର୍ଣ୍ଣ ଓ ସୁଖମୟ ଅବସର ଜୀବନ କାମନା କରିଥିଲେ। ଖୋର୍ଦ୍ଧା ରୋଡ୍ ମଣ୍ଡଳର ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ ପୋନ୍ନା ଭେଙ୍କଟେଶଙ୍କ ମାର୍ଗଦର୍ଶନରେ ସମସ୍ତ କଲ୍ୟାଣ ନିରୀକ୍ଷକଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସମନ୍ୱୟ କରାଯାଇଥିଲା।

# ବହୁ ଚର୍ଚ୍ଚିତ ଏସିଏଫଓ ସୌମ୍ୟ ମୃତ୍ୟୁ ମାମଲା, ରୋଷେୟା ଗିରଫ

ପାରଳାଖେମୁଣ୍ଡି, (ସବ୍ୟୁ) : ରାଜ୍ୟରେ ବହୁ ଚର୍ଚ୍ଚିତ ଏସିଏଫଓ ସୌମ୍ୟ ହାତ୍ୟା ମାମଲାରେ ଅନ୍ୟ ଅଭିଯୁକ୍ତ ରୋଷେୟା ବିରୁଦ୍ଧରେ ମାନ୍ୟବର ଏସଡିଜେଏମ୍ ପାରଳାଖେମୁଣ୍ଡିଙ୍କ ଅଦାଲତ ପକ୍ଷରୁ ଜାରି ହୋଇଥିବା ଜାମିନ ବିହୀନ ଗିରଫ ପରୱାନା ବଳରେ ପାରଳାଖେମୁଣ୍ଡି ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ମନ୍ମଥ କୁମ୍ଭ, ପିତା- ଦଣ୍ଡାସି କୁମ୍ଭା ପୋଲିସ ପକ୍ଷରୁ ମିଳିଥିବା ସୂଚନାନୁସାରେ, ଭାରତୀୟ ଦଣ୍ଡ ସଂହିତାର ଧାରା ୩୦୨/୧୨୦-ବି ସମ୍ପର୍କିତ ଏକ ମାମଲାରେ ଅଭିଯୁକ୍ତଙ୍କୁ ଗିରଫ କରି ଅଦାଲତରେ ହାଜର କରିବା ପାଇଁ ମାନ୍ୟବର ଅଦାଲତ ଜାମିନ ବିହୀନ ଗିରଫ ପରୱାନା ଜାରି କରିଥିଲେ । ଅଭିଯୁକ୍ତ ନିଜ ଗ୍ରାମରେ ଥିବା ସମ୍ପର୍କରେ ପୋଲିସକୁ ବିଶ୍ୱସ୍ତ ସୂଚନା ମିଳିବା ପରେ ପୋଲିସ ଟିମ୍ ଆଜି ଭୋର ସମୟରେ ତାଙ୍କ ଗ୍ରାମରେ ଚଢ଼ାଉ କରି ତାଙ୍କୁ ଧରିଥିଲା । ପରୱାନା ଅନୁଯାୟୀ ତାଙ୍କୁ ଗିରଫ କରାଯାଇଥିବା ବେଳେ ପରବର୍ତ୍ତୀ ଆଇନଗତ ପ୍ରକ୍ରିୟା ପାଇଁ ତାଙ୍କୁ ଏସଡିଜେଏମ୍, ପାରଳାଖେମୁଣ୍ଡିଙ୍କ ଅଦାଲତରେ ହାଜର କରାଯାଇଥିବା ଜଣାପଡ଼ିଛି ।

# ପିଏମ୍ ସ୍ୱନିଧି ଯୋଜନାରେ ଲୋକ କଲ୍ୟାଣ ମେଳା

## ଷ୍ଟ୍ରିଟ୍ ଭେଣ୍ଡରଙ୍କ ଆର୍ଥିକ ସଶକ୍ତିକରଣ ଓ ସ୍ୱାବଲମ୍ବନ ଉପରେ ଗୁରୁତ୍ୱ

ବାରିପଦା, (ସବ୍ୟୁ) : ଷ୍ଟ୍ରିଟ୍ ଭେଣ୍ଡରମାନଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ସହ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ବାରିପଦା ପୌରପାଳିକା ପକ୍ଷରୁ ପୌରପାଳିକା ସମ୍ମିଳନୀ କକ୍ଷରେ ପିଏମ୍ ସ୍ୱନିଧି ଯୋଜନା ସମ୍ପର୍କିତ ଲୋକ କଲ୍ୟାଣ ମେଳା ଅନୁଷ୍ଠିତ ହୋଇଛି । ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମେଳାରେ ଏସ୍‌ଡିଏମ୍, ଏସ୍‌ବିଆଇ ବାରିପଦା ଶାଖାର ମୁଖ୍ୟ ପରିଚାଳକ, ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ସମେତ ବିଭିନ୍ନ ବ୍ୟାଙ୍କ ପ୍ରତିନିଧି ଓ ସମ୍ପୃକ୍ତ ଅଧିକାରୀ ଯୋଗଦେଇଥିଲେ । ଏହି ଅବସରରେ ଭେଣ୍ଡରମାନଙ୍କୁ ଋଣ ସୁବିଧା, ଆବେଦନ ପ୍ରକ୍ରିୟା, ବ୍ୟାଙ୍କ ସହାୟତା ଓ ଡିଜିଟାଲ୍ କାରବାର ସମ୍ପର୍କରେ ସଚେତନ କରାଯାଇଥିଲା । ବ୍ୟାଙ୍କ ପ୍ରତିନିଧିମାନେ ଋଣ



ଆବେଦନ ଓ ଅନୁମୋଦନ ପ୍ରକ୍ରିୟା ବିଷୟରେ ପରାମର୍ଶ ଦେଇଥିଲେ, ଖାଦ୍ୟ ବିକ୍ରେତାମାନଙ୍କୁ ଖାଦ୍ୟର ଗୁଣବତ୍ତା, ପରିଚ୍ଛନ୍ନତା ଓ ନିରାପଦ ଖାଦ୍ୟ ପରିବେଷଣ ଉପରେ ସଚେତନ କରାଯାଇଥିବା ବେଳେ ସ୍ୱଚ୍ଛ ସାଥୀ ଓ ସୁପରଭାଇଜରମାନେ ସ୍ୱଚ୍ଛତା, ଆବର୍ଜନା ପରିଚାଳନା ଓ ସ୍ୱଚ୍ଛ ବ୍ୟବସାୟିକ ପରିବେଶ ବଜାୟ ରଖିବା ଉପରେ ଗୁରୁତ୍ୱ ଦେଇଥିଲେ । ମେଳାରେ ବିଭିନ୍ନ ୱାର୍ଡର ଷ୍ଟ୍ରିଟ୍ ଭେଣ୍ଡରମାନେ ଯୋଗଦେଇ ସରକାରୀ ଯୋଜନା ଓ ଜନକଲ୍ୟାଣକାରୀ ସୁବିଧା ସମ୍ପର୍କରେ ତଥ୍ୟ ହାସଲ କରିଥିଲେ । ପିଏମ୍ ସ୍ୱନିଧି ଯୋଜନାରେ ଉତ୍ତମ ପ୍ରଦର୍ଶନ ପାଇଁ ଏସ୍‌ବିଆଇ ବାରିପଦା ଶାଖାକୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ସମସ୍ତ ୱାର୍ଡ କାଉନସିଲର, ବିଭିନ୍ନ ବ୍ୟାଙ୍କର ପ୍ରତିନିଧି, କମ୍ୟୁନିଟି ପରିଚାଳକ, ଡିଏବାଇଏମ୍, ଷ୍ଟ୍ରିଟ୍ ଭେଣ୍ଡର, ସ୍ୱଚ୍ଛ ସାଥୀ, ସୁପରଭାଇଜରଙ୍କ ସମେତ ପୌରପାଳିକାର ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ ।

# ବେଆଇନ ମଦ କାରବାର ଚଢ଼ାଉରେ ୩ ଗିରଫ

ବ୍ରହ୍ମପୁର, (ସବ୍ୟୁ) : ବେଆଇନ ମଦ କାରବାର ବିରୋଧରେ ବ୍ରହ୍ମପୁର ସଦର ଥାନା ପୋଲିସ ଏବେ କଡ଼ା ଅଭିମୁଖ୍ୟ ଗ୍ରହଣ କରିଛି । ଗୌତମୀ ଅଞ୍ଚଳରେ ସ୍ୱତନ୍ତ୍ର ଅବକାରୀ ଚଢ଼ାଉ କରାଯାଇ ୩ଟି ପୃଥକ ମାମଲାରେ ମୋଟ ୨୫.୭୦ ଲିଟର ବିଦେଶୀ ଜବତ କରାଯାଇଛି । ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି । ଗୌତମୀ ଗ୍ରାମରେ କେ. ବାଲାଜୀ ପାତ୍ର (୩୫)ଙ୍କ ନିକଟରୁ ୯.୬ ଲିଟର ବିଦେଶୀ ମଦ ଜବତ ହୋଇଛି ।

ଏଥିରେ ୬ଟି ଟ୍ୟୁବର୍ଗ ବିୟର କ୍ୟାନ୍, ୮ଟି କିଙ୍ଗଫିଶର ଷ୍ଟ୍ରମ ବିୟର ବୋତଲ ଓ ୨୦ଟି ମଦ ପାଉଚ୍ ରହିଛି । ସେହିପରି ଏସ୍. ଶଙ୍କର ରେଡ୍ଡୀ (୨୭)ଙ୍କ ନିକଟରୁ ୯.୭ ଲିଟର ବିଦେଶୀ ମଦ ଜବତ ହୋଇଛି । ତୃପ୍ତି ଭୂଷଣ ସାହୁ (୪୨)ଙ୍କ ନିକଟରୁ ୩୨ଟି ହ୍ଲଗ ମଦ ପାଉଚ୍ ଜବତ ହୋଇଛି । ପ୍ରତ୍ୟେକ ପାଉଚରେ ୨୦୦ ମିଲିଲିଟର ଥିବା ବେଳେ ମୋଟ ୬.୪ ଲିଟର ମଦ ଜବତ ହୋଇଛି । ଉପରୋକ୍ତ ତିନି ଅଭିଯୁକ୍ତଙ୍କୁ ଆଜି ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ନେଇ ବ୍ରହ୍ମପୁର ଏସପି ଏକ ପ୍ରେସନୋଟ ଜରିଆରେ ସୂଚନା ଦେଇଛନ୍ତି ।

# ନିଷ୍ଠ ବିଶ୍ୱବିଦ୍ୟାଳୟରେ ସ୍କୁଲ୍ ଅଫ୍ ଏଗ୍ରିକଲଚର୍ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ



# ଗୁପ୍ତଧନ, ଗୁଣିଗାରେଡ଼ି ସନ୍ଦେହରେ କଙ୍ଗାରୁ କୋର୍ଟ : ମହିଳାଙ୍କୁ ନିଷ୍ଠୁର ମାଡ଼

ଭଦ୍ରକ,(ସବ୍ୟୁ):ସଭ୍ୟ ସମାଜରେ ଅସଭ୍ୟ କାଣ୍ଡ । ଗୁପ୍ତଧନ ଓ ଗୁଣିଗାରେଡ଼ି ସନ୍ଦେହରେ ଜଣେ ମହିଳାଙ୍କୁ ଗାଁ ଦାଣ୍ଡରେ କଙ୍ଗାରୁ କୋର୍ଟ ବସାଇ ନିଷ୍ଠୁର ମାଡ଼ ମାରିବା ଭଳି ସଙ୍ଗିନ ଅଭିଯୋଗ ଆସିଛି । ଛୋଟରୁ ବଡ଼ କେହି ଛାଡ଼ିନଥିବା ଅଭିଯୋଗ। ବାଡ଼ି, ଠେଙ୍ଗା, ଛାଞ୍ଚୁଣି ଏପରିକି ଶାବଳରେ ମଧ୍ୟ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ମେଡିକାଲ ଯାଉଥିବା ବେଳେ ମଧ୍ୟ ଅଟୋରୁ ଭିଡ଼ି ନେଇ ପୁଣି ଆକ୍ରମଣ କରାଯାଇଥିବା ଅଭିଯୋଗ ବି ହୋଇଛି । ଏଭଳି ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଗ୍ରାମାଂଚଳ ଥାନା ଅଧୀନ ବାଣିତିଆ ଗାଁରେ। ଘଟଣାର ଏକ ଭିଡିଓ ମଧ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଉଛି। ଥାନାରେ ହୋଇଥିବା ଅଭିଯୋଗ ଓ ଭାଇରାଲ ଭିଡିଓ ଘଟଣାର ଗମ୍ଭୀରତାକୁ ଆହୁରି ବଢ଼ାଉଛି। ସୂଚନା ଅନୁସାରେ,ଗାଁରେ ଜମିଜମାକୁ ନେଇ ପୂର୍ବରୁ ବିବାଦ ରହିଥିଲା। ଏହାପରେ ପ୍ରିୟତମା ମହାନ୍ତି ଗାଁ ବାହାରେ ଘର କରି ରହୁଥିଲେ। ତାଙ୍କର ଦୁଇପୁଅ ବାହାରେ ପାଠ ପଢୁଥିବାବେଳେ ସ୍ୱାମୀ ମଧ୍ୟ ରାଜ୍ୟ ବାହାରେ ରହୁଥିବା ଜଣାପଡ଼ିଛି । ପ୍ରିୟତମାଙ୍କ ଘରେ ବଳି ଦିଆଯାଇ ଗୁପ୍ତଧନ ମିଳିଥିବା ନେଇ କିଛି ଲୋକ ସନ୍ଦେହ କରୁଥିଲେ। ତାଙ୍କର ଆର୍ଥିକ ସ୍ଥିତି ପୂର୍ବାପେକ୍ଷା ଭଲ ହୋଇଥିବାରୁ ତାଙ୍କୁ ଗୁଣିଗାରେଡ଼ି ସହ ଜଡ଼ିତ କରି ସନ୍ଦେହ କରାଯାଉଥିବା ମଧ୍ୟ ଅଭିଯୋଗ ହୋଇଛି। ଏହି ମଧ୍ୟରେ ପ୍ରିୟତମାଙ୍କ ଜଣେ ସମ୍ପର୍କୀୟ ନାବାଳିକାଙ୍କୁ 'ଠାକୁର ସବାର' ହେବା ପରେ ଘଟଣା ନୂଆ ମୋଡ଼ ନେଇଥିବା ଅଭିଯୋଗ । ଏହାପରେ ଗାଁ ଲୋକେ ପ୍ରିୟତମାଙ୍କୁ ଘରୁ ବାହାରକୁ ଆଣି ମାଡ଼ ମାରିବା ସହ ତାଙ୍କ ଘର ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। ଘରୁ ଗହଣା ଓ ଟଙ୍କା ଲୁଟ୍ ହୋଇଥିବା ନେଇ ମଧ୍ୟ ଅଭିଯୋଗ ରହିଛି। ମାଡ଼ରେ ଗୁରୁତର ହୋଇଥିବା ପ୍ରିୟତମାଙ୍କୁ ତାଙ୍କ ଭାଇ ଅଟୋ ଯୋଗେ ମେଡିକାଲ ନେଉଥିବାବେଳେ ମଧ୍ୟ କିଛି ଲୋକ ଅଟୋ ଅଟକାଇ ତାଙ୍କୁ ଭିଡ଼ି ନେଇ ପୁଣି ମାଡ଼ ମାରିଥିବା ଅଭିଯୋଗ ହୋଇଛି। ତେବେ ପୋଲିସ ଘଟଣାସ୍ଥଳକୁ ପ୍ରିୟତମାଙ୍କୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରିଥିଲା। ଘଟଣାକୁ ନେଇ ପୋଲିସ ପ୍ରିୟତମାଙ୍କ ଉଦ୍ଧାର କରି ଚିକିତ୍ସା ପାଇଁ ପଠାଇଥିଲେ ମଧ୍ୟ,ଏତେ ବଡ଼ ଘଟଣାରେ ଦୋଷୀଙ୍କ ବିରୋଧରେ କଣ କାର୍ଯ୍ୟାନୁଷ୍ଠାନ ହୋଇଛି, ତାହାକୁ ନେଇ ପ୍ରଶ୍ନ ଉଠିଛି। ଘଟଣା ସମ୍ପର୍କରେ ଭଦ୍ରକ ଏସପି ଗଣମାଧ୍ୟମକୁ କୌଣସି ପ୍ରତିକ୍ରିୟା ଦେଇନଥିବାବେଳେ,ଘଟଣା ସମ୍ପର୍କରେ ଜାଣିବା ପରେ ଗ୍ରାମାଂଚଳ ଥାନାଧିକାରୀଙ୍କୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ମଣିଷ ଚନ୍ଦ୍ରରେ ପହଂଚି ଗବେଷଣା କରୁଛି,ଭବିଷ୍ୟତରେ ସେଠାରେ ଜମି କିଣିବା କଥା ଚର୍ଚ୍ଚା ହେଉଛି। ହେଲେ ଆଜି ବି ଗୁଣିଗାରେଡ଼ି,ଗୁପ୍ତଧନ ଓ ଅନ୍ଧବିଶ୍ୱାସ ଭଳି ଧାରଣାକୁ ନେଇ ଜଣେ ମହିଳାଙ୍କୁ ଗାଁ ଦାଣ୍ଡରେ ମାଡ଼ ମାରିବା ଘଟଣା ନିଶ୍ଚିତ ଭାବେ ସମାଜ ପାଇଁ ଚିନ୍ତାର ବିଷୟ। ଆଇନକୁ ହାତକୁ ନେଇ କଙ୍ଗାରୁ କୋର୍ଟ ଚଳାଇବା ଉପରେ ରୋକ୍ ଲଗାଇବା ସହ ଦୋଷୀଙ୍କ ବିରୋଧରେ ଆଇନ ଅନୁଯାୟୀ ପଦକ୍ଷେପ ଦାବି ହୋଇଛି।

# ଜାତୀୟସ୍ତରୀୟ ସିବିଏସଇ ଯୋଗାସନ ପ୍ରତିଯୋଗିତାକୁ ସାଇ ପ୍ରକାଶ ନାୟକ ମନୋନୀତ



ଭଦ୍ରକ,(ସବ୍ୟୁ):ଭଦ୍ରକ ଜିଲ୍ଲାର ଅଗ୍ରଣୀ ସ୍କୁଲ ଭାବେ ପରିଗଣିତ ଏସବିଡି ଇଣ୍ଟରନ୍ୟାସନାଲ ସ୍କୁଲର ସପ୍ତମ ଶ୍ରେଣୀ ଛାତ୍ର ସାଇପ୍ରକାଶ ନାୟକ ପ୍ରଥମ ଥର ପାଇଁ ଭଦ୍ରକ ଜିଲ୍ଲାରୁ ଓ ସିବିଏସଇ ସ୍କୁଲର ୧୪ବର୍ଷରୁ କମ ବାଳକ ଦଳର ଯୋଗାସନ ପ୍ରତିଯୋଗିତାରେ ଜାତୀୟସ୍ତରକୁ ଖେଳିବା ପାଇଁ ମନୋନୀତ ହୋଇଛନ୍ତି। କେନ୍ଦୁଝର ଜିଲ୍ଲା ନାହା ଗ୍ରାମର ମାତା କଳ୍ପନା ମହାପାତ୍ର ଓ ପିତା ପ୍ରଶାନ୍ତ କୁମାର ମହାପାତ୍ରଙ୍କ ପୁତ୍ର ସାଇ ପ୍ରକାଶ ଏହି ପ୍ରତିଯୋଗିତା ପୂର୍ବରୁ ପଶ୍ଚିମବଙ୍ଗ ସ୍ଥିତ ଜିଡି ଗୋଏଙ୍କା ସ୍କୁଲ,ଦକ୍ଷୀଣଶ୍ୱରରେ ଇଣ୍ଡୋ ଜୋନସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ୧୪ବର୍ଷରୁ କମ୍ ଟ୍ରାଡିସନାଲ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରି ଜାତୀୟସ୍ତରକୁ ମନୋନୀତ ହୋଇଥିଲେ। ସେ ବର୍ତମାନ ଜାତୀୟସ୍ତରରେ ଭାଗ ନେବା ପାଇଁ ହରିଆନାର କର୍ଣ୍ଣାଲସ୍ଥିତ ଶ୍ରୀରାମ ପବ୍ଲିକ ସ୍କୁଲକୁ ଯାତ୍ରା କରିବେ। ତାଙ୍କର ଏହି ସଫଳତା ପଛରେ ମାତା କଳ୍ପନାଙ୍କ ପ୍ରମୁଖ ଅବଦାନ ଅଛି ବୋଲି କହିଥିବାବେଳେ ବିଦ୍ୟାଳୟର ଅଧ୍ୟକ୍ଷ ଯୁଧିଷ୍ଟର ଦେବତା,ଚେୟାରମ୍ୟାନ ଦେବାଶିଶ ଦୀକ୍ଷିତ,ପ୍ରତିଷ୍ଠାତା ଆନନ୍ଦାନନ୍ଦ ଦିକ୍ଷୀତ,ପରିଚାଳନା ନିର୍ଦ୍ଦେଶିକା ବନ୍ଦିତା ଦୀକ୍ଷିତ,ମାର୍ଗଦର୍ଶକ ପ୍ର.ଶୈଳେନ୍ଦ୍ର ମହାପାତ୍ର,ଦେବେନ୍ଦ୍ର ଶତପଥୀ,ଶିକ୍ଷାବିତ ବିପିନି ବିହାରୀ କର,ମାଡାମ ଚେୟାରମ୍ୟାନ ଆଶାବରୀ କର,ତଥା ଉପାଧ୍ୟକ୍ଷା ପୁଷ୍ପିତା ସ୍ୱାଇଁ,ବିଦ୍ୟାଳୟର ସମସ୍ତ ଶିକ୍ଷକ,ଶିକ୍ଷିକା ଏବଂ କର୍ମଚାରୀ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ମୁକୁଳା ଡ୍ରେନରେ ପଡି ମୃତ୍ୟୁ

ଭଦ୍ରକ,(ସବ୍ୟୁ) : ଭଦ୍ରକ ସହରାଞ୍ଚଳ ଥାନା ଅଧୀନ ବାଇପାସ ସ୍ଥିତ ସାଳନ୍ଦୀ କେନାଲ ଡିଭିଜନ ଅଫିସ ଭିତର ମୁକୁଳା ଡ୍ରେନରେ ପଡି ଜଣଙ୍କର ମୃତ୍ୟୁ ହୋଇଛି ।ମଙ୍ଗଳବାର ସକାଳେ ଡ୍ରେନ ଭିତରେ ଜଣେ ବ୍ୟକ୍ତି ପଡ଼ିଥିବା ଦେଖି ଦମକଳ ବାହିନୀ ଓ ପୋଲିସକୁ ଖବର ଦେଇଥିଲେ । ଦମକଳ ବାହିନୀ ପୋଲିସ ଉପସ୍ଥିତିରେ ମୃତଦେହକୁ ଉଦ୍ଧାର କରିଛି । ମୃତକ ହେଉଛନ୍ତି ବାଇପାସ କଲୋନୀର ଅକ୍ଷୟ ପ୍ରଧାନ(୫୨) ।ସୋମବାର ଅକ୍ଷୟ ସଜନା ଗଛରୁ ଶାଗ ତୋଳିବା ବେଳେ ଡ୍ରେନରେ ଗଳି ପଡ଼ିଥିବା ସନ୍ଦେହ କରାଯାଉଛି । ସୂଚନା ଅନୁଯାୟୀ ଭଦ୍ରକ ସହରାଞ୍ଚଳ ଥାନା ଅଧୀନ ବାଇପାସ ସ୍ଥିତ ସାଳନ୍ଦୀ କେନାଲ ଡିଭିଜନ ଅଫିସ ପରିସରରେ ଏହି ଘଟଣା ଘଟିଛି । ଅଫିସ ପରିସରରେ ଥିବା ଡ୍ରେନର ଢାଙ୍କୁଣି ନଥିବାରୁ ଅକ୍ଷୟ ଗଳି ପଡ଼ିଥିବା ସୂଚନା ମିଳିଛି ।

# ବିଜେପି ଏସସି ମୋର୍ଚ୍ଚା ସାଙ୍ଗଠନିକ ବୈଠକ



ଆନନ୍ଦପୁର,(ସବ୍ୟୁ) : ବିଜେପି ଅନୁସୂଚିତ ଜାତି (ଏସସି)ମୋର୍ଚ୍ଚା ରାଜ୍ୟର ୧୦ ଟି ସାଂଗଠନିକ ଜିଲ୍ଲା ବୈଠକ ବୁଧବାର ଦିନ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ସହରର ହୋଟେଲ ଆର୍ସିଲେକ୍ସ ଠାରେ ରାଜ୍ୟ ସଭାପତି ବାଇଧର ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବିଜେପି ରାଜ୍ୟ ସଂଗଠନ ସାଧାରଣ ସମ୍ପାଦକ ମାନସ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେପିର ଡବଲ ଇଞ୍ଜିନ ସରକାରର ଜନ କଲ୍ୟାଣ କାରୀ ଯୋଜନାର ଲାଭ ସଠିକ ଲୋକଙ୍କ ପାଖରେ ପହଞ୍ଚାଇବାକୁ କହିଥିଲେ। ଅନୁସୂଚିତ ଜାତି କ୍ଷେତ୍ରରେ ବ୍ୟାପକ ଭାବେ ସଂଗଠନକୁ ମଜବୁତ କରିବା ପାଇଁ ରାଜ୍ୟ ସଭାପତି ବାଇଧର ମଲିକ କହିଥିଲେ। ରାଜ୍ୟ ସଂଗଠନ ସାଧାରଣ ସମ୍ପାଦକ ମାନସ ମହାନ୍ତି ବିଗତ ଦିନର କାର୍ଯ୍ୟକ୍ରମର ସମୀକ୍ଷା କରିବା ସହିତ ଆଗାମୀ କାଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ମହେଶ୍ୱର ସାହୁ ସଂଗଠନକୁ ସର୍ବ ବ୍ୟାପି ସର୍ବ ସ୍ପର୍ଶି କରିବା ପାଇଁ କାମ କରିବାକୁ ଆହାନ ଦେଇଥିଲେ। ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଆଲୋକ କୁମାର ସେଠୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଅନ୍ୟତମ ସାଧାରଣ ସମ୍ପାଦକ ଚନ୍ଦନ କୁମାର ସରାଜ, ରାଜ୍ୟ ଉପସଭାପତି ଶିବ ମଲ୍ଲିକ, କେନ୍ଦୁଝର ଜିଲ୍ଲା ସଭାପତି ଶାନ୍ତନୁ କୁମାର ସେଠୀ, ତୃପ୍ତିମୟୀ ଜେନା, ଶାନ୍ତନୁ କୁମାର ସେଠୀ, ପ୍ରମୁଖ ଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଯୋଗଦାନ କରିଥିଲେ।

# ସାଇକ୍ଲିଂରେ ଏସବିଡି ସ୍କୁଲ ଛାତ୍ର ହର୍ଷିତଙ୍କ ସଫଳତା



ଭଦ୍ରକ,(ସବ୍ୟୁ):ଅକ୍ଟୋବର ମାସ ୧ତାରିଖରୁ ୪ତାରିଖ ପର୍ଯ୍ୟନ୍ତ ଆରମ୍ଭ ହେବାକୁ ଥିବା ଜାତୀୟସ୍ତରୀୟ ମାଉଟେଂନିଂ ସାଇକ୍ଲିଂ ପ୍ରତିଯୋଗିତା ଗଜପତି ଜିଲ୍ଲା ମହେନ୍ଦ୍ରଗିରି ଠାରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ପାଇଁ ଏସବିଡି ଇଣ୍ଟରନ୍ୟାସନାଲ ସ୍କୁଲର ନବମ ଶ୍ରେଣୀ ଛାତ୍ର ହର୍ଷିତ ନାୟକ ମନୋନୀତ ହୋଇଛନ୍ତି। ସଦ୍ୟ ଶେଷ ହୋଇଥିବା ରାଜ୍ୟସ୍ତରୀୟ ସାଇକ୍ଲିଂ ପ୍ରତିଯୋଗିତାରେ ଉତ୍ତମ ଖେଳ ପ୍ରଦର୍ଶନ କରି ପ୍ରଥମ ସ୍ଥାନ ଅଧିକାର କରି ଯୁବ ବାଳକ ଦଳ ବିଭାଗରେ ଓଡ଼ିଶା ଦଳ ପକ୍ଷରୁ ସ୍ଥାନ ପାଇଛନ୍ତି। ସେ ପୂର୍ବରୁ ମଧ୍ୟ ଜାତୀୟସ୍ତରରେ ଅଂଶଗ୍ରହଣ କରି ସଫଳତା ପାଇଥିଲେ। ହର୍ଷିତ ନିଜର ସଫଳତା ପାଇଁ ନିଜର ବାପା ମା'ଙ୍କୁ ଶ୍ରେୟ ଦେଇଥିବାବେଳେ ବାପା ସଂଗ୍ରାମୀ ଦେବିଦତ ନାୟକଙ୍କ ତତ୍ତ୍ୱାବଧାନରେ ସେ କିପରି ଜଣେ ଆର୍ନ୍ତଜାତୀୟ ସାଇକ୍ଲିଷ୍ଟ ହୋଇ ପାରିବେ ସେ ନେଇ ଆଶାବାଦୀ ଅଛନ୍ତି। ହର୍ଷିତଙ୍କ ସଫଳତା ପାଇଁ ବିଦ୍ୟାଳୟର ଅଧ୍ୟକ୍ଷ ଯୁଧିଷ୍ଟର ଦେବତା,ଚେୟାରମ୍ୟାନ ଦେବାଶିଶ ଦୀକ୍ଷିତ,ପ୍ରତିଷ୍ଠାତା ଆନନ୍ଦାନନ୍ଦ ଦିକ୍ଷୀତ, ପରିଚାଳନା ନିର୍ଦ୍ଦେଶିକା ବନ୍ଦିତା ଦୀକ୍ଷିତ,ମାର୍ଗଦର୍ଶକ ପ୍ର.ଶୈଳେନ୍ଦ୍ର ମହାପାତ୍ର,ଦେବେନ୍ଦ୍ର ଶତପଥୀ,ଶିକ୍ଷାବିତ୍ ବିପିନି ବିହାରୀ କର,ମାଡାମ ଚେୟାରମ୍ୟାନ ଆଶାବରୀ କର,ତଥା ଉପାଧ୍ୟକ୍ଷା ପୁଷ୍ପିତା ସ୍ୱାଇଁ,ବିଦ୍ୟାଳୟର ସମସ୍ତ ଶିକ୍ଷକ,ଶିକ୍ଷିକା ଏବଂ କର୍ମଚାରୀ ପ୍ରମୁଖ ଶୁଭେଚ୍ଛା ଜଣାଇବା ସହିତ ଶୁଭକାମନା କରିଛନ୍ତି।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ଧାରଣା କାର୍ଯ୍ୟକ୍ରମ

ବେତନଟୀ ,(ସବ୍ୟୁ) : ରାଜ୍ୟ କର୍ମଚାରୀ ମହାସଂଘ ଆହ୍ୱାନରେବେତନଟୀ ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ହରିଶ୍ଚନ୍ଦ୍ର ନନ୍ଦ ଗୋସ୍ୱାମୀ ଓ ସାଧାରଣ ସଂପାଦକ ସଚ୍ଚିଦାନନ୍ଦ ମହାନ୍ତିଙ୍କ ମିଳିତ ନେତୃତ୍ୱରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଦିନ ଧାରଣା ଦେଇ ପ୍ରତିବାଦ ଦିବସ ପାଳନ କରାଯାଇଛି । ୨୫ ମାର୍ଚ୍ଚ ୨୦୨୫ ରେ ଭାରତର ସଂସଦରେ ପାରିତ ପେନସନ ବିରୋଧୀ କଳା ଆଇନ ପ୍ରତ୍ୟାହାର ସମ୍ବନ୍ଧରେ ବିଶେଷ ଆଲୋଚନା କରାଯାଇଥିଲା । ଅଷ୍ଟମ ଦରମା କମିଶନର ସୁପାରିଶ ବାର୍ଦ୍ଧକ୍ୟରେ ଉପନୀତ ପେନସନଧାରୀଙ୍କ ନିମନ୍ତେ ଆକାଶ କଇଁଆ ଚିଲିକା ମାଛ ସଦୃଶ୍ୟ ବୋଲି ନିଜ ବକ୍ତବ୍ୟରେ ଅଜୟ କୁମାର କର, କୃଷ୍ଣଚନ୍ଦ୍ର ନାୟକ, ଗଣେଶ ଚନ୍ଦ୍ର ସାହୁ, ଚିତ୍ତ ରଂଜନ ଖଟୁଆ ଦୁର୍ଯୋଧନ ସିଂ, ବାସୁଦେବ ନାପିତ ପ୍ରମୁଖ ବକ୍ତବ୍ୟ ରଖି ଆନ୍ଦୋଳନକୁ ତୀବ୍ରତର କରିବାକୁ ଆହ୍ୱାନ ଦେଇଥିଲେ । ଏଥିରେ ମୂଖ୍ୟତଃ ପେନସନଧାରୀଙ୍କ ୧୮ ମାସର ବକେୟା ମହଙ୍ଗା ଭତ୍ତା ପ୍ରଦାନ, ବସ ଓ ରେଳ, ବିମାନ ଟିକଟରେ ରିହାତି, ସାସ୍ଥ୍ୟ ଚିକିତ୍ସାଭତ୍ତା ପ୍ରଦାନ, ୮ ମ ବେତନ କମିଶନ ରିପୋର୍ଟ ପର୍ଯ୍ୟନ୍ତ ମଧ୍ୟବର୍ତ୍ତୀ ଭତ୍ତା, ୬୦ ବର୍ଷ ପରେ ପ୍ରତ୍ୟେକ ୫ ବର୍ଷରେ ବର୍ଦ୍ଧିତ ଭତ୍ତା, ଜାତୀୟ ପେନସନ କମିଶନ ଗଠନ, ରାଜ୍ୟରେ ବନ୍ଦ ଥିବା ପେନସନ ଅଭିଯୋଗ ବିଭାଗର ପୁନଃ ପ୍ରଚଳନ , କମ୍ୟୁଟେଡ ପେନସନ ଅବଧି ୧୫ ରୁ ୧୦ ବର୍ଷ ୮ମାସକୁ ହ୍ରାସ, ପୁରୁଣା ପେନସନ ନିୟମ ପୁଣି ଲାଗୁ କରିବା ଆଦି ଦାବି ଉପରେ ସାଧାରଣ ସଂପାଦକ ଆଇନଜୀବୀ ସଚ୍ଚିଦାନନ୍ଦ ମହାନ୍ତି ବାଖ୍ୟା କରି ବୁଝାଇଥିଲେ । ବେତନଟୀ ବିଡ଼ିଓଙ୍କ ଜରିଆରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୨ଦଫା ସମ୍ମିଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା । ପରିଶେଷରେ ଯୁଗ୍ମ ସାଧାରଣ ସଂପାଦକ ରବୀନ୍ଦ୍ରନାଥ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବଧୂହତ୍ୟା ଅଭିଯୋଗ

ଦୋବଲ,(ସବ୍ୟୁ): ଧାମନଗର ଥାନା ଅନ୍ତର୍ଗତ ଦୋବଲ ପଞ୍ଚାୟତ ନନ୍ଦିପୁର ଗ୍ରାମରେ ଜଣେ ବଧୂଙ୍କ ମୃତ୍ୟୁକୁ ନେଇ ହତ୍ୟା ଅଭିଯୋଗ ହୋଇଛି। ମୃତା ହେଲେ ଦୀନବନ୍ଧୁ ସାହୁଙ୍କ ପତ୍ନୀ ଯାଜ୍ଞସେନୀ ସାହୁ (୨୪)। ଯାଜ୍ଞସେନୀଙ୍କ ବାପଘର ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା କଣ୍ଟିପୁର ଗ୍ରାମରେ। ୨୦୨୩ରେ ସେ ଦୀନବନ୍ଧୁଙ୍କୁ ବିବାହ କରିଥିଲେ। ତାଙ୍କର ଦେଢ଼ ବର୍ଷର ଏକ ଶିଶୁକନ୍ୟା ଅଛି। ଦୀନବନ୍ଧୁ କଲିକତାରେ ରହୁଥିବା ଜଣାପଡ଼ିଛି। ମଙ୍ଗଳବାର ରାତିପ୍ରାୟ ୩ଟାରେ ଯାଜ୍ଞସେନୀ ଶୋଇବା ଘରେ ବେକରେ ଲୁଗା ଲଗାଇ ଝୁଲୁଥିବା ଅବସ୍ଥାରେ ଥିବା ଜଣାପଡ଼ିଥିଲା। ତେବେ ଆଜି ଜଯାଜ୍ଞସେନୀ ଭାଇ ଦେବପ୍ରସନ୍ନ ବେହେରା ଧାମନଗର ଥାନାରେ ଅଭିଯୋଗ କରି,ଶାଶୁ-ଶଶୁର ଭଉଣୀଙ୍କୁ ହତ୍ୟା କରି ଟାଙ୍ଗି ଦେଇଥିବା ଦର୍ଶାଇଛନ୍ତି। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ଥିବା ମଧ୍ୟ ଭାଇ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ଧାମନଗର ଥାନା ଅଧିକାରୀ ଶୁବ୍ରଜିତ୍ ଦାସ ଓ ଆଡିସନାଲ ତହସିଲଦାର ପଲ୍ଲୀ ଭାରତ ମହାଳିକ ଘଟଣାସ୍ଥଳରେ ପହଂଚି ତଦନ୍ତ କରିଛନ୍ତି। ପୁଲିସ ତଦନ୍ତ ଓ ଶବ ବ୍ୟବଚ୍ଛେଦ ରିପୋର୍ଟ ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ପ୍ରକାଶ କରିଛି।

# ଜିଲ୍ଲା ବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆଜି

ବାଲେଶ୍ୱର,(ସବ୍ୟୁ) :ବାଲେଶ୍ୱରସ୍ଥିତ ଖ୍ରୀଷ୍ଟିଆନ ହାଇସ୍କୁଲ ଖେଳପଡ଼ିଆ ଆସନ୍ତା୧ ଓ ୨ ଦିନ ଜିଲ୍ଲା ବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବ । ୧୪ ବର୍ଷରୁ କମ ବାଳକ, ବାଳିକା ଓ ୧୭ ବର୍ଷରୁ କମ ବାଳକ, ବାଳିକା - ୪ଟି ବିଭାଗରେ ଅଂଶ ଗ୍ରହଣ କରିବେ । ଏହି ପ୍ରତିଯୋଗିତାରେ କବାଡ଼ି, ଖୋଖୋ, ଭଲିବଲ, ଫୁଟବଲ, କ୍ରିକେଟ, ବିଚଭଲିବଲ, ଓ ଚେସ ଆଦି ଖେଳ ଅନୁଷ୍ଠିତ ହେବ । ଏହି କ୍ରୀଡ଼ା ପ୍ରତିଯୋଗୀତାରେ ୧୨୩୦ ଜଣ ପ୍ରତିଯୋଗୀ ଓ ମ୍ୟାନେଜର, ୧୧୦ଜଣ କ୍ରୀଡ଼ା ପରିଚାଳକ ଓ ପରିଦର୍ଶକ ଅଂଶଗ୍ରହଣ କରିବେ । ଆୟୋଜିତ ପ୍ରତିଯୋଗିତାରେ ଡ. ବସନ୍ତ କୁମାର ନାୟକ, ଜିଲ୍ଲା ଶିକ୍ଷାଧିକାରୀ ଅଧ୍ୟକ୍ଷତା କରିବେ । ମୁଖ୍ୟଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଉଦଘାଟକ ଭାବେ ଉପମୁଖ୍ୟ ସଚେତକ ଓଡ଼ିଶା ବିଧାନସଭା ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ସେହିଭଳି ସମ୍ମାନିତ ଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ, ଜିଲ୍ଲାପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ପୌର ଅଧ୍ୟକ୍ଷା ସବିତା ସାହୁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣଚନ୍ଦ୍ର ଜେନା ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

# ପାଣିରେ ବୁଡ଼ିଗଲେ ଦୁଇ ଶିଶୁ, ଜଣେ ମୃତ

ଅସୁରାଳି,(ସବ୍ୟୁ) : ଧାମନଗର ବ୍ଲକ କାସିମପୁର ପଞ୍ଚାୟତର ପଛାଲୋ ଗ୍ରାମରେ ବୁଧବାର ପାଣିରେ ବୁଡି ଯାଇ ଜଣେ ଶିଶୁର ମୃତ୍ୟୁ ଘଟିଛି ଏବଂ ଜଣେ ଶିଶୁ ଅଳ୍ପକେ ବଂଚି ଯାଇଛି। ମୃତ ଶିଶୁ ହେଉଛି କ୍ରିଷ୍ଣା ମଳିକ(୪)। ବୁଧବାର ସକାଳେ ମାନସ ମଳିକଙ୍କ ଶିଶୁ ପୁତ୍ର କ୍ରିଷ୍ଣା(୪) ଏବଂ ଶିବ ପ୍ରସାଦ ମଳିକଙ୍କ ଶିଶୁ ପୁତ୍ର ଜିଜ୍ଞାସୁ(୫) ଏକ ସାଇକେଲ ନେଇ ଆସୁଥିବାବେଳେ ପଛାଲୋ ଖଟୁଆ ସାହି ନିକଟରେ ଅସାବଧାନତା ଯୋଗୁଁ ଦୁହେଁ ରାସ୍ତା କଡରେ ଥିବା ଖାଲୁଆ ଅଂଚଳକୁ ପଡ଼ି ଯାଇଥିଲେ। ଦୁଇ ଶିଶୁ ପାଣିରେ ବୁଡ଼ି ଯାଇଥିଲେ ମଧ୍ୟ କାହାରି ନଜରରେ ଏହା ନଥିଲା। କିଛି ସମୟ ପରେ ସେହି ବାଟ ଦେଇ ଆସୁଥିବା ଜଣେ ବ୍ୟକ୍ତି ପାଣିରେ ହାତ ତଳ ଉପର କରୁଥିବା ଜିଜ୍ଞାସୁକୁ ଉଦ୍ଧାର କରିବା ପରେ କ୍ରିଷ୍ଣାକୁ ମଧ୍ୟ ଉଦ୍ଧାର କରାଯାଇଥିଲା। ମୁମୂର୍ଷ ଅବସ୍ଥାରେ କ୍ରିଷ୍ଣାକୁ ଚିକିତ୍ସା ପାଇଁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। କିନ୍ତୁ ଡାକ୍ତର ମୃତ ଘୋଷଣା କରିଥିଲେ। ଧୂଷୁରୀ ପୁଲିସ ଏହି ଘଟଣାରେ ୨୮/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବଂଚି ଯାଇଥିବା ଶିଶୁ ଜିଜ୍ଞାସୁ କଥା କହିପାରେ ନାହିଁ ବୋଲି ଜଣାପଡିଛି। ଏଭଳି ଦୁଃଖଦ ଘଟଣା ପଛାଲୋ। ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି କରିଛି।

# ମିଳିଲା ଶୁଭ୍ରାନ୍ଶୁଙ୍କ ମୃତଦେହ

ଅସୁରାଳି,(ସବ୍ୟୁ) : ଗତ ତିନି ଦିନ ଧରି ନିଖୋଜ ଥିବା ଧାମନଗର ବ୍ଲକ କଟସାହି ପଂଚାୟତସ୍ଥିତ ଜଗନ୍ନାଥପୁର ମହାଦେବ ସାହିର ବାଳକ ଶୁଭ୍ରାନ୍ଶୁ ପଣ୍ଡା(୧୦)ଙ୍କ ମୃତଦେହ ବୁଧବାର ପାଣିରୁ ଉଦ୍ଧାର କରାଯାଇଛି। ମହାଦେବ ସାହିର ଶ୍ରୀକାନ୍ତ କୁମାର ପଣ୍ଡାଙ୍କ ଏକମାତ୍ର ପୁଅ ଶୁଭ୍ରାନ୍ଶୁ ଗତ ସୋମବାର ଦିନ ପୂର୍ବାହ୍ନରେ ବନ୍ୟା ପାଣି ଦେଖିବା ପାଇଁ ଗାଁ ମୁଣ୍ଡ ଚତର ନାଳ ନିକଟକୁ ଆସିଥିବାବେଳେ ବଡ଼ ବାପା ସେଠାରୁ ଘରକୁ ପଠାଇ ଦେଇଥିଲେ। ବାଳକ ଶୁଭ୍ରାନ୍ଶୁ କିଛି ସମୟ ପରେ ପୁଣି ଲୁଚି ପଳାଇ ଆସିଥିବା ବେଳେ ଆଉ ଘରକୁ ଫେରି ନଥିଲେ। ଗାଁ ରାସ୍ତାରେ ଚାଲିଥିବା ବନ୍ୟା ସ୍ରୋତରେ ସେ ଭାସି ଯାଇଥିବା ସନ୍ଦେହ ପ୍ରକାଶ ପାଇବା ପରେ ଦୁଇଦିନ ଧରି ଓଡ୍ରାଫ ଏବଂ ଅଗ୍ନିଶମ ବାହିନୀ ଦ୍ୱାରା ନିକଟବର୍ତ୍ତୀ ଅଞ୍ଚଳରେ ଦୀର୍ଘ ସମୟ ଖୋଜାଖୋଜି କରାଯାଇଥିଲା। କିନ୍ତୁ କୌଣସି ସନ୍ଧାନ ମିଳିନଥିଲା। ବନ୍ୟା ପାଣି କ୍ରମଶଃ ହ୍ରାସ ପାଇଥିବାରୁ ଗାଁର କିଛି ଯୁବକ ପାଣିରେ ଖୋଜାଖୋଜି କରିଥିଲେ ଏବଂ ପାଣି ମଧ୍ୟରେ ଦଳ ଭର୍ତ୍ତି ସ୍ଥାନରୁ ନିଖୋଜ ଶୁଭ୍ରାନ୍ଶୁଙ୍କ ମୃତଦେହ ଉଦ୍ଧାର କରିଥିଲେ। ଏହି ଘଟଣା ପରେ ଗାଁରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି। ଧୂଷୁରୀ ଥାନା ଆଇଆଇସି ଅଜୟ ସୁଦର୍ଶନ ବାଗେ ଘଟଣା ସ୍ଥଳରେ ପହଂଚି ଶବ ଜବତ ସହିତ ବ୍ୟବଚ୍ଛେଦ ପାଇଁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଏ ସଂକ୍ରାନ୍ତରେ ଧୂଷୁରୀ ଥାନାରେ ଅପମୃତ୍ୟୁ ମାମଲା ସଂଖ୍ୟା-୨୯/୨୬ ରୁଜୁ ହୋଇଛି।

# ଲୁହା ସ୍କ୍ରାପ୍ ବୋଝେଇ ଗାଡ଼ିରୁ ୩୨.୪ ହଜାର ଫାଇନ୍ ଆଦାୟ

ନୀଳଗିରି,(ସବ୍ୟୁ) :ବାଲେଶ୍ୱର ସିଟି ଏଣ୍ଡ ଜିଏସ୍‌ଟି ପ୍ରବର୍ତ୍ତନ ୟୁନିଟ୍‌ର ଚଢ଼ାଉ। ଲୁହା ସ୍କ୍ରାପ୍ ବୋଝେଇ ପିକ୍ଅପ୍ ଗାଡ଼ିରୁ ୩୨ ହଜାର ୪୦୦ ଟଙ୍କା ଫାଇନ୍ ଆଦାୟ। ନୀଳଗିରି ଝରଣାଘାଟି ରାସ୍ତାର ପୋଡ଼ାଶୁଳ ମଲ୍ୟାଣି ଛକ ନିକଟରେ ଲୁହା ସ୍କ୍ରାପ୍ ବୋଝେଇ ଏକ ପିକ୍ଅପ୍ ଗାଡ଼ିରୁ ଫାଇନ୍ ଆଦାୟ କରିଛି ବାଲେଶ୍ୱର ସିଟି ଏଣ୍ଡ ଜିଏସ୍‌ଟି ପ୍ରବର୍ତ୍ତନ ୟୁନିଟ୍। ସୂଚନା ଓ.ଆର୍ -୦୧ଟି-୬୧୮୫ ନମ୍ବର ଏକ ପିକ୍ଅପ୍ ଗାଡ଼ିରେ ଲୁହା ସ୍କ୍ରାପ୍ ବୋଝେଇ ନୀଳଗିରି ଅଭିମୁଖେ ଆସୁଥିବା ବେଳେ ସିଟି ଏଣ୍ଡ ଜିଏସ୍‌ଟି ପ୍ରବର୍ତ୍ତନ ୟୁନିଟ୍‌ର ଅଧିକାରୀ ଅନ୍ତର୍ଯ୍ୟାମୀ ଦାସ ଗାଡ଼ିଟିକୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଗାଡ଼ିରେ ଥିବା ଲୁହା ସ୍କ୍ରାପ୍ ସମ୍ପର୍କିତ ଆବଶ୍ୟକ କାଗଜପତ୍ର ଦେଖାଇ ପାରିନଥିଲେ ଗାଡ଼ି ଚାଳକ। ଏହାପରେ ବିଭାଗ ପକ୍ଷରୁ ୩୨ ହଜାର ୪୦୦ ଟଙ୍କାର ଫାଇନ୍ ଆଦାୟ କରାଯାଇଥିବା ଅଧିକାରୀ ଅନ୍ତର୍ଯ୍ୟାମୀ ଦାସ ସୂଚନା ଦେଇଛନ୍ତି। ନୀଳଗିରି ଅଞ୍ଚଳରେ ବିନା ଆବଶ୍ୟକ କାଗଜପତ୍ରରେ ଏଭଳି କାରବାର ଚାଲିଥିବା ନେଇ ସୂଚନା ମିଳିବା ପରେ ଯାଞ୍ଚ ଓ ଚଢ଼ାଉ କରାଯାଇଥିବା ବେଳେ ଆଗାମୀ ଦିନରେ ମଧ୍ୟ ଏଭଳି ଯାଞ୍ଚ ଜାରି ରହିବ ବୋଲି ସିଟି ଏଣ୍ଡ ଜିଏସ୍‌ଟି ପ୍ରବର୍ତ୍ତନ ୟୁନିଟ୍ ଅଧିକାରୀ ଅନ୍ତର୍ଯ୍ୟାମୀ ଦାସ ସୂଚନା ଦେଇଛନ୍ତି ।।

# ପୋଲ ଉପରେ ଚାଲିଛି ବନ୍ୟା ପାଣି
# କାନ୍ଧରେ ବୁହା ହେଲେ ରୋଗୀ



ବେତନଟୀ ,(ସବ୍ୟୁ) : ଲଗାଣ ବନ୍ୟା ଯୋଗୁଁ ବଡ଼ସାହି ନିର୍ବାଚନ ମଣ୍ଡଳୀର ବେତନଟୀ ଏବଂ ବଡ଼ସାହି ବ୍ଲକରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ଜନସାଧାରଣ ଏ ନେଇ ଅସହ୍ୟ କଷ୍ଟ ପାଉଛନ୍ତି । ତଳି ଅଞ୍ଚଳ ମାନଙ୍କରେ ଗମନାଗମନ ବ୍ୟବସ୍ଥା ସଠିକ ନ ଥିବା କାରଣରୁ ଆବଶ୍ୟକ ବେଳେ ସରକାରୀ ସହାୟତା ଯେପରି ଅପହଞ୍ଚ ଭଳି ଲାଗୁଛଇ । ବନ୍ୟାର ତିନି ଦିନ ପରେ ବି ଛାଡ଼ିନି ପାଣି, ଗ୍ରାମାଞ୍ଚଳ ରାସ୍ତାରେ ଥିବା ପୋଲ ଉପରେ ଚାଲିଛି ପାଣି । ବୈଁଶିଙ୍ଗା ଥାନା ଅଧୀନ ମାନଗୋବିନ୍ଦପୁର ପଞ୍ଚାୟତର ଶିମିଳିଡାହି ଗ୍ରାମରେ ରୋଗୀଙ୍କ ଘର ପାଖକୁ ଆମ୍ବୁଲାନ୍ସ ଆସି ନ ପାରିବାରୁ ରୋଗୀଙ୍କୁ କାନ୍ଧରେ ବୁହାଯିବା ଭଳି ଏକ ଦୟନୀୟ ଘଟଣା ଘଟିଯାଇଛି। ଏହି ଗ୍ରାମ ଗତ ବନ୍ୟାରେ ଗଂଗାହାର ନଦୀର ଆଡି ବନ୍ଧ ଭାଙ୍ଗି ଯାଇ ପାଣି ଘେରରେ ରହିବା ସହିତ ବହୁ ଘର ଭାଙ୍ଗି ଯାଇଥିଲା ଏବଂ ସରକାର ବା ଜିଲ୍ଲା ପ୍ରଶାସନ ଙ୍କ ଦ୍ୱାରା କିଭଳି ମରାମତି ହୋଇ ଥିଲା କେଜାଣି ତାହା ଏହି ବନ୍ୟାରେ ପୁଣି ତାହା ଭାଙ୍ଗିଗଲା ଯାହା ଫଳରେ ଶିମିଳିଡାହି ଗ୍ରାମ ରୋଗୀ ତିନି ଚାରି ଦିନ ପରେ ବି ପାଣି ଘେରରେ ରହିଥିବାର ଦେଖାଯାଇଥିଲା । ଏହି ଅବସ୍ଥାରେ ଶିମିଳିଡାହି ଗ୍ରାମର କନ୍ଦା ସିଂ ବୟସ ୬୦ବର୍ଷ ହଠାତ ଅସୁସ୍ଥ ହୋଇ ପଡିବାରୁ ପରିବାର ଲୋକେ ୧୦୮କୁ ଫୋନ ଯୋଗେ ଡାକିଥିଲେ ।ଶିମିଳିଡାହି ଗ୍ରାମ ପାଣି ଘେରରେ ଥିବା ଯୋଗୁଁ ଆମ୍ବୁଲାନ୍ସ ଘର ଯାଏଁ ପହଞ୍ଚି ପାରି ନଥିଲା । ଖବର ପାଇ ମାନଗୋବିନ୍ଦପୁର ସମିତିସଭ୍ୟ ରାକେଶ ମହାପାତ୍ର ସହାୟତାରେ ଗ୍ରାମବାସୀଙ୍କ ଦ୍ୱାରା ବାଇକ ଏବଂ କାନ୍ଧରେ ବୋହି ପ୍ରାୟ ୧ କିଲୋମିଟର ପାଣିରେ ଆଣି ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇଥିଲେ।

# ବ୍ରାଉନସୁଗର ଜବତ : ଜଣେ ଗିରଫ

ବାଲେଶ୍ୱର, (ସବ୍ୟୁ): ଖଇରା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହ୍ଲାଦ ସାମଲ ଏବଂ ତାଙ୍କ ଟିମ୍ ଖଇରା ଥାନା କୁପାରୀ କଲେଜ ଛକ ନିକଟରେ ଚଢାଉ କରି ୧୧୦ ଗ୍ରାମ୍ ବ୍ରାଉନସୁଗର ଜବଦ କରିବା ସହ କୁପାରୀ କମାରସାହି ଗ୍ରାମର ମୀତା ବେହେରାଙ୍କୁ ଗିରଫ କରିଛନ୍ତି । ଜବଦ ବ୍ରାଉନସୁଗର ମୂଲ୍ୟ ୧୧ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏହି ଚଢାଉରେ ଆଦର୍ଶ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଅନିତା ସାହୁ, ସହଉପନିରୀକ୍ଷକ ଦୀପିକା ପରିଡ଼ା, କନେଷ୍ଟବଳ ଦେବାଶିଷ ମଲ୍ଲିକ, ଶଶୀକାନ୍ତ ସାହୁ, ପ୍ରମୁଖ ସାମିଲ ଥିଲେ । ଏବାବଦରେ ଖଇରା ଅବକାରୀ ଥାନା ପକ୍ଷରୁ କେଶ ନମ୍ବର ୧୬୯/୨୦୨୬- ୨୭ ମୂଳେ ମାମଲା ରୁଜୁ କରାଯାଇ ଗିରଫ ମିତା ବେହେରାଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ଉଦ୍ୟୋଗିତା, ନବସୃଜନ କ୍ଷେତ୍ରରେ ଏଫ୍‌ଏମ୍‌ୟୁ ଅଧ୍ୟାପକଙ୍କ ଦକ୍ଷତା ବୃଦ୍ଧି




ବାଲେଶ୍ୱର,(ସବ୍ୟୁ)ଉଦ୍ୟୋଗିତା, ନବସୃଜନ ଓ ନୂତନ ଉଦ୍ୟମ ବିକାଶ ଦିଗରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପଦକ୍ଷେପ ଆହୁରି ସୁଦୃଢ଼ ହୋଇଛି। ଗୁଜୁରାଟର ଗାନ୍ଧୀନଗର ସ୍ଥିତ- ଉଦ୍ୟୋଗିତା ବିକାଶ ପ୍ରତିଷ୍ଠାନ ପକ୍ଷରୁ ଗତ ୨୧ରୁ ୨୬ ପର୍ଯ୍ୟନ୍ତ ଆୟୋଜିତ ଛଅଦିନିଆ ଆବାସିକ ଶିକ୍ଷକ ମାର୍ଗଦର୍ଶକ ବିକାଶ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଦୁଇଜଣ ଅଧ୍ୟାପକ ଅଂଶଗ୍ରହଣ କରିଛନ୍ତି। ବିଶ୍ୱବିଦ୍ୟାଳୟର ପକ୍ଷରୁ ନବସୃଜନ ଓ ଉଦ୍ୟମ ପ୍ରୋତ୍ସାହନ ନିର୍ଦ୍ଦେଶକ ପ୍ରଫେସର ପଙ୍କଜ କୁମାର ପାଢ଼ୀ ଏବଂ ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ପ୍ରଫେସର ନିହାର ରଞ୍ଜନ ରାଉତ ଏଥିରେ ଯୋଗଦେଇଥିଲେ।ଏଥିସହ ଏହି ପ୍ରଶିକ୍ଷଣରେ ବାଲେଶ୍ୱର କେ.କେ.ଏସ୍ ମହିଳା ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗର ସହକାରୀ ପ୍ରାଧାପିକା ଡ଼କ୍ଟର ଜ୍ୟୋତିର୍ମୟୀ ପ୍ରଧାନ ଏବଂ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ସହକାରୀ ପ୍ରାଧାପିକା ଡ଼କ୍ଟର ସ୍ୱପ୍ନା ସରିତା ମହାପାତ୍ର ଅଂଶଗ୍ରହଣ କରିଥିଲେ। ଓଡ଼ିଶାର ବିଭିନ୍ନ ସରକାରୀ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ୪୦ ଜଣ ଶିକ୍ଷକ-ଶିକ୍ଷୟିତ୍ରୀ ଏହି ପ୍ରଶିକ୍ଷଣରେ ସାମିଲ ହୋଇଥିଲେ। ପ୍ରଶିକ୍ଷଣରେ ଉଦ୍ୟୋଗିତା ଶିକ୍ଷାଦାନ, ବ୍ୟବସାୟିକ ଧାରଣା ବିକାଶ, ବ୍ୟବସାୟ ମଡେଲ ପ୍ରସ୍ତୁତି, ନୂତନ ଉଦ୍ୟମକୁ ମାର୍ଗଦର୍ଶନ, ଉଦ୍ୟମ ପ୍ରତିପୋଷଣ, ଅର୍ଥସହାୟତାର ସୁଯୋଗ ଓ ବୌଦ୍ଧିକ ସମ୍ପତ୍ତି ଅଧିକାର ଆଦି ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ଅଂଶଗ୍ରହଣକାରୀ ଏକ ନବସୃଜନ କେନ୍ଦ୍ର ପରିଦର୍ଶନ କରିବା ସହ ନିଜ ଶିକ୍ଷାନୁଷ୍ଠାନ ପାଇଁ ଉଦ୍ୟୋଗିତା ଓ ନବସୃଜନ ବିକାଶ କାର୍ଯ୍ୟଯୋଜନା ଉପସ୍ଥାପନ କରିଥିଲେ। ଏହି ପ୍ରଶିକ୍ଷଣର ମୁଖ୍ୟ ଫଳାଫଳ ଭାବେ ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କ ସୃଜନଶୀଳ ଧାରଣା ଚିହ୍ନଟ କରିବା, ତାହାକୁ ନୂତନ ଉଦ୍ୟମରେ ପରିଣତ କରିବା ଏବଂ ଉଦ୍ୟୋଗୀ ଭାବେ ଆଗକୁ ବଢ଼ିବା ପାଇଁ ମାର୍ଗଦର୍ଶନ ଦେବାରେ ଅଧିକ ସକ୍ଷମ ହେବେ। ଏହା ବିଶ୍ୱବିଦ୍ୟାଳୟରେ ନବସୃଜନ ଓ ଉଦ୍ୟୋଗିତାର ପରିବେଶକୁ ଆହୁରି ସୁଦୃଢ଼ କରିବ।ଏହି ଅବସରରେ ଓଡ଼ିଶାର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରଶିକ୍ଷଣରେ ଅଂଶଗ୍ରହଣକାରୀ ଶିକ୍ଷକମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଉଦ୍ୟୋଗିତା ବିକାଶ ପ୍ରତିଷ୍ଠାନର ମହାନିର୍ଦ୍ଦେଶକ ଡ଼କ୍ଟର ସୁନୀଲ ଶୁକ୍ଳା ମଧ୍ୟ ସରକାରୀ ଶିକ୍ଷାନୁଷ୍ଠାନରେ ଉଦ୍ୟୋଗିତା ସଂସ୍କୃତି ବିକାଶରେ ଏହି ପଦକ୍ଷେପର ଗୁରୁତ୍ୱ ଉଲ୍ଲେଖ କରିଥିଲେ।ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଏହି ପ୍ରଶିକ୍ଷଣ ବିଶ୍ୱବିଦ୍ୟାଳୟର ନବସୃଜନ, ଉଦ୍ୟମ ପ୍ରତିପୋଷଣ ଓ ଛାତ୍ର ଉଦ୍ୟୋଗିତା ବିକାଶ ପ୍ରୟାସକୁ ଆହୁରି ଗତିଶୀଳ କରିବା ନେଇ ଆଶାବ୍ୟକ୍ତ କରାଯାଇଛି।

# ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟରେ କୃଷକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ବାଲେଶ୍ୱର,(ସବ୍ୟୁ): ବର୍ଷା ଋତୁରେ କୃଷକଙ୍କ ସୁରକ୍ଷା ଓ ଜୀବନରକ୍ଷା ସମ୍ପର୍କରେ ସଚେତନତା ବୃଦ୍ଧି ଲକ୍ଷ୍ୟରେ ଫକୀରମୋହନ (ଏଫଏମ)ବିଶ୍ୱବିଦ୍ୟାଳୟ ଓ ଭାରତୀୟ ପାଣିପାଗ ସମାଜର ଭୁବନେଶ୍ୱର ଶାଖାର ମିଳିତ ସହଯୋଗରେ ଏକଦିନିଆ ବର୍ଷା ଋତୁରେ କୃଷକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି। ବାଲେଶ୍ୱର ଜିଲ୍ଲାର ସମସ୍ତ ୧୨ଟି ବ୍ଲକରୁ ପ୍ରାୟ ୩୦୦ ଜଣ କୃଷକ ଏଥିରେ ଯୋଗଦେଇଥିଲେ। ଭୂଗୋଳ ବିଭାଗର ମୁଖ୍ୟ ପ୍ରଫେସର ନିହାର ରଞ୍ଜନ ରାଉତ ସ୍ୱାଗତ ଭାଷଣରେ ବଜ୍ରପାତ, ସାପ କାମୁଡ଼ା ଓ ବର୍ଷା ଋତୁଜନିତ ଅନ୍ୟାନ୍ୟ ବିପଦରୁ କୃଷକଙ୍କୁ ସୁରକ୍ଷିତ ରଖିବା ପାଇଁ ସଚେତନତା, ପ୍ରସ୍ତୁତି ଓ ବୈଜ୍ଞାନିକ ସୁରକ୍ଷା ପଦକ୍ଷେପ ଅତ୍ୟନ୍ତ ଆବଶ୍ୟକ ବୋଲି କହିଥିଲେ । ସମାବେଶକୁ ସମ୍ବୋଧିତ କରି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଶିକ୍ଷା ଓ ଗବେଷଣାର ଜ୍ଞାନ ସମାଜ ପର୍ଯ୍ୟନ୍ତ ପହଞ୍ଚି ଲୋକଙ୍କ ଜୀବନ ଓ ଜୀବିକା ସହ ଜଡ଼ିତ ସମସ୍ୟାର ବ୍ୟାବହାରିକ ସମାଧାନ ଦେବା ଆବଶ୍ୟକ ବୋଲି କହିଥିଲେ । ଭୂଗୋଳ ବିଭାଗର ପ୍ରଫେସର ମନୋରଞ୍ଜନ ମିଶ୍ର- ବର୍ଷା ଋତୁରେ କୃଷକଙ୍କ ପାଇଁ ବାଲେଶ୍ୱରକୁ ବଜ୍ରପାତ ସୁରକ୍ଷିତ ଜିଲ୍ଲା କିପରି କରାଯାଇପାରିବ ବିଷୟରେ ବିଶେଷଜ୍ଞ ଅଧିବେଶନ ନେଇଥିଲେ। ସେ ପାଣିପାଗ ସୂଚନା ପ୍ରତି ସଚେତନତା, ପ୍ରତିରୋଧମୂଳକ ପଦକ୍ଷେପ ଓ ସମୟୋପଯୋଗୀ ସତର୍କତା ଉପରେ ଗୁରୁତ୍ୱ ଦେଇ ଶୂନ୍ୟ ବର୍ଷା ଋତୁ ମୃତ୍ୟୁ ଲକ୍ଷ୍ୟ ପାଇଁ ସାମୂହିକ ପ୍ରୟାସର ଆହ୍ୱାନ ଦେଇଥିଲେ। ଫକୀରମୋହନ ଚିକିତ୍ସା ମହାବିଦ୍ୟାଳୟ ଓ ହସ୍ପିଟାଲର ଚିକିତ୍ସା ବିଭାଗର ସହଯୋଗୀ ପ୍ରଫେସର ଡାକ୍ତର ବିଭୂତି ସେଠୀ- ସାପ କାମୁଡ଼ିଲେ କଣ କରିବେ? ବିଷୟରେ ସଚେତନ କରିଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୋମା ନନ୍ଦା ଓ ତାଙ୍କ ସହଯୋଗୀମାନେ ଜରୁରୀକାଳୀନ ଜୀବନରକ୍ଷା ପଦକ୍ଷେପ ଓ ହୃଦ୍ଘାତ ସମୟରେ ପୁନର୍ଜୀବନ ପ୍ରକ୍ରିୟା ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ପ୍ରାଣୀ ବିଜ୍ଞାନ ବିଭାଗ ସହକାରୀ ପ୍ରଫେସର ଡ଼କ୍ଟର ନୀଳାଦ୍ରି ଭୂଷଣ କର - କୃଷି କାର୍ଯ୍ୟ ସମୟରେ ବିଷାକ୍ତ ସାପ ଚିହ୍ନଟ ଓ ସାପ କାମୁଡ଼ାର ପ୍ରତିରୋଧ ଏବଂ ପରିଚାଳନା ନେଇ ଆଲୋଚନା କରିଥିଲେ। ପରେ କୃଷକ ଓ ବିଶେଷଜ୍ଞଙ୍କ ମଧ୍ୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆଇ.ଆଇ.ଟି ଭୁବନେଶ୍ୱରର ବରିଷ୍ଠ ପ୍ରଫେସର ଉମାଚରଣ ମହାନ୍ତି, ଧରଣୀଧର ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରତାପ କୁମାର ମହାନ୍ତି, ଭାରତୀୟ ପାଣିପାଗ ସମାଜର ଡ଼କ୍ଟର ମନୋରମା ମହାନ୍ତିଙ୍କ ସମେତ ଅନ୍ୟ ବିଶେଷଜ୍ଞମାନେ ଏଥିରେ ଯୋଗଦେଇଥିଲେ।

# ସମ୍ପାଦକୀୟ

## ଭାରତ ଓ ଚୀନ ମଧ୍ୟରେ ସମ୍ପର୍କ

ଭାରତ ଓ ଚୀନ ମଧ୍ୟରେ ଦୀର୍ଘ ଦିନ ଧରି ସୁସମ୍ପର୍କ ରହି ଆସୁଥିଲା । ଅବଶ୍ୟ ୧୯୪୯ରେ ଚୀନରେ ଚାଇନିଜ କମ୍ୟୁନିଷ୍ଟ ପାର୍ଟି (ccp) କ୍ଷମତାସୀନ ହେବା ପରେ ଭାରତ-ଚୀନ ସମ୍ପର୍କ ଆଉ ପୂର୍ବପରି ନିବିଡ଼ ନଥିଲା । ୧୯୪୯ ଅକ୍ଟୋବର ୧ରେ ଚୀନ ସାଧାରଣତନ୍ତ୍ର ମାଓ ସେତୁଙ୍ଗଙ୍କ ଅଧିନାୟକତ୍ୱରେ ପ୍ରତିଷ୍ଠା ଲାଭ କଲା । ତାଙ୍କର ୧୯୭୬ରେ ମୃତ୍ୟୁ ହେବା ପରେ ଡେଙ୍ଗ ଜିଆପିଙ୍ଗ ସେ ଦେଶର ସର୍ବୋଚ୍ଚ ଶାସନକର୍ତ୍ତା ହୋଇଥିଲେ-୧୯୭୮ ଅକ୍ଟୋବରରେ । ସେ ଯାହା ହେଉ, ଭାରତ ଅଗଷ୍ଟ ୧୯୪୭ରେ ସ୍ୱାଧୀନ ହେବା ପରେ ଚୀନ ସହିତ ସୁସମ୍ପର୍କ ରଖି ଆସିଥିଲା ।

ଭାରତ-ଚୀନ ମଧ୍ୟରେ ଅତୀତରେ ବିଭିନ୍ନ କାରଣରୁ ତିକ୍ତ-ମଧୁର ସମ୍ପର୍କ ରହି ଆସିଥିଲା । ୧୯୫୪ରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ ଚୀନ ଗସ୍ତରେ ଯାଇଥିଲେ । ଏହାର ୩୪ ବର୍ଷ ପରେ ୧୯୮୮ରେ ରାଜୀବ ଗାନ୍ଧି ପ୍ରଧାନମନ୍ତ୍ରୀ ଥିଲାବେଳେ ଚୀନ ଗସ୍ତରେ ଯାଇଥିଲେ ।

ଚୀନରେ ମାଓ ସେ ତୁଙ୍ଗଙ୍କ ଶାସନ ପରେ, ଚୀନର ସାମାଜିକ, ରାଜନୀତିକ ଓ ଆର୍ଥନୀତିକ ସଂସ୍କାରର ପିତା ଭାବେ ପରିଚିତ ଡେଙ୍ଗ ସିଆପିଙ୍ଗଙ୍କୁ ସେ ଭେଟି ଉଭୟ ରାଷ୍ଟ୍ର ମଧ୍ୟରେ ସୁସମ୍ପର୍କ ସ୍ଥାପନ ପାଇଁ ଚାହିଁଥିଲେ । ମାତ୍ର ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତବର୍ଷ ଅଗଷ୍ଟ ୩୧ ଓ ସେପ୍ଟେମ୍ବର ୧ ତାରିଖରେ ସାଂଘାଇ କୋଅପରେସନ ଅର୍ଗାନାଇଜେସନର ଶିଖର ସମ୍ମିଳନୀକୁ ଯିବା ବାଟରେ ମଧ୍ୟ ଚୀନ ଗସ୍ତ କରିଥିଲେ । ଏହା ପୂର୍ବରୁ ୨୦୧୮ରେ ପ୍ରଥମ ଥର ଲାଗି ସେ ଚୀନ ଗସ୍ତରେ ଯାଇଥିଲେ । ସାତ ବର୍ଷ ପରେ ମୋଦିଜୀଙ୍କ ଚୀନ ଗସ୍ତ ବିଶେଷ ଭାବେ ଗୁରୁତ୍ୱପୂର୍ଣ୍ଣ ଘଟଣା ଥିଲା । ୨୦୨୦ରେ ଅବଶ୍ୟ ଉଭୟ ରାଷ୍ଟ୍ରର ସୀମା ବିବାଦକୁ ନେଇ ଜଟିଳତା ଦେଖାଯାଇଥିଲା ।

> **ପ୍ରକୃତରେ ଚୀନ ଆର୍ଥିକ ବିକାଶ କ୍ଷେତ୍ରରେ ମଧ୍ୟ ଭାରତଠାରୁ ଆଗୁଆ ଥିଲା । ବିଭିନ୍ନ ଉତ୍ପାଦନ ଓ ବଜାର କ୍ଷେତ୍ରରେ ମଧ୍ୟ ଆଗୁଆ ଥିଲା । ମାତ୍ର ଭାରତକୁ ଆତ୍ମନିର୍ଭର କରି ଭାରତର ଆର୍ଥିକ ଓ ସାମାଜିକ ବିକାଶ ପାଇଁ ଏକ 'ନୂତନ ଭାରତ' ଗଢ଼ିବାର ଲକ୍ଷ୍ୟ ରଖି ମୋଦିଜୀଙ୍କ ସଂକଳ୍ପ ହୁଏତ ଭାରତକୁ ଆଗକୁ ନେଇ ପାରିବ ବୋଲି ବିଶ୍ୱାସ କରାଯାଉଛି । ଏସିଆ ମହାଦେଶରେ ଏ ଦୁଇ ରାଷ୍ଟ୍ର ଉପରକୁ ଉଠୁ ବୋଲି ଯୁକ୍ତରାଷ୍ଟ୍ର ଆମେରିକା ସମ୍ଭବତଃ ଚାହିଁ ନ ପାରେ । ମାତ୍ର ବିଶ୍ୱରେ ଭାରତକୁ ଏକ ଶ୍ରେଷ୍ଠ ରାଷ୍ଟ୍ର ଭାବରେ ଗଢ଼ି ତୋଳିବାକୁ ହେଲେ ଭାରତୀୟମାନଙ୍କର ତ୍ୟାଗ ଓ ନିଷ୍ଠା ରହିଥିବା ମଧ୍ୟ ଆବଶ୍ୟକ ।**

ସେ ଯାହା ହେଉ, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହସ୍ତକ୍ଷେପ ଯୋଗୁଁ ଚୀନ ସହିତ ଭାରତର ସମ୍ପର୍କରେ ଏବେ ଉନ୍ନତି ପରିଲକ୍ଷିତ ହୋଇ ପାରିଛି ବୋଲି କୁହାଯାଇ ପାରେ ।

ଇତି ମଧ୍ୟରେ ଭାରତର ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ପ୍ରକାଶ କରିଛନ୍ତି ଯେ ଭାରତ ଓ ଚୀନ ମଧ୍ୟରେ ସମ୍ପର୍କ ଏବେ ଭଲ ଅଛି । ଉଭୟ ରାଷ୍ଟ୍ରର ସୀମା ସମସ୍ୟା ଏବେ ପ୍ରାୟ ସମାଧାନ ହୋଇଯିବ ଏବଂ ଭାରତ-ଚୀନ ମଧ୍ୟରେ ଥିବା ସମ୍ପର୍କରେ ସୁଧାର ଆସୁଛି । ସେ କହିଥିଲେ ଯେ ନିକଟରେ ବ୍ରିକ୍ସ ସମ୍ମିଳନୀକୁ ଚୀନର ରାଷ୍ଟ୍ରପତି ସି ଜିନପିଙ୍ଗ ଭାରତ ଆସିଥିବା ବେଳେ ଏହି ସମ୍ପର୍କ ବିଷୟରେ ଜଣା ପଡ଼ିଥିଲା ।

ଏବେ ଚୀନ ସହିତ ଭାରତର ସମ୍ପର୍କ ସ୍ୱାଭାବିକ ଅବସ୍ଥାକୁ ଫେରି ଆସୁଛି ବୋଲି ପ୍ରକାଶ କରି ଜୟଶଙ୍କର ସ୍ୱୀକାର କରିଛନ୍ତି ଯେ ୨୦୨୦ ମସିହା ପରେ ଭାରତ ଓ ଚୀନ ମଧ୍ୟରେ ସୀମା ବିବାଦକୁ ନେଇ ମତ ପାର୍ଥକ୍ୟ ସୃଷ୍ଟି ହୋଇଥିଲା । ମାତ୍ର ସେ ପରି ଅବସ୍ଥା ପାଞ୍ଚ ବର୍ଷ ପରେ ହୁଏତ ଆଉ ନାହିଁ । ଉଭୟ ରାଷ୍ଟ୍ର ମଧ୍ୟରେ ବାଣିଜ୍ୟିକ ସମ୍ପର୍କ ମଧ୍ୟ ଅତୁଟ ରହିଛି । ଭିସା ପ୍ରଦାନ ମଧ୍ୟ ଚାଲୁ ରହିଛି । ଉଭୟ ରାଷ୍ଟ୍ର ମଧ୍ୟରେ ବିମାନ ଚଳାଚଳ ମଧ୍ୟ ପ୍ରଭାବିତ ହୋଇ ପାରିଛି ।

ପ୍ରକୃତରେ ଚୀନ ଆର୍ଥିକ ବିକାଶ କ୍ଷେତ୍ରରେ ମଧ୍ୟ ଭାରତଠାରୁ ଆଗୁଆ ଥିଲା । ବିଭିନ୍ନ ଉତ୍ପାଦନ ଓ ବଜାର କ୍ଷେତ୍ରରେ ମଧ୍ୟ ଆଗୁଆ ଥିଲା । ମାତ୍ର ଭାରତକୁ ଆତ୍ମନିର୍ଭର କରି ଭାରତର ଆର୍ଥିକ ଓ ସାମାଜିକ ବିକାଶ ପାଇଁ ଏକ 'ନୂତନ ଭାରତ' ଗଢ଼ିବାର ଲକ୍ଷ୍ୟ ରଖି ମୋଦିଜୀଙ୍କ ସଂକଳ୍ପ ହୁଏତ ଭାରତକୁ ଆଗକୁ ନେଇ ପାରିବ ବୋଲି ବିଶ୍ୱାସ କରାଯାଉଛି । ଏସିଆ ମହାଦେଶରେ ଏ ଦୁଇ ରାଷ୍ଟ୍ର ଉପରକୁ ଉଠୁ ବୋଲି ଯୁକ୍ତରାଷ୍ଟ୍ର ଆମେରିକା ସମ୍ଭବତଃ ଚାହିଁ ନ ପାରେ । ମାତ୍ର ବିଶ୍ୱରେ ଭାରତକୁ ଏକ ଶ୍ରେଷ୍ଠ ରାଷ୍ଟ୍ର ଭାବରେ ଗଢ଼ି ତୋଳିବାକୁ ହେଲେ ଭାରତୀୟମାନଙ୍କର ତ୍ୟାଗ ଓ ନିଷ୍ଠା ରହିଥିବା ମଧ୍ୟ ଆବଶ୍ୟକ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

### ଆଜିର ଅନୁଚିନ୍ତା :

## ଇସ୍ପାତ ଢାଞ୍ଚାରେ ଗଢ଼ାଯାଇଥିଲା ସର୍ବଭାରତୀୟ ସେବା



ରତ୍ନାକର ରାଉତ

୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନତା ପାଇବା ପୂର୍ବରୁ ଇଂରେଜମାନେ ଦେଶକୁ ଶାସନ କରିବା ସମୟରେ ଭାରତୀୟ ବେସାମରିକ ସେବା( Indian Civil Services) ସଂକ୍ଷେପରେ (ICS ) ପ୍ରଚଳନ କରିଥିଲେ ଏବଂ ଏହି ସେବାରେ ଅଧିକାରୀମାନଙ୍କୁ ନିଯୁକ୍ତି ପ୍ରଦାନ କରି ସମଗ୍ର ଭାରତବର୍ଷକୁ ଶାସନ କରୁଥିଲେ । ତତ୍କାଳୀନ ବ୍ରିଟିଶ ପ୍ରଧାନମନ୍ତ୍ରୀ ଡେଭିଡ୍ ଲଏଡ୍ ଜର୍ଜ ୧୯୨୨ ମସିହାରେ ବ୍ରିଟିଶ ପାର୍ଲାମେଣ୍ଟ (House of Commons)ରେ ଭାରତୀୟ ସିଭିଲ ସର୍ଭିସ( ICS )କୁ ସମର୍ଥନ କରି କହିଥିଲେ, This small nucleus of British Officials in Indiathey are the steel frame of the whole structure. I do not care what you build on it- if you take the steel frame out, the fabric will collapse. ଅର୍ଥାତ୍ - ଭାରତରେ ଥିବା ଏହି ଛୋଟ ବ୍ରିଟିଶ ଅଧିକାରୀ ଗୋଷ୍ଠୀ ହିଁ ସମଗ୍ର ବ୍ୟବସ୍ଥା ପାଇଁ ଇସ୍ପାତର ଢାଞ୍ଚା ତୁଲ୍ୟ । ତା ଉପରେ ଆପଣ ଯାହା ବି ନିର୍ମାଣ କରନ୍ତୁ, ଯଦି ଏହି ଇସ୍ପାତର ଢାଞ୍ଚାକୁ କାଢ଼ିଦେବ, ସମସ୍ତ ବ୍ୟବସ୍ଥା ଭୁଷୁଡ଼ି ପଡ଼ିବ । ଦେଶ ସ୍ୱାଧୀନ ହେବା ପରେ ତତ୍କାଳୀନ ଅନେକ ରାଜନେତା ଏହି ଭାରତୀୟ ସିଭିଲ ସର୍ଭିସକୁ ଉଚ୍ଛେଦ କରିଦେବା ପାଇଁ ଚାହୁଁଥିଲେ । କିନ୍ତୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ୧୯୪୯ ମସିହା ଅକ୍ଟୋବର ୧୦ ତାରିଖରେ ସମ୍ବିଧାନ ସଭାରେ ବିତର୍କ ବେଳେ କହିଥିଲେ, You will not have a United India if you do not have a good All India Service which has the independence to speak out its mind, which has a sense of security. If you do not have it, you will not have a United India. This service is the steel frame of India. ଏହାର ଅର୍ଥ ହେଲା, ଯଦି ଆପଣଙ୍କ ପାଖରେ ଏକ ଭଲ ସର୍ବ ଭାରତୀୟ ସେବା ନ ଥାଏ, ଯାହାର ନିଜ ମନ କଥା କହିବାର ସ୍ୱାଧୀନତା ଅଛି, ଯାହାର ଚାକିରିରେ ନିରାପତ୍ତାବୋଧ ବା ସୁରକ୍ଷା ଅଛି, ତେବେ ଆପଣଙ୍କର ଏକ ସଂଯୁକ୍ତ ଭାରତ ରହିବ ନାହିଁ । ଏହି ସେବା ହିଁ ଭାରତ ପାଇଁ ଇସ୍ପାତ ଢାଞ୍ଚା ( Steel frame) ହେବ ।

ଅତଏବ, ମୂଳତଃ ଏହି ଇସ୍ପାତ ଢାଞ୍ଚା ଶବ୍ଦ ବ୍ରିଟିଶ ଶାସନ ସମୟରେ ବ୍ରିଟିଶ ପ୍ରଧାନମନ୍ତ୍ରୀ ଭାରତୀୟ ସିଭିଲ ସର୍ଭିସ( ICS) ପାଇଁ ପ୍ରଥମେ ବ୍ୟବହାର କରିଥିଲେ । ପରେ ସର୍ଦ୍ଦାର ପଟେଲ ଏହାକୁ ସ୍ୱାଧୀନ ଭାରତର ସର୍ବ ଭାରତୀୟ ପ୍ରଶାସନିକ ସେବା(I A S) ପାଇଁ ଗ୍ରହଣ କରି ଏହି ସେବାକୁ ସମ୍ମାନ ଦେଇଥିଲେ । କାରଣ ଦେଶ ସ୍ୱାଧୀନ ହେଲା ବେଳକୁ ବ୍ରିଟିଶ ଶାସନାଧୀନ ମୋଗଲବନ୍ଦୀ ଅଞ୍ଚଳକୁ ଛାଡ଼ିଦେଲା ପରେ ୫୬୫ ଦେଶୀୟ ରାଜ୍ୟ( Princely States)କୁ ରାଜାମାନେ ଶାସନ କରୁଥିଲେ । ସେତେବେଳେ ଦେଶ ପାଖରେ ସ୍ୱତନ୍ତ୍ର ସେନା ନ ଥିଲା, ଶାସନ ନିମନ୍ତେ ଅର୍ଥ ନ ଥିଲା, ଅଧିକାଂଶ ନେତା ଭାରତୀୟ ସିଭିଲ ସର୍ଭିସର ଅଧିକାରୀମାନଙ୍କୁ ଇଂରେଜ ସରକାରଙ୍କ ଗୋଲାମ ଭାବେ ବିବେଚନା କରି ତଡ଼ିଦେବାକୁ କହୁଥିଲେ ।

ସର୍ଦ୍ଦାର ପଟେଲଙ୍କୁ ଭଲ ଭାବେ ଜଣାଥିଲା, ନେତା ଆସିବେ, ଯିବେ,ଦଳ ଗଢ଼ାଯିବ, ଦଳ ଭାଙ୍ଗିବ ମାତ୍ର ପ୍ରଶାସନରେ ନିରନ୍ତରତା (Continuity) ରହିବା ନିହାତି ଦରକାର । ୫୬୫ ରାଜ୍ୟକୁ ମିଶାଇବାକୁ ହେବ, ଏଥିପାଇଁ ଏକ ନିରପେକ୍ଷ ସେବକ ଗୋଷ୍ଠୀ ଦରକାର । ସମ୍ବିଧାନର ଧାରା ୩୧୨ରେ ସେହି ସେବକ ଗୋଷ୍ଠୀଙ୍କୁ ସାମ୍ବିଧାନିକ ସ୍ୱୀକୃତି ଦିଆଗଲା । ୧୯୫୧ ମସିହାରେ ସର୍ବ ଭାରତୀୟ ସେବା ଆଇନ (All India Services Act) ପ୍ରଣୟନ କରାଗଲା ଏବଂ ICS ବଦଳରେ I A S, I P S ଓ ଅନ୍ୟ ସର୍ବ ଭାରତୀୟ ସେବା ଅନ୍ତର୍ଗତ ଚାକିରିର ବ୍ୟବସ୍ଥା କରାଗଲା । ସର୍ଦ୍ଦାର ପଟେଲଙ୍କ ଆଭିମୁଖ୍ୟ ଥିଲା, ଏହି ସେବା ଅନ୍ତର୍ଗତ ଅଧିକାରୀ ନିସଂକୋଚ ଓ ନିର୍ଭୟରେ ନିଜ ମନର କଥା କହିପାରିବ, ତାକୁ ସମ୍ବିଧାନର ଧାରା ୩୧୧ ଅନୁଯାୟୀ ସୁରକ୍ଷା ମିଳିବ ଏବଂ ସେ ଅଧିକାରୀ କୌଣସି ରାଜନେତାର ନୁହେଁ ବରଂ ସମ୍ବିଧାନର ସେବକ ହେବ ଓ ଦେଶର ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିବ । ସେଥିନିମନ୍ତେ ଭାରତୀୟ ସମ୍ବିଧାନର Part XIV, Chapter I ରେ ଏହି ଚାକିରିକୁ ନିର୍ବିବାଦୀୟ କରିବା ତଥା ସୁରକ୍ଷା ପ୍ରଦାନ ନିମନ୍ତେ ଧାରା ୩୦୮ରୁ ୩୧୩ ଧାରା ପର୍ଯ୍ୟନ୍ତ ମୋଟ ଛଅଟି ଧାରାର ପ୍ରାବଧାନ କରା ଯାଇଥିଲା ।

ତନ୍ମଧ୍ୟରୁ ଧାରା ୩୧୧, ଯାହା ସୁରକ୍ଷାର ଧାରା ଭାବରେ ସନ୍ନିବେଶିତ ହୋଇଛି, ତାହା ସବୁଠୁ ଗୁରୁତ୍ୱପୂର୍ଣ୍ଣ । ତାହା ହେଲା, କୌଣସି ଅଧିକାରୀଙ୍କୁ ବିନା ତଦନ୍ତରେ ବରଖାସ୍ତ କରାଯାଇ ପାରିବ ନାହିଁ । ପ୍ରଥମତଃ ତାଙ୍କୁ ଅଭିଯୋଗ ଜଣାଇବାକୁ ପଡ଼ିବ, ଦ୍ୱିତୀୟତଃ ତାଙ୍କ ନିଜ ପକ୍ଷ ରଖିବାର ସୁଯୋଗ ଦେବାକୁ ପଡ଼ିବ ଏବଂ ସ୍ୱାଧୀନ, ସ୍ୱଚ୍ଛ ଓ ନିରପେକ୍ଷ ତଦନ୍ତ ପରେ ଦୋଷ ପ୍ରମାଣିତ ହେଲେ ଆନୁପାତିକ ଦଣ୍ଡ ବିଧାନ କରାଯିବ । ଧାରା ୩୧୦ ଅନୁସାରେ ଯଦିଓ ସମସ୍ତ ଅଧିକାରୀ ରାଷ୍ଟ୍ରପତିଙ୍କ ପ୍ରସନ୍ନତା ପର୍ଯ୍ୟନ୍ତ ଚାକିରିରେ ରହିବେ, ମାତ୍ର ଏହି ଧାରା ୩୧୧ ଧାରା ଦ୍ୱାରା ସୀମିତ ଓ ନିୟନ୍ତ୍ରିତ ।

ଦେଶର ଗଠନରେ ଏହି ସେବାଧିକାରୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଅସ୍ୱୀକାର କରିହେବ ନାହିଁ । କାର୍ଯ୍ୟ ନିର୍ବାହୀ (Executive) ପଛରେ ରହି ପ୍ରାରମ୍ଭିକ ପର୍ଯ୍ୟାୟରେ ଦେଶର ଏକୀକରଣ, ରାଜ୍ୟ ପୁନର୍ଗଠନ, ଶରଣାର୍ଥୀ ଥଇଥାନ, ଜମିଦାରୀ ଉଚ୍ଛେଦ, ବ୍ୟାଙ୍କ ଜାତୀୟ କରଣ, ଭୂ ସଂସ୍କାର ଆଦି କାର୍ଯ୍ୟରେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀଙ୍କର ମୁଖ୍ୟ ଭୂମିକା ଥିଲା । ଏତଦ୍‌ବ୍ୟତୀତ ଦେଶର ଯେକୌଣସି ପରିସ୍ଥିତିରେ ପ୍ରଶାସନିକ ସ୍ଥିରତା ଦେବାରେ ଏହି ସର୍ବଭାରତୀୟ ସେବାର ଅଧିକାରୀମାନେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଥାଆନ୍ତି । ସରକାର ବଦଳିଲେ ମଧ୍ୟ ପ୍ରଶାସନିକ କାର୍ଯ୍ୟର ସ୍ଥିରତା ଓ ନିରନ୍ତରତା ବଜାୟ ରହେ । କେନ୍ଦ୍ରରୁ ଆରମ୍ଭ କରି ରାଜ୍ୟ ଓ ଜିଲ୍ଲା ସ୍ତର ପର୍ଯ୍ୟନ୍ତ ପ୍ରଶାସନିକ ବ୍ୟବସ୍ଥା କ୍ରିୟାଶୀଳ ରହିଥାଏ ଏହି ଅଧିକାରୀମାନଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ।

ଫଳରେ ଦେଶରେ ଦ୍ରୁତ ଶିଳ୍ପାୟନ, ସବୁଜ ବିପ୍ଳବ, ଶ୍ୱେତ ବିପ୍ଳବ, ବ୍ୟାଙ୍କ ଜାତୀୟକରଣ, ଭୂସଂସ୍କାର, ପ୍ରିଭି ପର୍ସ ଉଚ୍ଛେଦ, ପରମାଣୁ,ମହାକାଶ ଆଦି ଅନେକ ବିକାଶମୂଳକ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହୋଇପାରିଲା । **କ୍ରମେ କ୍ରମେ ଏହି ସେବାର ଅବକ୍ଷୟ ଆରମ୍ଭ ହେଲା ଅଶୀ ଦଶକରୁ । ଦେଶର ରାଜନୀତି ବଦଳିଗଲା । ଏହାପରେ ଆସିଲା Committed Bureaucracyର ନାରା । ଅଧିକାରୀଙ୍କୁ ସମ୍ବିଧାନ, ଦେଶ ଓ ଜନତାଙ୍କ ପ୍ରତି ନୁହେଁ ବରଂ ନେତା ଓ ଶାସକ ଦଳ ପ୍ରତି ପ୍ରତିବଦ୍ଧ ହେବାକୁ କୁହାଗଲା ଏବଂ ସ୍ୱାଧୀନ ମତବ୍ୟକ୍ତ କରୁଥିବା ସ୍ୱାଭିମାନୀ ଅଧିକାରୀଙ୍କ ଉପରେ ନାନାଦି ଚାପ ସୃଷ୍ଟି କରାଯାଇ ତାଙ୍କୁ ଅନୁଗତ ହେବାକୁ ବିଭିନ୍ନ ବାଟରେ ବାଧ୍ୟ କରାଗଲା । ଧୀରେ ଧୀରେ ତିନୋଟି ବେମାରି ପ୍ରଶାସନକୁ ଆକ୍ରାନ୍ତ କଲା ।**

(କ):- ବଦଳି, ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଓ ତଦନ୍ତକାରୀ ସଂସ୍ଥାଙ୍କ ଭୟ: ସମ୍ବିଧାନର ଯେଉଁ ସୁରକ୍ଷା ଧାରା ୩୧୧ରେ ବ୍ୟବସ୍ଥା ହୋଇଛି, ତାହା କାଗଜରେ ରହିଲା । ଦଳୀୟ ଭିତ୍ତିରେ କାର୍ଯ୍ୟ ନ କଲେ ବାରମ୍ବାର ବଦଳି, ପୋଷ୍ଟିଂ, ସସ୍ପେଣ୍ଡ, ପ୍ରଶାସନିକ କଳ ଓ ତଦନ୍ତକାରୀ ସଂସ୍ଥାକୁ ଲଗେଇ ନାନାଦି ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ନିଆଗଲା ଓ ଭୟ ସୃଷ୍ଟି କରି ବଚସ୍କର ବନେଇବାକୁ ଧମକ ଦିଆଗଲା । ଏହି କାର୍ଯ୍ୟରେ କିଛି ଅସାଧୁ, ସ୍ୱାର୍ଥୀ, ଧୂର୍ତ୍ତ ଓ ଅନୁଗତ ପ୍ରଶାସନିକ ଅଧିକାରୀ କୁରାଢ଼ିର ବେଣ୍ଟ କାଠ ହାଣିବାରେ ସାହାଯ୍ୟ କଲାଭଳି ରାଜନେତାଙ୍କର ହାତବାରିସି ହୋଇ ପ୍ରମୁଖ ଭୂମିକା ନେଲେ । ସତ କହିବାକୁ ଗଲେ, ସଚ୍ଚୋଟ, ନିର୍ଭୀକ ଓ ନିରପେକ୍ଷ ଅଧିକାରୀଙ୍କୁ ବଦଳି ଓ ପୋଷ୍ଟିଂ ମାଧ୍ୟମରେ ଅପମାନିତ ଓ ନିରୁତ୍ସାହିତ କରାଗଲା ।

**(ଖ):- ଯେଉଁମାନେ ନିଜର ପଦମର୍ଯ୍ୟାଦା, ସେବାର ଗାରିମା ଓ ସାମ୍ବିଧାନିକ ଦାୟିତ୍ୱବୋଧକୁ ଭୁଲି ହଁ ରେ ହଁ ମିଳେଇଲେ, Yes Sir, Yes Boss ମନ୍ତ୍ରକୁ ଆପଣେଇ ନିଜର ଆତ୍ମ ମର୍ଯ୍ୟାଦା ଓ ସ୍ୱାଭିମାନକୁ ପାସୋରି ଯାଇ ଚାଟୁକାର ହେଲେ ସେମାନେ ପୁରସ୍କାର ପାଇଲେ । ତାଙ୍କୁ ଭଲ ଭଲ ପ୍ରୋଜେକ୍ଟ, ଭଲ ପୋଷ୍ଟିଂ, ଭଲ ବିଭାଗ, ବାରମ୍ବାର ବିଦେଶ ଭ୍ରମଣର ସୁଯୋଗ ପୁଣି ଅବସର ପରେ ପୁନଃ ନିଯୁକ୍ତି, ନାନା କମିଶନର ଅଧ୍ୟକ୍ଷ କିମ୍ବା ସଭ୍ୟ ପଦ ମିଳିଲା ଏବଂ ଯେଉଁମାନେ ସ୍ୱାଧୀନ, ନିରପେକ୍ଷ ମତବ୍ୟକ୍ତ କଲେ ସେମାନେ ତିରସ୍କୃତ, ଲାଞ୍ଛିତ ଓ ଅପମାନିତ ହେଲେ । ସେମାନଙ୍କୁ ବିଭିନ୍ନ ବାଟରେ ଲୋକଙ୍କ ଆଗରେ ଉପହସିତ ଓ ବଦନାମ୍ କରାଗଲା ।**

(ଗ):- ବାରମ୍ବାର ପ୍ରତାଡ଼ିତ ହେବା ପରେ ବାଧ୍ୟ ବାଧକତାରେ କେତେକେତେ ସୁଦକ୍ଷ ଅଧିକାରୀ ଆତ୍ମସମର୍ପଣ କଲେ ଅନନ୍ୟୋପାୟ ହୋଇ । ନଥିରେ ଆଇନର ଶାସନ ଚାଲିବା ବଦଳରେ, as desired ଲେଖା ଆରମ୍ଭ ହେଲା । ଆଇନ, କାନୁନ, ନିୟମ ଓ ସାମ୍ବିଧାନିକ ବିଧି ବ୍ୟବସ୍ଥାକୁ ଜଳାଞ୍ଜଳି ଦେଇ ଅଧିକାରୀମାନେ ନୈତିକ ଅଧଃପତନର ଶିକାର ହେଲେ । ନଥିରେ ନିଜ ବିବେକାନୁମୋଦିତ ଆଇନର ବ୍ୟବସ୍ଥାକୁ ଉଲ୍ଲେଖ ନ କରି କାର୍ଯ୍ୟ ନିର୍ବାହୀ ତଥା ଶାସକମାନଙ୍କ ଇଚ୍ଛାକୁ ପ୍ରତିଫଳିତ କଲେ । ଯେଉଁମାନେ ଭାଙ୍ଗିଗଲେ ବରଂ ନଇଁଲେ ନାହିଁ, ସେମାନେ ସବୁଥିରୁ ବଞ୍ଚିତ ହୋଇ ଦୁଃଖ ଭୋଗିଲେ ।

ଏହି ଚାଟୁକାରିତାର ସାମୂହିକ କ୍ଷତିର ମୂଲ୍ୟ ଦେଶ ଓ ଦେଶର ସାଧାରଣ ଜନତାଙ୍କୁ ହିଁ ସହିବାକୁ ପଡ଼ିଲା । ଏହା ଫଳରେ ଆସ୍ତେ ଆସ୍ତେ ନୀତି, ନିୟମ, ଆଇନ, କାନୁନ, ପ୍ରଶାସନିକ ଶୃଂଖଳା ପକ୍ଷାଘାତର ଶିକାର ହେଲା । ମୁଷ୍ଟିମେୟ ନୀତିହୀନ ଅଧିକାରୀଙ୍କର ଦୌରାତ୍ମ୍ୟରେ ଅତିଷ୍ଠ ହୋଇ ସଂଖ୍ୟାଧିକ ସଚ୍ଚୋଟ ସୁଦକ୍ଷ ଅଧିକାରୀ ନିରୁତ୍ସାହିତ ଓ ଅନାଗ୍ରହୀ ହେବାକୁ ବାଧ୍ୟ ହେଲେ ଓ ନିଜର ସମ୍ମାନ ରକ୍ଷା କରିବା ପାଇଁ ନିରବ ରହିବାକୁ ଶ୍ରେୟ ମଣିଲେ । ରାଜନୈତିକ ପୃଷ୍ଠପୋଷକତାକୁ ପ୍ରତିହତ କରିବାର ସାମର୍ଥ୍ୟ ନ ଥିବା କାରଣରୁ ଅନେକ ଅଧିକାରୀ ଅନ୍ୟାୟ, ଅନୀତି ଓ ଉତ୍ପୀଡ଼ନକୁ ଦେଖି ମଧ୍ୟ ଅସହାୟ ହୋଇ ନିରବ ଦର୍ଶକ ପାଲଟିଲେ ।

ଫଳତଃ ଏସବୁ ନୀତି ଓ ନୈତିକତାହୀନ କାର୍ଯ୍ୟ ଦୁର୍ନୀତି ଓ ଅସାଧୁତାକୁ ପ୍ରୋତ୍ସାହନ ଦେବା ଫଳରେ ଦିନକୁ ଦିନ ଏହା ବୃଦ୍ଧି ପାଇ ସଂପ୍ରତି ସବୁ ସଂସ୍ଥାକୁ ଏହି ବ୍ୟାଧି କର୍କଟ ରୋଗ ଭଳି ଆକ୍ରାନ୍ତ କରିସାରିଲାଣି । ସେଥିପାଇଁ ପ୍ରଶାସନଠାରୁ ଜନତାଙ୍କ ଆସ୍ଥା ବେଳକୁ ବେଳ ତୁଟିଯାଉଛି । ସାଧାରଣ ଲୋକଙ୍କର ଏହି ବିଶ୍ୱାସ ଭଙ୍ଗ କାରଣରୁ ପୂର୍ବରୁ ଯେଉଁ ସମ୍ମାନ ଓ ଆଦର ଅଧିକାରୀମାନେ ସ୍ୱତଃ ଲୋକଙ୍କ ପାଖରୁ ପାଉଥିଲେ ଏବେ ତାହା ଦୁଃସ୍ୱପ୍ନ । ଏହାର ନିରାକରଣ ନିମନ୍ତେ ନିମ୍ନଲିଖିତ ପ୍ରସ୍ତାବଗୁଡ଼ିକ ବିଚାରକୁ ନିଆଯାଇପାରେ ।

୧- ନିଯୁକ୍ତି, ପୋଷ୍ଟିଂ ଓ ବଦଳିରେ ସିଭିଲ ସର୍ଭିସ ବୋର୍ଡର ନିରପେକ୍ଷତା ଓ ପ୍ରାଧାନ୍ୟ ରହିବା ଜରୁରୀ ।

୨- ଫାଇଲରେ ସ୍ୱାଧୀନ ଓ ଭିନ୍ନ ମତ ଦେଉଥିବା ଅଧିକାରୀଙ୍କୁ ନ୍ୟାୟିକ ବ୍ୟବସ୍ଥା ଭଳି ସୁରକ୍ଷା ପ୍ରଦାନ କରାଯିବା ଉଚିତ ।

୩- ଅବସର ପରେ ଅତି କମରେ ଦୁଇ ବର୍ଷ ପର୍ଯ୍ୟନ୍ତ କୌଣସି ପୁନଃ ନିଯୁକ୍ତି ଏବଂ ରାଜନୈତିକ ନିଯୁକ୍ତିରେ ପୂର୍ଣ୍ଣଚ୍ଛେଦ ପକେଇବା ଦରକାର ।

'ଆଲୋ ସଖୀ ଆପଣା ମହତ ଆପେ ରଖି' ବାକ୍ୟର ଉଲ୍ଲେଖ କରି 'ନେଡ଼ି ଗୁଡ଼ କହୁଣୀକୁ ବୋହିଯିବା' ପୂର୍ବରୁ ଏହି ସନ୍ଦର୍ଭର ଉପସଂହାରରେ ଏତିକି ଆଶା ପୋଷଣ କରିବା ନିଶ୍ଚୟ ଅମୂଳକ ହେବ ନାହିଁ, ଇସ୍ପାତର ଢାଞ୍ଚା ( Steel frame)ର ସୁରକ୍ଷା ପାଇଁ ଉଭୟ ସର୍ବ ଭାରତୀୟ ସେବା ଅଧିକାରୀ ଓ ଦେଶର ରାଜନୈତିକ ନେତୃବର୍ଗ ସମସ୍ତ ପ୍ରଲୋଭନର ଉର୍ଦ୍ଧ୍ୱରେ ରହି ଦେଶ ସର୍ବୋପରି ଦୃଷ୍ଟିରେ ରଖି ମିଳିତ ଭାବେ ଯତ୍ନଶୀଳ ଓ ସତର୍କ ନ ହେଲେ, ଦିନେ ଯେଉଁ ସୁଦୃଢ଼ ଭିତ୍ତିଭୂମି ଉପରେ ଆମ ଦେଶ ଗଠନର ଭାର ନ୍ୟସ୍ତ ଥିଲା, ତାହା ଆଗାମୀ ଦିନରେ ଧୂଳିସାତ୍ ହେବା ସହିତ ସକଳ ବ୍ୟବସ୍ଥାକୁ ଯେ ରସାତଳଗାମୀ କରି ଧ୍ୱଂସାଭିମୁଖୀ କରି ନ ଦେବ ଏଥିରେ ଆଦୌ ସନ୍ଦେହ ନାହିଁ ।

**(ଲେଖକ ଭାରତୀୟ ପ୍ରଶାସନିକ ସେବାର ଜଣେ ଅବସରପ୍ରାପ୍ତ ଅଧିକାରୀ ଓ ସୁଲେଖକ)**
**ପ୍ଲଟ ନମ୍ବର -୭୬୭(ପାର୍ଟ),ଜୟଦୁର୍ଗା ନଗର,ଭୁବନେଶ୍ୱର,ପିନ୍-୭୫୧୦୦୬,**
**ମୋ- ୯୪୩୭୩୮୨୨୮୧**

## ବାସ୍ତୁ ପଛର ବାସ୍ତବତା



ସୁଧାଂଶୁ ଶେଖର ଧଡା

କୌଣସି ନିର୍ମାଣ କାର୍ଯ୍ୟ ପୂର୍ବରୁ ନିର୍ମାଣ ନିମିତ୍ତ ଭୂମିକୁ ଉପଯୁକ୍ତ କି ନୁହେଁ ଓ ନିର୍ମାଣ ଶୈଳୀକୁ ନେଇ ପ୍ରାୟ ୫ହଜାର ବର୍ଷର ପ୍ରାଚୀନ କାଳରୁ ରହିଥିବା ଅବଧାରଣା ବାସ୍ତୁ ବିଦ୍ୟା ଭାବରେ ଖ୍ୟାତି ଲାଭ କରିଛି । ମାଟିଖୋଳି ନିଅଁ ପକେଇ, କାନ୍ଥ ବସେଇ ଘରଟିଏ ସାଧାରଣ ଲୋକଟିଏ କରିବା ଏକପ୍ରକାରର ଦୁରୂହ ବ୍ୟାପାର ଥିଲା । ମାଟିକାନ୍ଥ ଓ ଚାଳ ଛପର ଥିଲା ସାଧାରଣ ଲୋକଙ୍କ ଆବାସ । ରାଜା, ରାଜ ପରିବାର ଓ ରାଜ୍ୟର ଶାସନ ସଂକ୍ରାନ୍ତୀୟ ଲୋକଙ୍କର ଭଲ ଘର ଥିଲା । ସାଧାରଣ ପ୍ରଜାଙ୍କ ଘର ମାଟିକାନ୍ଥ ନଡା ଚାଳ ଛପର ହେଉଥିଲା । ଏବେର ତିନିପିଢି ପଛକୁ ଫେରିଗଲେ ଜେଜେବାପାଙ୍କ ବାପାଙ୍କ ସମୟରେ ସମସ୍ତଙ୍କର ମାଟିକାନ୍ଥ, ମାଟି ଚଟାଣ, ଚାଳ ଛପର ଘରେ ଜନ୍ମ । ଏଇ ପିଢି ବାସ୍ତୁ ଆଧାରରେ ବାସ୍ତୁବିତଙ୍କ ପରାମର୍ଶରେ ଘର ତିଆରୁ ନଥିଲେ । ବାସ୍ତୁ ସହିତ ଫଳିତ ଜ୍ୟୋତିଷ ସମ୍ପର୍କିତ, ତେଣୁ ବାସ୍ତୁ ସମ୍ପର୍କିତ ପରାମର୍ଶ ଫଳିତ ଜ୍ୟୋତିଷ ମାଧ୍ୟମରେ ହେଉଥିଲା । ପ୍ରାଚୀନ କାଳରେ ଫଳିତ ଜ୍ୟୋତିଷ ଓ ବାସ୍ତୁ ମୁଖ୍ୟତଃ ରାଜ ପରିବାର ସହ ଜଡିତ ଥିଲା । ଗୃହ ନିର୍ମାଣ ସମୟରେ ଘରର ମୋଡ ରହିଗଲେ ଗୃହ ନିର୍ମାତାଙ୍କର ଅକାଳ ମୃତ୍ୟୁ, ଘରେ ରହୁଥିବା ଲୋକଙ୍କର ସ୍ୱାସ୍ଥ୍ୟ ସମସ୍ୟା, ଧନ ଓ ଅର୍ଥ ସମସ୍ୟା, ବାଦବିବାଦ ସମସ୍ୟା ଆଦି ବାସ୍ତୁ ଦୋଷରୁ ହୁଏ ବୋଲି ଏକ ଅବଧାରଣା ପ୍ରାଚୀନ କାଳରୁ ଲୋକଙ୍କ ମନରେ ରହି ଆସିଛି ।

ଗୃହ ନିର୍ମାଣ ସମୟରେ ଉଦିତ ସୂର୍ଯ୍ୟ କିରଣ ଘରଭିତରେ ପଡିବା, ଘରେ ବାୟୁ ଚଳାଚଳ ବ୍ୟବସ୍ଥା କରାଯିବା, ଘରର ବ୍ୟବହାର ନିମିତ୍ତ ଜଳର ଉତ୍ସ ଆଦି ଉପରେ ବାସ୍ତୁ ଶାସ୍ତ୍ର ଗୁରୁତ୍ୱ ଦେଇଥାଏ । କିନ୍ତୁ, ସାଧାରଣ ଲୋକଟିଏ ପକ୍ଷରେ ଏସବୁର ବ୍ୟବସ୍ଥା କରି ଭଲ ଘରଟିଏ ନିର୍ମାଣ କରିବା ପଚାଶ ବର୍ଷ ତଳେ ମଧ୍ୟ ଅତ୍ୟନ୍ତ କଷ୍ଟକର ଥିଲା । ଜୀବନଯାକ ଅର୍ଥ ସଞ୍ଚୟ କରିପାରିଲେ ଜଣେ ନିଅଁ ଖୋଳି ଭଲ ଘରଟିଏ ତିଆରିବାରେ ସମର୍ଥ ହେଉଥିଲା । ଅର୍ଥ ଯୋଗାଡରେ ଜୀବନର ସର୍ବାଧିକ ସମୟ ଅତିକ୍ରାନ୍ତ କରିବା ପରେ ନିର୍ମାଣ କରିଥିବା ଗୃହରେ ବାସ କରିବାକୁ ଆୟୁଷ ବେଶୀ ରହୁନଥିଲା । ତେଣୁ ନୂଆଘରଟିରେ ଗୃହକର୍ତ୍ତାଙ୍କର ମୃତ୍ୟୁ ଏକ ସ୍ୱାଭାବିକ ଘଟଣା । ଦେଶ ସ୍ୱାଧୀନତା ଲାଭ ସମୟରେ ଭାରତୀୟଙ୍କର ହାରାହାରି ଆୟୁ ଥିଲା ୩୬.୭ ବର୍ଷ । ଜନଗଣନା ହୋଇ ନଥିଲେ ମଧ୍ୟ ଅନ୍ୟାନ୍ୟ ସୂତ୍ରରୁ ଆକଳନ ଅନୁଯାୟୀ ଭାରତୀୟଙ୍କର ହାରାହାରି ଆୟୁ ୨୦୨୧ ମସିହାରେ ୬୭.୨ ବର୍ଷରେ ପହଞ୍ଚିଲାଣି । ଆୟୁବୃଦ୍ଧି ନିମିତ୍ତ ଥିବା ଅନେକ ପ୍ରସଙ୍ଗ ମଧ୍ୟରୁ ଚିକିତ୍ସା ବିଜ୍ଞାନର ପ୍ରଗତି, ବ୍ୟବଚ୍ଛେଦ ବିଜ୍ଞାନର ପ୍ରଗତି, ସୁଷମ ଖାଦ୍ୟ ଆଦିର ଭୂମିକା ରହିଛି । ଚିକିତ୍ସା ବିଜ୍ଞାନର ପ୍ରଗତି ନିମିତ୍ତ ଶରୀର ଦାନ ଭଳି ଆନ୍ଦୋଳନର ଧାରା ଲାଗି ରହିଲେ ସ୍ୱାଧୀନତାର ଶତବାର୍ଷିକ ପାଳନ ସମୟ ୨୦୪୭ ସୁଦ୍ଧା ଭାରତୀୟମାନଙ୍କର ହାରାହାରି ଆୟୁ ୮୦ ବର୍ଷରେ ପହଞ୍ଚିଯିବ । ବର୍ଷକୁ ବର୍ଷ ହାରାହାରି ପରମାୟୁ ବୃଦ୍ଧି ପାଉଛି । ଆୟୁଷ ସହିତ ଗୃହନିର୍ମାଣ କିମ୍ବା ବାସ୍ତୁ ଶାସ୍ତ୍ରର କିଛି ସମ୍ପର୍କ ନାହିଁ । ବର୍ତ୍ତମାନ ଲୋକମାନେ ବହୁତଳ ବିଶିଷ୍ଟ ଆପାର୍ଟମେଣ୍ଟରେ ରହିଲେଣି । ଏହି ବାସଗୃହର ଭୂମି ବା ମାଟି ନାହିଁ ।

ମାଟି ନଥାଇ ବାସ୍ତୁ ଦୋଷର ପରିକଳ୍ପନା ଅତ୍ୟନ୍ତ ଅଯୌକ୍ତିକ । ସେହିପରି ନିର୍ଦ୍ଦିଷ୍ଟ କ୍ଷୁଦ୍ର ଭୂମି ଉପରେ ୨୦/୩୦ଟି ମହଲାର ଘରେ ରହୁଥିବା ସମସ୍ତଙ୍କର କ୍ଷୁଦ୍ର ଭୂମି ଖଣ୍ଡକୁ ନେଇ ସମାନ ବାସ୍ତୁ ଜନିତ କୁଫଳ ବା ସୁଫଳ ମିଳିବା ଅବଧାରଣା ସମ୍ପୂର୍ଣ୍ଣ ଅଯୌକ୍ତିକ । ଅନ୍ୟ ପକ୍ଷରେ ବର୍ତ୍ତମାନର ସହରୀ ଜୀବନ , ଏପରିକି କେତେକ ସ୍ଥାନର ଗ୍ରାମ୍ୟ ଜୀବନରେ ମଧ୍ୟ ଉଚ୍ଚ ବହୁତଳ ଘର ଯୋଗୁ ଉଦିତ ସୂର୍ଯ୍ୟ କିରଣ ଘରେ ପଡୁନାହିଁ । ଝରକା ଥିଲେ ମଧ୍ୟ ପ୍ରାକୃତିକ ବାୟୁ ଚଳାଚଳ ନାହିଁ । ଘରେ ବିଜୁଳି ପଙ୍ଖା, ଏୟାର କଣ୍ଡିସନର ଆଦି ମାଧ୍ୟମରେ ଉତ୍ତମ ରୂପେ ବାୟୁ ଚଳାଚଳ ବ୍ୟବସ୍ଥା କରା ଯାଉଛି । ବିଜୁଳି ଶକ୍ତିର ଉପଯୋଗରେ ଘର ଆଲୋକିତ ହେଉଛି । ଜଳର ଉତ୍ସ ସମ୍ପର୍କରେ ଜାଣିବାର ଆବଶ୍ୟକତା ପଡୁନାହିଁ । ପାଇପ ଯୋଗେ ଘର ଭିତରକୁ ପାଣି ଆସୁଛି । ଗୋଟିଏ ଘରକୁ ଲାଗି ଆଉ ଗୋଟିଏ ଘର ତିଆରି ହେଉଛି । ଦୁଇଟି ଘର ମଧ୍ୟରେ ବ୍ୟବଧାନ ରହୁନାହିଁ । ବାସ୍ତୁ ଶାସ୍ତ୍ରର ସୃଷ୍ଟି ସମୟରେ ପାଇଖାନା ବ୍ୟବହାର ପରିକଳ୍ପନା ନଥିଲା କିମ୍ବା ଘରର ବ୍ୟବହାର ହୋଇସାରିଥିବା ଜଳର ନିଷ୍କାସନ ନିମିତ୍ତ ଡ୍ରେନେଜ ବ୍ୟବସ୍ଥା କଳ୍ପନା ବାହାରେ ଥିଲା । ଏବେ ସବୁ ଘରର ଭିତରେ ପାଇଖାନା ଅଛି, ପାଇପ୍ ଯୋଗେ ପାଣି ଘର ଭିତରକୁ ଆସୁଛି, ସ୍ୱରେଜ ବ୍ୟବସ୍ଥା ରହୁଛି, ବ୍ୟବହାର ପରେ ଘରର ବର୍ଜ୍ୟ ଜଳ ନିଷ୍କାସନ ବ୍ୟବସ୍ଥା ରହୁଛି । ଶହେ ବର୍ଷ ତଳର ଘର, ଏପରିକି ୫୦ ବର୍ଷ ତଳର ଘର ଠାରୁ ଏବେକା ଘର ନିର୍ମାଣ ଶୈଳୀ ସମ୍ପୂର୍ଣ୍ଣ ରୂପେ ଭିନ୍ନ । ଅଧିକାଂଶ ଲୋକେ ଭୂମିର ମାଲିକାନା ନଥିବା ଘରେ ରହୁଛନ୍ତି । ଏପରି ସ୍ଥଳେ ଘରର ବାସ୍ତୁ ଦୋଷ ଖୋଜିବା ଏକ ଅବୈଜ୍ଞାନିକ ଅବଧାରଣା । ଏକଥା ଅନେକ ବାର ଦେଖାଯାଇଛି ଯେ - କୌଣସି ଏକ ନିର୍ମାଣକୁ ନେଇ ଅଘଟଣଟିଏ ଘଟିଗଲେ କିଛିଲୋକ ବାସ୍ତୁ ଠିକ ନଥିଲା କହି ଗଣମାଧ୍ୟମର ଚର୍ଚ୍ଚାରେ ରହିବା ଉଦ୍ୟମ କରନ୍ତି । ଭାରତର ପାର୍ଲିଆମେଣ୍ଟ ହାଉସ ଇଂରେଜ ଶାସନ ସମୟରେ ୧୯୨୧ରୁ ୧୯୨୭ ମଧ୍ୟରେ ନିର୍ମିତ ହୋଇଥିଲା । ଏହାର ମୁଖ୍ୟ ସ୍ଥପତି ଥିଲେ ସାର୍ ଏଡୱିନ ଲୁଟେନ୍ସ ଏବଂ ସାର୍ ହରବଟ୍ ବାକେର । ଭାଇସରୟ ଲର୍ଡ ଇରୱିନ ୧୯୨୭ ମସିହାରେ ଏହି ବିଶାଳ ଭବନର ଉଦ୍‌ଘାଟନ କରିଥିଲେ । ୨୦୨୩ ମସିହା ଯାଏ ଏହି ବିଶାଳ ଭବନ ସଂସଦ ଭାବରେ ବ୍ୟବହୃତ ହୋଇଛି । ୨୦୦୧ ମସିହା ଯାଏ ଏହି ଭବନର ବାସ୍ତୁ ଦୋଷ ସମ୍ପର୍କରେ କେହି ମୁହଁ ଖୋଲି ନଥିଲେ । ୨୦୦୧ ମସିହା ଡିସେମ୍ବର ୧୩ ତାରିଖ ଦିନ କିଛି ଆତଙ୍କବାଦୀ ଏହି ଭବନ ଉପରେ ଆକ୍ରମଣ କରିବା ପରେ ଏହାର ନିର୍ମାଣରେ ବାସ୍ତୁ ଦୋଷ ଥିଲାବୋଲି କିଛି ବ୍ୟକ୍ତି କହିବା ଆରମ୍ଭ କରିଲେ । ସେମାନେ ଏ ଆକ୍ରମଣ ଘଟଣା ପୂର୍ବରୁ କାହିଁକି କହୁ ନଥିଲେ !!

ବର୍ତ୍ତମାନ ନିଜେ ଭୂମି କିଣି ନିଜେ ଘର ତିଆରି ବାସ କରିବା ଭଳି ପରିସ୍ଥିତି ଖୁବ କମ୍ ଲୋକଙ୍କ କ୍ଷେତ୍ରରେ ଘଟୁଛି । ସର୍ବାଧିକ ଘଟଣାରେ ଘରତିଆରି ହେଉଛି କଣ୍ଟ୍ରାକ୍ଟରମାନଙ୍କ ଦ୍ୱାରା, ବିଲଡରମାନଙ୍କ ଦ୍ୱାରା । ଗୃହ ନିର୍ମାଣ ନିମିତ୍ତ ବାସ୍ତୁଶାସ୍ତ୍ର ଅନୁପଯୋଗୀ ଭୂମିରେ ବହୁତଳ ବିଶିଷ୍ଟ ଆପାର୍ଟମେଣ୍ଟ ନିର୍ମାଣ କରାଯାଉଛି ।

ଜଳାଶୟ ପୋତି, ଗୋଚର ଭୂମି, ଶ୍ମଶାନ ଭୂମି ଆଦିରେ ଆପାର୍ଟମେଣ୍ଟ ନିର୍ମାଣ କରାଯାଉଛି । ଲୋକେ ଲକ୍ଷ ଲକ୍ଷ ଟଙ୍କା ଏପରିକି କୋଟି କୋଟି ଟଙ୍କାରେ ଏହି ଘର କିଣି ରହୁଛନ୍ତି । ବାସଗୃହ ଅନୁପଯୋଗୀ ଭୂମିରେ ଆପାର୍ଟମେଣ୍ଟ ନିର୍ମାଣ ପରେ 'ବାସ୍ତୁ ଅନୁମୋଦିତ ନକ୍ସାରେ ଘର ତିଆରି ହୋଇଛି ' କହି ବିଲଡର ସଂସ୍ଥାମାନେ ଲୋକଙ୍କୁ ଘର ବିକ୍ରି କରୁଛନ୍ତି । ହଜାର ହଜାର ଲୋକ କିଣୁଛନ୍ତି ମଧ୍ୟ । କେବଳ ଏତିକିରେ କଥା ସରିନାହିଁ, ସହରାଞ୍ଚଳରେ, ଏପରିକି ଗ୍ରାମାଞ୍ଚଳରେ ଲୋକେ ଭଡାଘରେ ରହୁଛନ୍ତି । ସରକାରୀ ବାସଗୃହ, ଟ୍ରାଞ୍ଜିଟ୍ ହାଉସ, ହୋଟେଲ, ଲଜିଂ ହାଉସ୍, ଧର୍ମଶାଳା, ପାନ୍ଥଶାଳା, ରାତ୍ରି ଆଶ୍ରୟସ୍ଥଳରେ ମଧ୍ୟ ଲୋକେ ଅନେକ ଦିନ ଧରି ରହୁଛନ୍ତି । ବିଧାନ ସୌଧ, ଲୋକସେବା ଭବନ, ବହୁତଳ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଆଦି ବଡ଼ ବଡ଼ ଗୃହ ନିର୍ମାଣ କାର୍ଯ୍ୟ ସରକାର ଟେଣ୍ଡର ମାଧ୍ୟମରେ କରୁଛନ୍ତି । ଏସବୁର ନିର୍ମାଣ ସମୟରେ ବାସ୍ତୁ ବିଚାର ପ୍ରସଙ୍ଗ ଉଠେନାହିଁ । କିଛି ଅଘଟଣ ଘଟିଲେ ବାସ୍ତୁଦୋଷ ଥିଲା କହି ଖୁଣ ବାହାର କରିବା ସମ୍ପୂର୍ଣ୍ଣ ଅଯୌକ୍ତିକ ଅନ୍ଧବିଶ୍ୱାସ ପୂର୍ଣ୍ଣ ଅବୈଜ୍ଞାନିକ ଅବଧାରଣା । ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ବିଶାଳ ସୁଉଚ୍ଚ କୋଠାମାନ ନିର୍ମାଣ କରାଯାଇଛି । ସେସବୁ ନିର୍ମାଣ ସମୟରେ ବାସ୍ତୁ ବିଚାର ହୁଏନାହିଁ । କିନ୍ତୁ ଦୁର୍ଘଟଣା ଘଟିଲେ ଆମଦେଶର ବାସ୍ତୁବିତମାନେ ବାସ୍ତୁ ଦୋଷ ଖୋଜି ବସନ୍ତି । ଆମେରିକାର 'ୱାର୍ଲଡ ଟ୍ରେଡ ସେଣ୍ଟର' ଉପରେ ଆତଙ୍କବାଦୀମାନଙ୍କ ଆକ୍ରମଣ ପରେ ଏପରି ହୋଇଥିଲା ।

ସମାଜର ବିଶିଷ୍ଟ ବ୍ୟକ୍ତିମାନେ ବ୍ୟକ୍ତିଗତ ବିଶ୍ୱାସରେ ବାସ୍ତୁଦୋଷ ନାମ ନେଇ ଘର ବଦଳାଇବା ଭଳି ଘଟଣା କେବେ କେବେ ଘଟେ । ଏହି ଘଟଣାର ଯୁକ୍ତିସଙ୍ଗତ ତର୍ଜମା ନକରି, ବିଚାର ନକରି ବାସ୍ତୁ ଦୋଷ କଥାକୁ ସାଧାରଣ ଲୋକେ ଗ୍ରହଣ କରି ଅନୁକରଣ କରିବା ଏକ ସାମାଜିକ ଲକ୍ଷଣ । ଏବେ ନୂଆ ନୂଆ ଅବଧାରଣା ବାସ୍ତୁ ବିଚାର କ୍ଷେତ୍ରକୁ ପ୍ରବେଶ କରିଲାଣି , ଅବୈଜ୍ଞାନିକ ଅବଧାରଣାରେ ମ୍ୟାଗନେଟିକ କମ୍ପାସ ଭଳି ବୈଜ୍ଞାନିକ ଯନ୍ତ୍ର ବ୍ୟବହାର କରାଗଲାଣି ।

ଶେଷକଥା ଭାବରେ ଏତିକି କୁହାଯାଇ ପାରିବ ଯେ ଆରୋହ-ଅବରୋହ ଚିନ୍ତନ କରୁ ନଥିବା ବ୍ୟକ୍ତିମାନେ ନିର୍ବିଚାରରେ ବାସ୍ତୁ ଅବଧାରଣାକୁ ବିଶ୍ୱାସ କରନ୍ତି । ବାସ୍ତୁଶାସ୍ତ୍ର ଶହ ଶହ ଅନୁମାନ ଭିତ୍ତିକ Mantic Arts ବା ପ୍ରମାଣ ବିହୀନ ଅନ୍ଧବିଶ୍ୱାସପୂର୍ଣ୍ଣ ଅବଧାରଣା ମଧ୍ୟରୁ ଗୋଟିଏ । ଆଧୁନିକ ବୈଜ୍ଞାନିକ ଉପକରଣ ସବୁକୁ ଏହାସହ ଯୋଡି ଲୋକଙ୍କୁ ବିଭ୍ରାନ୍ତ କରାଯାଇ ପାରିବ କିନ୍ତୁ ପ୍ରଶ୍ନର ସମ୍ମୁଖୀନ ହୋଇ ପ୍ରମାଣସିଦ୍ଧ ଉତ୍ତର ଦିଆଯାଇ ପାରିବ ନାହିଁ । କାରଣ ଘଟଣାଟିଏ ଘଟିସାରିବା ପରେ ବାସ୍ତୁଦୋଷ ଖୋଜାଯାଏ, ଘଟଣା ଘଟିବା ପୂର୍ବରୁ ନୁହେଁ ।

**ଜାଗମରା, ଭୁବନେଶ୍ୱର**
**ମୋ-୯୩୩୭୦୧୫୮୮୨**
**(ଭାରତୀୟ ସୂଚନାସେବାର ପୂର୍ବତନ ଅଧିକାରୀ ଓ ସୁଲେଖକ)**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବାଇକ୍...

ଟଙ୍କା ଆଦାୟ ହୋଇପାରିଛି । ୨୯୮ ଜଣ ବାଇକ୍ ଚାଳକଙ୍କ ଉପରେ ସିଟ୍‌ବେଲ୍ଟ ବାନ୍ଧିନଥିବା ଦର୍ଶାଇ ୨୯.୮ ଲକ୍ଷ ଟଙ୍କାର ଜରିମାନା କରାଯାଇଥିବାବେଳେ ୪୭୮୬ କାର ଓ ଅଟୋ ଡ୍ରାଇଭରଙ୍କୁ ହେଲମେଟ୍ ପିନ୍ଧିନଥିବା ନେଇ ୪୭.୮୬ ଲକ୍ଷ ଟଙ୍କାର ଚାଲାଣ କରାଯାଇଛି । ୩୯.୫୫ ଲକ୍ଷ ଇ-ଚାଲାଣ କୋର୍ଟରେ କିମ୍ବା ବିଭାଗ ପାଖରେ ପଡ଼ିରହିଛି ଯାହାର ଜରିମାନା ମୂଲ୍ୟ ୧୧୩୬.୭୨ କୋଟି ଟଙ୍କା । ୧୩.୭୫ ଲକ୍ଷ ମାମଲାରେ ରାଜକୋଷକୁ ୬୪୦.୮୭ କୋଟି ଟଙ୍କା ଜରିମାନା ଆଦାୟ ହୋଇପାରିନାହିଁ । ୬୫୩ ଇଭି ଗାଡ଼ିରୁ ଅବୈଧ ଭାବେ ୭୩.୭୫ ଲକ୍ଷ ଟଙ୍କାର ଟିକସ ଆଦାୟ କରି ସାଧାରଣ ନାଗରିକଙ୍କୁ ହଇରାଣ କରାଯାଇଛି । ଜନସାଧାରଣ ଓ ମହିଳା ଯାତ୍ରୀଙ୍କ ସୁରକ୍ଷା କ୍ଷେତ୍ରରେ ପ୍ରଶାସନର ଚରମ ଅବହେଳା ମଧ୍ୟ ସାମ୍ନାକୁ ଆସିଛି । ଯାତ୍ରିବାହୀ ଗାଡ଼ିରେ ଯାନ ଟ୍ରାକିଂ ଡିଭାଇସ୍ ପ୍ୟାନିକ୍ ବଟମ୍ ଲଗାଇବା ବାଧ୍ୟତାମୂଳକ ହୋଇଥିଲେ ମଧ୍ୟ ୯୫୪ ନୂଆ ବସ୍, ୧୯୦ ଆମ୍ବୁଲାନ୍ସ ସମେତ ୧୨୪୬ ଯାନକୁ ବିନା ଭିଏଲ୍‌ଟିରେ ପଞ୍ଜିକରଣ କରାଯାଇଛି । ୧୯.୧୪ ଲକ୍ଷ ସକ୍ରିୟ ଗାଡ଼ି ବିନା ହାଇସେକ୍ୟୁରିଟି ନମ୍ବର ପ୍ଲେଟ୍‌ରେ ଚାଲୁଛି । ସଡ଼କ ସୁରକ୍ଷା ନୀତି ଅନୁସାରେ ୨୦୨୦ ସୁଦ୍ଧା ରାସ୍ତା ଦୁର୍ଘଟଣାକୁ ୫୦% ଓ ମୃତ୍ୟୁ ସଂଖ୍ୟାକୁ ୨୦% ହ୍ରାସ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ବାସ୍ତବରେ ୨୦୧୫ ମସିହାରେ ୪୩୦୩ ଥିବା ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ୨୦୨୩ରେ ବୃଦ୍ଧି ପାଇ ୫୭୩୯ରେ ପହଞ୍ଚିଛି । ୨୦୧୯ରୁ ୨୦୨୨ ଯାଏ ହେଲମେଟ୍ ନ ପିନ୍ଧିବା ଯୋଗୁ ୬୪୨୯ ଓ ସିଟ୍‌ବେଲ୍ଟ ନ ବାନ୍ଧିବା ଯୋଗୁ ୨୧୮୫ ଜଣଙ୍କ ପ୍ରାଣ ଯାଇଛି । ସଡ଼କ ସୁରକ୍ଷା ପାଣ୍ଠିରୁ ୮୬.୩୯ କୋଟି ଖର୍ଚ୍ଚ ନ ହୋଇ ବ୍ୟାଙ୍କରେ ପଡ଼ିରହିଛି । ସେଥିରେ ୧୭.୪୦ କୋଟି ଟଙ୍କାର ସୁଧ ଜମା ହୋଇଥିବା ଅଡିଟ୍ ରିପୋର୍ଟରେ ଦର୍ଶାଯାଇଛି ।

### ତୀରନ୍ଦାଜୀରେ...

ହରାଇ ଏହି ସଫଳତା ପାଇଛି ଭାରତ । ଗୋଟିଏ ପଏଣ୍ଟ ବ୍ୟବଧାନରେ ଭାରତୀୟ ଖେଳାଳି ସ୍ୱର୍ଣ୍ଣ ହାସଲ କରିଛନ୍ତି । ୨୩୮-୨୩୭ ପଏଣ୍ଟରେ ଭାରତ ଚାମ୍ପିଅନ ହୋଇଛି । ସାହିଲ ଯାଦବ, ଗଣେଶ ମଣି ରତନମ ଓ କୁଶଳ ଦଲାଲ ମିଳିତ ଭାବେ ଭାରତକୁ ଏହି ସଫଳତା ଦେଇଛନ୍ତି । ଶେଷ ରାଉଣ୍ଡରେ ଭାରତର ୩ ଜଣ ଯାକ ଖେଳାଳି ୧୦ ପଏଣ୍ଟ ଲେଖାଏଁ ହାସଲ କରିଥିଲେ । ଚୀନ ମଧ୍ୟ ୩୦ ପଏଣ୍ଟ ପାଇଥିଲା । ପୂର୍ବରୁ ଚୀନ କରିଥିବା ତ୍ରୁଟି ଯୋଗୁଁ ଭାରତ ୨୩୭ ପଏଣ୍ଟ ବ୍ୟବଧାନରେ ବିଜେତା ହୋଇଛି । ଚୀନକୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁପଡିଛି ।

ଏହା ପୂର୍ବରୁ ପ୍ରଥମେ ମହିଳା କମାଉଣ୍ଡ ତୀରନ୍ଦାଜୀ ଇଭେଣ୍ଟରୁ ଭାରତକୁ ସ୍ୱର୍ଣ୍ଣ ମିଳିଥିଲା । ଜ୍ୟୋତି ସୁରେକ୍ଷା ଭେନମ, ଚିକିତା ତନିପାର୍ଥି ଓ ପ୍ରତୀକା ପ୍ରଦୀପଙ୍କ ଠୁ ଭାରତକୁ ସ୍ୱର୍ଣ୍ଣ ଦେଇଥିଲେ । ପୁରୁଷ ଦଳ ଭଳି ସେମାନେ ମଧ୍ୟ ଚୀନକୁ ଫାଇନାଲରେ ୨୩-୨୩୪ ପଏଣ୍ଟରେ ପରାଜିତ କରିଥିଲେ । ଭାରତ ସ୍ୱର୍ଣ୍ଣ ଜିତିବା ସହ ବିଶ୍ୱ ରେକର୍ଡର ସମକକ୍ଷ ହୋଇଥିଲା । ଏହାପରେ ଆଉ ଏକ ସ୍ୱର୍ଣ୍ଣ କମାଉଣ୍ଡ ମିକ୍ସଡ ଇଭେଣ୍ଟରୁ ଆସିଥିଲା । ସାହିଲ ଯାଦବ ଓ ଚିକିତା ତନିପାର୍ଥୀ ଏହି ସଫଳତା ହାସଲ କରିଥିଲେ । ଫାଇନାଲରେ ଦ.କୋରିଆକୁ ପରାଜିତ କରି ସ୍ୱର୍ଣ୍ଣ ଜିତିଥିଲା ଭାରତ । ଉଭୟ ଟିମ୍ ୧୫୭ ଲେଖାଏଁ ସ୍କୋର କରିଥିଲେ । ଫଳାଫଳ ଟାଇ ରହିବାରୁ ସୁଟ ଅଫ୍ ରାଉଣ୍ଡ ଅନୁଷ୍ଠିତ ହୋଇଥିଲା । ଏଥିରେ ବାଜି ମାରିଥିଲେ ଭାରତୀୟ ଖେଳାଳି । ସ୍ୱର୍ଣ୍ଣ ପଦକ ଜିତିବା ସହିତ ତୀରାନ୍ଦାଜୀ ମିକ୍ସଡ ଟିମକୁ ୨୦୨୮ ଲସ ଏଞ୍ଜେଲସ ଅଲିମ୍ପିକ୍ସ ପାଇଁ ଟିକେଟ ମିଳିଛି ।

ବୁଧବାର ଭାରତ ୭ଟି ପଦକ ଜିତିଛି । ଏଥିସହ ଭାରତ ସ୍ୱର୍ଣ୍ଣ ସଂଖ୍ୟା ୧୦ରେ ପହଞ୍ଚିଥିବା ବେଳେ ୨୧ଟି ରୌପ୍ୟ ଏବଂ ୨୯ଟି ବ୍ରୋଞ୍ଜ ସହ ମୋଟ ୬୦ ପଦକ ଜିତିଛି ଭାରତ । ପଏଣ୍ଟ ଟେବୁଲରେ ଭାରତ ଅଷ୍ଟମ ସ୍ଥାନରେ ଥିବା ବେଳେ ଚୀନ ୨୭୫ ପଦକ ସହ ପ୍ରଥମ ଏବଂ ଆୟୋଜକ ଜାପାନ ୧୯୯ ପଦକ ସହ ଦ୍ୱିତୀୟ ସ୍ଥାନରେ ରହିଛି ।

### ଆହତ...

ଘଟିଥିବା ନିଶ୍ଚିତ କରିଛି ଏବଂ ସମସ୍ତ ଯାତ୍ରୀ ଓ କ୍ରୁ ସଦସ୍ୟ ସୁରକ୍ଷିତ ଥିବା କହିଛି ।

ବିଭିନ୍ନ ରିପୋର୍ଟ ଅନୁସାରେ, ବିମାନର କ୍ୟାପ୍ଟେନ୍ ଭାରତୀୟ ନାଗରିକ ସ୍ମିତ ମଛର ବୋଲି ଚିହ୍ନଟ ହୋଇଛନ୍ତି । ସେ ପୂର୍ବରୁ ସ୍ପାଇସଜେଟ୍‌ରେ କାର୍ଯ୍ୟ କରିଥିବା ଏବଂ ୨୦୨୨ରୁ ଫ୍ଲାଏଦୁବାଇରେ କ୍ୟାପ୍ଟେନ୍ ଭାବେ କାର୍ଯ୍ୟରତ ଥିବା ରିପୋର୍ଟ ପ୍ରକାଶ ପାଇଛି । ରିପୋର୍ଟ ଅନୁସାରେ, ଓମାନର ନାଗରିକ ବୋଲି କୁହାଯାଉଥିବା ସହ-ପାଇଲଟ୍ କ୍ୟାପ୍ଟେନ୍‌ଙ୍କୁ ଆକ୍ରମଣ କରିଥିଲେ । ଏହା ପରେ ବିମାନରେ ଥିବା କିଛି ଯାତ୍ରୀ ଏବଂ ଅଫ୍-ଡ୍ୟୁଟି ପାଇଲଟ୍‌ମାନେ ହସ୍ତକ୍ଷେପ କରି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲେ । ପରେ ଅନ୍ୟ ପାଇଲଟ୍‌ମାନେ ବିମାନର ନିୟନ୍ତ୍ରଣ ନେଇ ସୁରକ୍ଷିତ ଭାବେ ତାବୁକ୍‌ରେ ଅବତରଣ କରାଇଥିଲେ ।

ଘଟଣା ସମୟରେ ବିମାନ ହଠାତ୍ ବହୁ ଉଚ୍ଚତାରୁ ତଳକୁ ଖସିଥିବା ଫ୍ଲାଇଟ୍ ତଥ୍ୟରୁ ଜଣାପଡ଼ିଛି । ବିମାନ ପକ୍ଷରୁ ୭୭୦୦ ଜରୁରୀ ସଙ୍କେତ ଏବଂ ପରେ ୭୫୦୦ ସଙ୍କେତ ପଠାଯାଇଥିଲା । ଏହା ପରେ ଇସ୍ରାଏଲ୍ ପକ୍ଷରୁ ମଧ୍ୟ ଜରୁରୀ ପ୍ରସ୍ତୁତି କରାଯାଇଥିଲା । ଘଟଣାକୁ ନେଇ ଇସ୍ରାଏଲ୍ ଓ ସାଉଦି ଆରବ କର୍ତ୍ତୃପକ୍ଷ ତଦନ୍ତ କରୁଛନ୍ତି । କିଛି ଇସ୍ରାଏଲୀ ଅଧିକାରୀ ଏହାକୁ ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣ ଭାବେ ତଦନ୍ତ କରାଯାଉଥିବା କହିଥିବା ବେଳେ, ଘଟଣାର ସମ୍ପୂର୍ଣ୍ଣ କାରଣ ନେଇ ତଦନ୍ତ ଜାରି ରହିଛି । ଫ୍ଲାଏଦୁବାଇ କହିଛି ଯେ, ଘଟଣା ପରେ ବିମାନକୁ ସୁରକ୍ଷିତ ଭାବେ ତାବୁକ୍‌ରେ ଅବତରଣ କରାଯାଇଛି ଏବଂ ସମସ୍ତ ଯାତ୍ରୀ ଓ କ୍ରୁ ସଦସ୍ୟଙ୍କ ହିସାବ ନିଆଯାଇଛି ।

### ବନ୍ୟା...

ଅବପାତଜନିତ ବର୍ଷା ପ୍ରଭାବରେ ଦକ୍ଷିଣ ଓଡ଼ିଶା ମଧ୍ୟ ବ୍ୟାପକ ଭାବେ ପ୍ରଭାବିତ ହୋଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତଥା ସ୍ପେଶାଲ୍ ରିଲିଫ୍ କମିଶନରଙ୍କ ପକ୍ଷରୁ ପ୍ରଭାବିତ ଅଞ୍ଚଳରେ ଜନସାଧାରଣଙ୍କୁ ଏପର୍ଯ୍ୟନ୍ତ କ୍ଷତିପୂରଣ ବାବଦକୁ ୨୪୧.୩୭ କୋଟି ଟଙ୍କା କ୍ଷତିପୂରଣ ପ୍ରଦାନ କରଯାଇଥିବା ବେଳେ ନିକଟରେ ନବରଙ୍ଗପୁର ଜିଲ୍ଲାକୁ ୫ କୋଟି, ଗଞ୍ଜାମ ଏବଂ ଗଜପତି ଜିଲ୍ଲା ପାଇଁ ୨ କୋଟି ଏବଂ ଝାରସୁଗୁଡ଼ା ଜିଲ୍ଲା ପାଇଁ ୧ କୋଟି ଟଙ୍କା ପ୍ରଦାନ କରାଯାଇଛି ।

କେନ୍ଦ୍ରାପଡ଼ା ଜିଲ୍ଲା ପାଇଁ ୧୬.୦୪ କୋଟି ଟଙ୍କା ପ୍ରଦାନ କରାଯାଇଥିଲା ବେଳେ ପ୍ରାୟ ୧୧.୨୧ କୋଟି ଟଙ୍କା ଆବଣ୍ଟନ ଶେଷ ହୋଇଛି । ଯାଜପୁର ଜିଲ୍ଲା ପାଇଁ ୫୨.୦୪ କୋଟି ଟଙ୍କା ପ୍ରଦାନ କରାଯାଇଥିଲା ବେଳେ ପ୍ରାୟ ୩୩.୮୦ କୋଟି ଟଙ୍କା ବଣ୍ଟନ ସମାପ୍ତ ହୋଇଛି । ସେହିପରି ଭଦ୍ରକ ଜିଲ୍ଲାକୁ ୬୪.୫୪ କୋଟି ଟଙ୍କା କ୍ଷତିପୂରଣ ବାବଦକୁ ପ୍ରଦାନ କରାଯାଇଥିଲା ବେଳେ ୪୩.୨୮ କୋଟି ଟଙ୍କା ବ୍ୟୟ ହୋଇ ସାରିଛି । ବାଲେଶ୍ୱର ଜିଲ୍ଲା ପାଇଁ ୨୬.୯୨ କୋଟି ଟଙ୍କା ପ୍ରଦାନ କରାଯାଇଥିଲା ବେଳେ ପ୍ରାୟ ୫.୯୪ କୋଟି ଟଙ୍କା ଇତିମଧ୍ୟରେ କ୍ଷତିପୂରଣ ବାବଦକୁ ବ୍ୟୟ ହୋଇ ସାରିଛି । ବାରମ୍ବାର ବର୍ଷା ଯୋଗୁଁ କ୍ଷୟକ୍ଷତି ଆକଳନ ଏବଂ ବାଧାପ୍ରାପ୍ତ ସୁଦ୍ଧା କ୍ଷତିପୂରଣ ପ୍ରଦାନ ତ୍ୱରାନ୍ୱିତ କରାଯାଇଛି ଏବଂ ଆଗାମୀ ଦଶହରା ପୂର୍ବରୁ ପର୍ଯ୍ୟାୟକ୍ରମେ ସମସ୍ତ ଜିଲ୍ଲାରେ କ୍ଷତିପୂରଣ ପ୍ରଦାନ ସମାପ୍ତ ହେବ ବୋଲି ମାନ୍ୟବର ମନ୍ତ୍ରୀ ଶ୍ରୀ ପୂଜାରୀ ସୂଚନା ଦେଇଛନ୍ତି । ବୈଠକରେ ସ୍ପେଶାଲ୍ ରିଲିଫ୍ କମିଶନର୍ ରାଜେଶ ପ୍ରଭାକର ପାଟିଲ୍, ଦକ୍ଷିଣାଞ୍ଚଳ ଆରଡିସି ସଂଗ୍ରାମ କେଶରୀ ମହାପାତ୍ର, ଅତିରିକ୍ତ ଏସଆରସି ପଦ୍ମନାଭ ବେହେରା ଏବଂ ବିଭାଗୀୟ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲା ବେଳେ ଆଭାସୀ ମାଧ୍ୟମରେ ସମ୍ପୃକ୍ତ ଜିଲ୍ଲାର ଜିଲାପାଳବୃନ୍ଦ ଯୋଗ ଦେଇଥିଲେ ।

### ୨ରୁ...

ବଞ୍ଚାଇବା ପାଇଁ ଏହି ଲଢ଼େଇରେ ସମସ୍ତେ ଏକାଠି ହେବାକୁ ସେ କହିଥିଲେ ।

ଗତ ସପ୍ତାହରେ ପ୍ରକାଶିତ ଏକ ରିପୋର୍ଟକୁ ନେଇ ଏହି ରାଜନୈତିକ ବିତର୍କ ତୀବ୍ର ହୋଇଛି । ରିପୋର୍ଟ ଅନୁଯାୟୀ, ବିଶେଷ ଗଭୀର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟା ସମ୍ପର୍କିତ ନିଷ୍ପତ୍ତି ଓ ଆଦେଶକୁ ନେଇ ନିର୍ବାଚନ କମିଶନର ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀ ୧୦ ମାସ ମଧ୍ୟରେ ୧୪ ଥର ଆନୁଷ୍ଠାନିକ ଭାବେ ଆପତ୍ତି ଉଠାଇଥିଲେ ।

ରିପୋର୍ଟରେ ଇସିଆଇନେଟ୍ ଭୋଟର ତାଲିକା ଡାଟାବେସ୍‌ର କେନ୍ଦ୍ରୀକରଣ, ନୂଆ ଭୋଟର ପଞ୍ଜୀକରଣ ପାଇଁ ଫର୍ମ-୬ରେ ଏକତରଫା ପରିବର୍ତ୍ତନ ଏବଂ ଏସ୍‌ଆଇଆର୍ ସମୟରେ ଭୋଟର ତାଲିକାରୁ ନାମ ବାଦ ଦେବା ଭଳି ପ୍ରସଙ୍ଗ ଉଠିଥିବା ଦର୍ଶାଯାଇଛି । ଖଡଗେ କହିଛନ୍ତି, ଅକ୍ଟୋବର ୨ରୁ ୮ ତାରିଖ ପର୍ଯ୍ୟନ୍ତ 'ଇଣ୍ଡିଆ' ମେଣ୍ଟର ସଦସ୍ୟମାନେ ବିଭିନ୍ନ ଡିଏମ୍ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିବେ । ଅକ୍ଟୋବର ୬ରେ ସମସ୍ତ ବିରୋଧୀ ସାଂସଦ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ଘେରିବେ ।

ଏହାସହ ଦେଶର ବିଭିନ୍ନ ସ୍ଥାନରେ ପାଞ୍ଚଟି ବଡ଼ ସଭା କରିବାକୁ ଯୋଜନା ହୋଇଛି । ଅକ୍ଟୋବର ଓ ନଭେମ୍ବରରେ ଏହି ସଭାଗୁଡ଼ିକ ହେବ । ନଭେମ୍ବର ୧ରେ ଦିଲ୍ଲୀରେ ଏକ ବଡ଼ ସମାବେଶ ହେବ ବୋଲି ଖଡଗେ କହିଛନ୍ତି । ଏହି ସଭାରେ 'ଭୋଟ୍ ଚୋରି' ଅଭିଯୋଗକୁ ନେଇ ଲୋକଙ୍କୁ ଅବଗତ କରାଯିବ ବୋଲି ସେ କହିଛନ୍ତି । ଏଥିସହ ଏସ୍‌ଆଇଆର୍ ଓ ଅନ୍ୟାନ୍ୟ ନିର୍ବାଚନୀ ଅନିୟମିତତା ସମ୍ପର୍କିତ ବିଚାରାଧୀନ ମାମଲାଗୁଡ଼ିକର ଶୀଘ୍ର ଶୁଣାଣି ପାଇଁ 'ଇଣ୍ଡିଆ' ମେଣ୍ଟର ନେତାମାନେ ସୁପ୍ରିମକୋର୍ଟଙ୍କୁ ଅନୁରୋଧ କରିବେ ବୋଲି ଖଡଗେ ସୂଚନା ଦେଇଛନ୍ତି ।

ଖଡଗେଙ୍କ ଅଭିଯୋଗ ଅନୁଯାୟୀ, ରାହୁଲ ଗାନ୍ଧୀ ନିର୍ବାଚନ କମିଶନଙ୍କ ଦ୍ୱାରା ଭୋଟ୍ ଚୋରି କରାଯାଉଥିବା ନେଇ କ୍ରମାଗତ ଭାବେ ପ୍ରଶ୍ନ ଉଠାଇଆସୁଛନ୍ତି । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ୍ୟ ଏହି ପ୍ରସଙ୍ଗ ଉଠାଇଥିବା ସେ କହିଛନ୍ତି । କେନ୍ଦ୍ର ସରକାରଙ୍କୁ ଟାର୍ଗେଟ୍ କରି ଖଡଗେ କହିଛନ୍ତି ଯେ, ପୂର୍ବରୁ ନୋଟବନ୍ଦୀ ମାଧ୍ୟମରେ ଲୋକ ଓ ଅର୍ଥନୀତିକୁ ପ୍ରଭାବିତ କରାଯାଇଥିଲା, ଏବେ 'ଭୋଟ୍ ବନ୍ଦୀ' ମାଧ୍ୟମରେ ଲୋକଙ୍କ ମତଦାନ ଅଧିକାରକୁ ବଞ୍ଚିତ କରାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି ।

### ଏସ୍‌ସିବିରେ...

ମୃତଦେହର ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି । ବ୍ୟବଚ୍ଛେଦ ପ୍ରକ୍ରିୟାର ଭିଡିଓଗ୍ରାଫି ମଧ୍ୟ କରାଯାଇଥିବା ଜଣାପଡ଼ିଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ । ମାଡ଼ ଯୋଗୁଁ ଆଭ୍ୟନ୍ତରୀଣ ଆଘାତ ହୋଇ ମୃତ୍ୟୁ ଘଟିଛି ନା ଅନ୍ୟ କୌଣସି ଶାରୀରିକ ଜଟିଳତା ଏହାର କାରଣ, ତାହା ରିପୋର୍ଟରୁ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି ।

ଏହି ଘଟଣା ଏସ୍‌ସିବିରେ ରୋଗୀ ସୁରକ୍ଷା ଓ ମାନସିକ ରୋଗୀଙ୍କ ପ୍ରତି ବ୍ୟବହାରକୁ ନେଇ ବଡ଼ ପ୍ରଶ୍ନ ଠିଆ କରିଛି । ଯେଉଁ ରୋଗୀ ନିଜ ଅବସ୍ଥା ବୁଝାଇବାରେ ମଧ୍ୟ ଅସମର୍ଥ ହୋଇପାରନ୍ତି, ସେମାନଙ୍କ ସୁରକ୍ଷା ଦାୟିତ୍ୱରେ ଥିବା କର୍ମଚାରୀ ମାନେ ବୁଝାଇ ସୁଝାଇ ସୁରକ୍ଷିତ ରଖିବା କଥା ଓଲଟା ସୁରକ୍ଷା କର୍ମୀଙ୍କ ବିରୋଧରେ ଏଭଳି ଅଭିଯୋଗ ଆସିବା ଘଟଣାର ଗମ୍ଭୀରତାକୁ ଆହୁରି ବଢ଼ାଇଦେଇଛି । ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ଅଧୀକ୍ଷକ କହିଛନ୍ତି ଯେ, ଘଟଣାର ତଦନ୍ତ ପୁଲିସ କରୁଛି । ତଦନ୍ତରେ ମେଡିକାଲ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ କରାଯିବ । ପୁଲିସ ଡ୍ୟୁଟିରେ ଥିବା ସୁରକ୍ଷା କର୍ମୀ ଓ ୱାର୍ଡ ଆଟେଣ୍ଡାଣ୍ଟଙ୍କୁ ପଚରାଉଚରା କଲେ ମେଡିକାଲ ପକ୍ଷରୁ ସହଯୋଗ କରାଯିବ ବୋଲି ସେ କହିଛନ୍ତି । ତେବେ ଏନେଇ ବିଭାଗୀୟ ତଦନ୍ତ ହେବ କି ନାହିଁ, ସେ ସମ୍ପର୍କରେ ଅଧୀକ୍ଷକ ସ୍ପଷ୍ଟ କିଛି କହିନାହାନ୍ତି । ପୁଲିସ ତଦନ୍ତ ଓ ବ୍ୟବଚ୍ଛେଦ ରିପୋର୍ଟ ପରେ ହିଁ ଏହି ମୃତ୍ୟୁ ପଛର ପ୍ରକୃତ କାରଣ ସ୍ପଷ୍ଟ ହେବ ।

## ବନ୍ୟା ବିପନ୍ନଙ୍କୁ ବିଧାୟକ ମାଧବ ଧଡାଙ୍କ ସହାୟତା

ସୋର,(ସବ୍ୟୁ) :ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ସୋର ବ୍ଲକ ତଳନଗର ପଂଚାୟତ ଅଙ୍କୁରୁଖାର୍ଜା. ସାଲମପୁର, ସୁନାରି, ଚାଳିଶିମାଡ, ଚାଉଳି, ପଦନପଡା ବିଭିନ୍ନ ଗାଁ ଏବେ ଜଳମଗ୍ନ ଅବସ୍ଥାରେ ରହିଛି । ତଳନଗର ଓ ସବିରା ପଞ୍ଚାୟତରେ ୧୨ରୁ ଅଧିକ ଗାଁ ବିଚ୍ଛିନ୍ନାଞ୍ଚଳ ହୋଇ ପଡ଼ିଛି । ୧୯୯୯ ମସିହା ପରେ ଏବେ ପୁଣି ସେହି ପରି ବଡ଼ ବନ୍ୟା ଜଳ ଚାଲିବା ଫଳରେ ରାସ୍ତା ଉପରେ ଅଣ୍ଟାଏ ଅଣ୍ଟାଏ ପାଣି । ସବିରା, ତଳନଗର,ତେଣ୍ଟେଇ, ସାଜନପୁର ପଞ୍ଚାୟତରେ ବନ୍ୟା ଜଳ ଧୀରେ ଧୀରେ ବଢ଼ୁଛି । ତଳନଗର ପଞ୍ଚାୟତ ଅଙ୍କୁରୁଖାର୍ଜା ଗାଁକୁ ଯିବା ଆସିବା ମୁଖ୍ୟ ରାସ୍ତାରେ ଅଣ୍ଟାଏ ଅଣ୍ଟାଏ ପାଣି, ଯିବା ଆସିବା ସମ୍ଭବ ହୋଇପାରୁନାହିଁ । ଆଜି ସୋର ବିଧାୟକ ମାଧବ ଧଡ଼ା ଲୋକଙ୍କ ପହଁଚି ଶୁଖିଲା ଖାଦ୍ୟ ଯୋଗାଇ ଦେଇଛନ୍ତି । ସେହିପରି ତଳନଗର ପଂଚାୟତର ସରପଞ୍ଚ ଗୀତାରାଣୀ ଦାସ ଓ ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ପ୍ରସାଦ ଦାଶ ପାଣି ଘେରରେ ଥିବା ଲୋକମାନଙ୍କୁ ଉଦ୍ଧାରକରି ପଞ୍ଚାୟତବାସୀଙ୍କ ପାଇଁ ରନ୍ଧା ଖାଦ୍ୟ ଠାରୁ ଆରମ୍ଭ କରି ଶୁଖିଲା ଖାଦ୍ୟ ପର୍ଯ୍ୟନ୍ତ ବାଣ୍ଟି ଚାଲିଛନ୍ତି ।

## ପାଟୁଁଳି ପିଇଓ ବଦଳିର ପ୍ରତିବାଦ

ଭଣ୍ଡାରିପୋଖରୀ, (ସବ୍ୟୁ) :ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ପାଟୁଁଳି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ ମିଶ୍ରଙ୍କୁ ଗତ ୨୬ ତାରିଖରେ ବଦଳି କରାଯାଇଛି । ଏହି ବଦଳିର ପ୍ରତିବାଦ କରାଯାଇଛି । ରବିନ୍ଦ୍ର ସାହୁ, ଧରଣୀଧର ଯେନା, ସନାତନ ସାହୁ ପ୍ରମୁଖ ବିଡିଓଙ୍କ ନିକଟରେ ମଙ୍ଗଳବାର ପିଇଓ ବଦଳିର ଲିଖିତ ପ୍ରତିବାଦ କରି ବଦଳି ବାତିଲ କରିବାକୁ ଅନୁରୋଧ କରିଛନ୍ତି । ପିଇଓ ଶ୍ରୀ ମିଶ୍ରଙ୍କ କାର୍ଯ୍ୟକାଳ ସମୟରେ ପାଟୁଁଳି ପଞ୍ଚାୟତ ଜିଲ୍ଲାସ୍ତରରେ ପୁରସ୍କୃତ ହୋଇଥିଲା । ମାତ୍ର ତାଙ୍କୁ ବଦଳି କରାଯାଇଥିବାରୁ ପଞ୍ଚାୟତର ବିକାଶମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେବ ବୋଲି ଅଭିଯୋଗକାରୀମାନେ ଦର୍ଶାଇଛନ୍ତି । ଏଥିସହ ବଦଳ ପିଇଓ ଭାବେ ନିଯୁକ୍ତ ହୋଇଥିବା ପ୍ରକାଶ ନାୟକ ପୂର୍ବରୁ ପାଟୁଁଳି ପିଇଓ ଭାବେ ଦାଇତ୍ୱରେ ଥିବା ସମୟରେ ଭଡା କେଳେଙ୍କାରୀରେ ଜଡିତ ଥିବା ଅଭିଯୋଗ ହୋଇଥିଲା ।

ସେହି ଅଭିଯୋଗରେ ତାଙ୍କୁ ପଞ୍ଚାୟତରୁ ବଦଳି କରାଯାଇଥିଲା । ଜଣେ ଲୋକପ୍ରିୟ ପିଇଓଙ୍କୁ ବଦଳି କରାଯାଇ ପୂର୍ବରୁ ଦୁର୍ନୀତିଗ୍ରସ୍ତ ଅଭିଯୋଗ ହୋଇଥିବା ପିଇଓଙ୍କୁ ଅବସ୍ଥାପିତ କରାଯିବା ପଦକ୍ଷେପକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ଅଭିଯୋଗରେ ଚେତାବନୀ ଦେଇଛନ୍ତି । ବଦଳି ଆଦେଶ ବାତିଲ କରାନଗଲେ ଆନ୍ଦୋଳନ ହେବ ବୋଲି ଅଭିଯୋଗକାରୀମାନେ ସୂଚାଡ କରିଛନ୍ତି । ଏହି ଅଭିଯୋଗ ସମ୍ପର୍କରେ ବିଚାର କରାଯିବ ବୋଲି ବିଡିଓ ଦେବଦତ୍ତ ଦାଶ ଅଭିଯୋଗକାରୀଙ୍କୁ ଆଶ୍ୱସନା ଦେଇଛନ୍ତି ।

## ପଡୁଆଁ ସୋସାଇଟିର ଜମାକାରୀଙ୍କ ଖାତାରୁ ଲକ୍ଷ ଲକ୍ଷ ଟଙ୍କା ଗାଏବ

ବାସୁଦେବପୁର, (ସବ୍ୟୁ) :ବାସୁଦେବପୁର ବ୍ଲକର ପଡୁଆଁ ସେବା ସମବାୟ ସମିତିର ଜମାକାରୀଙ୍କ ଖାତାରୁ ଲକ୍ଷ ଲକ୍ଷ ଟଙ୍କା ଗାଏବ ହୋଇଥିବାର ଅଭିଯୋଗ । ସୋସାଇଟିର ବୋର୍ଡ ଡାଇରେକ୍ଟରଙ୍କ ଜମା ଖାତାରୁ ୧ଲକ୍ଷ୧୨ହଜାର୧୮୦ଟଙ୍କା ଗାଏବ ହୋଇଯାଇଛି । ବାସୁଦେବପୁର ବ୍ଲକର ପଡୁଆଁ ସୋସାଇଟିର ବୋର୍ଡ ଡାଇରେକ୍ଟର ବଂଶୀଧର ଦାସ ସେବା ସମବାୟ ସମିତିର ୨୦୧୬ମସିହା ମାର୍ଚ୍ଚ ମାସରେ ଖାତା ନମ୍ବର ୧୨୫୨ଏକ ବୟାଙ୍କ ଜମା ଖୋଲିଥିଲେ । ସେହିଦିନ ଠାରୁ ଅର୍ଥ କାରବାର କରି ଆସୁଥିଲେ । ଜୁଲାଇ୧୦ତାରିଖରେ ୧ଲକ୍ଷ ୨୦ଉଠାଇ ଥିଲେ । ତାଙ୍କର ଜମା ଖାତାର ୧ଲକ୍ଷ୧୨ହଜାର୧୮୦ଟଙ୍କା ଥିଲା । ୨୩ ସେପଟେମ୍ବର (ବୁଧବାର) ସୋସାଇଟିରକୁ ଟଙ୍କା ଉଠାଇବାକୁ ଯାଇଥିବାବେଳେ ଜମା ଖାତାରୁ ଟଙ୍କା ଗାଏବ ହୋଇଯାଇଛି । ପାସବୁକ୍‌ରେ ଲେଖା ଅଛି । ହେଲେ ସୋସାଇଟି ଲେଜର ଟଙ୍କା ନଥିବାର କହି କର୍ମଚାରୀ ଫେରାଇ ଦେଇଥିଲେ । ପଡୁଆଁ ସୋସାଇଟିର ସମ୍ପାଦକ ନିକଟରେ ଆତ୍ମହତ୍ୟା କରିଛନ୍ତି । ଏହାର ସୁଯୋଗ ନେଇ କିଛି କର୍ମଚାରୀ ଜମାକାରୀଙ୍କ ଖାତାରୁ ଅର୍ଥ ଲୁଟ କରିଥିବାର ଅଭିଯୋଗ ହେଉଛି । କେବଳ ବଂଶୀଧର ଦାସ ନୁହଁନ୍ତି । ତାଙ୍କର ସହିତ ୮/୧୦ଜଣଙ୍କ ଜମାକାରୀଙ୍କ ଖାତାରୁ ଅର୍ଥ ଲୁଟ ହୋଇ ଥିବାର ଅଭିଯୋଗ ଆସୁଛି । ଯଦି ତଦନ୍ତ ହୁଏ ପୁଳା ପୁଳା ଦୁର୍ନୀତି ଗନ୍ଧ ପଦାକୁ ଆସିବ । ଏହି ଦୁର୍ନୀତିରେ ସୋସାଇଟିର ଜଣେ ତଳିଆ କର୍ମଚାରୀ ଲୁଟ ମାଷ୍ଟର ମାଇଣ୍ଡ ସାଜିଛନ୍ତି ବୋଲି ଅଭିଯୋଗହେଉଛି । ବଂଶୀଧର ପଡୁଆଁ ସୋସାଇଟିର ଭାରପ୍ରାପ୍ତ ସମ୍ପାଦକଙ୍କ ଠାରୁ ଆରମ୍ଭ କରି ଡିଆରସିଏସ ପର୍ଯ୍ୟନ୍ତ ଅଭିଯୋଗ କରିଛନ୍ତି । ଯଦି ଜମାକାରୀଙ୍କ ଅର୍ଥ ସ୍ପଷ୍ଟ ଦିବା ଲୋକରେ ଲୁଟ କରନ୍ତି ସେବା ସମବାୟ ସମିତି ପ୍ରତି ଲୋକେ ମୁହଁ ଫେରାଇ ନେବେ ।

## ଦେବାଶିଷ ସିଂ ସୁବର୍ଣ୍ଣପୁର ଜିଲ୍ଲାପାଳ

ଭୁବନେଶ୍ୱର (ସବ୍ୟୁ) : ସାଧାରଣ ପ୍ରଶାସନ ବିଭାଗରେ କାର୍ଯ୍ୟରତ ଅତିରିକ୍ତ ସଚିବ ଦେବାଶିଷ ସିଂଙ୍କୁ ସୁବର୍ଣ୍ଣପୁର ଜିଲ୍ଲାପାଳ ଭାବେ ନିଯୁକ୍ତି ଦିଆଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ଏହି ନିଯୁକ୍ତି ଦିଆଯାଇଛି ।

## ବନ୍ଧନ ଫ୍ଲେକ୍ସି କ୍ୟାପ୍ ଫଣ୍ଡର ୨୧ ବର୍ଷ ପୂର୍ତ୍ତି

ଭୁବନେଶ୍ୱର (ସବ୍ୟୁ) : ବନ୍ଧନ ଫ୍ଲେକ୍ସି କ୍ୟାପ୍ ଫଣ୍ଡ ୨୧ ବର୍ଷ ପୂରଣ କରିଛି । ଏହି ଅବସରରେ ଫଣ୍ଡ ନିବେଶ ରଣନୀତି ଓ ଦୀର୍ଘକାଳୀନ ଆଭିମୁଖ୍ୟ ଉପରେ ଗୁରୁତ୍ୱ ଦିଆଯାଇଛି । ବଜାରର ପରିବର୍ତ୍ତିତ ପରିସ୍ଥିତିରେ ଏହି ଫଣ୍ଡ ସନ୍ତୁଳନ, ବିବିଧକରଣ ଓ ନମନୀୟତା ଉପରେ ଧ୍ୟାନ ଦେଉଛି । ଏହାର ନିବେଶ ରଣନୀତି ମୋମେଣ୍ଟମ୍, କ୍ୱାଲିଟି ଓ ଭାଲ୍ୟୁ ଏହି ତିନୋଟି ଦିଗ ଉପରେ ଆଧାରିତ । ଏଥିରେ ଦ୍ରୁତ ଅଭିବୃଦ୍ଧି କରୁଥିବା କମ୍ପାନୀ, ଦୃଢ଼ ମୌଳିକତା ଥିବା ବ୍ୟବସାୟ ଏବଂ ଆକର୍ଷଣୀୟ ମୂଲ୍ୟାୟନରେ ଉପଲବ୍ଧ କମ୍ପାନୀଗୁଡ଼ିକୁ ଚିହ୍ନଟ କରାଯାଏ । ଏହା ସହ ବଜାର ପରିସ୍ଥିତି ଅନୁଯାୟୀ ବୃହତ୍, ମଧ୍ୟମ ଓ କ୍ଷୁଦ୍ର ପୁଞ୍ଜିର କମ୍ପାନୀଗୁଡ଼ିକରେ ନିବେଶ ଆବଣ୍ଟନରେ ପରିବର୍ତ୍ତନ କରାଯାଏ । ସମୟ ସହିତ ଫଣ୍ଡ ନିବେଶ ରଣନୀତି ଅଧିକ ସନ୍ତୁଳିତ ହୋଇଛି ।

## ନିମ୍ନମାନର କାମ
## ଭୁଶୁଡ଼ିଲା ଅଙ୍ଗନୱାଡି କେନ୍ଦ୍ର ଛାତ

ବାସୁଦେବପୁର,(ସବ୍ୟୁ):ଭୁଶୁଡିଲା ନବ ନିର୍ମିତ ଅଙ୍ଗନୱାଡି କେନ୍ଦ୍ରର ଛାତ । ଅଳ୍ପକେ ରକ୍ଷା ପାଇଗଲେ ପାଖ ସ୍କୁଲର ଛାତ୍ରଛାତ୍ରୀ । ବାସୁଦେବପୁର ବ୍ଲକର ଗୁଆଗଡିଆ ପଞ୍ଚାୟତର ତଳିଆ ସ୍କୁଲ ପରିସରରେ ନିର୍ମାଣାଧୀନ ଅଗସ୍ତି ସାହି ଅଙ୍ଗନୱାଡି କେନ୍ଦ୍ରର ଛାତ ଖସି ପଡିଲା । କୋଠା ଛାତ ଖସିବା ସମୟରେ ପାଖ ସ୍କୁଲର କୌଣସି ଛାତ୍ର ଛାତ୍ରୀ ନଥିବାରୁ ଦୁର୍ଘଟଣାରୁ ଅଳ୍ପକେ ରକ୍ଷା ପାଇଛନ୍ତି । ଗୁଆଗଡିଆ ପଞ୍ଚାୟତର ଅଗସ୍ତି ସାହି ଅଙ୍ଗନୱାଡି କେନ୍ଦ୍ର ୨୦୨୪-୨୫ ଆର୍ଥିକ ବର୍ଷର ଘର ନିର୍ମାଣ କରିବାକୁ ୮ ଲକ୍ଷ ଟଙ୍କା ବରାଦ ହେଲା । ଏହା ସହିତ ଏମଜିଏନଆରଜିଏସରୁ ଦୁଇ ଲକ୍ଷ ଟଙ୍କା ପ୍ରଦାନ କରାଗଲା । ଏହି କାମକୁ କିଏ କରୁଛନ୍ତି, କେବେ ଠାରୁ ଆରମ୍ଭ କରି କେବେ ଶେଷ କରିବେ ସୂଚନା ଫଳକରେ ଉଲ୍ଲେଖ ହୋଇନାହିଁ । ଠିକାଦାର ଓ କନିଷ୍ଠ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାର ଯୋଗୁଁ ନିର୍ମାଣ କାଯ୍ୟ ସରିବା ପୂର୍ବରୁ ଛାତ ଭୁଶୁଡି ପଡିଲା । ଠିକାଦାର କାମ କରୁଥିବାବେଳେ କନିଷ୍ଠ ଯନ୍ତ୍ରୀ କାମ ପାଖକୁ ତଦାରଖ କରିବାକୁ ଯାଇ ଥିଲେ ନା ଭଦ୍ରକରେ ବସି ରହିଥିଲେ । ସେ ନେଇ ପ୍ରଶ୍ନ ଉଠିଛି ।

## ସ୍ତ୍ରୀଙ୍କୁ ନିର୍ଯାତନା, ସ୍ୱାମୀ ଗିରଫ

ଆଗରପଡ଼ା (ସବ୍ୟୁ) : ସ୍ୱାମୀ, ସ୍ତ୍ରୀଙ୍କୁ ନିର୍ଯ୍ୟାତନା ଦେବା ଅଭିଯୋଗରେ ଗିରଫ ହୋଇଥିବାର ଜଣାପଡ଼ିଛି । ବନ୍ତ ଥାନା ଅନ୍ତର୍ଗତ ଶାଳକଣିଆ ଗ୍ରାମର ନିରାକାର ଜେନା ଗତ ୨୦୨୫ ମସିହାରେ ବୈଦିକ ରୀତିରେ ସରମରା ଗ୍ରାମର ମହେଶ୍ୱତା ଦାସଙ୍କୁ ବିବାହ କରିଥିଲେ । ନିରାକାର ତାଙ୍କୁ ନିର୍ଯାତନା ଦେଉଛନ୍ତି ବୋଲି ମହେଶ୍ୱତା ଥାନାରେ ଅଭିଯୋଗ କରିଥିଲେ । ଏହି ସଂପର୍କରେ ଥାନା କେସ ନଂ ୨୪୬/୨୬ରେ ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଥିବାର ଜଣାପଡ଼ିଛି ।

## ରେମୁଣା ନୂଆଗାଁରେ ନିଶାମୁକ୍ତ ଅଭିଯାନ

ବାଲେଶ୍ୱର,(ସବ୍ୟୁ) :ମା ଦୁର୍ଗା ଜନକଲ୍ୟାଣ ସମିତି, ନୂଆଗାଁ ପକ୍ଷରୁ ନିଶାମୁକ୍ତ ଅଭିଯାନ କରାଯାଇଛି । ରେମୁଣା ବ୍ଲକ ନୂଆଗାଁ ପଂଚାୟତର ସୁନାମୁହିଁ ଆଦିବାସୀ ବସ୍ତିରେ ନିଶାମୁକ୍ତ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ସମିତିର ସଭାନେତ୍ରୀ ଶାକମ୍ବରୀ ସିଂଙ୍କ ନେତୃତ୍ୱରେ ପରିବାରର ସଦସ୍ୟ ସଦସ୍ୟାଙ୍କୁ ମିଶନଶକ୍ତି କାର୍ଯ୍ୟାଳୟ ନିକଟରେ ଏକାଠି କରି ନିଶାର ପ୍ରଭାବ, ନିଶା କିପରି ଆର୍ଥିକ, ସାମାଜିକ ଓ ଶାରୀରିକଭାବେ ଦୁର୍ବଳ କରୁଛି ତାହା ବୁଝାଯାଇଥିଲା । କାର୍ଯ୍ୟକ୍ରମରେ ସାହିର ଝିଅ ଓ ବୋହୂମାନେ ଯୋଗଦେଇଥିଲେ । ଆଦିବାସୀ ପରମ୍ପରା ଓ ସଂସ୍କୃତିକୁ କୌଣସି ପରିସ୍ଥିତିରେ ନଭୁଲିବାକୁ ପରାମର୍ଶ ଦିଆଯାଇଥିଲା । ନିଶା କବଳିତ ମଣିଷର ସାମାଜିକ ସମ୍ମାନ କିପରି ହ୍ରାସ ହେଉଛି ତାହା ବୁଝାଇଥିଲେ । ଏଥିରେ ସମିତିସଭ୍ୟ କାର୍ତ୍ତିକ ପାତ୍ର, ସମିତିର ସମ୍ପାଦିକା ସରସ୍ୱତୀ ଜେନା, କୋଷାଧ୍ୟକ୍ଷା କବିତା ମଲିକ ଯୋଗଦେଇ ନିଶା ଠାରୁ ଦୂରେଇ ରହିବାର ଆବଶ୍ୟକତା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ ।


**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER: RAYAGADA.**

At/Po:- Barijhola, Pin No:-765002, Mail ID : nvbdcprayagada@gmail.com

**Zilla Swasthya Samiti, RAYAGADA**
**O/o. The CDM&PHO.Rayagada, PIN-765001**

10001/592/2627 Advt.No.8477 Date : 29.09.26

**TENDER CALL NOTICE FOR**
**Auction of out of service 108 EMAS Ambulance located in different institutions of this district**

Sealed tenders are invited from Sole Proprietor/Partnership firm/ Agency/Company for Auction of out of service 108 EMAS Ambulance located in different institutions of this district. Details regarding eligibility criteria, terms & conditions and the formats of submission of tender (Price bid) are mentioned in the tender document which will be downloaded from the website: http://Rayagada.odisha.gov.in. Interested bidder may submit their tenders in a sealed envelope super-scribing on the top of the sealed envelope as **"Tender for Auction of out of service 108 EMAS Ambulance located in different institutions of this district in reference to Advertisement No 8477 dtd. 29.09.2026".** Address to the CDM&PHO, Rayagada, at/Po:- Barijhola Dist:- Rayagada pin -765002 through speed post/ Regd post only by 10.11.2026 till 5 PM. Which will be opened on 11.11.26 at 11 AM.

The undersigned reserves the right to cancel/reject any or all the tenders without assigning any reason thereof.

Sd/- CDM&PHO-cum-OMD
Dist : Rayagada

OIPR : 10001/10035/1/26-27/0009



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. RGDA_SnT_26-27_WORKS_02

**କାର୍ଯ୍ୟର ନାମ :** (I) ଜୟପୁର (JYP) ଗୁଡ୍ସ ସେଡ୍‌ରେ ଗୁଡ୍ସ ସେଡ୍ ସୁବିଧାର ଉନ୍ନତିକରଣ ସମ୍ବନ୍ଧୀୟ କାର୍ଯ୍ୟର ସଙ୍କେତ ଏବଂ ଦୂରସଞ୍ଚାର ଅଂଶ । (II) ଜଗଦଲପୁର (JDB) ଏବଂ ବଡ଼େ ଆରାପୁର (BDXX) ଗୁଡ୍ସ ସେଡ୍‌ରେ ଗୁଡ୍ସ ସେଡ୍ ସୁବିଧାର ଉନ୍ନତିକରଣ ସମ୍ବନ୍ଧୀୟ କାର୍ଯ୍ୟର ସଙ୍କେତ ଏବଂ ଦୂରସଞ୍ଚାର ଅଂଶ ।

ବିଜ୍ଞାପିତ ମୂଲ୍ୟ : ₹ 63,71,724.90, EMD : ₹ 1,27,400/-, କାର୍ଯ୍ୟ ଶେଷ ହେବା ଅବଧି : ଛଅ (06) ମାସ ।

ବିଡ଼ ଆରମ୍ଭ ହେବା ତାରିଖ : ତା.02.10.2026ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.16.10.2026ରିଖ 1500 ଘଣ୍ଟିକା ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ରାୟଗଡ଼ା

PR-474/R/26-27



**ଦ.ପୂ. ରେଳପଥ-ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଓ ପାଇଁ ସିନିୟର ଡିଏସଟିଇ/ସିକେପି ନିମ୍ନରେ ଉଲ୍ଲେଖିତ ଟେଣ୍ଡର ନଂ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହା ୧୨.୧୦.୨୦୨୬ ରିଖ ଅପରାହ୍ନ ୧୫:୦୦ ଘଟିକାରେ ଖୋଲାଯିବ । ଏହି ଟେଣ୍ଡର ପାଇଁ ମାନୁଆଲ ପ୍ରସ୍ତାବ ଗ୍ରହଣୀୟ ନୁହେଁ ଏବଂ ଏପରି କୌଣସି ମାନୁଆଲ ପ୍ରସ୍ତାବ ଗ୍ରହଣ କରାଗଲେ ତାହାକୁ ବିଚାରକୁ ନିଆଯିବ ନାହିଁ । **କ୍ର.ନଂ:- ୧, ଟେଣ୍ଡର ବିଜ୍ଞପ୍ତି ନଂ:-ଏସଟି-ସିକେପି-ଓଟି-୨୬-୨୭-୧୬, କାର୍ଯ୍ୟର ନାମ:-** ଟାଟାନଗର, ସିନି ଏବଂ ଡାଙ୍ଗୋଆପୋସି ସେକ୍ସନ୍ ଅଧୀନରେ ଫଲ୍ଟ ଲୋକେଟର୍ କିଟ୍ ସହିତ 'ଆର୍ଥ ଲିକେଜ୍ ଡିଟେକ୍ଟର' ଏବଂ 'ଇନସୁଲେସନ୍ ମନିଟରିଂ ଡିଭାଇସ୍'ର ବ୍ୟବସ୍ଥା, **ଟେଣ୍ଡର ମୂଲ୍ୟ** (ଟଙ୍କା): ୪,୫୪,୧୯,୭୫୯.୬୦, **ଅମାନତ ଅର୍ଥ**(ଟଙ୍କା): ୯,୦୮,୪୦୦.୦୦, **କାର୍ଯ୍ୟ ସମାପ୍ତି ଅବଧି** : ୦୩ (ତିନି) ମାସ, **କ୍ର.ନଂ: ୨, ଟେଣ୍ଡର ବିଜ୍ଞପ୍ତି ନଂ:ଏସଟି-ସିକେପି-ଓଟି-୨୬-୨୭-୧୭, କାର୍ଯ୍ୟର ନାମ:-** ଚକ୍ରଧରପୁର, ବୋଣ୍ଡାମୁଣ୍ଡା ଏବଂ ଝାରସୁଗୁଡ଼ା ସେକ୍ସନ୍ ଅଧୀନରେ ଫଲ୍ଟ ଲୋକେଟର୍ କିଟ୍ ସହିତ 'ଆର୍ଥ ଲିକେଜ୍ ଡିଟେକ୍ଟର' ଏବଂ 'ଇନସୁଲେସନ୍ ମନିଟରିଂ ଡିଭାଇସ୍'ର ବ୍ୟବସ୍ଥା, **ଟେଣ୍ଡର ମୂଲ୍ୟ** (ଟଙ୍କା): ୩,୮୮,୧୬,୪୨୪.୨୦, **ଅମାନତ ଅର୍ଥ**(ଟଙ୍କା): ୭,୭୨,୧୦୦.୦୦, **କାର୍ଯ୍ୟ ସମାପ୍ତି ଅବଧି** : ୦୩ (ତିନି) ମାସ, **କ୍ର ନଂ:- ୩, ଟେଣ୍ଡର ବିଜ୍ଞପ୍ତି ନଂ:- ଏସଟି-ସିକେପି-ଓଟି-୨୬-୨୭-୧୮, କାର୍ଯ୍ୟର ନାମ:-** ଡାଙ୍ଗୋଆପୋସି ଠାରେ ଉଚ୍ଚସ୍ତରରେ ଯାତ୍ରୀ ପ୍ଲାଟଫର୍ମ ନିର୍ମାଣ ସହ ଜଡିତ ଏସଟି କାର୍ଯ୍ୟ, **ଟେଣ୍ଡର ମୂଲ୍ୟ** (ଟଙ୍କା): ୩,୨୨,୧୪,୦୫୦.୨୨, **ଅମାନତ ଅର୍ଥ**(ଟଙ୍କା): ୬,୫୪,୩୦୦.୦୦, **କାର୍ଯ୍ୟ ସମାପ୍ତି ଅବଧି:-** ୧୨ (ବାର) ମାସ, **କ୍ର.ନଂ:- ୪, ଟେଣ୍ଡର ବିଜ୍ଞପ୍ତି ନଂ: ଏସଟି-ସିକେପି-ଓଟି-୨୬-୨୭-୧୯, କାର୍ଯ୍ୟର ନାମ:-** ବଡବିଲ୍ ଷ୍ଟେସନରେ ଲାଇନ୍ ନଂ-୪ ର ସମ୍ପ୍ରସାରଣ ସହ ଜଡିତ ଏସଟି କାର୍ଯ୍ୟ, **ଟେଣ୍ଡର ମୂଲ୍ୟ** (ଟଙ୍କା):- ୧,୬୨,୦୮,୩୧୭.୯୨, **ଅମାନତ ଅର୍ଥ**(ଟଙ୍କା): ୩,୨୪,୨୦୦.୦୦, **କାର୍ଯ୍ୟ ସମାପ୍ତି ଅବଧି:-** ୧୨ (ବାର) ମାସ, ଟେଣ୍ଡର ବିବରଣୀକୁ http://www.ireps.gov.in ୱେବସାଇଟରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରମାନଙ୍କ ପାଖରେ 'କ୍ଲାସ-୩ ଡିଜିଟାଲ୍ ସିଗ୍ନେଚର ସାର୍ଟିଫିକେଟ୍' ରହିବା ଏବଂ ସେମାନେ ଆଇଆରଇପିଏସ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଆବଶ୍ୟକ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ହିଁ ଇ-ଟେଣ୍ଡରିଂ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡର ଫର୍ମଗୁଡ଼ିକ ମାଗଣାରେ ପ୍ରଦାନ କରାଯିବ । (PR-791)



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, BHUBANESWAR (R&B) DIVISION NO.V, BHUBANESWAR**

34001/912/2627

Mail i.d eernb5bbsr@gmail.com

**INVITATION OF BIDS**
**E-procurement Tender Call Notice No.07 of 2026-27**
**No. 6397 Bhubaneswar 29th September-2026**

The Superintending Engineer, Bhubaneswar (R&B) Division No.V, Bhubaneswar on behalf of the Governor of Odisha invites percentage rate bids to be received in online bidding, single cover system for one number of electrical work as detailed in : **https://tendersorissa.gov.in**. The details of bid documents will be available in the above website from **5:00 P.M** of **07.10.2026** to **5.00 P.M** of **26.10.2026**.

The bidders must possess compatible Digital Signature Certificate of Class "Specialized agency having MOU with electrical contractor having "MV" or "HT" licence issued from ELVO.

Bids received online shall be opened at **12.00 P.M.** of **27.10.2026** in the Office of the Superintending Engineer, Bhubaneswar (R&B) Division No.V, Bhubaneswar.

Further details can be seen from the e-procurement portal **www.tendersorissa.gov,in.**

Addendum / Corrigendum, if required, will be available only in the Website.

Sd/-Er. Sarada Prasanna Das
Superintending Engineer
Bhubaneswar (R&B) Division No.V,
Bhubaneswar

OIPR : 34001/34178/1/26-27/0002



**OFFICE OF THE SUPERINTENDING ENGINEER LOWER INDRA CANAL DIVISION, KHADIAL, DIST.-NUAPADA**

32001/951/2627

Email : eelicd.khr@gmail.com

**TENDER CALL NOTICE**
**No. SELICD-06/2026-27 Dated:-28.09.2026**

Sealed Bids in conformity with terms and conditions in the prescribed form are invited from reputed and experienced manpower service provider for providing Outsourcing Personnel in Dam site, Tikhali under office of the Superintending Engineer, Lower Indra Canal Division, Khadial Dist Nuapada.

The details of the Tender Call Notice is available in the website http://nuapada.odisha.gov.in and the notice along with the Bid documents can be downloaded from the website http://nuapada.odisha.gov.in. The date & time of sale of Bid Document is from **01.10.2026 (10.00AM)** to **12.10.2026 (05.00. PM)**. The last date & time of receipt of Bid at Office of the Superintending Engineer, Lower Indra Canal Division, Khadial is 13.10.2026 up to 04.00 PM and will be opened on **14.10.2026 at 11.00 AM.**

OIPR : 32001/32206/1/26-27/0005 Sd/- SUPERINTENDING ENGINEER



**IDBI BANK**

ଲୁଇସ ରୋଡ୍ ଶାଖା, ଭୁବନେଶ୍ୱର, ଲୁଇସ ପ୍ଲାଜା, ଲୁଇସ ରୋଡ୍, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୧୦୧୪

**ସୁନା ଅଳଙ୍କାର ନିଲାମ ନୋଟିସ୍**

ବ୍ୟାଙ୍କର ଋଣଗ୍ରହୀତା(ମାନ)ଙ୍କ ଠାରୁ ଋଣ ଆଦାୟ ଉଦ୍ଦେଶ୍ୟରେ ବ୍ୟାଙ୍କରେ ବନ୍ଧକ ଥିବା ନିମ୍ନଲିଖିତ ସ୍ୱର୍ଣ୍ଣ ଅଳଙ୍କାର ଗୁଡ଼ିକ ନିଲାମ ନିମନ୍ତେ ସର୍ବସାଧାରଣଙ୍କ ଠାରୁ ପ୍ରସ୍ତାବମାନ ଆହ୍ୱାନ କରାଯାଉଛି । ଆଇଡିବିଆଇ ବ୍ୟାଙ୍କ, ଲୁଇସ ରୋଡ୍ ଶାଖା ପରିସର (ନିଲାମ ସ୍ଥାନ)ରେ ନିମ୍ନ ସାରଣୀ ଅନୁଯାୟୀ ନିଲାମ କାର୍ଯ୍ୟ ତା.୩୧.୧୦.୨୦୨୬ ରିଖ ଅପରାହ୍ନ ୦୨.୩୦ ଘଟିକା ଠାରୁ ଆରମ୍ଭ କରାଯିବ ।

| ଆକାଉଣ୍ଟ ନଂ./ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ସୁନା ଅଳଙ୍କାରଗୁଡ଼ିକର ବିବରଣୀ | ମୋଟ୍ ଓଜନ ଗ୍ରାମରେ | ସଂରକ୍ଷିତ ମୂଲ୍ୟ | ଅମାନତ ଜମା |
|---|---|---|---|---|
| ୧୧୧୨୬୭୧୧୦୦୦୨୮୩୪୩ / ଶ୍ରୀ ବିଶ୍ୱଜିତ୍ ସେନ୍, ପ୍ଲଟ୍ ନଂ.: ୩୬୧୬, ଗୌରୀ ନଗର, ଟଙ୍କପାଣି ରୋଡ୍, ଉତ୍କଳର ବାଗ, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୨ | କ) ଶଙ୍ଖା - ୨ ଟି<br>ଖ) କାନ ରିଙ୍ଗ୍ - ୨ ଟି<br>ଗ) ହାତ ମୁଦି - ୧ ଟି | କ) ୨.୮୨<br>ଖ) ୩.୭୨<br>ଗ) ୨.୩୨ | କ) ଟ.୯୦,୦୦୦/- | କ) ଟ.୫,୦୦୦/- |

ବ୍ୟାଙ୍କ ଦ୍ୱାରା ଧାର୍ଯ୍ୟ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ନିଲାମ ସମ୍ପନ୍ନ ହେବ ଯାହାର କପି (ନକଲ) ଲୁଇସ ରୋଡ୍ ଶାଖା କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ ତା.୦୧.୧୦.୨୦୨୬ ରିଖ ରୁ ତା.୩୦.୧୦.୨୦୨୬ ରିଖ ପର୍ଯ୍ୟନ୍ତ ପ୍ରଦର୍ଶିତ ହେବ ଏବଂ ଆଗ୍ରହୀ ପକ୍ଷମାନେ ଏହାକୁ ଦେଖିପାରିବେ । ନିଲାମରେ ଅଂଶଗ୍ରହଣ କରୁଥିବା ବିଡରଙ୍କର ଉପରଲିଖିତ ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ ପୂର୍ଣ୍ଣ ଜ୍ଞାତସାରରେ ଅଛି ବୋଲି ବିବେଚନା କରାଯିବ । ପ୍ରସ୍ତାବ ଦାଖଲର ଅନ୍ତିମ ତାରିଖ ଏବଂ ସମୟ : ତା.୩୦.୧୦.୨୦୨୬ରିଖ ଅପରାହ୍ନ ୪.୦୦ ଘଟିକା ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୩୦.୦୯.୨୦୨୬ — ଶାଖା ମୁଖ୍ୟ, ଆଇଡିବିଆଇ ବ୍ୟାଙ୍କ ଲି.



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୭୭୨୨, କେନ୍ଦୁଝର- ରବିନାରାୟଣରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୭୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୭୬୫୬୫୦, ଢେଙ୍କାନାଳ-ସନ୍ତୋଷ ଶତପଥୀ- ୮୮୯୫୫୦୬୨୨୮ ।

# ଆଇଆଇଏମ୍‌ଟି ଓ ଆଇଏସ୍‌ଟିଡି ଭୁବନେଶ୍ୱର ଚାପ୍ଟର ମଧ୍ୟରେ ବୁଝାମଣାପତ୍ର

## ସମସାମୟିକ ପରିଚାଳନା ଶିକ୍ଷାକୁ ସୁଗମ କରିବ

ଭୁବନେଶ୍ୱର, (ସବ୍ୟୁ) : ଇଣ୍ଟରସାଇନ୍ସ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜି (ଆଇଆଇଏମଟି) ଭୁବନେଶ୍ୱର ଓ 'ଇଣ୍ଡିଆନ୍ ସୋସାଇଟି ଫର୍ ଟ୍ରେନିଂ ଆଣ୍ଡ ଡେଭଲପମେଣ୍ଟ' (ଆଇଏସଟିଡି) ଭୁବନେଶ୍ୱର ଶାଖା ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଏହି ଚୁକ୍ତିନାମା ଅନୁଯାୟୀ, ଉଭୟ ସଂସ୍ଥା ମିଳିତ ଭାବେ 'କଣ୍ଟିନ୍ୟୁଇଙ୍ଗ୍ ମ୍ୟାନେଜମେଣ୍ଟ ଏଜୁକେସନ୍' (ସିଏମଇ) କାର୍ଯ୍ୟକ୍ରମ ପରିଚାଳନା କରିବେ। ଯେଉଁଥିରେ ଓଡ଼ିଶା ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ସହ ଏହି ପଦକ୍ଷେପକୁ ବିଶ୍ୱସ୍ତରରେ ସମ୍ପ୍ରସାରିତ କରିବାର ବ୍ୟାପକ ଲକ୍ଷ୍ୟ ରଖାଯାଇଛି। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଛାତ୍ରଛାତ୍ରୀ, ବୃତ୍ତିଗତ ବ୍ୟକ୍ତିବିଶେଷ, ଶିକ୍ଷାବିତ୍, ଶିଳ୍ପ କ୍ଷେତ୍ରର ବିଶେଷଜ୍ଞ ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ମଧ୍ୟରେ କ୍ରମାଗତ ପରିଚାଳନା ଶିକ୍ଷା, ବୃତ୍ତିଗତ ବିକାଶ, ଦକ୍ଷତା ବୃଦ୍ଧି, ପ୍ରଶିକ୍ଷଣ ଏବଂ ଜ୍ଞାନ ଆଦାନପ୍ରଦାନ ପାଇଁ ଏକ ସହଯୋଗୀ ମଞ୍ଚ ପ୍ରସ୍ତୁତ କରିବା। ଆଇଆଇଏମଟି ଭୁବନେଶ୍ୱରର ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ନିର୍ଦ୍ଦେଶକ ପ୍ରଫେସର (ଡକ୍ଟର) ଶ୍ରୀକାନ୍ତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏହି




ପଦକ୍ଷେପ ଗ୍ରହଣ କରାଯାଇଥିଲା। ଆଇଆଇଏମଟି ନିର୍ଦ୍ଦେଶକ ପ୍ରଫେସର (ଡକ୍ଟର) ଜୟଦେବ କରଙ୍କ ସ୍ୱାଗତ ଭାଷଣ ସହିତ ବୈଠକ ଆରମ୍ଭ ହୋଇଥିଲା। ଏହା ପରେ, 'ଟ୍ୟାଲେଣ୍ଟ ସିଗ୍ମା ପ୍ରଫେସନାଲ୍ ପ୍ରାଇଭେଟ୍ ଲିମିଟେଡ୍'ର ନିର୍ଦ୍ଦେଶକ ତଥା ଆଇଏସଟିଡି-ଭୁବନେଶ୍ୱର ଶାଖାର ସମ୍ପାଦକ ଡକ୍ଟର ପରେଶ ଚନ୍ଦ୍ର ମହାନ୍ତି ଆଇଏସଟିଡି-ଭୁବନେଶ୍ୱର ଶାଖା ସମ୍ପର୍କରେ ଏକ ପରିଚୟମୂଳକ ବକ୍ତବ୍ୟ ପ୍ରଦାନ କରିଥିଲେ। ଆଇଏସଟିଡି ଭୁବନେଶ୍ୱର ଶାଖାର ଅଧ୍ୟକ୍ଷ ଡକ୍ଟର ପ୍ରବୋଧ କୁମାର ମହାନ୍ତି ଏହି ବୁଝାମଣା ପତ୍ରର ଉଦ୍ଦେଶ୍ୟ ଓ ପରିସର ସମ୍ପର୍କରେ ବୁଝାଇଥିଲେ। ଉଭୟ ଅନୁଷ୍ଠାନର ପ୍ରତିନିଧିମାନଙ୍କ ଦ୍ୱାରା ଏହି ବୁଝାମଣା ପତ୍ର ଉପରେ ଆନୁଷ୍ଠାନିକ ଭାବେ ସ୍ୱାକ୍ଷର କରାଯାଇଥିଲା । ଆଇଏସଟିଡି ଭୁବନେଶ୍ୱର ଶାଖା ପକ୍ଷରୁ ଅଧ୍ୟକ୍ଷ ଡକ୍ଟର ପ୍ରବୋଧ କୁମାର ମହାନ୍ତି ଏବଂ ସମ୍ପାଦକ ଡକ୍ଟର ପରେଶ ଚନ୍ଦ୍ର ମହାନ୍ତି ଏଥିରେ ସ୍ୱାକ୍ଷର କରିଥିଲେ।

# ରାୟଗଡ଼ା ଓ କଳାହାଣ୍ଡିର ଗ୍ରାମାଞ୍ଚଳ ବିଦ୍ୟାଳୟରେ ଡିଜିଟାଲ ଶିକ୍ଷା ପ୍ରଦାନ କରୁଛି ବେଦାନ୍ତ ଆଲୁମିନିୟମ

## ସ୍ଥାପିତ ୬ଟି ଡିଜିଟାଲ ଶ୍ରେଣୀଗୃହରେ ୫୬୦ରୁ ଅଧିକ ଛାତ୍ରଛାତ୍ରୀ ଉପକୃତ

ଭୁବନେଶ୍ୱର, (ସବ୍ୟୁ) : ଶିକ୍ଷା ସେତେବେଳେ ଅଧିକ ଅର୍ଥପୂର୍ଣ୍ଣ ହୋଇଯାଏ ଯେତେବେଳେ ଛାତ୍ରମାନେ ସଠିକ୍ ଉପକରଣ ଏବଂ ସମ୍ବଳ ପାଇଥାନ୍ତି। ଗ୍ରାମାଞ୍ଚଳର ପିଲାମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ଏବଂ ଡିଜିଟାଲ ଅନ୍ତର୍ଭୂକ୍ତିକରଣ ଲାଗି ନିଜର ପ୍ରତିବଦ୍ଧତାକୁ ସୁଦୃଢ଼ କରି ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଓଡ଼ିଶାର ରାୟଗଡା ଏବଂ କଳାହାଣ୍ଡି ଜିଲ୍ଲାର ୬ଟି ସରକାରୀ ବିଦ୍ୟାଳୟରେ ଜ୍ଞାନ ଜ୍ୟୋତି (ଡିଜିଟାଲ ଶିକ୍ଷା) ପ୍ରକଳ୍ପ ହାତକୁ ନେଇଛି। ଏହି ପଦକ୍ଷେପ ଦ୍ୱାରା ଅତ୍ୟାଧୁନିକ ଡିଜିଟାଲ ଶିକ୍ଷା ଭିତ୍ତିଭୂମି ଆରମ୍ଭ ହୋଇଛି, ଯାହା ଏପର୍ଯ୍ୟନ୍ତ ୫୬୦ରୁ ଅଧିକ ଛାତ୍ରଛାତ୍ରୀ ଏବଂ ୧୭ ଜଣ ଶିକ୍ଷକଙ୍କୁ ଉପକୃତ କରିଛି। ଉନ୍ନତ ଡିଜିଟାଲ ଉପକରଣ ବର୍ତ୍ତମାନ ଏହି



ଛାତ୍ରଛାତ୍ରୀମାନଙ୍କ ପାଇଁ ଶ୍ରେଣୀଗୃହ ଅଭିଜ୍ଞତାକୁ ସମୃଦ୍ଧ କରୁଛି ଏବଂ ପାଠପଢାରେ ଏକ ନୂତନ ସମ୍ଭାବନା ସୃଷ୍ଟି କରିଛି। ଏହି ପଦକ୍ଷେପର ଅଂଶବିଶେଷ ସ୍ୱରୂପ, କଣ୍ଟାମାଳ ପ୍ରାଥମିକ ବିଦ୍ୟାଳୟ, ସାଗବାରୀ ପ୍ରାଥମିକ ବିଦ୍ୟାଳୟ, ତାରାମୁଣ୍ଡି ପ୍ରାଥମିକ ବିଦ୍ୟାଳୟ, ନକ୍ରୁଣ୍ଡି ଉଚ୍ଚ ବିଦ୍ୟାଳୟ, ତଲାମ୍ବପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ଚୁଲାବଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଡିଜିଟାଲ ଶ୍ରେଣୀଗୃହ ପ୍ରତିଷ୍ଠା କରାଯାଇଛି, ଯାହା ପାରମ୍ପରିକ ଶ୍ରେଣୀଗୃହ ଶିକ୍ଷାଦାନର ପରିପୂରକ ଭାବେ ଶିକ୍ଷଣ ପରିବେଶ ସୃଷ୍ଟି କରୁଛି। ଏହି ପଦକ୍ଷେପ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ଆଲୁମିନା ବିଜନେସ୍ ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, "ଭାରତ ଜ୍ଞାନ-ପରିଚାଳିତ ଭବିଷ୍ୟତ ଆଡକୁ ଅଗ୍ରସର ହେଉଥିବା ବେଳେ, ଗ୍ରାମୀଣ ସମ୍ପ୍ରଦାୟର ପିଲାମାନେ ଅନ୍ୟ ସ୍ଥାନର ପିଲାମାନଙ୍କ ଭଳି ସମାନ ଶିକ୍ଷା ପାଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜ୍ଞାନ ଜ୍ୟୋତି ମାଧ୍ୟମରେ, ଆମେ ପ୍ରଯୁକ୍ତିବିଦ୍ୟା-ସକ୍ଷମ ଶିକ୍ଷାକୁ ଅଧିକ ସୁଲଭ କରି ଏହି ବ୍ୟବଧାନକୁ ହଟାଇବାରେ ସାହାଯ୍ୟ କରୁଛୁ। ଆମର ଧ୍ୟାନ କେବଳ ଆଜି ଶ୍ରେଣୀଗୃହ ଶିକ୍ଷଣରେ ଉନ୍ନତି ଆଣିବା ଉପରେ ନୁହେଁ, ବରଂ ଆଗାମୀ ବର୍ଷଗୁଡ଼ିକରେ ସଫଳ ହେବା ପାଇଁ ଆବଶ୍ୟକ ଆତ୍ମବିଶ୍ୱାସ ଏବଂ ସାମର୍ଥ୍ୟ ସହିତ ଯୁବ ମସ୍ତିଷ୍କକୁ ସଶକ୍ତ କରିବା ଉପରେ ମଧ୍ୟ ରହିଛି ।

# ରନ୍ଧା ଖାଦ୍ୟ ଯୋଗାଇଲେ ସମାଜସେବୀ

କଟକ, (ସ୍ୱପ୍ର): ରାଣୀହାଟ ଅଞ୍ଚଳରେ ପ୍ରତ୍ୟେକ ମାସର ଶେଷ ରବିବାର ବଜାର ବନ୍ଦ ରହୁଥିବାରୁ ଏସ୍‌ସିବି ମେଡିକାଲକୁ ଆସୁଥିବା ରୋଗୀ ଓ ସେମାନଙ୍କ ସହାୟକଙ୍କ ଖାଦ୍ୟ ସମସ୍ୟାକୁ ଦୃଷ୍ଟିରେ ରଖି ସମାଜସେବୀ କ୍ରିଷ୍ଣା ରାଓଙ୍କ ପକ୍ଷରୁ ଖାଦ୍ୟ ବଣ୍ଟନ କରାଯାଉଛି । ଗତ ରବିବାର ଦିନ ରାଣୀହାଟ ସ୍ଥିତ କେନାଲ ରୋଡ୍‌ରେ ତାଙ୍କ ନେତୃତ୍ୱରେ ଏକ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ



ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଥିଲା । ଦୀର୍ଘ ଏକ ବର୍ଷରୁ ଉର୍ଦ୍ଧ୍ୱ ଧରି ପ୍ରତ୍ୟେକ ମାସର ଶେଷ ରବିବାର ଏହି ସେବା କାର୍ଯ୍ୟକ୍ରମ କରାଯାଉଛି। ଅସହାୟ, ରୋଗୀ ଓ ସେମାନଙ୍କ ସହାୟକଙ୍କୁ ଖାଦ୍ୟ ଯୋଗାଇବା ଏହି ସେବାର ମୂଳ ଉଦ୍ଦେଶ୍ୟ ବୋଲି ସମାଜସେବୀ କ୍ରିଷ୍ଣା ରାଓ କହିବା ସହ ଆଗାମୀ ଦିନରେ ମଧ୍ୟ ଏହି ସେବା କାର୍ଯ୍ୟ ଜାରି ରହିବ ବୋଲି ସେ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ପଙ୍କଜ ଅଗ୍ରହରି, ତପନ ସେଠୀ, ବିକାଶ ସାହୁ ଓ ଆର ରାଜୁଙ୍କ ସମେତ ବହୁ ସହଯୋଗୀ ଉପସ୍ଥିତ ରହି ଖାଦ୍ୟ ବଣ୍ଟନରେ ସହଯୋଗ କରିଥିଲେ ।

# ମହିଳାଙ୍କ ଆତ୍ମନିର୍ଭରତା ପାଇଁ

## କଟକରେ ଟେଲରିଂ ତାଲିମ କେନ୍ଦ୍ର ଆରମ୍ଭ କଲା ଡାଲମିଆ ଭାରତ ଫାଉଣ୍ଡେସନ

ଭୁବନେଶ୍ୱର, (ସବ୍ୟୁ) : ଭାରତର ଅଗ୍ରଣୀ ସିମେଣ୍ଟ କମ୍ପାନୀ ଡାଲ୍‌ମିଆ ଭାରତ ଲିମିଟେଡ୍‌ର ସିଏସ୍‌ଆର୍ ଶାଖା ଡାଲ୍‌ମିଆ ଭାରତ ଫାଉଣ୍ଡେସନ୍ ପକ୍ଷରୁ ମହିଳାଙ୍କ ଦକ୍ଷତା ବିକାଶ ଓ ଜୀବିକା ଉନ୍ନୟନ ପଦକ୍ଷେପ ଅଧୀନରେ ଯାଜପୁର ଜିଲ୍ଲାର ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ପାରିଆଠାରେ ଟେଲରିଂ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଏହି କେନ୍ଦ୍ର ଡାଲ୍‌ମିଆ ସିମେଣ୍ଟର କଟକସ୍ଥିତ ପ୍ଲାଣ୍ଟ କପିଳାସ ସିମେଣ୍ଟ ୱାର୍କ୍ସ ନିକଟରେ ଅବସ୍ଥିତ। ମହିଳାମାନଙ୍କ ପାଇଁ ଟେଲରିଂକୁ ଏକ ସୁବିଧାଜନକ ଓ ଜୀବିକା କୈନ୍ଦ୍ରିକ କ୍ଷେତ୍ର ଭାବେ ଚିହ୍ନଟ କରାଯାଇଛି। ବିଶେଷକରି ଘରୁ କାମ କରିବା କିମ୍ବା ନିଜ ଅଞ୍ଚଳରେ ଛୋଟ ବ୍ୟବସାୟ ଆରମ୍ଭ କରିବାକୁ ଇଚ୍ଛୁକ ମହିଳାଙ୍କ ପାଇଁ ଏହା ଏକ ଉପଯୋଗୀ ଜୀବିକାର ମାଧ୍ୟମ ହୋଇପାରିବ। ଏହି ଅବସରରେ ପ୍ରାୟ ୨୦୦ ଜଣ ମହିଳା, ଯୁବକ-ଯୁବତୀ, ସମୁଦାୟ ସଦସ୍ୟ ଓ ସ୍ଥାନୀୟ ନେତୃବୃନ୍ଦଙ୍କ ସମେତ ବିଭିନ୍ନ ଅଂଶୀଦାର ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରେ ବଡ଼ଚଣାର ଏବିଡ଼ିଓ, ଜ୍ଞାନଦା ନାୟକ, ରଞ୍ଜିତା ରାଣୀ ପଟ୍ଟନାୟକ, ବଡ଼ଚଣା ବିପିଏମ୍ ଓଏଲ୍‌ଏମ୍, ଦେବୀ ପ୍ରସାଦ ଦାସ, କେସିଡବ୍ଲୁ ୟୁନିଟ୍ ହେଡ୍, ବେଣୁଧର ବିଶ୍ୱାଳ, ପାରିଆ ସରପଞ୍ଚ, ଦେବବ୍ରତ ବେହେରା, ଆଇଡିବିଆଇ ବ୍ୟାଙ୍କ, ପାରିଆ ଶାଖା ପରିଚାଳକ ଏବଂ ଡିବିଏଫ୍ ସିଏସ୍‌ଆର୍ ଟିମ୍‌ର ସଦସ୍ୟମାନେ ଉପସ୍ଥିତ ଥିଲେ। ପ୍ରଥମ ବ୍ୟାଚ୍‌ରେ ୨୫ ଜଣ ମହିଳା ପ୍ରଶିକ୍ଷାର୍ଥୀ ରହିଛନ୍ତି। ଏଥିପାଇଁ ଜଣେ ଯୋଗ୍ୟ ପ୍ରଶିକ୍ଷକଙ୍କୁ ନିୟୋଜିତ କରାଯାଇଛି। ତିନି ମାସିଆ ଏହି ପ୍ରଶିକ୍ଷଣ ପ୍ରତିଦିନ ସକାଳ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚାଲିବ। ଏଥିରେ ପ୍ରଶିକ୍ଷାର୍ଥୀମାନେ ଟେଲରିଂ ସମ୍ପର୍କିତ ବ୍ୟାବହାରିକ ଜ୍ଞାନ ଓ ହସ୍ତକଳାରେ ପ୍ରଶିକ୍ଷଣ ପାଇବେ। ପ୍ରଥମ ବ୍ୟାଚ୍‌ର ପ୍ରଶିକ୍ଷଣ ଶେଷ ହେବା ପରେ ପରବର୍ତ୍ତୀ ବ୍ୟାଚ୍‌ରେ ନୂଆ ହିତାଧିକାରୀଙ୍କୁ ସାମିଲ କରାଯିବ। ଏହା ଫଳରେ ପର୍ଯ୍ୟାୟକ୍ରମେ ଆଖପାଖ ଅଞ୍ଚଳର ଅଧିକ ସଂଖ୍ୟକ ମହିଳା ଏହି ସୁଯୋଗରୁ ଲାଭ ପାଇପାରିବେ। ଏହି




ପଦକ୍ଷେପ ସମ୍ପର୍କରେ କେସିଡବ୍ଲୁ ୟୁନିଟ୍ ହେଡ୍ ଦେବୀ ପ୍ରସାଦ ଦାସ କହିଛନ୍ତି, "ମହିଳାମାନଙ୍କୁ ଆବଶ୍ୟକ ଓ ପ୍ରାସଙ୍ଗିକ ଦକ୍ଷତା ପ୍ରଦାନ କରିବା ଦ୍ୱାରା ସେମାନଙ୍କୁ ଆର୍ଥିକ ସ୍ୱାଧୀନତା ମିଳିବା ସହ ସ୍ଥାୟୀ ଜୀବିକା ପାଇଁ ନୂଆ ସୁଯୋଗ ସୃଷ୍ଟି ହୋଇପାରିବ। ଏହି ପଦକ୍ଷେପ ମାଧ୍ୟମରେ ଆମେ ଏକ ସ୍ଥାନୀୟ ମଞ୍ଚ ସୃଷ୍ଟି କରୁଛୁ, ଯେଉଁଠାରେ ମହିଳାମାନେ ଏକ ବ୍ୟାବହାରିକ ଦକ୍ଷତା ଶିଖିବା ସହ ସ୍ୱ-ରୋଜଗାରର ସୁଯୋଗ ଅନ୍ୱେଷଣ କରିପାରିବେ

# ପୂର୍ଣ୍ଣିମା ଫାଉଣ୍ଡେସନ ପକ୍ଷରୁ

## ଇଂ ଗୋପାଳକୃଷ୍ଣ ବେହେରାଙ୍କ ୮୭ତମ ଜନ୍ମଦିନ ପାଳନ

କଟକ, (ସବ୍ୟୁ) : ପ୍ରାକ୍ତନ ପୂର୍ତ୍ତ ସଚିବ ତଥା ବିଶିଷ୍ଟ ସମାଜସେବୀ ଇଂ ଗୋପାଳକୃଷ୍ଣ ବେହେରାଙ୍କ ୮୭ତମ ଜୟନ୍ତୀ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ପୂର୍ଣ୍ଣିମା ଫାଉଣ୍ଡେସନ ପକ୍ଷରୁ ମହାନଦୀ ବିହାର ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗଦେଇ କଟକ_ବାରବାଟୀର ପୂର୍ବତନ ବିଧାୟକ ଇଂ ମହମ୍ମଦ ମୋକିମ୍, ଇଂ ଗୋପାଳକୃଷ୍ଣ ବେହେରାଙ୍କୁ ଜନ୍ମ ଦିନର ଶୁଭେଚ୍ଛା ଜଣାଇବା ସହିତ ତାଙ୍କୁ ଉଭୟ ଇଂଜିନିୟରିଂ



ଓ ସମାଜସେବା କ୍ଷେତ୍ରରେ ଜଣେ ସଫଳ ବ୍ୟକ୍ତି ଭାବରେ ବର୍ଣ୍ଣନା କରିଥିଲେ। ଫାଉଣ୍ଡେସନର ସଂପାଦକ ଇଂଜିନିୟର ଆଲୋକ ଭୂୟାଁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଉତ୍କଳ ସାହିତ୍ୟ ସମାଜର ସଭାପତି ଡଃ ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଇଂ ବେହେରାଙ୍କୁ ଜଣେ ସଫଳ ସମାଜସେବୀ ଭାବରେ ଉଲ୍ଲେଖ କରିଥିଲେ। ଆଇନଜୀବୀ ଇଂ ଆକାଶ ଭୂୟାଁ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସଭାପତି ଇଂ ପ୍ରମୋଦ କୁମାର ନାୟକ, କର୍ପୋରେଟର ଇଂ ସୁବ୍ରତ ଘଡାଇ, ମହାନଦୀ ବିହାର ପେନସନରସ୍ ଆସୋସିଏସନର କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ପ୍ରସାଦ ତ୍ରିପାଠୀ ଓ ସମ୍ପାଦକ ପ୍ରମୋଦ କୁମାର ଦାସ, ମହାନଦୀ ବିହାର ଉନ୍ନୟନ ପରିଷଦର ସଭାପତି ସଞ୍ଜୟ କୁମାର ଜେନା ଓ ସମ୍ପାଦକ ହିମାଂଶୁ ଶେଖର ଷଡଙ୍ଗୀ, ଶ୍ରୀଜଗନ୍ନାଥ ସଂସ୍କୃତିକ ପରିଷଦର ସଭାପତି ଚତୁର୍ଭୁଜ ମହାପାତ୍ର, ପ୍ରହଲ୍ଲାଦ ମହାନ୍ତି , ଇଂ ରାମଚନ୍ଦ୍ର ଦାଶ,ସମାଜସେବୀ ବିଚିତ୍ରାନନ୍ଦ ପଣ୍ଡା,ରବିନାରାୟଣ ଶତପଥୀ, ଡଃ କମଳ ପ୍ରସାଦ ମହାନ୍ତି, ନରେନ୍ଦ୍ର ମନ୍ତ୍ରୀ, ଧନେଶ୍ୱର ପଣ୍ଡା, ଭାଗିରଥି ସାମଲ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ଷଡଙ୍ଗୀ,ପ୍ରକାଶ ନାୟକ,ଇଂ ମୁରଲୀଧର ହୋତା, ପ୍ରଫେସର ସଞ୍ଜୟ କୁମାର ସାମନ୍ତରାୟ, ନିରୁପମା ପତି,ପ୍ରମୋଦ କୁମାର ପ୍ରଧାନ, ସୁଜିତ ଘୋଷ,ସରୋଜ ସ୍ୱାଇଁ,ମାନବେଶ୍ ରାୟ, ବିପଦ ବାନ୍ଧବ ମହାନ୍ତି, ରମଣୀ ରଞ୍ଜନ ଦାସ,ରାକେଶ ତ୍ରିପାଠୀ ଅନୁଷ୍ଠାନର କର୍ମକର୍ତ୍ତା ଜନ୍ମେଜୟ ପାତ୍ର, ଅନିଲ କୁମାର ନାୟକ ପ୍ରମୁଖ ଇଂଜିନିୟର ବେହେରାଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ତାଙ୍କ ସୁସ୍ଥ ଓ ଦୀର୍ଘ ଜୀବନ କାମନା କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ଇଂଜିନିୟର ନରେନ୍ଦ୍ର ନାଥ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ବେଦାନ୍ତ ଆଲୁମିନିୟମର ଝାରସୁଗୁଡ଼ା ଶିଳ୍ପ ଟାଉନସିପ୍‌କୁ

## ସ୍ଥାୟୀ ପରିବେଶ ପଦକ୍ଷେପ ପାଇଁ ଓଏସ୍‌ପିସିବି ସମ୍ମାନ

ଭୁବନେଶ୍ୱର, (ସବ୍ୟୁ) : ପରିବେଶ ସୁରକ୍ଷା ଓ ସ୍ଥାୟୀ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ପଦକ୍ଷେପ ପାଇଁ ବେଦାନ୍ତ ଆଲୁମିନିୟମକୁ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ 'ଏମ୍.କେ. ରାଉତ ପ୍ରଦୂଷଣ ନିୟନ୍ତ୍ରଣ ପ୍ରଶଂସା ପୁରସ୍କାର-୨୦୨୬' ପ୍ରଦାନ କରାଯାଇଛି। ଶିଳ୍ପ ଟାଉନସିପ୍ ବର୍ଗରେ ଏହି ସମ୍ମାନ ଝାରସୁଗୁଡ଼ାସ୍ଥିତ କମ୍ପାନୀର କର୍ମଚାରୀ ଓ ସେମାନଙ୍କ ପରିବାର ପାଇଁ ନିର୍ମିତ ଆଧୁନିକ ଆବାସିକ ଟାଉନସିପ୍ 'ବେଦାନ୍ତ ମେଡୋଜ୍'କୁ ମିଳିଛି। ଏହି ସମ୍ମାନ ଶିଳ୍ପ ପରିଚାଳନାଠାରୁ ଆରମ୍ଭ କରି କର୍ମଚାରୀଙ୍କ ଆବାସିକ ସୁବିଧା ପର୍ଯ୍ୟନ୍ତ କମ୍ପାନୀର ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ଦାୟିତ୍ୱପୂର୍ଣ୍ଣ ପରିବେଶ ଅଭ୍ୟାସକୁ ସଫଳତାର ସହ ଅନ୍ତର୍ଭୁକ୍ତ କରିବାର ପ୍ରୟାସକୁ ସ୍ୱୀକୃତି ଦେଇଛି। ଝାରସୁଗୁଡ଼ାରେ ବେଦାନ୍ତ ଆଲୁମିନିୟମ ପରିବେଶ ସୁରକ୍ଷା, ଜୈବ ବିବିଧତା ସଂରକ୍ଷଣ, ସମ୍ପଦର ଦାୟିତ୍ୱପୂର୍ଣ୍ଣ ପରିଚାଳନା, ପ୍ରକ୍ରିୟାଗତ ନିୟନ୍ତ୍ରଣ ଏବଂ ସମୁଦାୟ ମଧ୍ୟରେ ପରିବେଶ ସଚେତନତା ବୃଦ୍ଧି ଭଳି ବିଭିନ୍ନ ପଦକ୍ଷେପ ଜରିଆରେ ଏହାର ସ୍ଥାୟୀ ବିକାଶ ଲକ୍ଷ୍ୟକୁ ଆଗେଇ ନେଉଛି। 'ବେଦାନ୍ତ ମେଡୋଜ୍' ଏହି ବହୁମୁଖୀ ପରିବେଶ ଦୃଷ୍ଟିକୋଣର ଏକ ଉଦାହରଣ। ପରିବେଶ ଦାୟିତ୍ୱକୁ ପ୍ରାଧାନ୍ୟ ଦେଇ ବିଶେଷଜ୍ଞ ସ୍ଥପତିଙ୍କ ଦ୍ୱାରା ଏହି ଆବାସିକ ପରିସରର ପରିକଳ୍ପନା କରାଯାଇଛି। ଏଠାରେ ଅଭିନବ ସ୍ଥାୟୀ ନିର୍ମାଣ ଡିଜାଇନ୍, ବ୍ୟାପକ ସବୁଜ କ୍ଷେତ୍ର ଏବଂ ଦକ୍ଷ ପରିବେଶ ପରିଚାଳନା ବ୍ୟବସ୍ଥା



ରହିଛି, ଯାହା କର୍ମଚାରୀ ଓ ସେମାନଙ୍କ ପରିବାର ପାଇଁ ସୁଖଦ ଆବାସିକ ପରିବେଶ ସୃଷ୍ଟି କରୁଛି। କମ୍ପାନୀର ସ୍ଥାୟୀ ବିକାଶ ପଦକ୍ଷେପ ସମ୍ପର୍କରେ ବେଦାନ୍ତ ଆଲୁମିନିୟମ, ଝାରସୁଗୁଡ଼ାର ସିଇଓ ସି. ଚନ୍ଦ୍ରୁ କହିଛନ୍ତି, "ଝାରସୁଗୁଡ଼ାରେ ଆମର ବିକାଶ ଯାତ୍ରାର କେନ୍ଦ୍ରରେ ସ୍ଥାୟୀ ବିକାଶ ରହିଛି। ପରିଚାଳନାଗତ ଉତ୍କର୍ଷତା ସହିତ ପ୍ରାକୃତିକ ସମ୍ପଦ ସଂରକ୍ଷଣ, ଜୈବ ବିବିଧତା ବୃଦ୍ଧି, ଅଧିକ ସବୁଜ କ୍ଷେତ୍ର ସୃଷ୍ଟି ଏବଂ ସମୁଦାୟ ମଧ୍ୟରେ ପରିବେଶ ପ୍ରତି ଦାୟିତ୍ୱବୋଧ ବୃଦ୍ଧି ଉପରେ ଆମେ ଗୁରୁତ୍ୱ ଦେଉଛୁ। ଶିଳ୍ପ ବିକାଶ ଓ ପରିବେଶ ସୁରକ୍ଷା ଯେପରି ସମାନ୍ତରାଳ ଭାବେ ଆଗକୁ ବଢ଼େ, ତାହା ନିଶ୍ଚିତ କରିବା ଆମର ଲକ୍ଷ୍ୟ।

**ବେଦାନ୍ତ ମେଡୋଜ୍‌କୁ 'ଏମ୍.କେ. ରାଉତ ପ୍ରଦୂଷଣ ନିୟନ୍ତ୍ରଣ ପ୍ରଶଂସା ପୁରସ୍କାର- ୨୦୨୬'**

# ସୋଆ ଆଇନ୍ ଛାତ୍ରଛାତ୍ରୀଙ୍କ ନିମନ୍ତେ

## ଗ୍ରାଜୁଏସନ୍ କାର୍ଯ୍ୟକ୍ରମ ଆୟୋଜିତ

ଭୁବନେଶ୍ୱର, (ସବ୍ୟୁ) : ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ସୋଆ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ (ଏସ୍‌ଏନ୍‌ଆଇଏଲ୍)ରୁ ଆଇନ୍ ପାଠ୍ୟକ୍ରମରେ ଶିକ୍ଷା ସମାପ୍ତ କରିଥିବା ଛାତ୍ରଛାତ୍ରୀଙ୍କ ନିମନ୍ତେ ବୁଧବାର ଏକ ସ୍ୱତନ୍ତ୍ର ଗ୍ରାଜୁଏସନ୍ ଉତ୍ସବ ଆୟୋଜିତ ହୋଇଯାଇଛି। ୨୦୨୧-୨୬ ବ୍ୟାଚର ବିଏଏଲ୍‌ଏଲ୍‌ବି (ଅନର୍ସ) ଓ ବିବିଏ ଏଲ୍‌ଏଲ୍‌ବି (ଅନର୍ସ), ୨୦୨୩- ୨୬ ବ୍ୟାଚର ଏଲ୍‌ଏଲ୍‌ବି (ଅନର୍ସ) ଏବଂ ୨୦୨୫-୨୬ ବ୍ୟାଚର ଏଲ.ଏଲ.ଏମ୍ ଶିକ୍ଷା ସମାପ୍ତ କରିଥିବା ଛାତ୍ରଛାତ୍ରୀଙ୍କୁ ଏହି କାର୍ଯ୍ୟକ୍ରମରେ ଡିଗ୍ରୀ ପ୍ରଦାନ କରାଯାଇଛି। ଏଥିରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ




ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଡିଗ୍ରୀ ପ୍ରଦାନ କରିବା ସହ ଶପଥ ପାଠ କରାଇଥିଲେ। ନିଜର କର୍ମକ୍ଷେତ୍ରରେ ସେମାନଙ୍କ ପ୍ରଦର୍ଶନ ଓ ଆଚରଣ ବିଶ୍ୱବିଦ୍ୟାଳୟର ସୁନାମକୁ ପ୍ରତିଷ୍ଠା କରିବ। ତେଣୁ ବିଶ୍ୱବିଦ୍ୟାଳୟ, ଅଭିଭାବକ ଓ ଅଧ୍ୟାପକମାନଙ୍କ ପ୍ରତି କୃତଜ୍ଞ ରହିବାକୁ ସେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ସ୍ନାତକମାନଙ୍କୁ ସୋଆର ଆଲୁମନି ଭାବେ ପଞ୍ଜୀକୃତ ହେବାକୁ ପ୍ରଫେସର ନନ୍ଦ ଅନୁରୋଧ କରିଥିଲେ। ଏସ୍‌ଏନ୍‌ଆଇଏଲ୍‌ର ବରିଷ୍ଠ ପ୍ରଫେସର ତଥା ପୂର୍ବତନ ଡିନ୍ ପ୍ରଫେସର ପ୍ରବୀର କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# ଓଡ଼ିଶାରେ ରୁଫଟପ୍ ସୋଲାର ସ୍ଥାପନ ୨ ଲକ୍ଷକୁ ଟପିଲା

ଭୁବନେଶ୍ୱର(ସବ୍ୟୁ): ଓଡ଼ିଶା ତା'ର ରୁଫଟପ୍ ସୋଲାର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅତିକ୍ରମ କରିଛି । ଗୋଟିଏ ବର୍ଷ ମଧ୍ୟରେୟୁଏଲ୍‌ଏ ଆପ୍ରୋଚ୍ ଅଧୀନରେ ୧ ଲକ୍ଷ ରୁଫଟପ୍ ସୋଲାର ସ୍ଥାପନ ସମ୍ପୂର୍ଣ୍ଣ ହୋଇଛି । ଏହିସଫଳତା ରାଜ୍ୟର ବ୍ୟାପକ ରୁଫଟପ୍ ସୋଲାର ଅଭିବୃଦ୍ଧିରେ ଯୋଗଦାନ କରିଛି, ଯାହା ଫଳରେ "ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର: ମୁଫ୍ତ ବିଜୁଳି ଯୋଜନା' ଅଧୀନରେ ଓଡ଼ିଶାରେ ମୋଟ ରୁଫଟପ୍ ସୋଲାର ସ୍ଥାପନ ସଂଖ୍ୟା ଏବେ ୨ ଲକ୍ଷରୁଅଧିକ ହୋଇପାରିଛି । ବର୍ଷକ ତଳେ ରାଜ୍ୟରେ ପ୍ରାୟ



୧୫,୦୦୦ ରୁଫଟପ୍ ସୋଲାର ସ୍ଥାପନରୁ ବର୍ତ୍ତମାନର ଅଭିବୃଦ୍ଧି ତୁଳନାତ୍ମକ ଭାବେ ଦ୍ରୁତଗତିରେ ଏହାର ବିସ୍ତାର କରିଛି । ରାଜ୍ୟର ଯୋଗ୍ୟ ପରିବାରଗୁଡ଼ିକ କେନ୍ଦ୍ର ଏବଂରାଜ୍ୟର ମିଳିତ ସହାୟତା ବାବଦରେ ସର୍ବାଧିକ ୧.୩୮ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସବସିଡି ପାଇପାରିବେ ।ଗୋଟିଏ ବର୍ଷ ମଧ୍ୟରେ ୧ ଲକ୍ଷୟୁଏଲ୍‌ଏ ସ୍ଥାପନ ହାସଲ କରିବା ବିଶେଷ ଭାବରେ ଗୁରୁତ୍ୱପୂର୍ଣ୍ଣ, କାରଣୟୁଏଲ୍‌ଏ ଆପ୍ରୋଚ୍ ରୁଫଟପ୍ ସୋଲାରକୁ କେବଳ ବ୍ୟକ୍ତିଗତ ଘରୋଇ ବ୍ୟବହାର ମଧ୍ୟରେ ସୀମିତ ନରଖି ଗୋଷ୍ଠୀ (କମ୍ୟୁନିଟି) ସ୍ତରରେ ଆପଣେଇବାକୁ ସକ୍ଷମ କରୁଛି । ଟାଟା ପାଓ୍ୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମ୍ ଗୁଡ଼ିକ "ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନା' ବିଷୟରେ ସଚେତନତା ସୃଷ୍ଟିକରିବା ଏବଂ ଏହାକୁ ଆପଣେଇବାରେ ଏକ ସକ୍ରିୟ ଭୂମିକା ଗ୍ରହଣ କରିଛନ୍ତି ।

# ଏ.ଓ. ସ୍ମିଥ୍ ପ୍ରଚଳନ କଲା ଭାରତର ପ୍ରଥମ ଆଣ୍ଟି ଅକ୍ସିଡାଣ୍ଟ

## ୱାଟର ସହିତ ଅଣ୍ଡର୍ ଦି ସିଙ୍କ୍ ଆର୍‌ଓ ୱାଟର ପିୟୋରିଫାୟର୍

ଭୁବନେଶ୍ୱର, (ସବ୍ୟୁ) : ଜଳ ଗରମ କରିବା ଏବଂ ବିଶୋଧନ ସମାଧାନଗୁଡିକ କ୍ଷେତ୍ରରେ ଏକ ଅଗ୍ରଣୀ କମ୍ପାନୀ ଏ.ଓ.ସ୍ମିଥ୍ ଆଣ୍ଟି ଅକ୍ସିଡାଣ୍ଟ ୱାଟର ସହିତ ଭାରତର ପ୍ରଥମ ଅଣ୍ଡର୍ ଦି ସିଙ୍କ୍ ୱାଟର ପିୟୋରଫାୟର୍ ଜେଡ୍‌୩ ଓନିକ୍ସ ବ୍ଲାକ୍ ପ୍ରଚଳନ କରିଛି। ଏଥିରେ ଶିଳ୍ପର ଅଗ୍ରଣୀ ୫୫% ପର୍ଯ୍ୟନ୍ତ ଜଳ ପୁନରୁଦ୍ଧାର (ୱାଟର ରିକଭରୀ) ହାର ରହିଛି। ଜେଡ୍‌୩ ଓନିକ୍ସ ବ୍ଲାକ୍ ୱାଟର ପିୟୋରିଫାୟର୍ ଏକ କପର୍ (ତମ୍ବା) ମିନେରାଲାଇଜର୍ ଏବଂ ଆଲ୍‌କାଇଲାଇନ ପ୍ରଯୁକ୍ତି ସହିତ ଆସୁଛି ଯାହା ଗୁରୁତ୍ୱପୂର୍ଣ୍ଣ ଖଣିଜସାରଗୁଡିକ ଭରଣା କରିବା ସହିତ ଜଳୀୟ ଅଂଶ ବୃଦ୍ଧି କରୁଛି। ଏହାର ଅଣ୍ଡର୍ ଦି ସିଙ୍କ୍ ଡିଜାଇନ ଆଧୁନିକ ରୋଷେଇଘର ସ୍ଥାନ ସହିତ ସହଜରେ ସଂଯୁକ୍ତ ହେବା ସୁନିଶ୍ଚିତ କରୁଛି ଏବଂ ଏଥିରେ ସୌନ୍ଦର୍ଯ୍ୟବୋଧ ସହିତ ବାସ୍ତବତା ରହିଛି। ଦକ୍ଷ ଓ ନିର୍ଭରଯୋଗ୍ୟ ହେବା ପାଇଁ ପ୍ରସ୍ତୁତ କରାଯାଇଥିବା ଏହି ଜଳ ବିଶୋଧକ (ୱାଟର ପିୟୋରିଫାୟର୍) ରେ ଉନ୍ନତ ବିଶୋଧନ ବ୍ୟବସ୍ଥା, ମନଲୋଭା ଷ୍ଟାଇଲ ଏବଂ ଜଳ ସଞ୍ଚୟକାରୀ ପ୍ରଯୁକ୍ତି ଆଦି ଗୋଟିଏ ମାତ୍ର, କମ୍ ସ୍ଥାନରେ କାର୍ଯ୍ୟକ୍ଷମ ହେଉଥିବା ସମାଧାନ ରୂପରେ ସଂଯୁକ୍ତ ହୋଇଛି। ଦୈନନ୍ଦିନ ସ୍ୱାଚ୍ଛନ୍ଦ୍ୟ ଉପରେ ଦୃଷ୍ଟିନିବଦ୍ଧ ଉପରେ ଦୃଷ୍ଟିନିବଦ୍ଧ କରି ଗ୍ଲାଇଡ୍‌ପ୍ରୋମ୍ ହ୍ୱିଲସ୍ ଓ ହ୍ୟାଣ୍ଡଲ୍ ସହଜ ବ୍ୟବହାର ଏବଂ ରକ୍ଷଣାବେକ୍ଷଣକୁ ସୁଗମ କରାଉଛି। ହାଇଡ୍ରୋନ୍ୟୁମାଟିକ୍ସ ଟ୍ୟାଙ୍କ୍ ପ୍ରଯୁକ୍ତି ଏହା ସୁନିଶ୍ଚିତ କରୁଛି ଯେ ବିନା ବିଦ୍ୟୁତରେ ବିଶୋଧିତ ଜଳ ମହଜୁଦ ରହିବ, ଯାହା ଚବିଶ ଘଣ୍ଟା ଶୁଦ୍ଧ ଜଳ ଉପଲବ୍ଧତାକୁ ସମର୍ଥନ କରୁଛି। ୮-ପର୍ଯ୍ୟାୟ ଆର୍‌ଓ+ୟୁଭି ବିଶୋଧନ ବ୍ୟବସ୍ଥା ରହିଥିବା ଜେଡ୍ ୩ ଓନିକ୍ସ ବ୍ଲାକ୍ ୱାଟର ପିୟୋରିଫାୟର୍ ମଧ୍ୟ ବିପିଏ ମୁକ୍ତ ଅଟେ ଯାହା ପାନୀୟ ଜଳ ନିରାପତ୍ତାର ଉଚ୍ଚତର ମାନ ପୂରଣ କରୁଛି। ଏହାର ପ୍ରଚଳନ ଅବସରରେ ପ୍ରକାଶ କରି ଶ୍ରୀ ପରାଗ କୁଲକର୍ଣ୍ଣି, ସିନିୟର୍ ଭାଇସ୍ ପ୍ରେସିଡେଣ୍ଟ- ଇଣ୍ଟରନ୍ୟାସନାଲ ଓ ପ୍ରେସିଡେଣ୍ଟ- ଏ.ଓ.ସ୍ମିଥ୍ ଇଣ୍ଡିଆ କହିଥିଲେ, "ଏ.ଓ.ସ୍ମିଥ୍‌ରେ ସେହିଭଳି ସମାଧାନଗୁଡିକ ଯୋଗାଣ ଉପରେ ଆମର ଦୃଷ୍ଟିନିବଦ୍ଧ ରହିଛି ଯାହା ସ୍ୱାସ୍ଥ୍ୟ, ସ୍ୱାଚ୍ଛନ୍ଦ୍ୟ ଓ ଦୀର୍ଘସ୍ଥାୟିତାକୁ ନେଇ ଗ୍ରାହକମାନଙ୍କର ପରିବର୍ତ୍ତନଶୀଳ ଆଶାଗୁଡିକ ସହିତ ମେଳ ଖାଉଛି। ଏହି ଅଣ୍ଡର୍ ଦି ସିଙ୍କ୍ ଡିଜାଇନ ଆଧୁନିକ ରୋଷେଇଘରଗୁଡିକ ନିମନ୍ତେ ଏକ ଦକ୍ଷ ଏବଂ ସହଜ ଉନ୍ନତିକରଣ ନିମନ୍ତେ ଆମର ପ୍ରୟାସକୁ ପ୍ରତିଫଳିତ କରୁଛି ଏବଂ ଉତ୍ତମ ଜୀବନଯାପନ ଓ ଦାୟିତ୍ୱ ସମ୍ପନ୍ନ ଜଳ ଆହରଣ ଉଭୟକୁ ସମର୍ଥନ କରୁଥିବା ନବସୃଜନ ନିମନ୍ତେ ଆମର ନିରନ୍ତର ପ୍ରତିବଦ୍ଧତାକୁ ମଧ୍ୟ ପ୍ରତିଫଳିତ କରୁଛି ।" ଜେଡ୍ ୩ ୱାଟର ପିୟୋରିଫାୟର୍ ୬-ଲିଟର ମହଜୁଦ ଟ୍ୟାଙ୍କ ସହିତ ଆସୁଛି, ଯାହା ଆଧୁନିକ ପରିବାରଗୁଡିକର ଦୈନନ୍ଦିନ ଜଳ ଆବଶ୍ୟକତା ପୂରଣ କରିବାକୁ ଡିଜାଇନ କରାଯାଇଛି ଏବଂ ଏହାର ମୂଲ୍ୟ ୨୯,୯୦୦ ଟଙ୍କାରୁ ଆରମ୍ଭ ହେଉଛି। ଏହି ୱାଟର ପିୟୋରିଫାୟର୍‌ଗୁଡିକ ସ୍ୱୀକୃତିପ୍ରାପ୍ତ ସ୍ଥାନୀୟ ରିଟେଲର ଏବଂ ସଂଗଠିତ ଚେନ୍ ଷ୍ଟୋରଗୁଡିକରେ ଉପଲବ୍ଧ ହେଉଛି। ଆର୍‌ଓ ମେମ୍ବ୍ରେନ, ସମସ୍ତ ଫିଲ୍‌ଟର ଏବଂ ବୈଦ୍ୟୁତିକ ଅଂଶ ଉପରେ ୧ ବର୍ଷର ପୂର୍ଣ୍ଣାଙ୍ଗ ୱାରାଣ୍ଟି ସହିତ ଜେଡ୍‌୩ ଭରସାଯୋଗ୍ୟ ଉତ୍ପାଦସମୂହ, ନବୋନ୍ମେଷୀ ଡିଜାଇନ ଏବଂ ଉଚ୍ଚ-ପ୍ରଯୁକ୍ତିର ଜଳ ବିଶୋଧନ ନିମନ୍ତେ ଏ.ଓ.ସ୍ମିଥ୍‌ର ଉତ୍ସର୍ଗୀକୃତ କାର୍ଯ୍ୟର ପ୍ରତିନିଧିତ୍ୱ କରୁଛି।

# ଆଇଆଇଟି ଭୁବନେଶ୍ୱରରେ ଓଡିଆପ୍ରେନ୍ୟୁର୍ ୩.୦ ରାଜ୍ୟସ୍ତରୀୟ ହ୍ୟାକାଥନ୍ ଉଦ୍‌ଘାଟିତ

ଜଟଣୀ, (ସବ୍ୟୁ) : ଆଇଆଇଟି ଭୁବନେଶ୍ୱର କ୍ୟାମ୍ପସ୍‌ରେ ରାଜ୍ୟସ୍ତରୀୟ ହ୍ୟାକାଥନ୍ ୩.୦ 'ଓଡିଆପ୍ରେନ୍ୟୁର୍‌'ର ଉଦ୍‌ଘାଟନ ହୋଇଛି। ଓଡ଼ିଶାର ୧୦୧ ଟି ବିଦ୍ୟାଳୟରୁ ୧୯୨ ଜଣ ଛାତ୍ରଛାତ୍ରୀ ଏଥିରେ ଯୋଗଦେଇ ବାସ୍ତବ ଜୀବନର ସମସ୍ୟାଗୁଡ଼ିକର ନବସୃଜନଶୀଳ ସମାଧାନ ପ୍ରଦର୍ଶନ କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ଡିଏଚ୍‌ଏସ୍‌ଇର ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ, ଆଇଏଏସ୍‌ନ୍ତ ଡିଏଚ୍‌ଏସ୍‌ଇର ଯୁଗ୍ମ ନିର୍ଦ୍ଦେଶିକା ସସ୍ମିତା ମଲି, ଡିଏଚ୍‌ଏସ୍‌ଇର ଉପ ନିର୍ଦ୍ଦେଶିକା ସିଏଚ. ବିଜୟ ଲକ୍ଷ୍ମୀ,ୟୁନିସେଫ୍ ଓଡ଼ିଶାର ରାଜ୍ୟ ମୁଖ୍ୟ ଲଳିତା ପଟ୍ଟନାୟକ, ଆଇଆଇଟି ଭୁବନେଶ୍ୱର ରିସର୍ଚ୍ଚ ଆଣ୍ଡ ଏଣ୍ଟରପ୍ରେନ୍ୟୁରସିପ୍ ପାର୍କର ସିଇଓ ଶୁଭଙ୍କର ପତି ଏବଂ ଆଇଆଇଟି ଭୁବନେଶ୍ୱରର ଡିନ୍ ଫ୍ୟାକଲ୍ଟି ଆଫେୟାର୍ସ ପ୍ରଫେସର ଉମାପ୍ରସନ୍ନ ଓଝା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଗରିମାମୟ କରିଥିଲେ।




ଓଡ଼ିଶା ସରକାରଙ୍କ ଡିଏଚ୍‌ଏସ୍‌ଇ, ୟୁନିସେଫ୍ ଓଡ଼ିଶା ଏବଂ ଆଇଆଇଟି ଭୁବନେଶ୍ୱର ରିସର୍ଚ୍ଚ ଆଣ୍ଡ ଏଣ୍ଟରପ୍ରେନ୍ୟୁରସିପ୍ ପାର୍କର ମିଳିତ ପଦକ୍ଷେପ 'ଓଡିଆ ପ୍ରେନ୍ୟୁର୍‌'ର ଲକ୍ଷ୍ୟ ହେଉଛି ଉଚ୍ଚ ମାଧ୍ୟମିକ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତା, ନବସୃଜନ, ସମସ୍ୟା ସମାଧାନ ଦକ୍ଷତା ଏବଂ ଉଦ୍ୟୋଗୀ ମନୋଭାବର ବିକାଶ କରିବା ଏହି ପଦକ୍ଷେପରେ ଯୁବ ଶିକ୍ଷାର୍ଥୀ ମାନଙ୍କଠାରୁ ୯୬୯ଟି ଚିନ୍ତାଧାରା ମିଳିଥିଲା। ସେଥିମଧ୍ୟରୁ ୭୪୯ଟିକୁ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ପାଇଁ ଚୟନ କରାଯାଇଥିଲା। ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ୧୦୧ଟି ବିଦ୍ୟାଳୟର ୧୯୨ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି ଏବଂ ସେମାନଙ୍କୁ ପ୍ରାୟ ୧୦୦ ଜଣ ମେଣ୍ଟରଙ୍କ ସହଯୋଗ ମିଳୁଛି। ଓଡିଆ ପ୍ରେନ୍ୟୁର୍ ଛାତ୍ରଛାତ୍ରୀମାନଙ୍କୁ ନିଜ ସମୁଦାୟର ସମସ୍ୟାଗୁଡ଼ିକୁ ଚିହ୍ନଟ କରି ସେଗୁଡ଼ିକର ନବସୃଜନଶୀଳ ବ୍ୟବହାରିକ ଏବଂ ପ୍ରଯୁକ୍ତିଭିତ୍ତିକ ସମାଧାନ ବିକଶିତ କରିବାକୁ ଉତ୍ସାହିତ କରେ। ରାଜ୍ୟସ୍ତରୀୟ ହ୍ୟାକାଥନ୍‌କୁ ଏହି ଯାତ୍ରାର ଶେଷ ନୁହେଁ ବରଂ ଏକ ନୂତନ ଆରମ୍ଭ ଭାବେ ପରିକଳ୍ପନା କରାଯାଇଛି।

# ଇରାକ ଛାଡ଼ିଲେ ଆମେରିକା ସେନା

## ▸▸ ବାଗଦାଦରୁ ସ୍ୱଦେଶ ଫେରିଲେ ଶେଷ ଦଳ



**ବାଗଦାଦ:** ମଧ୍ୟପ୍ରାଚ୍ୟରେ ଆମେରିକା ଏବଂ ଇରାନ ମଧ୍ୟରେ ଯୁଦ୍ଧ ଜାରି ରହିଛି। ଏହି ସମୟରେ, ଆମେରିକା ଏକ ବଡ଼ ନିଷ୍ପତ୍ତି ନେଇ ଦୁଇ ଦଶନ୍ଧି ପରେ ଇରାକରୁ ନିଜର ସମସ୍ତ ସୈନ୍ୟ ପ୍ରତ୍ୟାହାର କରିଛି। ସେନାର ଶେଷ ଦଳ ସ୍ୱଦେଶ ବାହୁଡ଼ିଛନ୍ତି। ଏହି ମିଳିତ ମେଣ୍ଟ ଦେଶକୁ ଉଗ୍ରବାଦୀ ଗୋଷ୍ଠୀଙ୍କଠାରୁ ସୁରକ୍ଷା ଦେବାରେ ସାହାଯ୍ୟ କରିଥିଲା ବୋଲି ଆମେରିକା ଦାବି କରୁଥିବାବେଳେ ମିଳିତ ମେଣ୍ଟକୁ ଇରାକରେ ଉତ୍ତେଜନା ବୃଦ୍ଧି ପାଇଁ ଦାୟୀ କରାଯାଇଛି।୨୦୦୩ ମସିହାରେ ଆମେରିକା ଇରାକୀ ରାଷ୍ଟ୍ରପତି ସଦ୍ଦାମ ହୁସେନଙ୍କ ଉପରେ ଗଣବିନାଶକାରୀ ଅସ୍ତ୍ର ବିକଶିତ କରିବାର ଅଭିଯୋଗ ଆଣିଥିଲା। ଏହା ପରେ, ଆମେରିକା, ବ୍ରିଟେନ, କାନାଡା ଏବଂ ଫ୍ରାନ୍ସ ଭଳି ନାଟୋ ଦେଶମାନଙ୍କ ସହିତ ମିଶି ଇରାକ ଉପରେ ଆକ୍ରମଣ କରିଥିଲା। ଇରାକ ଏବଂ ଆମେରିକା-ସହଯୋଗୀ ସେନା ମଧ୍ୟରେ ପ୍ରାୟ ତିନି ବର୍ଷ ଧରି ଯୁଦ୍ଧ ଆରମ୍ଭ ହୋଇଥିଲା, ଯାହାର ପରିଣାମ ୩୦ ଡିସେମ୍ବର ୨୦୦୬ ରେ ସଦ୍ଦାମ ହୁସେନଙ୍କ ଫାଶୀ ସହିତ ଶେଷ ହୋଇଥିଲା।ସଦ୍ଦାମ ହୁସେନଙ୍କ ମୃତ୍ୟୁ ପରେ, ଆମେରିକୀୟ ସେନା ତାଙ୍କ ପ୍ରାସାଦ ସମେତ ପ୍ରତ୍ୟେକ ସ୍ଥାନ ଖୋଜାଖୋଜି କରିଥିଲେ, କିନ୍ତୁ କୌଣସି ବିନାଶକାରୀ ଅସ୍ତ୍ର ପାଇ ନଥିଲେ। ସଦ୍ଦାମଙ୍କ ମୃତ୍ୟୁ ପରେ ଇରାକ ଅରାଜକତାରେ ବୁଡ଼ି ଯାଇଥିଲା। ଫଳସ୍ୱରୂପ ଆମେରିକୀୟ ସେନା ସାମରିକ ଘାଟି ସ୍ଥାପନ କରିବାକୁ ଏବଂ ସେଠାରେ ନିଜର ସୈନ୍ୟଙ୍କୁ ମୁତୟନ କରିବାକୁ ନିଷ୍ପତ୍ତି ନେଇ ଇରାକରେ ଦେଢ଼ଲକ୍ଷ ଆମେରିକୀୟ ସୈନ୍ୟ ମୁତୟନ କରିଥିଲା। ଇରାକରେ ସଦ୍ଦାମ ହୁସେନଙ୍କ ଶାସନକୁ ଭାଙ୍ଗି ଆମେରିକା ଏକ ଗୁରୁତର ଭୁଲ୍ କରିଥିଲା। ଆମେରିକା ଭାବିଥିଲା, ଇରାକୀ ସୈନିକମାନେ ସଦ୍ଦାମଙ୍କ ପ୍ରତି ବିଶ୍ୱସ୍ତ ଥିଲେ, ତେଣୁ ଆମେରିକା ପ୍ରଶାସନ ଇରାକୀ ସେନାକୁ ଭାଙ୍ଗି ଦେଇଥିଲା। ଏହି ନିଷ୍ପତ୍ତି ଯୋଗୁଁ ପ୍ରାୟ ସାଢ଼େ ତିନି ଲକ୍ଷ ଇରାକୀ ସୈନିକ ବେକାର ହୋଇଯାଇଥିଲେ। ସେମାନେ ପରେ ଇସଲାମିକ୍ ଷ୍ଟେଟ୍ ଏବଂ ଅନ୍ୟାନ୍ୟ ଆତଙ୍କବାଦୀ ଗୋଷ୍ଠୀରେ ଯୋଗ ଦେଇଥିଲେ। ସେମାନେ ଇରାକ ସହ ଅନ୍ୟାନ୍ୟ ଦେଶରେ ମଧ୍ୟ ଆତଙ୍କବାଦୀ ଆକ୍ରମଣ କରିଥିଲେ।୨୦୧୪ ମସିହାରେ ଇସଲାମିକ୍ ଷ୍ଟେଟ୍ ଗୋଷ୍ଠୀ ସହିତ ଲଢ଼ିବା ପାଇଁ ମେଣ୍ଟ ସେନାକୁ ଇରାକ୍ ଏବଂ ସିରିଆ ପଠାଯାଇଥିଲା। ଉଭୟ ଦେଶର ବିସ୍ତୃତ ଅଞ୍ଚଳ ଉପରେ ଇସଲାମିକ୍ ଷ୍ଟେଟ୍ ପ୍ରଭାବ ପକାଇଥିଲା। ୨୦୧୭ ମସିହାରେ ଇରାକରେ ଏବଂ ୨୦୧୯ ମସିହାରେ ସିରିଆରେ ଇସଲାମିକ୍ ଷ୍ଟେଟ୍ ପରାଜିତ ହୋଇଥିଲା। କିନ୍ତୁ ଗୋଷ୍ଠୀର ଅବଶିଷ୍ଟ ସଦସ୍ୟଙ୍କ ସହିତ ଲଢ଼ିବା ପାଇଁ ମେଣ୍ଟ ସେନା ସେଠାରେ ରହିଥିଲେ। ପୂର୍ବତନ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ୨୦୨୪ ମସିହାରେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ବାଗଦାଦରୁ ଆମେରିକୀୟ ସୈନ୍ୟ ପ୍ରତ୍ୟାହାର ପାଇଁ ଏକ ଚୁକ୍ତି କରିଥିଲେ। ଏହି ଚୁକ୍ତି ଅନୁଯାୟୀ ଉଭୟ ଦେଶ ମେଣ୍ଟର ମିଶନକୁ ଧୀରେ ଧୀରେ ସମାପ୍ତ କରିବାକୁ ରାଜି ହୋଇଥିଲେ। ଏହା ଅନ୍ତର୍ଗତ ବିଭିନ୍ନ ପର୍ଯ୍ୟାୟ ସହିତ ଶେଷରେ ଆମେରିକୀୟ ସୈନ୍ୟମାନେ ୨୦୨୬ ସେପ୍ଟେମ୍ବର ୩୦ ରେ ଆନୁଷ୍ଠାନିକ ଭାବରେ ଇରାକ ଛାଡିଛନ୍ତି।ଇରାକୀ ସରକାରଙ୍କ ଅନୁସାରେ ମେଣ୍ଟର ପ୍ରତ୍ୟାହାର ସହିତ ଦେଶରେ ଥିବା ଉଗ୍ରବାଦୀ ଗୋଷ୍ଠୀମାନଙ୍କ ପାଖରେ ଅସ୍ତ୍ରଶସ୍ତ୍ର ରଖିବାର ବାହାନା ଦୂର ହେବ। ସେମାନେ ଆପୋଷ ବୁଝାମଣା ପାଇଁ ସହମତି ପ୍ରକାଶ କରିବେ। ଇରାକୀ ପ୍ରଧାନମନ୍ତ୍ରୀ ଅଲି ଅଲ-ଜୈଦି ଘୋଷଣା କରିଛନ୍ତି ଯେ, ମେଣ୍ଟର ବିଦାୟର ପରଦିନ, ଅକ୍ଟୋବର ୧ ରେ ସାର୍ବଭୌମତ୍ୱ ଦିବସ ପାଳନ କରାଯିବ।

# ରବି ଫସଲର ଏମଏସପି ବୃଦ୍ଧିକୁ କ୍ୟାବିନେଟ୍ ମଞ୍ଜୁରୀ



**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି (ସିସିଇଏ) ୨୦୨୭-୨୮ ରବି ବିପଣନ ଋତୁ ପାଇଁ ସମସ୍ତ ନିର୍ଦ୍ଧାରିତ ରବି ଫସଲର ସର୍ବନିମ୍ନ ସମର୍ଥନ ମୂଲ୍ୟ (ଏମଏସପି) ବୃଦ୍ଧିକୁ ଅନୁମୋଦନ କରିଛି। ଚାଷୀମାନଙ୍କୁ ସେମାନଙ୍କ ଉତ୍ପାଦିତ ଫସଲର ଉପଯୁକ୍ତ ଲାଭଜନକ ମୂଲ୍ୟ ଯୋଗାଇବା ଲକ୍ଷ୍ୟରେ ସରକାର ୨୦୨୭-୨୮ ବିପଣନ ଋତୁ ଲାଗି ରବି ଫସଲର ଏମଏସପି ବଢ଼ାଇଛନ୍ତି। କୁସୁମ ପାଇଁ ସର୍ବାଧିକ ଏମଏସପି ବୃଦ୍ଧି ଘୋଷଣା କରାଯାଇଛି। ଏହି ଫସଲର ଏମଏସପି କ୍ୱିଣ୍ଟାଲ ପିଛା ୬୭୫ ଟଙ୍କା ବୃଦ୍ଧି କରାଯାଇଛି। ସେହିପରି ରେପ୍ସିଡ୍ ଓ ସୋରିଷର ସର୍ବନିମ୍ନ ସମର୍ଥନ ମୂଲ୍ୟ କ୍ୱିଣ୍ଟାଲ ପିଛା ୪୧୩ ଟଙ୍କା ବୃଦ୍ଧି କରାଯାଇଛି। ମସୁର ଡାଲି, ଯଅ, ଚଣା ଏବଂ ଗହମ ପାଇଁ ଯଥାକ୍ରମେ କ୍ୱିଣ୍ଟାଲ ପିଛା ୩୯୦ ଟଙ୍କା, ୧୩୬ ଟଙ୍କା, ୮୩ ଟଙ୍କା ଏବଂ ୨୫ ଟଙ୍କା ଏମଏସପି ବୃଦ୍ଧି କରାଯାଇଛି। ଏଥିରେ ପରିଶୋଧ କରାଯାଇଥିବା ସମସ୍ତ ଖର୍ଚ୍ଚ ସାମିଲ ରହିଛି ଯଥା ମାନବ ଶ୍ରମିକ, ବଳଦ/ମେସିନ ଶ୍ରମ, ଲିଜରେ ଦିଆଯାଇଥିବା ଜମି ଲାଗି ପରିଶୋଧ କରାଯାଇଥିବା ଅର୍ଥ, ବିହନ, ସାର, ଜଳସେଚନ ଦେୟ, ଉପକରଣ ଏବଂ କୃଷି କୋଠା ଉପରେ ମୂଲ୍ୟହ୍ରାସ, କାର୍ଯ୍ୟକାରୀ ପୁଞ୍ଜି ଉପରେ ସୁଧ, ପମ୍ପ ସେଟ୍ ପରିଚାଳନା ପାଇଁ ଡିଜେଲ/ବିଦ୍ୟୁତ ଇତ୍ୟାଦି।ସର୍ବଭାରତୀୟ ସ୍ତରରେ ଲାଗୁ ହାରାହାରି ଉତ୍ପାଦନ ଖର୍ଚ୍ଚର ଅତି କମରେ ୧.୫ ଗୁଣ ସର୍ବନିମ୍ନ ସହାୟକ ମୂଲ୍ୟ ଧାର୍ଯ୍ୟ କରିବା ପାଇଁ ୨୦୧୮-୧୯ କେନ୍ଦ୍ର ବଜେଟରେ ଘୋଷଣା କରାଯାଇଥିଲା। ତଦନୁସାରେ ୨୦୨୬-୨୭ ବିପଣନ ଋତୁ ପାଇଁ ରବି ଫସଲର ସର୍ବନିମ୍ନ ସହାୟକ ମୂଲ୍ୟରେ ଏହି ବୃଦ୍ଧି କରାଯାଇଛି । ସର୍ବଭାରତୀୟ ସ୍ତରରେ ଲାଗୁ ହାରାହାରି ଉତ୍ପାଦନ ଖର୍ଚ୍ଚ ତୁଳନାରେ ଆନୁମାନିକ ଲାଭ ଗହମ ପାଇଁ ୧୦୬ ପ୍ରତିଶତ, ରେପସିଡ୍ ଏବଂ ସୋରିଷ ପାଇଁ ୯୬ ପ୍ରତିଶତ, ମସୁର ପାଇଁ ୯୨ ପ୍ରତିଶତ, ଚଣା ପାଇଁ ୫୯ ପ୍ରତିଶତ, ଯଅ ପାଇଁ ୫୮ ପ୍ରତିଶତ ଏବଂ କୁସୁମ ପାଇଁ ୫୦ ପ୍ରତିଶତ ମିଳିବ ବୋଲି ଆଶା କରାଯାଉଛି। ରବି ଫସଲର ସର୍ବନିମ୍ନ ସହାୟକ ମୂଲ୍ୟରେ ଏହି ବୃଦ୍ଧି ଚାଷୀମାନଙ୍କୁ ଲାଭଦାୟକ ମୂଲ୍ୟ ସୁନିଶ୍ଚିତ କରିବ ଏବଂ ଫସଲ ବିବିଧତାକୁ ଉତ୍ସାହିତ କରିବ।

## ନିର୍ବାଚନ କମିସନଙ୍କ ସ୍ୱଷ୍ଟୀକରଣ

# ଏସଆଇଆର ଶେଷ ହୋଇଥିଲେ ଘୋଷଣାପତ୍ର ଦରକାର ନାହିଁ

**ନୂଆଦିଲ୍ଲୀ:** ସ୍ୱତନ୍ତ୍ର ସଂଘନ ଭୋଟର ତାଲିକା ସଂଶୋଧନ ବା ଏସ୍ଆଇଆର୍ ଶେଷ ହୋଇଥିବା ଏବଂ ଏପର୍ଯ୍ୟନ୍ତ ଏସ୍ଆଇଆର୍ ଆରମ୍ଭ ହୋଇନଥିବା ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ନୂଆ ଭୋଟରଙ୍କ ପାଇଁ ଘୋଷଣାପତ୍ର ଦାଖଲ କରିବା ଆବଶ୍ୟକ ନାହିଁ। ବୁଧବାର ନିର୍ବାଚନ କମିସନଙ୍କ ଜଣେ ଅଧିକାରୀ ଏହି ସୂଚନା ଦେଇଛନ୍ତି।କମିସନଙ୍କ ଅନୁସାରେ, ଏସ୍ଆଇଆର୍ ଚାଲିଥିବା ସମୟ ହେଉ କିମ୍ବା ସାଧାରଣ ସମୟ, ଭୋଟର ପଞ୍ଜୀକରଣ ପାଇଁ ବ୍ୟବହୃତ ଫର୍ମ-୬ରେ କୌଣସି ପରିବର୍ତ୍ତନ ହୋଇନାହିଁ। ଏସ୍ଆଇଆର୍ ଚାଲୁଥିବା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଅତିରିକ୍ତ ଭାବେ ଘୋଷଣାପତ୍ର ମଗାଯାଇଥିଲା। ୨୦୨୫ ଜୁନ୍ ୨୪ରେ ଜାରି ଏସ୍ଆଇଆର୍ ନିର୍ଦ୍ଦେଶ ଏବଂ ପରବର୍ତ୍ତୀ ନିର୍ଦ୍ଦେଶ ଅନୁସାରେ ଏହି ବ୍ୟବସ୍ଥା କରାଯାଇଥିଲା। ସେପ୍ଟେମ୍ବର ୨୬ରେ ନିର୍ବାଚନ କମିସନ ପ୍ରକାଶ କରିଥିବା ପ୍ରେସ୍ନୋଟ୍ରେ ସ୍ପଷ୍ଟ କରିଥିଲେ ଯେ ଏସ୍ଆଇଆର୍ ଶେଷ ହୋଇଥିବା ଏବଂ ଏପର୍ଯ୍ୟନ୍ତ ଏସ୍ଆଇଆର୍ ଆରମ୍ଭ ହୋଇନଥିବା ରାଜ୍ୟଗୁଡ଼ିକରେ ଘୋଷଣାପତ୍ର ଆବଶ୍ୟକ ହେବ ନାହିଁ। ଏହି ଘୋଷଣାପତ୍ରରେ ନୂଆ ଆବେଦନକାରୀଙ୍କୁ ସେମାନେ ନିଜେ କିମ୍ବା ସେମାନଙ୍କ ମାତାପିତା ଓ ଜେଜେବାପା-ଜେଜେମା' ପୂର୍ବରୁ ପ୍ରସ୍ତୁତ ଭୋଟର ତାଲିକାରେ ଥିଲେ କି ନାହିଁ, ସେ ସମ୍ପର୍କରେ ତଥ୍ୟ ଦେବାକୁ ପଡୁଥିଲା।ନିର୍ବାଚନ କମିସନଙ୍କ ତଥ୍ୟ ଅନୁସାରେ ବିହାର ଓ ପଶ୍ଚିମବଙ୍ଗ ସମେତ ୨୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏସ୍ଆଇଆର୍ ଶେଷ ହୋଇସାରିଛି।

# ଜାମ୍ମୁ-କାଶ୍ମୀର ବିଧାନସଭାରେ ହଙ୍ଗାମା, ବିଜେପି-ଏନସି ମୁହାଁମୁହିଁ



**ଶ୍ରୀନଗର:** ଜାମ୍ମୁ-କାଶ୍ମୀର ବିଧାନସଭାରେ ବିଧାୟକମାନଙ୍କ ଦରମା ବୃଦ୍ଧି ସମ୍ପର୍କିତ ଏକ ବିଲ୍ ପ୍ରତ୍ୟାହାରକୁ ନେଇ ବୁଧବାର ଗୃହରେ କିଛି ସମୟ ପାଇଁ ଉତ୍ତେଜନାପ୍ରକାଶ ପାଇଛି। ଗୃହ କାର୍ଯ୍ୟ ଆରମ୍ଭ ହେବା କ୍ଷଣି ପହଲଗାମର ନେସନାଲ କନଫରେନ୍ସ (ଏନସି) ବିଧାୟକ ଅଲତାଫ କାଲୁ ଏହି ବିଲ୍ ପ୍ରତ୍ୟାହାର ପ୍ରସଙ୍ଗ ଉଠାଇଥିଲେ। ପୂର୍ବରୁ ସର୍ବସମ୍ମତିର ଅଭାବ ଦର୍ଶାଇ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ବିଧାୟକ ଓ ମନ୍ତ୍ରୀମାନଙ୍କ ଦରମା ବୃଦ୍ଧି ସମ୍ପର୍କିତ ବିଲକୁ ପ୍ରତ୍ୟାହାର କରିନେଇଥିଲେ। ବିଜେପି ବିଧାୟକମାନେ ଏହାକୁ ବିରୋଧ କରିବାରୁ, ଯଦି ଗୃହରେ ସର୍ବସମ୍ମତି ନହୁଏ ତେବେ ବିଲ୍ ପ୍ରତ୍ୟାହାର କରିନେବେ ବୋଲି ମୁଖ୍ୟମନ୍ତ୍ରୀ ପୂର୍ବରୁ ସ୍ପଷ୍ଟ କରିଥିଲେ।ଏହି ପ୍ରସଙ୍ଗରେ 'ଏନସି' ବିଧାୟକ କାଲୁ ଅଭିଯୋଗ କରିଥିଲେ ଯେ ବିଜେପିର ୩ ଲକ୍ଷ ଟଙ୍କା ଦରମା ବୃଦ୍ଧି ସୁପାରିଶକୁ ଗ୍ରହଣ କରାଯାଇ ନଥିବାରୁ ସେମାନେ ଏହି ବିଲକୁ ବିରୋଧ କରିଥିଲେ। ତେବେ ବିଜେପି ବିଧାୟକ ଶାମ ଲାଲ ଶର୍ମା ଏହି ଅଭିଯୋଗକୁ ଖଣ୍ଡନ କରିବା ସହ ବିଲଟି ସରକାରଙ୍କ ଦ୍ୱାରା ପ୍ରତ୍ୟାହୃତ ହୋଇଛି, ନାକଚ ହୋଇନାହିଁ ବୋଲି ସ୍ପଷ୍ଟ କରିଥିଲେ।ଏହି ଅର୍ଥକୁ ଦୈନିକ ମଜୁରିଆ, ଆବଶ୍ୟକତା ଭିତ୍ତିକ ଚୁକ୍ତିଭିତ୍ତିକ କର୍ମଚାରୀ ଓ ଅନ୍ୟ ସରକାରୀ କର୍ମଚାରୀଙ୍କ କଲ୍ୟାଣରେ ବ୍ୟବହାର କରିବାକୁ ବିଜେପି ପ୍ରସ୍ତାବ ଦେଇଥିବା ସେ କହିବା ସହ ଗୃହ ଭିତରେ ରାଜନୀତି ନକରିବାକୁ କାଲୁଙ୍କୁ କଡ଼ା ଭାଷାରେ ସମାଲୋଚନା କରିଥିଲେ। ଏହି ଗଣ୍ଡଗୋଳ ମଧ୍ୟରେ ବାଚସ୍ପତି ଅବଦୁଲ ରହିମ୍ ରାଥର ହସ୍ତକ୍ଷେପ କରି ମଙ୍ଗଳବାର ଦିନ ହିଁ ଏହି ପ୍ରସଙ୍ଗର ସମାପ୍ତି ଘଟିସାରିଥିବାରୁ ଏହାକୁ ପୁନର୍ବାର ନଉଠାଇବାକୁ ନିର୍ଦ୍ଦେଶ ଦେଇଥିଲେ। ବାଚସ୍ପତିଙ୍କ ହସ୍ତକ୍ଷେପ ପରେ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା ଏବଂ ପ୍ରଶ୍ନୋତ୍ତର କାଳ ଆରମ୍ଭ ହୋଇଥିଲା।

# ଟ୍ରମ୍ପଙ୍କ ସହ ଫୋନରେ କଥା ହେଲେ ମୋଦି

**ନୂଆଦିଲ୍ଲୀ:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଫୋନରେ କଥା ହୋଇଛନ୍ତି ପ୍ରଧାନମନ୍ତ୍ର ନରେନ୍ଦ୍ର ମୋଦି। ବାଣିଜ୍ୟ, ପ୍ରତିରକ୍ଷା ଓ ଶକ୍ତି ଭଳି ପ୍ରମୁଖ ପ୍ରସଙ୍ଗରେ ଉଭୟ ନେତା ବିସ୍ତୃତ ଭାବେ ଆଲୋଚନା କରିଛନ୍ତି। ପରସ୍ପର ସହ ଘନିଷ୍ଠ ସମ୍ପର୍କ ରଖି କାର୍ଯ୍ୟ କରିବାକୁ ମଧ୍ୟ ଉଭୟ ନେତେ ରାଜି ହୋଇଥିବା ଜଣାପଡ଼ିଛି। ଆଲୋଚନା ସମ୍ପର୍କରେ ପ୍ରଧାନମନ୍ତ୍ରୀ ମୋଦି ସୂଚନା ଦେବା ସହ ଟ୍ରମ୍ପଙ୍କ ଫଳପ୍ରଦ ଆଲୋଚନା ହୋଇଛି ଓ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗର ସମୀକ୍ଷା ମଧ୍ୟ କରାଯାଇଛି ବୋଲି କହିଛନ୍ତି। ମୋଦି କହିଛନ୍ତି, "ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ ଫଳପ୍ରଦ ଆଲୋଚନା ହୋଇଛି। ବାଣିଜ୍ୟ, ପ୍ରତିରକ୍ଷା, ଶକ୍ତି, ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତି ସମେତ ବିଭିନ୍ନ କ୍ଷେତ୍ରରେ ଥିବା ଦ୍ୱିପାକ୍ଷିକ ସହଯୋଗର ସମୀକ୍ଷା କରାଯାଇଛି। ଭାରତ-ଆମେରିକା ମଧ୍ୟରେ ଥିବା ବ୍ୟାପକ ବୈଶ୍ୱିକ ରଣନୀତିକ ସହଯୋଗକୁ ଆଗକୁ ବଢ଼ାଇବା ପାଇଁ ପରସ୍ପର ସହ ସହଯୋଗ ଜାରି ରଖିବାକୁ ସହମତି ହୋଇଛି।" ମୋଦି ଓ ଟ୍ରମ୍ପ ଆଞ୍ଚଳିକ ଏବଂ ଅନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ମଧ୍ୟ କଥା ହୋଇଛି। ବିଶେଷକରି ବିଶ୍ୱ ଶାନ୍ତି ଓ ସୁରକ୍ଷା ପାଇଁ ଚାଲିଥିବା ପ୍ରୟାସ ନେଇ ଦୁଇ ନେତା ବିଭିନ୍ନ ଦିଗ ଉପରେ ଆଲୋଚନା କରିଛନ୍ତି।ଭାରତ ଓ ଆମେରିକା ମଧ୍ୟରେ ଏବେ ବାଣିଜ୍ୟ ସହଯୋଗ ବା ଚୁକ୍ତି ପାଇଁ ଆଲୋଚନା ଜାରି ରହିଛି। ଏପରି ଏକ ସମୟରେ ମୋଦି-ଟ୍ରମ୍ପ ଫୋନରେ କଥା ହୋଇଛନ୍ତି। ତେଣୁ ଏହାର ଗୁରୁତ୍ୱ ଯଥେଷ୍ଟ ଅଧିକ ବୋଲି ଅନେକ ମତ ରଖିଛନ୍ତି।

# ଅଫିସର ଦମ୍ପତିଙ୍କ ଘର ରେଡ: ୭ ୯ ଲକ୍ଷ ନଗଦ ଓ ୫୨ ଲକ୍ଷ ସୁନାଗହଣା ଜବତ

**ପାଟଣା:** ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ବିହାରର ଏକ ପ୍ରଶାସନିକ ଅଧିକାରୀ ଦମ୍ପତିଙ୍କ ଘରେ ଚଢ଼ାଉ କରାଯାଇଛି। ସୋମବାରଠାରୁ ଏହି ଚଢ଼ାଉ ଜାରି ରହିଥିବା ବେଳେ ସେମାନଙ୍କଠାରୁ ମିଳିଲାଣି ପୁଳା ପୁଳା ସଂପତ୍ତି। ଏହି ପ୍ରଶାସନିକ ଅଧିକାରୀ ଦ୍ୱୟ ହେଉଛନ୍ତି ରବୀନ୍ଦ୍ର କୁମାର ଦିବାକର ଓ ତାଙ୍କ ପତ୍ନୀ କୁମାରୀ ସ୍ୱିଟୀ। ରବୀନ୍ଦ୍ର ପାଟନାରେ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ (ଯୋଗାଣ) ଭାବେ ନିଯୁକ୍ତ ହୋଇଥିବା ବେଳେ କୁମାରୀ ସ୍ୱିଟୀ ଦାନାପୁରରେ ସବ୍-ରେଜିଷ୍ଟ୍ରାର ଭାବେ କାର୍ଯ୍ୟ କରୁଛନ୍ତି। ପାଟନା ଓ ବେଗୁସରାୟ ସହିତ ବିଭିନ୍ନ ସ୍ଥାନରେ ଥିବା ସେମାନଙ୍କର ଏକାଧିକ ଠିକଣାରେ ଚଢ଼ାଉ କରାଯାଇଥିବା ବେଳେ ୭ ୯ ଲକ୍ଷ ନଗଦ ଟଙ୍କା ଜବତ କରାଯାଇଛି। ଏହା ସହିତ ୪୮ଟି ଦାମୀ ହାତ ଘଣ୍ଟା ଜବତ କରାଯାଇଛି। ଏହି ଘଣ୍ଟାଗୁଡ଼ିକର ଦାମ ୬ ଲକ୍ଷ ଟଙ୍କାରୁ ଅଧିକ। ୫୨ ଲକ୍ଷରୁ ଅଧିକ ଟଙ୍କାର ସୁନାଗହଣ ଜବତ କରାଯାଇଥିବା ବେଳେ ସେମାନଙ୍କର ଦୁଇଟି ଫ୍ଲାଟ୍ର ଦାମ୍ ହେଉଛି ୧.୦୭ କୋଟି ଟଙ୍କା। ସେମାନଙ୍କର ୩ଟି ପ୍ଲଟ୍ ଅଛି। ଏଗୁଡ଼ିକର ଦାମ୍ ପ୍ରାୟ ୧.୨୮ କୋଟି ଟଙ୍କା ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଜବତ ୭୯ ଲକ୍ଷ ନଗଦ ଟଙ୍କାରୁ ୭୦ ଲକ୍ଷ ସେମାନଙ୍କର ପାଟନା ସ୍ଥିତ ବାସଭବନରୁ ଜବତ କରାଯାଇଥିବା ବେଳେ ବାକି ୯ ଲକ୍ଷ ବେଗୁସରାୟ ସ୍ଥିତ ଘରୁ ମିଳିଛି। ପାଟନା ସ୍ଥିତ ଘରୁ ୪୮ଟି ଦାମୀ ଘଣ୍ଟା ମିଳିଛି। ସୁନା ଓ ରୁପା ଗହଣା ବେଗୁସରାୟ ସ୍ଥିତ ଘରୁ ମିଳିଛି। ସୁନା ଓ ରୁପା ଗହଣାର ମୂଲ୍ୟ ୫୨ ଲକ୍ଷ ଟଙ୍କାରୁ ଅଧିକ କୁହାଯାଉଥିଲେ ହେଁ ପୂରା ହିସାବ ଶେଷ ହେବା ପରେ ଏହା ଆହୁରି ଅଧିକ ହେବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ସେମାନଙ୍କର ୧.୦୭ କୋଟି ଟଙ୍କାର ଦୁଇଟି ଫ୍ଲାଟ୍ ଠାବ କରାଯାଇଛି। ସେଗୁଡ଼ିକ ପାଟନାରେ ଅଛି।

# ଅପରେସନ କୋରାଗ: ଆତଙ୍କବାଦୀ ମୁସା ନିପାତ



**ଶ୍ରୀନଗର:** ଜମ୍ମୁ-କାଶ୍ମୀରର ବଡ଼ଗାମ ଜିଲ୍ଲାରେ ସୁରକ୍ଷାକର୍ମୀଙ୍କ ଗୁଳିମାଡ଼ରେ ଲସ୍କର-ଏ-ତୋଇବା (ଏଲ୍ଇଟି)ର ଜଣେ ଶୀର୍ଷ କମାଣ୍ଡର ନିପାତ ହୋଇଛି। ନିହତ ଆତଙ୍କବାଦୀକୁ ଫୌଜୀ ମୁସା ବୋଲି ଚିହ୍ନଟ କରାଯାଇଛି। ଭାରତୀୟ ସେନାର ଚିନାର କର୍ପସ ଏକ୍ସରେ ଏକ ପୋଷ୍ଟ କରି କହିଛି ଯେ ଏହି ଅପରେସନର ନାଁ 'ଅପରେସନ୍ କୋରାଗ'। ଭାରତୀୟ ସେନା, ପୁଲିସ ଓ ସିଆରପିଏଫ୍ ବଡ଼ଗାମର ୟୁସମାର୍ଗ ନିକଟ କୋରାଗରେ ଏହି ଅପରେସନ୍ ଚଳାଇଥିଲେ। ଉକ୍ତ ଅଞ୍ଚଳରେ ଆତଙ୍କବାଦୀଙ୍କ ଗତିବିଧି ସଂକ୍ରାନ୍ତରେ ସୂଚନା ମିଳିବା ପରେ ସୁରକ୍ଷାକର୍ମୀ ସର୍ଚ୍ଚ ଅପରେସନ୍ ଆରମ୍ଭ କରିଥିଲେ। ଏହି ସମୟରେ ଆତଙ୍କବାଦୀମାନେ ପ୍ରଥମେ ଗୁଳି ଚାଳନା କରିଥିଲେ। ପାଲଟା ଜବାବରେ ସୁରକ୍ଷାକର୍ମୀ ଗୁଳି ଚଳାଇଥିଲେ। ଏଥିରେ ମୁସା ନିପାତ ହୋଇଛି। ମୁସାର ପରିଚୟକୁ ନେଇ ସାମ୍ନାକୁ ଆସିଥିବା ସୂଚନା ଅନୁସାରେ, ସେ ପୂର୍ବତନ ପାକିସ୍ତାନ ସେନା କମାଣ୍ଡୋ ଥିଲା। ଏଲ୍ଇଟିରେ ଯୋଗ ଦେବା ପୂର୍ବରୁ ସେ ପାକିସ୍ତାନ ସେନାର ଏସ୍ଏସ୍ଜି (ସ୍ପେସାଲ୍ ଅପରେସନ୍ ଗ୍ରୁପ୍)ରେ କାର୍ଯ୍ୟ କରୁଥିଲା। ପାଖାପାଖି ୨୩ ବର୍ଷ ପାକିସ୍ତାନ ସେନାରେ ସେବା କରିବା ପରେ ୨୦୨୩ ମାର୍ଚ୍ଚ ୩୧ ତାରିଖରେ ୪୨ ବର୍ଷ ବୟସରେ ହାବିଲଦାର ଭାବେ ଅବସର ନେଇଥିଲା। ପାକିସ୍ତାନ ସେନାରୁ ଅବସର ନେବା ପରେ ମୁସା ଭାରତ ଆସି ଜମ୍ମୁ-କାଶ୍ମୀରରେ ଏଲ୍ଇଟିର ଆତଙ୍କୀ ନେଟୱର୍କର ଜଣେ ବରିଷ୍ଠ କମାଣ୍ଡର ହୋଇଥିଲା।

# ବର୍ଷକରେ ବିଏସପିର ଆୟ ୫୮.୫୮ କୋଟି

**ନୂଆଦିଲ୍ଲୀ:** ସଂସଦ ଓ ବିଧାନସଭାରେ ନେତାଙ୍କ ସଂଖ୍ୟା କ୍ରମାଗତ ଭାବେ ହ୍ରାସ ପାଉଥିଲେ ବି ବହୁଜନ ସମାଜ ପାର୍ଟିର ଆର୍ଥିକ ସ୍ଥିତି ଆଜି ବି ବେଶ୍ ମଜବୁତ ରହିଛି। ଉତ୍ତର ପ୍ରଦେଶ ବିଧାନସଭାରେ ପାର୍ଟିର ଏକମାତ୍ର ବିଧାୟକଙ୍କ ପରଲୋକ ପରେ ଦଳର ଖାତା ସମ୍ପୂର୍ଣ୍ଣ ଖାଲି ହୋଇଯାଇଛି। ସେହିପରି ରାଜ୍ୟସଭାରେ ମଧ୍ୟ ଦଳର କୌଣସି ପ୍ରତିନିଧି ନାହାନ୍ତି। ୧୯୮୯ ମସିହା ପରଠାରୁ ଏହା ପ୍ରଥମ ଘଟଣା, ଯେତେବେଳେ ଉଭୟ ଗୃହରେ ବିଏସପିର ଉପସ୍ଥିତି ପ୍ରାୟ ଶୂନ୍ୟ। ଏଭଳି ରାଜନୈତିକ ସଙ୍କଟ ସତ୍ତ୍ୱେ କୌଣସି ବିଧାୟକ କିମ୍ବା ବଡ଼ ସାଂସଦ ବଳ ନଥାଇ ମାୟାବତୀଙ୍କ ଦଳ କିପରି ନିଜର ବିଶାଳ ପାର୍ଟି ପରିଚାଳନା କରୁଛି, ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ନିର୍ବାଚନ ଆୟୋଗଙ୍କ ନିକଟରେ ଦାଖଲ କରାଯାଇଥିବା ରିପୋର୍ଟ ଅନୁଯାୟୀ, ଗୋଟିଏ ବର୍ଷ ମଧ୍ୟରେ ବିଏସପି ପ୍ରାୟ ୫୮.୫୮ କୋଟି ଟଙ୍କା ଆୟ କରିଛି, ଯାହା ଅନେକ ଆଞ୍ଚଳିକ ଦଳଙ୍କ ତୁଳନାରେ ଯଥେଷ୍ଟ ଅଧିକ। ବିଏସପିର ଆୟର ସବୁଠାରୁ ବଡ଼ ଉତ୍ସ ହେଉଛି ବ୍ୟାଙ୍କରେ ଗଚ୍ଛିତ ଥିବା ନଗଦ ଟଙ୍କାର ଫିକ୍ସଡ୍ ଡିପୋଜିଟ୍ରୁ ମିଳୁଥିବା ସୁଧ।କୋଟି କୋଟି ଟଙ୍କାର ଆୟ ମଧ୍ୟରୁ କେବଳ ବ୍ୟାଙ୍କ ସୁଧ ବାବଦକୁ ଦଳକୁ ୪୬.୨୮ କୋଟି ଟଙ୍କା ମିଳିଛି। ଦଳୀୟ ସଭ୍ୟମାନଙ୍କ ଚାନ୍ଦାରୁ ୧୨.୩୦ କୋଟି ଟଙ୍କା ସଂଗୃହୀତ ହୋଇଛି। ସେହିପରି ପୁରୁଣା ସମ୍ପତ୍ତି ବିକ୍ରିରୁ ପ୍ରାୟ ୧.୪୧ କୋଟି ଟଙ୍କା ଆସିଛି।

# ଭାରତରେ ଓପୋ କେ୧୪ ପ୍ଲସର ଶୁଭାରମ୍ଭ

**ନୂଆଦିଲ୍ଲୀ:** ଓପୋ ଇଣ୍ଡିଆ ପକ୍ଷରୁ ଭାରତୀୟ ବଜାରରେ ନୂଆ ସ୍ମାର୍ଟଫୋନ୍ ଓପୋ କେ୧୪ ପ୍ଲସର ଶୁଭାରମ୍ଭ କରାଯାଇଛି। ଏଥିରେ ମିଡିଆଟେକ୍ ଡାଇମେନସିଟି ୭୩୬୦ ମ୍ୟାକ୍ସ ପ୍ରୋସେସର, ୧.୫କେ ୧୪୪ ହର୍ଟ୍ଜ ଆମୋଲେଡ୍ ଡିସପ୍ଲେ, ୫୦ ମେଗାପିକ୍ସେଲ ମୁଖ୍ୟ କ୍ୟାମେରା ଓ ୮,୦୦୦ ଏମଏଏଚ୍ ବ୍ୟାଟେରୀ ରହିଛି। ଏହା ସହ ୪୫ ୱାଟ୍ ସୁପରଭୁକ୍ ଫାଷ୍ଟ ଚାର୍ଜିଂ ସୁବିଧା ମଧ୍ୟ ରହିଛି।

# ବ୍ଲୁ ଡ୍ରମ ମର୍ଡରର ପତ୍ନୀ ମୁସ୍କାନ, ପ୍ରେମିକ ଦୋଷୀ ସାବ୍ୟସ୍ତ



**ଲକ୍ଷ୍ନୌ:** ଦେଶକୁ ଦୋହଲାଇ ଦେଇଥିବା ନୀଳ ଡ୍ରମ ହତ୍ୟାକାଣ୍ଡ ଘଟଣାରେ ଆସିଛି ରାୟ। ଉତ୍ତର ପ୍ରଦେଶର ମୀରଟ ସ୍ଥିତ ଗୋଟିଏ କୋର୍ଟ ଅଭିଯୁକ୍ତ ମୁସ୍କାନ ରସ୍ତୋଗୀ ଓ ତାଙ୍କ ପ୍ରେମିକ ସାହିଲ ଶୁକ୍ଲାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ୨୦୨୫ରେ ମୁସ୍କାନଙ୍କ ସ୍ୱାମୀ ସୌରଭ ରାଜପୁତଙ୍କୁ ହତ୍ୟା କରି ମୃତଦେହକୁ ଗୋଟିଏ ନୀଳ ଡ୍ରମ୍ରେ ଭର୍ତ୍ତି କରି ସିମେଣ୍ଟ ଦ୍ୱାରା ସିଲ କରିଦିଆଯାଇଥିଲା। ଏବେ ଏହି ଘଟଣାରେ ସୌରଭଙ୍କ ପତ୍ନୀ ମୁସ୍କାନ ଓ ତାଙ୍କ ପ୍ରେମିକ ସାହିଲଙ୍କୁ କୋର୍ଟ ଦୋଷୀ ଭାବେ ବିବେଚନା କରିଛନ୍ତି। ଜିଲ୍ଲା ଜଜ୍ ଅରବିନ୍ଦ କୁମାର ମିଶ୍ରା ପ୍ରାୟ ୧୩ ମାସର ଶୁଣାଣି ପରେ ଆଜି ରାୟ ଘୋଷଣା କରିଛନ୍ତି। ଏହି ୧୩ ମାସରେ ମାମଲାର ୧୨୬ ଥର ଶୁଣାଣି ହୋଇଛି। ସରକାରୀ ଓକିଲ ୨୨ରୁ ଅଧିକ ସାକ୍ଷୀଙ୍କ ବୟାନକୁ ଯାଞ୍ଚ କରିଥିବା ବେଳେ ମାମଲା ସହ ଜଡ଼ିତ ସମସ୍ତ ଫରେନ୍ସିକ ତଥ୍ୟକୁ ମଧ୍ୟ କୋର୍ଟରେ ଉପସ୍ଥାପନ କରିଥିଲେ।

କୋର୍ଟ ଉଭୟଙ୍କୁ ଦୋଷୀ ସାବ୍ୟସ୍ତ କରିଥିବା ବେଳେ ଦଣ୍ଡବିଧାନ ସମ୍ପର୍କରେ ଘୋଷଣା କିଛି ବି ଘୋଷଣା କରି ନାହାନ୍ତି। ସରକାରୀ ଓକିଲ ଉଭୟଙ୍କ ମୃତ୍ୟୁଦଣ୍ଡ ଭଳି କଠୋର ଶାସ୍ତି ପାଇଁ ଦାବି କରୁଥିବା ବେଳେ ପ୍ରତିପକ୍ଷ ଓକିଲ ଏହାକୁ ୧୦ରୁ ୨୦ ବର୍ଷ ମଧ୍ୟରେ ସୀମିତ ରଖିବାକୁ ଯୁକ୍ତି ଉପସ୍ଥାପନ କରିଛନ୍ତି। ହେଲେ ବିଚାରପତି ଏହା ଉପରେ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନେଇ ନାହାନ୍ତି।

ସୌରଭଙ୍କୁ ବାହା ହୋଇଥିଲେ ମଧ୍ୟ ସାହିଲଙ୍କ ସହ ଅନୈତିକ ସମ୍ପର୍କରେ ମାତିଥିଲେ ମୁସ୍କାନ। ଏଥିପାଇଁ ସେ ସ୍ୱାମୀଙ୍କୁ ସବୁ ଦିନ ପାଇଁ ନିଜ ରାସ୍ତାରୁ ହଟାଇବାକୁ ଯୋଜନା କରିଥିଲେ। ଯୋଜନା ଅନୁସାରେ ଉଭୟ ୨୦୨୫ ମାର୍ଚ୍ଚ ୩ରେ ସୌରଭଙ୍କୁ ପ୍ରଥମେ ଡ୍ରଗ୍ସ ଦେବା ପରେ ଛୁରୀ ଭୁଷି ହତ୍ୟା କରିଥିଲେ। ଏହାପରେ ମୃତଦେକୁ ଖଣ୍ଡଖଣ୍ଡ କରି ଗୋଟିଏ ନୀଳ ଡ୍ରମରେ ଭର୍ତ୍ତି କରି ସିମେଣ୍ଟ ଦ୍ୱାରା ସିଲ କରିଥିଲେ।

ହତ୍ୟାକାଣ୍ଡ ପରେ ସେମାନେ ହିମାଚଳ ପ୍ରଦେଶର ଶିମଲାକୁ ହନିମୁନ ପାଇଁ ଚାଲି ଯାଇଥିଲେ। ସେଠାରେ ଛୁଟି କାଟି ପ୍ରାୟ ୧୫ ଦିନ ପରେ ଉଭୟ ଫେରିବା ପରେ ପୁଲିସ୍ ଦ୍ୱାରା ଗିରଫ ହୋଇଥିଲେ।

ହିମାଚଳ ଟ୍ରିପରୁ ଉଭୟ ମାର୍ଚ୍ଚ ୧୭ରେ ଫେରିଥିଲେ। ଏହାପରେ ଡ୍ରମ ସହ ଖଣ୍ଡବିଖଣ୍ଡିତ ମୃତଦେକୁ ଅନ୍ୟତ୍ର ଫିଙ୍ଗିବା ପାଇଁ ଚାହିଁଥିଲେ। ଦିନକ ପରେ ସେମାନେ କିଛି ଶ୍ରମିକଙ୍କୁ ଘରକୁ ଡାକିଥିଲେ ଓ ସେମାନଙ୍କୁ ଡ୍ରମକୁ ଘରୁ ବାହାର କରି ଅନ୍ୟତ୍ର ଫିଙ୍ଗି ଦେବାକୁ କହିଥିଲେ।

କିନ୍ତୁ ଡ୍ରମର ଓଜନ ଅଧିକ ଥିବାରୁ ଘରକୁ ଆସିଥିବା ଶ୍ରମିକମାନେ ଏହାକୁ ଉଠାଇ ପାରି ନଥିଲେ। ତଥାପି ସେମାନେ ଡ୍ରମକୁ ଟେକାଟେକି କରିଥିଲେ। ଏତିକେ ବେଳେ ଡ୍ରମର ଉପର ଭାଗ ଖୋଲି ଯାଇଥିଲା। ତୁରନ୍ତ ଡ୍ରମରେ ଅଧା ପଚି ଯାଇଥିବା ସୌରଭଙ୍କ ଖଣ୍ଡବିଖଣ୍ଡିତ ମୃତଦେହର ଗନ୍ଧ ପୂରା ପରିବେଶରେ ଖେଳି ଯାଇଥିଲା।

ଶ୍ରମିକମାନେ ଡ୍ରମକୁ ଉଠାଇବାରେ ବିଫଳ ହୋଇଥିବା ବେଳେ ଗନ୍ଧ ସେମାନଙ୍କ ମନରେ ସନ୍ଦେହ ସୃଷ୍ଟି କରିଥିଲା। ସେମାନେ କାମ ନ କରି ସେଠାରୁ ତୁରନ୍ତ ଚାଲି ଯାଇଥିଲେ। ଏସବୁ ଦେଖି ମୁସ୍କାନ ପୂରା ଡରି ଯାଇଥିଲା।ସେ ତୁରନ୍ତ ସେଠାରୁ ନିଜ ବାପା ମା'ଙ୍କ ଘରକୁ ଚାଲି ଯାଇଥିଲେ।

## ସ୍ୱର୍ଣ୍ଣିମ ଦିନ

# ଆର୍ଚରଙ୍କ ସ୍ୱର୍ଣ୍ଣ ସୁଇପ୍, ନୀରୁ-କିନାନଙ୍କୁ ଟ୍ରାପ୍ ସ୍ୱର୍ଣ୍ଣ

ନାଗୋୟା,୩୦।୯ (ଏଜେନ୍ସି): ଏସିଆଡରେ ବୁଧବାର ଭାରତୀୟ କ୍ରୀଡ଼ା ଦଳ ପାଇଁ ପାଲଟିଗଲା ସ୍ୱର୍ଣ୍ଣିମ ଦିନ। ଆର୍ଚେରୀରୁ ସୁଟିଂ—ଯେଉଁଠି ନଜର ପଡ଼ିଲା, ସେଠି ଭାରତୀୟ ଖେଳାଳିଙ୍କ ଦବଦବା ଦେଖିବାକୁ ମିଳିଲା। କମ୍ପାଉଣ୍ଡ ଆର୍ଚେରୀର ମହିଳା ଟିମ୍, ମିକ୍ସଡ୍ ଟିମ୍ ଓ ପୁରୁଷ ଟିମ୍—ତିନୋଟି ଇଭେଣ୍ଟରେ ଭାରତ ସ୍ୱର୍ଣ୍ଣ ଜିତି ଦିନକୁ ଐତିହାସିକ କରିଦେଇଛି। ଏହା ସହିତ 'ସୁଟିଂରେ ନୀରୁ ଧାଣ୍ଡା ଓ କିନାନ ଚେନାଇ ମିକ୍ସଡ୍ ଟ୍ରାପ୍‌ରେ ସ୍ୱର୍ଣ୍ଣ ଜିତି ଭାରତର ସ୍ୱର୍ଣ୍ଣ ଅଭିଯାନକୁ ଆହୁରି ମଜବୁତ କରିଛନ୍ତି।

ଜ୍ୟୋତି ସୁରେଖା ଭେନ୍ନମ୍, ଚିକିଥା ତାନିପର୍ଥୀ ଓ ପ୍ରିଥିକା ପ୍ରଦୀପଙ୍କ ମହିଳା କମ୍ପାଉଣ୍ଡ ଟିମ୍ ଚୀନକୁ ୨୩୮-୨୩୪ରେ ହରାଇ ସ୍ୱର୍ଣ୍ଣ ଜିତିଥିବା ବେଳେ ଚିକିଥା ଓ ସାହିଲ ଯାଦବଙ୍କ ମିକ୍ସଡ୍ ଯୋଡ଼ି ଦକ୍ଷିଣ କୋରିଆକୁ ସୁଟ୍-ଅଫରେ ପରାସ୍ତ କରି ସ୍ୱର୍ଣ୍ଣ ହାତେଇଛନ୍ତି। ପରେ କୁଶାଲ ଦଲାଲ, ସାହିଲ ଯାଦବ ଓ ଗଣେଶ ମଣି ରତ୍ନମ ପୁରୁଷ ଟିମ୍ ଚୀନକୁ ୨୩୮-୨୩୭ରେ ହରାଇ ଭାରତ ପାଇଁ ଆର୍ଚେରୀର ତୃତୀୟ ସ୍ୱର୍ଣ୍ଣ ନିଶ୍ଚିତ କରିଛନ୍ତି। ମିକ୍ସଡ୍ ଟିମର ଏହି ସଫଳତା ସହିତ ଭାରତ ୨୦୨୮ ଲସ୍ ଆଞ୍ଜେଲସ୍ ଅଲିମ୍ପିକ୍ସ ପାଇଁ ଏକ କୋଟା ସ୍ଥାନ ମଧ୍ୟ ହାସଲ କରିଛି।

ସୁଟିଂରେ ନୀରୁ ଧାଣ୍ଡାଙ୍କ ଅଭିଯାନ ମଧ୍ୟ ଚର୍ଚ୍ଚାରେ ରହିଛି। ମଙ୍ଗଳବାର ବ୍ୟକ୍ତିଗତ ଟ୍ରାପରେ ଐତିହାସିକ ସ୍ୱର୍ଣ୍ଣ ଜିତିଥିବା ନୀରୁ ବୁଧବାର କିନାନ ଚେନାଇଙ୍କ ସହ ମିଶି ମିକ୍ସଡ୍ ଟ୍ରାପ ଆଉ ଏକ ସ୍ୱର୍ଣ୍ଣ ଜିତିଛନ୍ତି। ଭାରତୀୟ ଯୋଡ଼ି ୩୪ ପଏଣ୍ଟ ସହ ଶୀର୍ଷରେ ରହିଥିଲା। ଏହା ଚଳିତ ଏସିଆଡରେ ନୀରୁଙ୍କ ତୃତୀୟ ପଦକ।

ଏହି ଚାରି ସ୍ୱର୍ଣ୍ଣ ସହ ଭାରତର ସ୍ୱର୍ଣ୍ଣ ସଂଖ୍ୟା ୧୦ରେ ପହଞ୍ଚିଛି। ମୋଟ ପଦକ ସଂଖ୍ୟା ୬୦—୧୦ ସ୍ୱର୍ଣ୍ଣ, ୨୧ ରୌପ୍ୟ ଓ ୨୯ କାଂସ୍ୟ। ଏହା ସହିତ ଭାରତ ପଦକ ତାଲିକାରେ ଅଷ୍ଟମ ସ୍ଥାନକୁ ଉଠିଛି।






### ଆର୍ଚେରୀରେ ଭାରତର ତିନି ସ୍ୱର୍ଣ୍ଣ

ବୁଧବାର ଭାରତର ସବୁଠାରୁ ବଡ଼ ସଫଳତା ଆସିଥିଲା କମ୍ପାଉଣ୍ଡ ଆର୍ଚେରୀରୁ। ମହିଳା କମ୍ପାଉଣ୍ଡ ଟିମ୍ ଇଭେଣ୍ଟରେ ଜ୍ୟୋତି ସୁରେଖା ଭେନ୍ନମ୍, ଚିକିଥା ତାନିପର୍ଥୀ ଓ ପ୍ରିଥିକା ପ୍ରଦୀପଙ୍କ ତ୍ରିଜଣିଆ ଦଳ ଚୀନକୁ ୨୩୮-୨୩୪ରେ ପରାସ୍ତ କରି ସ୍ୱର୍ଣ୍ଣ ଜିତିଛି। ଏହି ସ୍କୋର୍ ସହିତ ଭାରତୀୟ ଦଳ ବିଶ୍ୱ ରେକର୍ଡ ସ୍କୋର୍‌କୁ ସମକକ୍ଷ କରିଥିଲା। ଏହା ହାଙ୍ଗଝୋଉ ୨୦୨୩ରେ ଜିତିଥିବା ମହିଳା କମ୍ପାଉଣ୍ଡ ଟିମ୍ ସ୍ୱର୍ଣ୍ଣର ସଫଳ ପ୍ରତିରକ୍ଷା ମଧ୍ୟ ହୋଇଛି।

ମିକ୍ସଡ୍ କମ୍ପାଉଣ୍ଡ ଇଭେଣ୍ଟରେ ଚିକିଥା ତାନିପର୍ଥୀ ଓ ସାହିଲ ଯାଦବଙ୍କ ଯୋଡ଼ି ଦକ୍ଷିଣ କୋରିଆ ବିପକ୍ଷରେ ରୋମାଞ୍ଚକର ସୁଟ୍-ଅଫରେ ସ୍ୱର୍ଣ୍ଣ ଜିତିଛି। ନିର୍ଦ୍ଧାରିତ ରାଉଣ୍ଡ ଶେଷରେ ଦୁଇ ଦଳର ସ୍କୋର୍ ୧୫୭-୧୫୭ ଥିଲା। ନିର୍ଣ୍ଣାୟକ ସୁଟ୍-ଅଫରେ ଭାରତ ୨୦ ପଏଣ୍ଟ ହାସଲ କରିଥିବା ବେଳେ କୋରିଆ ୧୯ ପଏଣ୍ଟରେ ରହିଥିଲା। ଏହି ସ୍ୱର୍ଣ୍ଣ ସହିତ ୨୦୨୮ ଲସ୍ ଆଞ୍ଜେଲସ୍ ଅଲିମ୍ପିକ୍ସରେ ଡେବ୍ୟୁ କରିବାକୁ ଥିବା କମ୍ପାଉଣ୍ଡ ମିକ୍ସଡ୍ ଟିମ୍ ଇଭେଣ୍ଟ ପାଇଁ ଭାରତ ଏକ କୋଟା ସ୍ଥାନ ମଧ୍ୟ ସୁନିଶ୍ଚିତ କରିଛି।

ଦିନର ତୃତୀୟ ଆର୍ଚେରୀ ସ୍ୱର୍ଣ୍ଣ ଆସିଥିଲା ପୁରୁଷ କମ୍ପାଉଣ୍ଡ ଟିମ୍ ଇଭେଣ୍ଟରୁ। କୁଶାଲ ଦଲାଲ, ସାହିଲ ଯାଦବ ଓ ଗଣେଶ ମଣି ରତ୍ନମ୍ଙ୍କ ଭାରତୀୟ ଦଳ ଫାଇନାଲ୍‌ରେ ଚୀନ୍‌କୁ ୨୩୮-୨୩୭ରେ ହରାଇଥିଲା। ମାତ୍ର ଗୋଟିଏ ପଏଣ୍ଟ ତଫାତରେ ନିଷ୍ପତ୍ତି ହୋଇଥିବା ଏହି ଫାଇନାଲ୍‌ରେ ଭାରତୀୟ ଖେଳାଳିମାନେ ଚାପ ମଧ୍ୟରେ ଧୈର୍ଯ୍ୟ ଓ ନିଖୁଣତାର ପରିଚୟ ଦେଇଥିଲେ।

ଏଭଳି ଭାବେ ଗୋଟିଏ ଦିନରେ କମ୍ପାଉଣ୍ଡ ଆର୍ଚେରୀର ତିନିଟି ଟିମ୍ ଇଭେଣ୍ଟରେ ଭାରତ ସ୍ୱର୍ଣ୍ଣ ଜିତିଛି। ଭାରତୀୟ ଆର୍ଚରମାନଙ୍କ ପ୍ରସ୍ତୁତିର ଗଭୀରତା ମଧ୍ୟ ଏହି ସଫଳତା ପଛରେ ରହିଛି। ଏସିଆଡ୍ର ପରିବେଶକୁ ଅଭ୍ୟାସରେ ଆଣିବା ପାଇଁ ସୋନେପତ୍ର ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ କେନ୍ଦ୍ରରେ ପ୍ରତିଯୋଗିତାସ୍ଥଳୀର ପରିବେଶକୁ ଅନୁକରଣ କରି ୧୫ ଦିନର ପ୍ରଶିକ୍ଷଣ କରାଯାଇଥିଲା।

### ନୀରୁ-କିନାନଙ୍କୁ ଟ୍ରାପରେ ସ୍ୱର୍ଣ୍ଣ

**ଏସିଆନ୍ ଗେମ୍ସ**

ସୁଟିଂ ରେଞ୍ଜରେ ମଧ୍ୟ ଭାରତ ପାଇଁ ଆସିଛି ବଡ଼ ସଫଳତା। ନୀରୁ ଧାଣ୍ଡା ଓ କିନାନ ଚେନାଇ ଟ୍ରାପ୍ ମିକ୍ସଡ୍ ଇଭେଣ୍ଟରେ ୩୪ ପଏଣ୍ଟ ସହ ସ୍ୱର୍ଣ୍ଣ ଜିତିଛନ୍ତି। କାତାର ୩୨ ପଏଣ୍ଟ ସହ ରୌପ୍ୟ ଏବଂ ଚୀନ୍ ୨୩ ପଏଣ୍ଟ ସହ କାଂସ୍ୟ ଜିତିଥିଲା।

ନୀରୁଙ୍କ ପାଇଁ ଏହା ଏସିଆଡ୍ ୨୦୨୬ର ତୃତୀୟ ପଦକ। ଏହା ପୂର୍ବରୁ ସେ ମହିଳା ଟ୍ରାପ୍ ଟିମ୍ ଇଭେଣ୍ଟରେ ରୌପ୍ୟ ଜିତିଥିଲେ। ତା'ପରେ ମହିଳା ବ୍ୟକ୍ତିଗତ ଟ୍ରାପରେ ସ୍ୱର୍ଣ୍ଣ ଜିତି ଏସିଆଡ୍ ଇତିହାସରେ ଭାରତର ପ୍ରଥମ ମହିଳା ଟ୍ରାପ୍ ଶୁଟର ଭାବେ ବ୍ୟକ୍ତିଗତ ସ୍ୱର୍ଣ୍ଣ ଜିତିବାର ରେକର୍ଡ କରିଥିଲେ। ମିକ୍ସଡ୍ ଟ୍ରାପ୍ ସ୍ୱର୍ଣ୍ଣ ସହିତ ଏବେ ତାଙ୍କ ପଦକ ସଂଗ୍ରହରେ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ସହ ଆଉ ଏକ ସ୍ୱର୍ଣ୍ଣ ଯୋଡ଼ି ହୋଇଛି।

### ହକିରେ ଫାଇନାଲ୍ ଟିକେଟ୍

ସୁଟିଂ ଓ ଆର୍ଚେରୀ ବ୍ୟତୀତ ହକିରେ ମଧ୍ୟ ଭାରତ ପାଇଁ ଆସିଛି ଖୁସି ଖବର। ଭାରତୀୟ ମହିଳା ହକି ଦଳ ଫାଇନାଲରେ ପ୍ରବେଶ କରି ଆଉ ଏକ ସ୍ୱର୍ଣ୍ଣ ପଦକ ଆଶାକୁ ଜୀବନ୍ତ ରଖିଛି। ଏସିଆଡ୍ରେ ଭାରତର ମେଡାଲ୍ ଅଭିଯାନରେ ହକି ଦଳର ଏହି ସଫଳତା ଗୁରୁତ୍ୱପୂର୍ଣ୍ଣ ହୋଇଛି।

### ବକ୍ସିଂ, କୁସ୍ତି ଓ ସ୍କ୍ୱାଶରେ ମଧ୍ୟ ପଦକ

ବକ୍ସିଂରେ ଭାରତୀୟ ଖେଳାଳିମାନେ ମଧ୍ୟ ଭଲ ପ୍ରଦର୍ଶନ କରିଛନ୍ତି। ମହିଳା ୬୦ କେଜି ବର୍ଗରେ ପ୍ରିୟା ଘାଙ୍ଗାସ୍ ସେମିଫାଇନାଲ୍‌ରେ ଚୀନ୍‌ର ଯାଙ୍ଗ ଚେଙ୍ଗ୍ୟୁଙ୍କଠାରୁ ୧-୪ରେ ହାରିଥିଲେ ମଧ୍ୟ କାଂସ୍ୟ ପଦକ ନିଶ୍ଚିତ କରିଛନ୍ତି। ଏହା ଚଳିତ ଏସିଆଡ୍ରେ ବକ୍ସିଂରେ ଭାରତର ଆଉ ଏକ ପଦକ ହୋଇଛି।



କୁସ୍ତିରେ ସୁନୀଲ ଭାରତ ପାଇଁ କାଂସ୍ୟ ପଦକ ଜିତିଥିବା ବେଳେ ସ୍କ୍ୱାସ୍‌ରେ ମଧ୍ୟ ଭାରତ ପଦକ ନିଶ୍ଚିତ କରିଛି। ଟେନିସ୍‌ରେ ସୁମିତ ନାଗଲଙ୍କ ଅଭିଯାନ ମଧ୍ୟ ଆଗକୁ ବଢ଼ିଛି। ଏହା ଫଳରେ ଭାରତର ମେଡାଲ୍ ଅଭିଯାନ କେବଳ ଆର୍ଚେରୀ ଓ ଶୁଟିଂରେ ସୀମିତ ନ ରହି ବିଭିନ୍ନ ଖେଳରେ ବିସ୍ତାର ପାଇଛି।

### ୬୦ ପଦକରେ ଭାରତ

ବୁଧବାରର ଚାରି ସ୍ୱର୍ଣ୍ଣ ଭାରତକୁ ଏସିଆଡ୍ ପଦକ ତାଲିକାରେ ଆହୁରି ଉପରକୁ ନେଇଛି। ଦିନ ଶେଷର ଅଦ୍ୟତନ ଅନୁସାରେ ଭାରତର ମୋଟ ପଦକ ସଂଖ୍ୟା ୬୦—୧୦ ସ୍ୱର୍ଣ୍ଣ, ୨୧ ରୌପ୍ୟ ଓ ୨୯ କାଂସ୍ୟ। ଏହି ସଫଳତା ସହିତ ଭାରତ ପଦକ ତାଲିକାର ଅଷ୍ଟମ ସ୍ଥାନକୁ ଉଠିଛି।

ମଙ୍ଗଳବାର ନୀରୁ ଧାଣ୍ଡାଙ୍କ ବ୍ୟକ୍ତିଗତ ଟ୍ରାପ୍ ସ୍ୱର୍ଣ୍ଣ ଏବଂ ମହିଳା ୪x୪୦୦ ମିଟର ରିଲେ ଦଳର ସ୍ୱର୍ଣ୍ଣ ପରେ ବୁଧବାର ଭାରତୀୟ ଦଳ ଆଉ ଏକ ବଡ଼ ସ୍ୱର୍ଣ୍ଣିମ ଦିନ ଦେଖିଛି। ଦୁଇ ଦିନ ଧରି ଆର୍ଚେରୀ, ଶୁଟିଂ, ଆଥଲେଟିକ୍ସ, ହକି ଓ ଅନ୍ୟାନ୍ୟ ଖେଳରେ ଭାରତୀୟ ଖେଳାଳିମାନଙ୍କ ପ୍ରଦର୍ଶନ ଦେଶର ପଦକ ଅଭିଯାନକୁ ନୂଆ ଗତି ଦେଇଛି।

ଏସିଆଡ୍ର ଅବଶିଷ୍ଟ ଦିନଗୁଡ଼ିକରେ ଭାରତ ପାଇଁ ଆହୁରି କିଛି ପଦକ ଆସିବାର ସୁଯୋଗ ରହିଛି। ବିଶେଷକରି ହକି ଫାଇନାଲ୍, ବକ୍ସିଂ, ସ୍କ୍ୱାସ୍ ଓ ଅନ୍ୟାନ୍ୟ ଇଭେଣ୍ଟର ଫଳାଫଳ ଉପରେ ଭାରତୀୟ କ୍ରୀଡ଼ାପ୍ରେମୀଙ୍କ ନଜର ରହିଛି। ଏବେ ୬୦ ପଦକ ସହ ଭାରତୀୟ ଦଳ ଏସିଆଡ୍ରେ ନିଜର ଅଭିଯାନକୁ ଆହୁରି ମଜବୁତ କରିଛି।

## ବ୍ରିକ୍ସ କ୍ରୀଡ଼ା ଉପରେ କ୍ରୀଡ଼ା ମନ୍ତ୍ରଣାଳୟର ଫୋକସ୍

ନୂଆଦିଲ୍ଲୀ,୩୦।୯ (ଏଜେନ୍ସି): ଜାପାନର ଆଇଚି-ନାଗୋୟାରେ ଚାଲିଥିବା ୨୦୨୬ ଏସିଆଡ୍ ମଧ୍ୟରେ ଭାରତୀୟ କ୍ରୀଡ଼ା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଜାପାନ ଗସ୍ତ ଯୋଜନା ବାତିଲ କରି ଦେଶରେ ରହିବାକୁ ନିଷ୍ପତ୍ତି ନେଇଛନ୍ତି। କ୍ରୀଡ଼ା ସଚିବ ହରି ରଞ୍ଜନ ରାଓଙ୍କ ସମେତ ମନ୍ତ୍ରଣାଳୟର ଶୀର୍ଷ ଅଧିକାରୀମାନେ ଅକ୍ଟୋବର ୧୨ ଓ ୧୩ରେ ଅହମଦାବାଦରେ ହେବାକୁ ଥିବା 'ବ୍ରିକ୍ସ ପାରମ୍ପରିକ ଓ ଆଦିବାସୀ କ୍ରୀଡ଼ା ମହୋତ୍ସବ' ପ୍ରସ୍ତୁତି ତଦାରଖ କରିବେ। ରାଓଙ୍କ ଜାପାନ ଗସ୍ତ ସେପ୍ଟେମ୍ବର ୨୮ରୁ ନିର୍ଦ୍ଧାରିତ ଥିଲା। ମନ୍ତ୍ରଣାଳୟ ସୂତ୍ର ଅନୁସାରେ, ବ୍ରିକ୍ସ କ୍ରୀଡ଼ା ଆରମ୍ଭ ହେବାକୁ ଅଳ୍ପ ସମୟ ବାକି ଥିବାରୁ ପ୍ରସ୍ତୁତିର ଶେଷ ପର୍ଯ୍ୟାୟକୁ ନିଜେ ତଦାରଖ କରିବା ପାଇଁ କ୍ରୀଡ଼ା ସଚିବ ଭାରତରେ ରହିବାକୁ ନିଷ୍ପତ୍ତି ନେଇଥିବା କୁହାଯାଇଛି। ଜାପାନରେ ରହି ଏହି କାର୍ଯ୍ୟର ନିରୀକ୍ଷଣ କରିବା କଷ୍ଟକର ହୋଇଥାନ୍ତା ବୋଲି ମନ୍ତ୍ରଣାଳୟ ସୂତ୍ର କହିଛି। ଏଥିସହିତ ଭାରତୀୟ କ୍ରୀଡ଼ା ମନ୍ତ୍ରଣାଳୟ ଏସିଆଡ୍ ପାଇଁ ଅଧିକାରୀଙ୍କ ସଂଖ୍ୟା ସୀମିତ ରଖିବାକୁ ପୂର୍ବରୁ ଯୋଜନା କରିଥିଲା ବୋଲି ମଧ୍ୟ ରିପୋର୍ଟରେ ଉଲ୍ଲେଖ ରହିଛି। ଏହି ନିଷ୍ପତ୍ତି ଭାରତୀୟ ଦଳର ଏସିଆଡ୍ ପ୍ରଦର୍ଶନ ସହ ଜଡ଼ିତ ବୋଲି ଯେଉଁ ରିପୋର୍ଟ ଆସିଥିଲା, ତାହାକୁ ମନ୍ତ୍ରଣାଳୟର ଜଣେ ଅଧିକାରୀ ଖଣ୍ଡନ କରିଛନ୍ତି। ତାଙ୍କ କହିବା ଅନୁସାରେ, ଏହାର ମୁଖ୍ୟ କାରଣ ହେଉଛି ବ୍ରିକ୍ସ କ୍ରୀଡ଼ାର ନିକଟତର ହେଉଥିବା ଆୟୋଜନ ଓ ଏହାର ପ୍ରସ୍ତୁତିକୁ ସର୍ବୋଚ୍ଚ ସ୍ତରରେ ନଜର ରଖିବାର ଆବଶ୍ୟକତା। ଅହମଦାବାଦରେ ହେବାକୁ ଥିବା 'ବ୍ରିକ୍ସ ପାରମ୍ପରିକ ଓ ଆଦିବାସୀ କ୍ରୀଡ଼ା ମହୋତ୍ସବ' ଏକ ପ୍ରତିଯୋଗିତାମୂଳକ ଟୁର୍ଣ୍ଣାମେଣ୍ଟ ନୁହେଁ। ଏହାର ମୁଖ୍ୟ ଉଦ୍ଦେଶ୍ୟ ବ୍ରିକ୍ସ ଦେଶଗୁଡ଼ିକର ପାରମ୍ପରିକ ଓ ଆଦିବାସୀ କ୍ରୀଡ଼ା ତଥା ସାଂସ୍କୃତିକ ପରମ୍ପରାକୁ ପ୍ରଦର୍ଶନ କରିବା। ଏହି ଆୟୋଜନରେ ଚୀନ୍, ରୁଷିଆ, ଇରାନ ଓ ବୋଲିଭିଆ ସମେତ ୯ଟି ଦେଶର ପ୍ରାୟ ୨,୦୦୦ ଖେଳାଳି, ଅଧିକାରୀ ଓ ଅନ୍ୟ ପ୍ରତିନିଧି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବ୍ରିକ୍ସ କ୍ରୀଡ଼ା ଆୟୋଜନରେ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ, ବିଦେଶ ମନ୍ତ୍ରଣାଳୟ ଏବଂ ଗୁଜରାଟ ସରକାର ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ଭାରତର ବ୍ରିକ୍ସ ଅଧ୍ୟକ୍ଷତା ବର୍ଷରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଅଗଷ୍ଟରେ ବିଶାଖାପାଟଣାରେ ଅନୁଷ୍ଠିତ ବ୍ରିକ୍ସ ମନ୍ତ୍ରୀ ସ୍ତରୀୟ ବୈଠକରେ ସଦସ୍ୟ ଦେଶଗୁଡ଼ିକ କ୍ରୀଡ଼ା ସହଯୋଗ ବଢ଼ାଇବା ପାଇଁ ଏକ ଯୁଗ୍ମ ଘୋଷଣାପତ୍ର ମଧ୍ୟ ଗ୍ରହଣ କରିଥିଲେ। ଭାରତ ଅହମଦାବାଦରେ ୨୦୩୦ କମନୱେଲଥ୍ ଗେମ୍ସ ଆୟୋଜନ କରିବାକୁ ଯାଉଥିବା ବେଳେ ୨୦୩୬ ଅଲିମ୍ପିକ୍ସ ଆୟୋଜନ ପାଇଁ ମଧ୍ୟ ନିଜର ଆଗ୍ରହ ପ୍ରକାଶ କରିଛି। ଏହି ପରିପ୍ରେକ୍ଷୀରେ ଅହମଦାବାଦର ବ୍ରିକ୍ସ କ୍ରୀଡ଼ା ଆୟୋଜନ ଭାରତ ପାଇଁ ଏକ ଅନ୍ତର୍ଜାତୀୟ କ୍ରୀଡ଼ା ଆୟୋଜନ ପରିଚାଳନାର ଅଭିଜ୍ଞତା ଦେଖାଇବାର ଏକ ମଞ୍ଚ ହେବ। ଏପଟେ ଏସିଆଡ୍ରେ ଭାରତୀୟ ଖେଳାଳିମାନଙ୍କ ଅଭିଯାନ ଜାରି ରହିଛି। ଆଇଚି-ନାଗୋୟାରେ ଭାରତୀୟ ଦଳ ବିଭିନ୍ନ କ୍ରୀଡ଼ାରେ ପଦକ ପାଇଁ ଲଢ଼େଇ କରୁଥିବା ବେଳେ ଦେଶରେ କ୍ରୀଡ଼ା ମନ୍ତ୍ରଣାଳୟର ଶୀର୍ଷ ଅଧିକାରୀମାନେ ଆଗାମୀ ବଡ଼ ଅନ୍ତର୍ଜାତୀୟ କ୍ରୀଡ଼ା ଆୟୋଜନର ପ୍ରସ୍ତୁତିରେ ବ୍ୟସ୍ତ ରହିବେ।

## ସାହାଣୀ କପ: ଆରଏସପି ସୁନ୍ଦରଗଡ଼ ବିଜୟ

ଭୁବନେଶ୍ୱର,୩୦।୯ (ସବ୍ୟୁ): ସାହାଣୀ କପ୍ ୨୦୨୬ର ଡେ' ୮ରେ ଫୁଟବଲରମାନଙ୍କୁ ମିଳିଛି ରୋମାଞ୍ଚକର ମୁକାବିଲା। ଦିନର ଅନେକ ମ୍ୟାଚରେ ଜୋରଦାର ପ୍ରତିଦ୍ୱନ୍ଦ୍ୱିତା ଦେଖାଯାଇଥିବା ବେଳେ ଦୁଇଟି ମ୍ୟାଚର ଫଳାଫଳ ପେନାଲ୍ଟି ସୁଟ୍‌ଆଉଟରେ ନିର୍ଣ୍ଣୟ ହୋଇଛି। ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ଓ ଝାରସୁଗୁଡ଼ା ମଧ୍ୟରେ ମୁକାବିଲା ନିର୍ଦ୍ଧାରିତ ସମୟରେ ୧-୧ ଗୋଲରେ ଶେଷ ହୋଇଥିଲା। ଫଳରେ ବିଜେତା ନିର୍ଣ୍ଣୟ ପାଇଁ ପେନାଲ୍ଟି ସୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏଥିରେ ଆରଏସପି ୫-୩ ଗୋଲରେ ବିଜୟ ହାସଲ କରି ପରବର୍ତ୍ତୀ ପର୍ଯ୍ୟାୟକୁ ଅଗ୍ରସର ହୋଇଛି। ଅନ୍ୟ ଏକ ମୁକାବିଲାରେ ସମ୍ବଲପୁର ୧-୦ ଗୋଲରେ କନ୍ଧମାଳକୁ ପରାସ୍ତ କରିଛି। ସେହିପରି ସୁନ୍ଦରଗଡ଼ ଓ ମୟୂରଭଞ୍ଜ ମଧ୍ୟରେ ନିର୍ଦ୍ଧାରିତ ସମୟରେ ଗୋଲ୍ ହୋଇନଥିଲା। ମ୍ୟାଚ୍ ୦-୦ରେ ଶେଷ ହେବା ପରେ ପେନାଲ୍ଟି ସୁଟ୍‌ଆଉଟରେ ସୁନ୍ଦରଗଡ଼ ୫-୪ରେ ବିଜୟୀ ହୋଇଥିଲା। ଦିନର ଅନ୍ୟତମ ଏକପାଖିଆ ମ୍ୟାଚରେ ବରଗଡ଼ ଦମଦାର ପ୍ରଦର୍ଶନ କରି ବୌଦ୍ଧକୁ ୬-୦ ଗୋଲରେ ପରାସ୍ତ କରିଛି। ଆରମ୍ଭରୁ ଆକ୍ରମଣାତ୍ମକ ଖେଳ ଦେଖାଇଥିବା ବରଗଡ଼ ଦଳ ପ୍ରତିପକ୍ଷକୁ କୌଣସି ସୁଯୋଗ ଦେଇନଥିଲା। ତେବେ ଯାଜପୁର-ସୁବର୍ଣ୍ଣପୁର ମ୍ୟାଚର ଫଳାଫଳ ସମ୍ପର୍କରେ ଡେ' ୮ ଫଳାଫଳ ଶିଟ୍ରେ ଅସଙ୍ଗତି ଦେଖାଯାଇଛି। ମ୍ୟାଚରେ ଯାଜପୁର ଓ ସୁବର୍ଣ୍ଣପୁର ନାମ ଥିବାବେଳେ ଫଳାଫଳରେ କେନ୍ଦ୍ରାପଡ଼ା ୧-୦ରେ ବିଜୟୀ ବୋଲି ଉଲ୍ଲେଖ ରହିଛି। ତେଣୁ ଏହି ଫଳାଫଳକୁ ପ୍ରକାଶ ପୂର୍ବରୁ ଆୟୋଜକଙ୍କ ପକ୍ଷରୁ ନିଶ୍ଚିତ କରିବା ଆବଶ୍ୟକ।

## ନିଷ୍ଟ୍ରାଇକର ସଚିନ ବେହେରାଙ୍କୁ କ୍ରୀଡ଼ା ମନ୍ତ୍ରୀଙ୍କ ସମ୍ବର୍ଦ୍ଧନା

ଭୁବନେଶ୍ୱର,୩୦।୯ (ସବ୍ୟୁ): ଓଡ଼ିଶାର ଗର୍ବ ତଥା ତିନିଥର ଗିନିଜ୍ ୱାର୍ଲ୍ଡ ରେକର୍ଡଧାରୀ 'ନି ଷ୍ଟ୍ରାଇକର ଅଫ୍ ଇଣ୍ଡିଆ' ସଚିନ ବେହେରା ଆଉ ଦୁଇଟି ରେକର୍ଡ ହାସଲ କରି ରାଜ୍ୟ ପାଇଁ ନୂଆ ଗୌରବ ଆଣିଛନ୍ତି। ସଚିନଙ୍କ ଏହି ସଫଳତା ପାଇଁ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ତାଙ୍କୁ ନିଜ ବାସଭବନରେ ସମ୍ବର୍ଦ୍ଧିତ କରିଛନ୍ତି। ସଚିନ ନିକଟରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ ଏବଂ ଏସିଆ ବୁକ୍ ଅଫ୍ ରେକର୍ଡସ୍ରେ ନିଜ ନାମ ସ୍ଥାନିତ କରିଛନ୍ତି। ତାଙ୍କ ପ୍ରଥମ ରେକର୍ଡରେ ୧ କେଜି ଆଙ୍କଲ୍ ୱେଟ୍ ପିନ୍ଧି ଗୋଟିଏ ଗୋଡ଼ରେ



ଠିଆ ହୋଇ ଏକ ମିନିଟ୍ରେ ୧୦୩ ଥର ଫୁଲ୍ କଣ୍ଟାକ୍ଟ ନି ଷ୍ଟ୍ରାଇକ୍ କରିଥିଲେ। ଦ୍ୱିତୀୟ ରେକର୍ଡରେ ୫ କେଜି ଆଙ୍କଲ୍ ୱେଟ୍ ପିନ୍ଧି ଏକ ମିନିଟ୍ରେ ୮୮ ଥର ଫୁଲ୍ କଣ୍ଟାକ୍ଟ ନି ଷ୍ଟ୍ରାଇକ୍ କରିଥିଲେ। ଉଭୟ ରେକର୍ଡ ପୁରୁଷ ବର୍ଗରେ ସ୍ଥାପିତ ହୋଇଛି ସେପ୍ଟେମ୍ବର ୧୦ରେ ଭୁବନେଶ୍ୱରସ୍ଥିତ ଓଭରଅଲ୍ ସ୍ପୋର୍ଟସ୍ ଏକାଡେମୀରେ ଏହି ରେକର୍ଡ ପ୍ରଚେଷ୍ଟା ହୋଇଥିଲା। ଏଥିରେ ଏକ୍ସପର୍ଟ ସାକ୍ଷୀ ଭାବେ ସୌମ୍ୟ ରଞ୍ଜନ ଦାସ, କିକ୍ ପ୍ୟାଡ୍ ଧାରକ ଭାବେ କୃପାସିନ୍ଧୁ ବାରିକ ଏବଂ ଟାଇମ୍କିପର୍ ଭାବେ ସନ୍ଦୀପ ପଟ୍ଟନାୟକ ଉପସ୍ଥିତ ଥିଲେ।

ସମୟ
ସମୟ LIVE
Check out this amazing Odia News app
Andriod
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
IOS
Download Now:
https://play.google.com/store/app/details/id- com.samayalive.app

## ଗିଲଙ୍କ ଦ୍ୱି-ଶତକ: ଆଗୁଆ ଶୃଙ୍ଖଳା କବଜା କଲା ଭାରତ

ଗୁଆହାଟୀ,୩୦।୯ (ଏଜେନ୍ସି): ଗୁଆହାଟୀର ବାରସାପାରା ଷ୍ଟାଡିୟମରେ ବୁଧବାର ରନର ବିସ୍ଫୋରଣ ଦେଖିବାକୁ ମିଳିଛି। ୱେଷ୍ଟଇଣ୍ଡିଜ୍ ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ୭ ୱିକେଟ୍ ହରାଇ ୪୦୫ ରନର ବିଶାଳ ସ୍କୋର କରିଥିଲା। ଜବାବରେ ଭାରତୀୟ ଅଧିନାୟକ ଶୁଭମନ ଗିଲଙ୍କ ଐତିହାସିକ ଅପରାଜିତ ୨୨୩ ରନ୍ ଓ ରୋହିତ ଶର୍ମାଙ୍କ ଶତକ ବଳରେ ଭାରତ ୪୩.୩ ଓଭରରେ ମାତ୍ର ୨ ୱିକେଟ୍ ହରାଇ ୪୦୬ ରନର ଲକ୍ଷ୍ୟ ହାସଲ କରି ୮ ୱିକେଟରେ ବିଜୟୀ ହୋଇଛି। ଏହି ବିଜୟ ସହ ଭାରତ ୩ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାକୁ ୨-୦ରେ ନିଜ ନାମରେ କରିଛି। ଟସ୍ ଜିତି ଭାରତ ଅଧିନାୟକ ଗିଲ୍ ୱେଷ୍ଟଇଣ୍ଡିଜ୍‌କୁ ପ୍ରଥମେ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ। ଭାରତୀୟ ବୋଲରଙ୍କୁ ଚାପରେ ପକାଇ କାରିବୀୟ ବ୍ୟାଟରମାନେ ଆରମ୍ଭରୁ ଆକ୍ରମଣାତ୍ମକ ଖେଳ ଦେଖାଇଥିଲେ। ଜନ୍ କ୍ୟାମ୍ପବେଲ୍ ୬୮ ବଲରୁ ୧୦୧ ରନ୍ କରିଥିବାବେଳେ ଅଧିନାୟକ ଶାଇ ହୋପ୍ ୯୪ ବଲରୁ ୧୦୪ ରନ୍ କରିଥିଲେ। ଆମିର୍ ଜଙ୍ଗୁ ଆହୁରି ବିସ୍ଫୋରକ ବ୍ୟାଟିଂ କରି ୭୭ ବଲରୁ ୧୧୪ ରନ୍ କରିଥିଲେ। ୱେଷ୍ଟଇଣ୍ଡିଜ୍ ଇନିଂସର ବିଶେଷତ୍ୱ ଥିଲା ଏକାଧିକ ଶତକ। ଗୋଟିଏ ଦିନିକିଆ ଇନିଂସରେ ୱେଷ୍ଟଇଣ୍ଡିଜର ତିନିଜଣ ବ୍ୟାଟର ଶତକ ହାସଲ କରିବା ଏକ ଐତିହାସିକ ଘଟଣା। କ୍ୟାମ୍ପବେଲ୍ ୯ଟି ଚୌକା ଓ ୫ଟି ଛକା, ହୋପ୍ ୮ଟି ଚୌକା ଓ ୩ଟି ଛକା ଏବଂ ଜଙ୍ଗୁ ୧୩ଟି ଚୌକା ଓ ୩ଟି ଛକା ମାରିଥିଲେ। ଏହା ୱେଷ୍ଟଇଣ୍ଡିଜର ଦିନିକିଆ ଇତିହାସରେ ପ୍ରଥମ ୪୦୦ରୁ ଅଧିକ ରନର ସ୍କୋର ମଧ୍ୟ ହୋଇଛି। ଭାରତ ପକ୍ଷରୁ କୁଲଦୀପ ଯାଦବ ୧୦ ଓଭରରେ ୬୫ ରନ୍ ଦେଇ ୨ ୱିକେଟ୍ ନେଇଥିଲେ। ରବୀନ୍ଦ୍ର ଜାଡେଜା ମଧ୍ୟ ୨ଟି ୱିକେଟ୍ ହାସଲ କରିଥିଲେ। ଅନ୍ୟପଟେ ଭାରତୀୟ ଦ୍ରୁତ ବୋଲିଂ ବିଭାଗ ବଡ଼ ସ୍କୋରକୁ ରୋକିବାରେ ସଂଘର୍ଷ କରିଥିଲା।



୪୦୬ ରନର ବିଶାଳ ଲକ୍ଷ୍ୟ ଭାରତ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ଥିଲା। କିନ୍ତୁ ଓପନର୍ ରୋହିତ ଶର୍ମା ଓ ଶୁଭମନ ଗିଲ୍ ଏହାକୁ ସହଜ କରିଦେଇଥିଲେ। ଦୁହେଁ ପ୍ରଥମ ୱିକେଟରେ ବଡ଼ ଭାଗୀଦାରି ଗଢ଼ି ଭାରତକୁ ଦୃଢ଼ ଆରମ୍ଭ ଦେଇଥିଲେ। ରୋହିତ ୭୫ ବଲରୁ ୧୦୧ ରନର ଆକର୍ଷଣୀୟ ଇନିଂସ୍ ଖେଳିଥିଲେ। ତେବେ ସମସ୍ତଙ୍କ ନଜର ରହିଥିଲା ଗିଲଙ୍କ ଉପରେ। ଭାରତୀୟ ଅଧିନାୟକ ମାତ୍ର ୧୩୩ ବଲରେ ଅପରାଜିତ ୨୨୩ ରନ୍ କରି ଦିନିକିଆ କ୍ରିକେଟରେ ନିଜର ଦ୍ୱିତୀୟ ଦ୍ୱିଶତକ ହାସଲ କରିଛନ୍ତି। ସେ ୨୬ଟି ଚୌକା ଓ ୮ଟି ଛକା ମାରିଥିଲେ। ଏହି ଦ୍ୱିଶତକ ସହ ଗିଲ୍ ରୋହିତ ଶର୍ମାଙ୍କ ପରେ ଏକାଧିକ ଦ୍ୱିଶତକ ହାସଲ କରିଥିବା ଦ୍ୱିତୀୟ ବ୍ୟାଟର ହୋଇଛନ୍ତି। ତାଙ୍କ ୨୨୩ ରନ୍ ଜଣେ ଅଧିନାୟକଙ୍କ ଦ୍ୱାରା ଦିନିକିଆରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର ଭାବେ ମଧ୍ୟ ଉଲ୍ଲେଖନୀୟ ହୋଇଛି।

ଗିଲଙ୍କ ସହ ରିତୁରାଜ ଗାଏକ୍ୱାଡ୍ ଅପରାଜିତ ରହି ଭାରତକୁ ଐତିହାସିକ ରନ ଚେଜରେ ପହଞ୍ଚାଇଥିଲେ। ୪୦୫ ରନର ଲକ୍ଷ୍ୟ ହାସଲ କରିବା ଭାରତର ଦିନିକିଆ ଇତିହାସରେ ସର୍ବାଧିକ ସଫଳ ରନ ଚେଜ୍ ହୋଇଛି। ଏହି ମ୍ୟାଚରେ ଉଭୟ ଦଳର ବ୍ୟାଟରମାନେ ମୋଟ ୮୦୦ରୁ ଅଧିକ ରନ୍ ସଂଗ୍ରହ କରିଥିବାରୁ ଗୁଆହାଟୀର ମୁକାବିଲା ଦିନିକିଆ କ୍ରିକେଟର ଏକ ସ୍ମରଣୀୟ ମ୍ୟାଚ ହୋଇରହିବ। ୱେଷ୍ଟଇଣ୍ଡିଜର ତିନି ଶତକ ପରେ ଗିଲଙ୍କ ଦ୍ୱିଶତକ ଓ ରୋହିତଙ୍କ ଶତକ ମ୍ୟାଚକୁ ଆହୁରି ଐତିହାସିକ କରିଛି। ଗିଲଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Dr. Gurukalyan Mohapatra, ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି